

ଇମ୍ତିଆଜଙ୍କ ସହ ପୁଣି କାମ କରିବେ ଦିଲଜିତ୍

▶ପୃଷ୍ଠା ୧୧ ଦେଖନ୍ତୁ...


◆ RNI REGD NO: 42041/83

◆ www.sakalaepaper.com

◆ /sakalanews

◆ /sakalanews

◆ www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-170 ◆TUESDAY ◆16 DECEMBER 2025 ◆PAGE-12 ◆₹ 6.00

PANIKOILI

◆ବର୍ଷ-୪୩ ◆ସଂଖ୍ୟା-୧୭୦ ◆ମଙ୍ଗଳବାର ◆୧୬ ଡିସେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦



## ବାହା ବଜାରରେ ପୁଣି ସୁନା ମହଙ୍ଗା | ୧୦ ଗ୍ରାମ୍‌କୁ ୧.୩୫ ଲକ୍ଷ ଟପିଲା




■ ଭୁବନେଶ୍ୱର, ୧୫।୧୨ (ଏଜେନ୍ସି): ପୁଣି ଥରେ ହୁ ହୁ ହୋଇ ବଢୁଛି ସୁନା ଓ ରୁପା ଦର। ଘରୋଇ ବଜାରରେ ସୁନା ଦର ଏହାର ସବୁ ପୁରୁଣା ରେକର୍ଡ ଭାଙ୍ଗିଛି। ଫଳରେ ସୁନା ମୂଲ୍ୟ ୧୦ ଗ୍ରାମ (୨୪ କ୍ୟାରେଟ୍) ପିଛା ୧.୩୫ ଲକ୍ଷ ଟଙ୍କାର ଐତିହାସିକ ରେକର୍ଡ ସ୍ତର ଅତିକ୍ରମ କରିଛି। ଆମେରିକୀୟ ଫେଡେରାଲ ରିଜର୍ଭ ସୁଧ ହାରରେ ହ୍ରାସ ଘଟାଇବା ପରେ ଭାରତୀୟ ବଜାରରେ ରେକର୍ଡ ବେଗରେ ବଢୁଛି ସୁନା ଓ ରୁପା ଦର। ସେହିପରି ରାଜଧାନୀ ଭୁବନେଶ୍ୱରରେ ରୁପା ମୂଲ୍ୟ କିଲୋ ପିଛା ପ୍ରଥମ ଥର ପାଇଁ ୨.୧୩ ଲକ୍ଷ ଟଙ୍କା ଅତିକ୍ରମ କରିଛି। ଘରୋଇ ବଜାରରେ ଚଳିତବର୍ଷ ସୁନା ୫୭ ୧୦ ଗ୍ରାମ ପିଛା ହଜାର ଟଙ୍କା ମହଙ୍ଗା ହୋଇଛି।

ସୋମବାର ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୩୫,୨୫୦ ଟଙ୍କାରେ ପହଞ୍ଚି ନୂଆ ରେକର୍ଡ କରିଛି। ସେହିପରି ୨୨ କ୍ୟାରେଟ୍ ସୁନା ୧୦ ଗ୍ରାମ ▶ପୃଷ୍ଠା-୭

## ଗଙ୍ଗାକୁ ବିପଦ ୬୦ ବର୍ଷ ତଳର ପରମାଣୁ ଯନ୍ତ୍ରାଂଶ





■ ନୂଆଦିଲ୍ଲୀ, ୧୫।୧୨ (ଏଜେନ୍ସି): ଭାରତୀୟ ହିମାଳୟରେ ଦୀର୍ଘ ଦିନଧରି ପୋତି ରହିଥିବା ଶୀତଳ ଯୁଦ୍ଧର ଏକ ଗୁପ୍ତ ରହସ୍ୟ ପୁଣିଥରେ ଲୋକ ଲୋଚନକୁ ଆସିଛି। ପାଖାପାଖି ୬୦ବର୍ଷ ତଳେ ନନ୍ଦାଦେବୀ ପର୍ବତରେ ଏକ ହଜିଯାଇଥିବା ପରିତ୍ୟକ୍ତ ପରମାଣୁ ଶକ୍ତି ସଞ୍ଚାଳନକାରୀ ଏକ ଉପକରଣ ଏବେ ନୂଆ ବିପଦ ସୃଷ୍ଟି କରିଛି। ଏହା ଏବେ ଭାରତର ସବୁଠାରୁ ପବିତ୍ର ତଥା ଚିରସ୍ରୋତା ନଦୀ ଗଙ୍ଗାକୁ ବିପଦରେ ପକାଇଛି। ଶୀତଳ ଯୁଦ୍ଧ ଅବସରରେ ଚୀନର ପରମାଣୁ ଗତିବିଧି ଉପରେ ନଜର ରଖିବା ପାଇଁ ଆମେରିକା ଓ ଭାରତ ମିଳିତ ଭାବେ ନନ୍ଦାଦେବୀ ପର୍ବତରେ ପରମାଣୁ ନିରୀକ୍ଷଣ ଉପକରଣ ସ୍ଥାପନ କରିବା ପାଇଁ ଏକ ଗୁପ୍ତ ମିଶନ କରିଥିଲେ। କିନ୍ତୁ ଏହାପରେ ବରଫ ଝଡ଼ କାରଣରୁ ଏହା ରହସ୍ୟମୟ ଭାବେ ଅଦୃଶ୍ୟ ହୋଇଯାଇଥିଲା। ଏବେ ଦୀର୍ଘ ▶ପୃଷ୍ଠା-୭

# ପ୍ରାଣଘାତୀ ଦିଲ୍ଲୀ ବାୟୁ

### ସୂର୍ଯ୍ୟ ଉଭାନ; ମଧ୍ୟାହ୍ନରେ ମଧ୍ୟରାତ୍ରି ସମ ଅନ୍ଧାର ■ ଦୃଶ୍ୟମାନ କ୍ଷମତା ୫୦ ମିଟର ତଳକୁ ଖସିଲା

**୬୦ ବିମାନ ବାତିଲ, ୨୫୦ ଉଡ଼ାଣ ବିଳମ୍ବିତ**


**କେତେକ ସ୍ଥାନରେ ଏକ୍ୟୁଆଇ ୫୦୦ ପାର୍**

■ ନୂଆଦିଲ୍ଲୀ, ୧୫।୧୨ (ଏଜେନ୍ସି): ରାଜଧାନୀ ଦିଲ୍ଲୀ ଓ ଏନ୍‌ସିଆରରେ ଅସହ୍ୟ ହେଲାଣି ପ୍ରଦୂଷଣ। ବାୟୁମଣ୍ଡଳ ଏତେ ବିଷାକ୍ତ ହେଲାଣି ଯେ ନିଶ୍ୱାସ ନେବାକୁ ବି ଡର ଲାଗୁଛି। ଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଲାଣି। ସମଗ୍ର ଜାତୀୟ ରାଜଧାନୀ ପ୍ରଦୂଷିତ ବାୟୁମଣ୍ଡଳ କବଜାରେ ରହିଛି। ପଶ୍ଚିମାଝଡ଼ର ପ୍ରଭାବ କମ୍ ହେବାରୁ ଦିଲ୍ଲୀର ବାୟୁ ସ୍ଥିର ହୋଇଯାଇଛି। ଫଳରେ ଶୀତ ସହିତ କୁହୁଡ଼ି ଓ ପ୍ରଦୂଷଣର ଜାଲରେ ଫସିଯାଇଛି ଦିଲ୍ଲୀ। ଗତକାଲି ବର୍ଷର ସବୁଠାରୁ ଘନ କୁହୁଡ଼ି ଦେଖିବାକୁ ମିଳିଥିଲା।। ଅକ୍ଷରଧାମ ସମେତ ଅନେକ ଅଞ୍ଚଳରେ ଦୃଶ୍ୟମାନ ୫୦ମିଟର ତଳକୁ ଖସିଆସିଥିଲା। ଦିନରେ ବି କିଛି ଦେଖାଯାଉନି। ପରିସ୍ଥିତି ଏମିତି ହୋଇଛି ଯେ ଆଜି ଦିଲ୍ଲୀରେ ୬୦ଟି ବିମାନକୁ ବାତିଲ କରାଯାଇବା ବେଳେ ୨୫୦ଟି ବିମାନ ବିଳମ୍ବିତ ହୋଇଛି।

ପ୍ରଦୂଷକ କଣିକା ବାୟୁମଣ୍ଡଳରେ ପରିବ୍ୟାପ୍ତ ହୋଇଛି ଓ ଏହାଦ୍ୱାରା ଦିଲ୍ଲୀ ଏକ ଗ୍ୟାସ ଚାମ୍ବରରେ ପରିଣତ ହୋଇଛି। କେତେକାଞ୍ଚଳରେ ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ବା ପ୍ରଦୂଷଣ ମାତ୍ରା ୫୦୦ ପାର କରିଛି। ଜିଆରଏପି-୪ ଲାଗୁ ହେବା ସତ୍ତ୍ୱେ ୱାଜିରପୁର ଓ ରୋହିଣୀ ▶ପୃଷ୍ଠା-୭



## ଇତିହାସ ପାଲଟିବ ମନରେଗା; ଆସିବ 'ଭିବି ଜି ରାମ ଜି'




■ ନୂଆଦିଲ୍ଲୀ, ୧୫।୧୨ (ଏଜେନ୍ସି): ଏବେ ଇତିହାସ ପାଲଟିଯିବ ମହାତ୍ମା ଗାନ୍ଧୀ ନେସନାଲ ରୁରାଲ ଏମପ୍ଲୟମେଣ୍ଟ ଗ୍ୟାରେଣ୍ଟି ସ୍କିମ୍ ବା ମନରେଗା। ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ଦୂରୀକରଣ ପାଇଁ ଉଦ୍ଦିଷ୍ଟ ଏହି ସ୍କିମକୁ ଉଚ୍ଛେଦ କରି ଏହା ବଦଳରେ କେନ୍ଦ୍ର ସରକାର ଏକ

**ଲୋକସଭାରେ ସରକାର ଆଗତ କଲେ ବିଲ୍**

ନୂଆ ଯୋଜନା ପ୍ରସ୍ତୁତ କରିବାକୁ ଯାଉଛନ୍ତି। ଏହି ଯୋଜନାର ନାମ ହେବ ବିକଶିତ ଭାରତ ଗ୍ୟାରେଣ୍ଟି ଫର ରୋଜଗାର ଆଣ୍ଡ ଜୀବିକା ମିସନ (ଗ୍ରାମୀଣ) ବା ଜି ରାମ ଜି। ଏଥିପାଇଁ ସରକାର ଆଜି ଲୋକସଭାରେ ଏକ ବିଲ୍ ଆଗତ କରିଛନ୍ତି। ଚଳିତ ଅଧିବେଶନରେ ଏହି ବିଲ ଅନୁମୋଦନ କରିବାକୁ ଲକ୍ଷ୍ୟ ରଖିଛନ୍ତି ସରକାର। ଏହି କାରଣରୁ ସଂସଦରେ ଉପସ୍ଥିତ ରହିବା ଲାଗି ସମସ୍ତ ବିଜେପି ସାଂସଦଙ୍କୁ ହ୍ୱିପ୍ ଜାରି କରାଯାଇଛି। ଅନ୍ୟପକ୍ଷରେ ସରକାରଙ୍କ ଏଭଳି ଯୋଜନାକୁ ନେଇ କଂଗ୍ରେସ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ମହାତ୍ମା ଗାନ୍ଧୀଙ୍କ ନାମ ପ୍ରତି ସରକାର କାହିଁକି ଅସହିଷ୍ଣୁ ହୋଇପଡ଼ିଛନ୍ତି ବୋଲି ପ୍ରଶ୍ନ କରିଛନ୍ତି ପ୍ରିୟଙ୍କା ଗାନ୍ଧୀ। ଏହି ବିଲକୁ ନେଇ ସଂସଦରେ ପୁଣି ସରକାର ଓ ବିରୋଧୀ ମୁହାଁମୁହିଁ ହେବା ପ୍ରାୟ ନିଶ୍ଚିତ ହୋଇଯାଇଛି। ୨୦୦୫ରେ ମନମୋହନ ସିଂହଙ୍କ ▶ପୃଷ୍ଠା-୭

### ରାଜ୍ୟ କଂଗ୍ରେସରେ କମ୍ପନ

## ମହମ୍ମଦ ମୋକିମ ଦଳରୁ ବହିଷ୍କୃତ



**କଂଗ୍ରେସ ମୋ ବିଚାରଧାରାରେ ରହିବ: ମୋକିମ**

**ମୋକିମଙ୍କ ପରି ବ୍ୟକ୍ତିଙ୍କର ଦଳରେ ଆବଶ୍ୟକତା ରହିଛି: ନିରଞ୍ଜନ**

**କଟକରେ ଦଳ ଉପରେ ପ୍ରଭାବ ପଡ଼ିବ: ନରସିଂହ**

**ଗଣମାଧ୍ୟମରେ ଚିଠି ପ୍ରଘଟ କରିବା ଠିକ୍ ନଥିଲା: କଂଗ୍ରେସ**

■ ଭୁବନେଶ୍ୱର,୧୫।୧୨(ସମିସ): ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ମହମ୍ମଦ ମୋକିମ କଂଗ୍ରେସରୁ ବହିଷ୍କୃତ ହୋଇଛନ୍ତି। ଦଳବିରୋଧୀ କାର୍ଯ୍ୟ ପାଇଁ ପିସିସି ସଭାପତି ଭକ୍ତ ଚରଣ ଦାସ ମୋକିମଙ୍କ ବହିଷ୍କାର ପାଇଁ ଏଆଇସିସିକୁ ସୁପାରିସ କରିଥିଲେ। ଏଆଇସିସି ଏହି ସୁପାରିସକୁ ଅନୁମୋଦନ ଦେବା ପରେ ପିସିସି ପକ୍ଷରୁ ମୋକିମଙ୍କୁ କଂଗ୍ରେସର ପ୍ରାଥମିକ ସଦସ୍ୟତା ପଦରୁ ବହିଷ୍କାର କରାଯାଇଥିବା ନେଇ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି।

ମୋକିମଙ୍କ ବହିଷ୍କାର ପରେ କଂଗ୍ରେସ ରାଜନୀତି ଉଷ୍ମ ହୋଇଛି। ବହୁ ବରିଷ୍ଠ ନେତା ଏହି ପ୍ରସଙ୍ଗରେ ମୁହଁ ଖୋଲିଛନ୍ତି। କିଛି ନେତା ପରୋକ୍ଷରେ ଏହି ନିଷ୍ପତ୍ତିକୁ ନେଇ ଆପତ୍ତି ଉଠାଇଥିବା ବେଳେ କଂଗ୍ରେସ ଦଳ ପକ୍ଷରୁ ଦଳର ମିଡିଆ ସେଲ୍ ଅଧ୍ୟକ୍ଷ ଅରବିନ୍ଦ ଦାସ ସାମ୍ବାଦିକ ସମ୍ମିଳନୀ କରି ଦଳର ନିଷ୍ପତ୍ତି ସପକ୍ଷରେ ▶ପୃଷ୍ଠା-୭

## ଜାରି ରହିବ ଶୀତ

■ ଭୁବନେଶ୍ୱର, ୧୫।୧୨ (ସମିସ): ରାଜ୍ୟରେ ପ୍ରବଳ ଶୀତ ଜାରି ରହିଛି। ଯଦିଓ ଉପକୂଳ ଓଡ଼ିଶାରେ ତାପମାତ୍ରାରେ ସାମାନ୍ୟ ବୃଦ୍ଧି ଘଟିଛି, ଆଭ୍ୟନ୍ତରରେ ଶୀତ ସ୍ଥିତି ଜାରି ରହିଛି। ଗତ ୨୪ ଘଣ୍ଟାରେ ଫୁଲବାଣୀ ଓ ଦାରିଙ୍ଗବାଡ଼ିରେ ତାମପାତ୍ରା ୬ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ କୋରାପୁଟରେ ତାପମାତ୍ରା ୬.୮, ନବରଙ୍ଗପୁରରେ ୯, ଭବାନୀପାଟଣାରେ ୯.୨, ଅନୁଗୁଳ ୯.୬, ବୌଦ୍ଧ ୯.୭ ଓ ଝାରସୁଗୁଡ଼ାରେ ତାପମାତ୍ରାରେ ୯.୮ ଡିଗ୍ରୀ ରେକର୍ଡ ହୋଇଛି। ଆସନ୍ତା ୭ ଦିନ ମଧ୍ୟରେ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବାର ସମ୍ଭାବନା କମ୍ ଥିବାରୁ ଶୀତ ପ୍ରାୟ ଜାରି ରହିବ ବୋଲି ପୂର୍ବାନୁମାନ କରାଯାଇଛି। ପାଣିପାଗ ବୈଜ୍ଞାନିକ ସଞ୍ଜୀବ ଦ୍ୱିବେଦୀ କହିଛନ୍ତି, ଗତ ୨୪ ଘଣ୍ଟାରେ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିଛି। ସବୁଠାରୁ କମ୍ ତାପମାତ୍ରା କନ୍ଧମାଳ ଜିଲ୍ଲାର ଫୁଲବାଣୀରେ ୬ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ରାଜ୍ୟର ବିଭିନ୍ନ ସ୍ଥାନରେ ତାପମାତ୍ରା ବୃଦ୍ଧି ହୋଇଥିବା ବେଳେ କିଛି କିଛି ସ୍ଥାନରେ ହ୍ରାସ ମଧ୍ୟ ପାଉଛି। ତେବେ ତାପମାତ୍ରାରେ ସେଭଳି କୌଣସି ବଡ଼ ପରିବର୍ତ୍ତନ ଘଟିନାହିଁ। ସେହିପରି ୨୪ ଘଣ୍ଟାରେ ଘନ କୁହୁଡ଼ି ଦୁଇଟି ସ୍ଥାନରେ ଦୃଶ୍ୟମାନ ହୋଇଥିଲା।

### ରାଜ୍ୟରେ 'ପେସା' ଆଇନ ଲାଗୁରେ ଟାଳଟୁଳ ନୀତି

## ବଢୁଛି ଆଦିବାସୀଙ୍କ ରୋଷ



**୫ ଅଧିବେଶନ ଶେଷ ପରେ ବି ଆସିଲାନି ଆଇନ**

**ବିଭାଗ ଗ୍ରହଣ କରୁନାହିଁ ରାଜ୍ୟପାଳଙ୍କ ପରାମର୍ଶ**

**'ବିଚାର' ମଧ୍ୟରେ ସୀମିତ ମନ୍ତ୍ରୀଙ୍କ ସ୍ପଷ୍ଟୀକରଣ**

■ ଭୁବନେଶ୍ୱର, ୧୫।୧୨ (ସମିସ): ରାଜ୍ୟରେ ଆଦିବାସୀଙ୍କ ସୁରକ୍ଷା ପାଇଁ ପେସା ଆଇନ ଲାଗୁ ନେଇ ରାଜ୍ୟ ସରକାରଙ୍କ ଆନ୍ତରିକତା ଉପରେ ଉଠିଥିବା ପ୍ରଶ୍ନ ଏବେ ଶାସକ ବିଜେପିର ଶିରପୀଡ଼ା ହେବାକୁ ବସିଛି। ସରକାର କେବଳ ସେମାନଙ୍କୁ ଭଣ୍ଡାଉଛନ୍ତି ବୋଲି ଅଭିଯୋଗ କରିବା ସହ ଆଦିବାସୀ ନେତାମାନେ କ୍ରୋଧିତ ହୋଇଛନ୍ତି। ବିଧାନସଭା ଦ୍ୱିତୀୟ ଅଧିବେଶନରେ ପେସା ଆଇନ ଲାଗୁ କରିବାକୁ ରାଜ୍ୟ ସରକାର ପ୍ରତିଶ୍ରୁତି ଦେଇଥିଲେ ହେଁ ୫ଟି ଅଧିବେଶନ ପରେ ବି ଏହି ଆଇନ କାର୍ଯ୍ୟକାରୀ ହୋଇପାରି ନାହିଁ। ଯେଉଁଥିପାଇଁ ଆଦିବାସୀଙ୍କର ବିକାଶ ପାଇଁ ସରକାରଙ୍କର ଆଦୌ ଆନ୍ତରିକତା ନାହିଁ ଏବଂ ରାଜ୍ୟ ସରକାର କେବଳ ଓଡ଼ିଶାବାସୀ, ଆଦିବାସୀଙ୍କୁ ଭୂଆଁ ବୁଲାଇ ଚାଲିଛନ୍ତି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି।

ସଦ୍ୟ ସମାପ୍ତ ବିଧାନସଭା ଶୀତ ଅଧିବେଶନରେ ପେସା ଆଇନ କାର୍ଯ୍ୟକାରିତା ସଂକ୍ରାନ୍ତ ଏକ ପ୍ରଶ୍ନରେ ପଞ୍ଚାୟତରାଜ ମନ୍ତ୍ରୀ ରବି ନାରାୟଣ ନାଏକ ଅସ୍ପଷ୍ଟ ଉତ୍ତର ▶ପୃଷ୍ଠା-୭

### ରାଜଧାନୀରେ ଅସୁରକ୍ଷିତ ପର୍ଯ୍ୟଟନସ୍ଥଳୀ

## ପୁରୁଷବନ୍ଧୁଙ୍କୁ ମାଡ଼ ମାରି ନାବାଳିକାକୁ ଗଣଦୁଷ୍କର୍ମ

**୨ ଜଣ ଗିରଫ, ପୁରୁଷବନ୍ଧୁଙ୍କ ବୟାନ ରେକର୍ଡ**

■ ଭୁବନେଶ୍ୱର, ୧୫।୧୨ (ସମିସ): ଅସୁରକ୍ଷିତ ରାଜ୍ୟର ପ୍ରମୁଖ ପର୍ଯ୍ୟଟନସ୍ଥଳୀ। ଗୋପାଳପୁର ବେଳାଭୂମିରେ ଜଣେ ଛାତ୍ରୀ ଏବଂ ରାମଚଣ୍ଡୀ ନିକଟରେ ଜଣେ ଯୁବତୀଙ୍କୁ ଗଣଦୁଷ୍କର୍ମ ଘଟଣା ରାଜ୍ୟବାସୀଙ୍କ ମନରୁ ଲିଭିନଥିବା ବେଳେ ରାଜଧାନୀ ଉପକଣ୍ଠ ଧଉଳିରୁ ପୁଣି ଏଭଳି ଏକ ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଛି। ପୁରୁଷବନ୍ଧୁଙ୍କ ସହ ବୁଲି ଯାଇଥିବା ଜଣେ ନାବାଳିକା ଗଣଦୁଷ୍କର୍ମର ଶିକାର ହୋଇଛନ୍ତି। ଦିନ ଦି'ପହରେ ଦୁର୍ବୃତ୍ତମାନେ ପୁରୁଷବନ୍ଧୁଙ୍କୁ ମାଡ଼ ମାରି ତାଙ୍କ ଆଖି ଆଗରେ ନାବାଳିକାକୁ ଗଣଦୁଷ୍କର୍ମ କରିଛନ୍ତି। ଏହାକୁ ନେଇ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି। ଗତ ୧୦ ତାରିଖରେ ଏହି ବର୍ବର କାଣ୍ଡ ଘଟିଥିବା ବେଳେ ଆଜି ପଦାକୁ ଆସିଛି। ଏହି ଘଟଣାରେ ପୁଲିସ ଏକ ମାମଲା ରୁଜୁ କରି ୨ ଅଭିଯୁକ୍ତଙ୍କୁ ଗିରଫ କରିଛି।

ସୂଚନା ମୁତାବକ, ନାବାଳିକାଜଣଙ୍କ ତାଙ୍କ ପୁରୁଷବନ୍ଧୁଙ୍କ ସହ ଧଉଳି ବୁଲିବାକୁ ଆସିଥିଲେ। ପରେ ସେମାନେ ଲିଙ୍ଗିପୁର ନିକଟ ଦୟାନଦୀ କୂଳ ଦେଇ ଘରକୁ ଫେରୁଥିଲେ। ଏହି ସମୟରେ ୫ଜଣ

### ବିଜେଡି କର୍ମୀ ଉପରେ ଆକ୍ରମଣ ପ୍ରସଙ୍ଗ

## ଡିଜି ଅଫିସ ସମ୍ମୁଖରେ ବିଜେଡିର ଧାରଣା

**ଜେନାପୁର ଥାନା ଘେରିଲା ବିଜେପି**

**ଡିଜିଙ୍କ ନିର୍ଦ୍ଦେଶକୁ ଅପେକ୍ଷା କରିଛି ପୁଲିସ**





■ ଜେନାପୁର, ୧୫।୧୨ (ସମିସ): ଜେନାପୁର ଥାନା ଅନ୍ତର୍ଗତ ପନ୍ତୁରୀ ଗ୍ରାମ ନିକଟସ୍ଥ ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ଫାର୍ମହାଉସରେ ରବିବାର ଘଟିଥିବା ସଂଗବଦ୍ଧ ଆକ୍ରମଣ ଘଟଣାକୁ ନେଇ ଅଶାନ୍ତ ହୋଇଛି ଧର୍ମଶାଳା ନିର୍ବାଚନମଣ୍ଡଳୀ। ଆକ୍ରମଣ ପ୍ରତିବାଦରେ ବିଜେଡି ରାଜଧାନୀରେ ଡିଜିଙ୍କ କ୍ୟାମ୍ପ ଅଫିସ ଘେରାଉ ସହ ଅହୋରାତ୍ର ଧାରଣା ଦେଇଛି। ଅନ୍ୟପକ୍ଷରେ ବିଜେପି ପକ୍ଷରୁ ଜେନାପୁର ଥାନା ଘେରାଉ କରାଯାଇଛି। ଉଭୟ ପକ୍ଷରୁ ଥାନାରେ ପୃଥକ ପୃଥକ ଅଭିଯୋଗ ରୁଜୁ ହୋଇଛି।

ଗତକାଲି ଘଟିଥବା ଏହି ଘଟଣାକୁ ୨୪ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ସୁଦ୍ଧା ପୁଲିସ ହାତବାନ୍ଧି ବସିଛି। କାହାରି ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନାହିଁ ବା କାହାରିକୁ ଗିରଫ କରାଯାଇ ନାହିଁ। ଯେପର୍ଯ୍ୟନ୍ତ ପୁଲିସ ମହାନିର୍ଦ୍ଦେଶକ ଘଟଣା ସମ୍ବନ୍ଧରେ ବିଜୁଜନତା ଦଳ ସହିତ ଆଲୋଚନା କରି ଏହି ଘଟଣାରେ ଯେଉଁମାନେ ଦୋଷୀ ସେମାନଙ୍କୁ ଗିରଫ କରିବାକୁ ଜେନାପୁର ପୁଲିସକୁ ନିର୍ଦ୍ଦେଶ ଦେଇନାହାନ୍ତି, ସେ ପର୍ଯ୍ୟନ୍ତ ଧାରଣା ପ୍ରତ୍ୟାହାର ହେବନାହିଁ ବୋଲି ରାଜ୍ୟ ନେତୃତ୍ୱ କହିଛନ୍ତି। ଏହାସହିତ ଧର୍ମଶାଳା ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ ଯାଜପୁର ପୁଲିସ ଓ ଜେନାପୁର ଥାନା ଉପରେ ▶ପୃଷ୍ଠା-୭








ସକାଳ THE SAKALA
www.sakalaepaper.com

# ସିଡ୍‌ନୀ ଆକ୍ରମଣ ପଛରେ ପାକିସ୍ତାନୀ ବାପା-ପୁଅ



ସିଡନୀ, ୧୫।୧୨(ଏଜେନ୍ସି): ଅଷ୍ଟ୍ରେଲିଆର ସିଡ୍‌ନୀରେ ରବିବାର ବଣ୍ଡି ବିଚ୍‌ରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ନେଇ ନ୍ୟୁ ସାଉଥ ୱେଲ୍ସ ପୁଲିସ ନୂଆ ତଥ୍ୟ ସାମ୍ନାକୁ ଆଣିଛି। ଆକ୍ରମଣ କରିଥିବା ଏହି ଦୁଇ ଆତଙ୍କବାଦୀ ବାପା ଓ ପୁଅ ବୋଲି ପୁଲିସ କହିଛି। ଏହି ଦୁଇଜଣ ପାକିସ୍ତାନ ବଂଶୋଦ୍ଭବ ବୋଲି ପୁଲିସ ସନ୍ଦେହ କରୁଛି। ପୁଲିସ ଦେଇଥିବା ସୂଚନା ଅନୁସାରେ ଏହି ଘଟଣାରେ ମୃତକଙ୍କ ସଂଖ୍ୟା ବୃଦ୍ଧି ପାଇଁ ୧୬ରେ ପହଞ୍ଚିଛି। ଇହୁଦୀଙ୍କୁ ଟାର୍ଗେଟ କରି ଏହି ଆକ୍ରମଣ କରାଯାଇଥିଲା। ଏମାନେ ସମସ୍ତେ ନିଜର ଉତ୍ସବ 'ହାନୁକା' ପାଳନ କରିବା ପାଇଁ ବେଳଭୂମିକୁ ଯାଇଥିଲେ। ମୃତକଙ୍କ ମଧ୍ୟରେ ଜଣେ ୧୦ ବର୍ଷର ପିଲା ଓ ଜଣେ ଇସ୍ରାଏଲ ନାଗରିକ ସାମିଲ ଅଛନ୍ତି। ଏଥିରେ ୪୫ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି ବୋଲି ପୁଲିସ ତରଫରୁ କୁହାଯାଇଛି। ଜବାବରେ ପୁଲିସ କାର୍ଯ୍ୟାନୁଷ୍ଠାନରେ ୫୦ ବର୍ଷୀୟ ସାଜିଦ ଆକ୍ରମ ନିହତ ହୋଇଛି। ସେହିପରି ତା ସହିତ ଗୁଳିବର୍ଷ କରିଥିବା ତା'ର ପୁଅ ନବିଦ ଆକ୍ରମ ପୁଲିସ ଗୁଳିରେ ଆହତ ହୋଇଛି। ତାକୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ଓ ତା ଅବସ୍ଥା ଗୁରୁତର ଅଛି ବୋଲି ପୁଲିସ କହିଛି।

**ମୃତ୍ୟୁ ସଂଖ୍ୟା ୧୬କୁ ବୃଦ୍ଧି, ୪୫ରୁ ଊର୍ଦ୍ଧ୍ୱ ଆହତ**

ଅଷ୍ଟ୍ରେଲିଆ ଗୃହମନ୍ତ୍ରୀ ଟୋନ ବର୍କ କହିଛନ୍ତି ଯେ, ସାଜିଦ ଆକ୍ରମ ୧୯୯୮ରୁ ଛାତ୍ର ଭିସାରେ ଅଷ୍ଟ୍ରେଲିଆ ଆସିଥିଲେ। ସେ ଭେରେନା ନାମକ ଜଣେ ଅଷ୍ଟ୍ରେଲିଆ ମହିଳାଙ୍କୁ ବିବାହ କରିବା ପରେ ନିଜ ଭିସାକୁ ପାର୍ଟନର ଭିସାରେ ପରିଣତ କରିଥିଲେ। ସେବେଠାରୁ ସେ ରେସିଡେଣ୍ଟ ରିଟର୍ଣ୍ଣ ଭିସାରେ ରହି ଆସୁଥିଲେ। ଅର୍ଥାତ ସେ ଅଷ୍ଟ୍ରେଲିଆର ନାଗରିକ ନଥିଲେ। ତେବେ ସେ ପାକିସ୍ତାନରୁ ଆସିଥିବା କୁହାଯାଉଛି। ଆକ୍ରମରୁ ପୁଅ ନଭିଦ ୨୦୦୧ରେ ଜନ୍ମଗ୍ରହଣ କରିଥିଲା ଓ ଜଣେ ଅଷ୍ଟ୍ରେଲୀୟ ନାଗରିକ। ଲାଇସେନ୍ସ ପ୍ରାପ୍ତ ବନ୍ଧୁକରୁ ଦୁହେଁ ଆକ୍ରମଣ କରିଥିଲେ ବୋଲି କୁହାଯାଉଛି। ସାଜିଦ ଆଇନଗତ ଭାବେ ୬ଟି ବନ୍ଧୁକର ମାଲିକ ଥିଲା। ଘରେ ମାଛ ଧରିବାକୁ ଯାଉଛୁ ବୋଲି କହି ବାପା ଓ ପୁଅ ଏହି ଜଘନ୍ୟ କାଣ୍ଡ ଘଟାଇଥିଲେ। ଆକ୍ରମଣ ପରେ ପୁଲିସ ଆକ୍ରମର ଘରେ ଚଢ଼ାଉ କରିଥିଲା। ତା'ର ଏକ ଫଳ ଦୋକାନ ଥିଲା ବୋଲି ପୁଲିସ କହିଛି।

## ଆତଙ୍କବାଦୀ ସହ ଲଢ଼ିଥିବା ଅହମ୍ମଦ କିଏ





ସିଡନୀ, ୧୫।୧୨(ଏଜେନ୍ସି): ବଣ୍ଡି ବିଚ୍ ଅଗ୍ନିକାଣ୍ଡରେ ଦୁଇ ବାପ-ପୁଅ ଆତଙ୍କବାଦୀ ସହ ଖାଲି ହାତରେ ଲଢ଼େଇ କରିଥିବା ଅହମ୍ମଦ ଅଲ-ଅହମ୍ମଦଙ୍କୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ନିଜ ଜୀବନକୁ ବାଜି ଲଗାଇ ୪୪ ବର୍ଷୀୟ ଅହମ୍ମଦ କେତେ ଲୋକଙ୍କ ଜୀବନ ବଞ୍ଚାଇବାକୁ ସକ୍ଷମ ହୋଇଥିଲେ। ଏବେ ସେ ଅଷ୍ଟ୍ରେଲିଆରେ ହିରୋ ବିବେଚିତ ହେଉଛନ୍ତି। ଆଖିବୁଜା ଗୁଳି ଚଳାଉଥିବା ସାଜିଦ ଆକ୍ରମକୁ ସେ ଖାଲି ହାତରେ କାବୁ କରିବାକୁ ପ୍ରୟସା କରିଥିଲେ। ପଛଆଡୁ କୁଦି ପଡ଼ି ସେ ଆକ୍ରମଠାରୁ ରାଇଫଲ୍ ଛଡ଼ାଇନେଇଥିଲେ। ଫଳରେ ଘଟଣାସ୍ଥଳରୁ ବହୁ ଲୋକ ଦୌଡ଼ି ପଳାଇବାକୁ ସକ୍ଷମ ହୋଇଥିଲେ। ନହେଲେ ମୃତ୍ୟୁ ସଂଖ୍ୟା ଆହୁରି ବୃଦ୍ଧି ପାଇଥାନ୍ତା ବୋଲି ଅନୁମାନ କରାଯାଉଛି। ଲୋକେ ଏବେ ଅହମ୍ମଦଙ୍କୁ ଅଷ୍ଟ୍ରେଲିଆର ହିରୋ ବୋଲି ବିବେଚିନା କରୁଛନ୍ତି। ଆକ୍ରମକୁ ଧକ୍କା ଦେଇ ତଳେ ପକାଇଦେଇଥିଲେ ମଧ୍ୟ ତା ପୁଅ ପଛପଟୁ ତାଙ୍କ ଉପରକୁ ଗୁଳି ଚଳାଇଥିଲା। ତାଙ୍କ ବାମ କାନ୍ଧରେ ଦୁଇଟି ଗୁଳି ବାଜିଥିଲା ଓ ବେହୋଶ ହୋଇ ତଳେ ପଡ଼ିଯାଇଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ସ୍ଥିର ରହିଛି। ଯଦି ଆବଶ୍ୟକ ପଡେ ପୁଣିଥରେ ଆତଙ୍କବାଦୀଙ୍କ ସହ ଲଢ଼ିବି ବୋଲି ସେ କହିଛନ୍ତି। ଅହମ୍ମଦ ଯେତେବେଳେ ଆତଙ୍କବାଦୀଙ୍କ ସହ ଲଢ଼ିବାକୁ ଯାଉଥିଲେ, ସେତେବେଳେ ତାଙ୍କ ପାଇଁ ଭାଇ ତାଙ୍କୁ ରୋକିବାକୁ ଚେଷ୍ଟା କରିଥିଲେ। ସେ ନିଜ ଭାଇଙ୍କୁ କହିଥିଲେ ଯେ, ଯଦି ମୋର କିଛି ହୋଇଯାଏ, ତେବେ ପରିବାର ଲୋକଙ୍କୁ କହିବ ଯେ, ଲୋକଙ୍କ ଜୀବନ ବଞ୍ଚାଇବାକୁ ଯାଇ ଜୀବନ ଦେଇଛି। ପ୍ରକୃତରେ ଅହମ୍ମଦ ନିଜ ସମ୍ପର୍କୀୟ ଭାଇ ଜୋଜାୟ ଅଲକଞ୍ଜିଙ୍କ ସହ ହନୁକା ଉତ୍ସବରେ ଯୋଗ ଦେବାକୁ ଆସିଥିଲେ। ଦୁଇଜଣ କଫି ପାନ କରିବାକୁ ବାହରକୁ ବାହାରିଥିଲେ। କିନ୍ତୁ କିଛି ମିନିଟ୍ ମଧ୍ୟରେ ଆଖିବୁଜା ଗୁଳିମାଡ ହୋଇଥିଲା। ଦୁଇଜଣ ଲୋକ ଭିଡ଼ ଉପରକୁ ଗୁଳି ଚଳାଉଥିବାର ସେ ଦେଖିଥିଲେ ଓ ସେତେବେଳେ ଚିତ୍କାର କରି ଲୋକେ ଜୀବନ ବଞ୍ଚାଇବା ପାଇଁ ଦୌଡୁଥିଲେ। ଦୁହେଁ ଏତିକିବେଳେ କାର୍ ପଛପଟେ ଲୁଚିଥିଲେ। ଏହାପରେ ସୁବିଧା ଦେଖି ସେ ଆକ୍ରମକୁ ପଛପଟୁ କାବୁ କରିବାକୁ ଚେଷ୍ଟା କରିଥିଲେ। ଅହମ୍ମଦଙ୍କୁ ବନ୍ଧୁକ ଚଳାଇବା ଅସୁ ନଥିଲା। ଏହି କାରଣରୁ ବନ୍ଧୁକ ଚଳାଇ ନଥିଲେ ବୋଲି ଜୋଜାୟ କହିଛନ୍ତି। ଉଲ୍ଲେଖଥାଉ କି, ଅହମ୍ମଦ ମୁଳତଃ ସିରିଆର ନାଗରିକ। କିନ୍ତୁ ସେଠାରେ ଗୃହଯୁଦ୍ଧ କାରଣରୁ ସିରିଆ ଛାଡି ୨୦୦୬ରେ ଅଷ୍ଟ୍ରେଲିଆ ଚାଲିଆସିଥିଲେ। ତାଙ୍କର ୫ ଓ ୬ ବର୍ଷରୁ ଦୁଇ ଝିଅ ଅଛନ୍ତି। ତେବେ ତାଙ୍କୁ ୨୦୨୨ରେ ଅଷ୍ଟ୍ରେଲୀୟ ନାଗରିକତା ମିଳିଥିଲା।

## ରାଜ କୁମାର ଗୋୟଲ ମୁଖ୍ୟ ସୂଚନା କମିଶନର ନିଯୁକ୍ତ



ନୂଆଦିଲ୍ଲୀ, ୧୫।୧୨ (ଏଜେନ୍ସି): ଅବସରପ୍ରାପ୍ତ ଆଇଏଏସ ଅଧିକାରୀ ରାଜ କୁମାର ଗୋୟଲ ଦେଶର ମୁଖ୍ୟ ସୂଚନା କମିଶନର (ସିଆଇସି) ନିଯୁକ୍ତ ହୋଇଛନ୍ତି। ସୋମବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ପଦ ଏବଂ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ତିନି ଜଣିଆ କମିଟି ତାଙ୍କ ନାମ ସୁପାରିସ କରିଥିଲେ। ଶ୍ରୀ ଗୋୟଲ ଅରୁଣାଚଳ ପ୍ରଦେଶ, ଗୋଆ, ମିଜୋରାମ, କେନ୍ଦ୍ରଶାସିତ ଅଞ୍ଚଳ (ଏଜିଏମୟୁଟି) କ୍ୟାଡରର ୧୯୯୦ ବ୍ୟାଚର ଆଇଏଏସ ଅଧିକାରୀ। ସେ ଗତ ଅଗଷ୍ଟ ୩୧ ତାରିଖରେ ଆଇନ ଏବଂ ନ୍ୟାୟ ମନ୍ତ୍ରାଳୟ ଅଧିନସ୍ଥ ନ୍ୟାୟ ବିଭାଗର ସଚିବ ପଦରୁ ଅବସର ଗ୍ରହଣ କରିଥିଲେ। ସେ ସ୍ୱରାଷ୍ଟ୍ର ମନ୍ତ୍ରାଳୟର ସଚିବ (ସୀମା ପରିଚାଳନା) ଭାବେ ମଧ୍ୟ କାର୍ଯ୍ୟ କରିଥିଲେ। ସେ କେନ୍ଦ୍ର ଏବଂ ଜମ୍ମୁ-କଶ୍ମୀରର ବହୁ ଗୁରୁତ୍ୱପୂର୍ଣ୍ଣ ପଦ ପଦବୀରେ ରହିଥିଲେ।

## ସଙ୍ଗୀତା ବରୁଆ ପ୍ରେସ କ୍ଲବ ଅଫ୍ ଇଣ୍ଡିଆର ନୂଆ ଅଧ୍ୟକ୍ଷା

ନୂଆଦିଲ୍ଲୀ, ୧୫।୧୨ (ଏଜେନ୍ସି): ବରିଷ୍ଠ ସାମ୍ବାଦିକା ସଙ୍ଗୀତା ବରୁଆ ପ୍ରସ୍ କ୍ଲବ ଅଫ ଇଣ୍ଡିଆ (ପିସିଆଇ)ର ଅଧ୍ୟକ୍ଷା ନିର୍ବାଚିତ ହୋଇଛନ୍ତି। ୧୯୫୭ ଡିସେମ୍ବର ୨୦ରେ ପିସିଆଇ ପ୍ରତିଷ୍ଠା ହେବା ପରଠାରୁ ଏହି ପଦରେ ରହିଥିବା ସେ ପ୍ରଥମ ମହିଳା ହୋଇଛନ୍ତି। ପିସିଆଇର ବିଭିନ୍ନ ପଦପଦବୀ ପାଇଁ ଶନିବାର ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ସଙ୍ଗୀତାଙ୍କ ଟିମ୍ ସବୁ ପଦାଧିକାରୀ ଏବଂ ପରିଚାଳନା କମିଟିର ପଦବୀରେ ବିଜୟୀ ହୋଇଛି। ୨୧-୦ରେ ସେ କ୍ଲିନସ୍ୱିପ କରିଛନ୍ତି। ସଙ୍ଗୀତାଙ୍କୁ ମୋଟ ୧୦୧୯ ଭୋଟ ମିଳିଛି। ତାଙ୍କ ପ୍ରତିଦ୍ୱନ୍ଦ୍ୱି ଅତୁ ମିଶ୍ରା ୧୨୯ଟି ଏବଂ ଅରୁଣ ଶର୍ମା ୮୯ଟି ଭୋଟ ପାଇଥିଲେ। ଏହି ନିର୍ବାଚନରେ ଅଫଜଲ ଇମାମ କ୍ଲବ୍‌ର ସାଧାରଣ ସମ୍ପାଦକ, ଜତିନ ଗାନ୍ଧୀ ଉପାଧ୍ୟକ୍ଷ ନିର୍ବାଚିତ ହୋଇଛନ୍ତି। ସେହିପରି ଅଦିତି ରାଜପୁତ କୋଷାଧ୍ୟକ୍ଷ ଏବଂ ପିଆର ସୁନୀଲ ନିର୍ଦ୍ୱନ୍ଦ୍ୱରେ ଯୁଗ୍ମ ସଚିବ ହୋଇଛନ୍ତି।

## ଦୁର୍ଘଟଣାରେ ୨ ପୁଲିସ ଅଧିକାରୀଙ୍କ ସମେତ ୪ ମୃତ

ନୂଆଦିଲ୍ଲୀ, ୧୫।୧୨(ଏଜେନ୍ସି): ମୁମ୍ବଇ- ଦିଲ୍ଲୀ ଏକ୍ସପ୍ରେସୱେରେ ସୋମବାର ସକାଳେ ଏକ ବଡ଼ ଧରଣର ଦୁର୍ଘଟଣା ଘଟିଛି। ପାଖାପାଖି ୨୦ଟି ଗାଡ଼ି ପରସ୍ପରକୁ ଧକ୍କା ଦେଇଥିଲେ। ସକାଳ ୫ଟାରେ ଘଟିଥିବା ଏହି ଦୁର୍ଘଟଣାରେ ଦୁଇଜଣ ପୁଲିସ ଅଧିକାରୀଙ୍କ ସମେତ ୪ ଜଣ ମୃତ୍ୟୁବରଣ କରିଛନ୍ତି। ସେହିପରି ୧୫ରୁ ୨୦ ଜଣ ଲୋକ ଆହତ ହୋଇଛନ୍ତି। ଘନ କୁହୁଡି କାରଣରୁ ଦୃଶ୍ୟମାନ କ୍ଷମତା କମ୍ ଥବା କାରଣରୁ ଏହି ଦୁର୍ଘଟଣା ଘଟିଛି ବୋଲି କୁହାଯାଉଛି। ପ୍ରଥମ ଦୁଇଟି ଓଭରଲୋଡ ଡମ୍ଫର ଟ୍ରକ ପରସ୍ପରକୁ ଧକ୍କା ଦେଇଥିଲେ। ଏହାପରେ ଗୁଆ ବୋଝେଇ ଏକ ଟ୍ରକ୍ ଓ ଅନ୍ୟଗାଡିଗୁଡିକ ପରସ୍ପରକୁ ଧକ୍କା ଦେଇଥିଲେ। ଫଳରେ ମୋଟ ଉପରେ ୨୦ରୁ ୨୫ ଗାଡ଼ି ଧକ୍କା ଦେବା ଫଳରେ ସିରିଜ ଦୁର୍ଘଟଣା ହୋଇଥିଲା। ସୂଚନା ପାଇବା ମାତ୍ରେ ପୁଲିସ, ଆମ୍ବୁଲାନ୍ସ ସେବା ଓ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ଆହତଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏମାନଙ୍କ ମଧ୍ୟରୁ ଏକାଧିକ ଲୋକ ଗୁରୁତର ଅଛନ୍ତି।

## ପିଓକେରେ ବୃଦ୍ଧି ପାଉଛି ଆତଙ୍କବାଦୀ ଭିତ୍ତିଭୂମି ନିର୍ମାଣ

ନୂଆଦିଲ୍ଲୀ, ୧୫।୧୨(ଏଜେନ୍ସି): ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ)ରେ ଆତଙ୍କବାଦୀ ଠିକଣା ତଥା ଭିତ୍ତିଭୂମି ବୃଦ୍ଧିପାଉଛି ବୋଲି ଭାରତୀୟ ଗୁଇନ୍ଦା ଏଜେନ୍ସିଗୁଡିକ ଅତି ନିକଟରୁ ନିରୀକ୍ଷଣ କରିଛନ୍ତି। ଏ ନେଇ ଏଜେନ୍ସିଗୁଡିକ ସତର୍କ କରାଇ ଦେଇଛନ୍ତି। ପିଓକେର ବିଭିନ୍ନ ଉପତ୍ୟାକାରେ ଦ୍ୱୈତ-ବ୍ୟବହାର ସୁବିଧାଥିବା ଭିତ୍ତିଭୂମୀ ନର୍ମାଣ କରାଯାଉଛି ବୋଲି ଉପଗ୍ରହ ଚିତ୍ରରୁ ଜଣାପଡ଼ିଛି। ନଭେମ୍ବର ପରଠାରୁ ଲସ୍କର-ଇ- ତୋହିବା ତା'ର ଭିତ୍ତିଭୂମି ନିର୍ମାଣ କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରିଛି। ଏହି ଆତଙ୍କବାଦୀ ସଂଗଠନ ସରଦା ଅଞ୍ଚଳରେ 'ଜାମିଆ ମସଜିଦ ଆଇବିଏନ୍ ତେମିଆ ୱା ମର୍କଜ' ନାମକ ଏକ ନୂଆ ସେଣ୍ଟର ମଧ୍ୟ ସ୍ଥାପନ କରିଛି। ସେହିପରି ଧିରକୋଟ, ବାଗ, ଖାଇଗାଲା, ରାୱଲକୋଟ, ପଲାଣ୍ଡ୍ରୀ ଓ ସୁଧାନୋଟିରେ ମଧ୍ୟ ନୂଆ ଭିତ୍ତିଭୂମି ନିର୍ମାଣ କରାଯାଉଛି ବୋଲି ଏଚେନ୍ସିଗୁଡିକ ସୂଚନା ଦେଇଛନ୍ତି। ଅପରେସନ ସିନ୍ଦୂର ପରେ ପିଓକେରେ ଆତଙ୍କବାଦୀ ଠିକଣାଗୁଡିକ ଖାଇବର ପଖତୁନଖ୍ୱାକୁ ସ୍ଥାନାନ୍ତର ହେବା ଖବର ପ୍ରକାଶ ପାଇଥିଲା। କିନ୍ତୁ ଏବେ ପିଓକେରେ ନୂଆ ଭିତ୍ତିଭୂମି ନିର୍ମାଣ ଭାରତ ପାଇ ଚିନ୍ତା ସୃଷ୍ଟି କରିଛି।

## ୭ ବର୍ଷ ପରେ ପ୍ରଧାନମନ୍ତ୍ରୀଙ୍କ ଜୋର୍ଡାନ ଗସ୍ତ

ନୂଆଦିଲ୍ଲୀ/ଅମ୍ମାନ, ୧୫।୧୨(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୭ ବର୍ଷ ପରେ ମଧ୍ୟପ୍ରାଚ୍ୟ ଦେଶ ଜୋର୍ଡାନକୁ ଦୁଇଦିନିଆ ଗସ୍ତରେ ଯାଇଛନ୍ତି। ୭ ବର୍ଷ ପରେ ଜୋର୍ଡାନ ପ୍ରଧାନମନ୍ତ୍ରୀ ଜାଫର ହସନ ବିମାନ ବନ୍ଦରରେ ତାଙ୍କୁ ସ୍ୱାଗତ କରିଥିଲେ। ହୋଟେଲରେ ପହଞ୍ଚିବା ପରେ ପ୍ରବାସୀ ଭରାତୀୟମାନେ ମୋଦୀଙ୍କୁ ସ୍ୱାଗତ କରିଥିଲେ। ପ୍ରଧାନମନ୍ତ୍ରୀ ଭାରତୀୟ ବଂଶୋଦ୍ଭବ ଲୋକଙ୍କ ସହ ସକ୍ଷାତ କରିଥିଲେ। ଏହି ଅବସରରେ ମୋଦୀଙ୍କ ସାମ୍ନାରେ କଳାକାରମାନେ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଶନ କରିଥିଲେ। ମୋଦୀ ଜୋର୍ଡାନ ରାଜା ଅବଦୁଲ୍ଲାଙ୍କ ସହ ହୁସେନିଆ ପ୍ୟାଲେସ୍‌ରେ ସାକ୍ଷାତ କରିବେ। ଏଠାରେ ପହଞ୍ଚିବା ପରେ ଔପଚାରିକ ଭାବେ ମୋଦୀଙ୍କର ସ୍ୱାଗତ କରାଯିବ।

## ପହଲଗାମ୍ ହମ୍‌ଲା: ଏନ୍‌ଆଇଏ ଚାର୍ଜସିଟ୍‌ରେ ପାକ୍ ଆତଙ୍କବାଦୀ ସଂଗଠନ ଓ ୫ ଅଭିଯୁକ୍ତ



ନୂଆଦିଲ୍ଲୀ, ୧୫।୧୨(ଏଜେନ୍ସି): ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ପହଲଗାମ ଆତଙ୍କବାଦୀ ଆକ୍ରମଣ ନେଇ ଚାର୍ଜସିଟ୍ ଦାଖଲ କରିଛି। ଜମ୍ମୁସ୍ଥିତ ଏନ୍‌ଆଇଏ କୋର୍ଟରେ ୧, ୩୦୦ ପୃଷ୍ଠାର ଚାର୍ଜସିଟ୍ ଦାଖଲ କରାଯାଇଛି। ଜୁଲାଇ ୨୨ରେ ପହଲଗାମଠାରୁ ୬ କିମି ଦୂରରେ ବ୍ୟାସରଣ ଉପତ୍ୟାକାରେ ଏକ ଆତଙ୍କବାଦୀ ଆକ୍ରମଣରେ ଆତଙ୍କବାଦୀଙ୍କ ଆକ୍ରମଣରେ ୨୬ଜଣ ପର୍ଯ୍ୟଟକ ମୃତ୍ୟୁବରଣ କରିଥିବା ବେଳେ ୧୬ଜଣ ଆହତ ହୋଇଥିଲେ। ଧାର୍ମିକ ପରିଚୟ ଆଧାରରେ ଆତଙ୍କାବୀମାନେ ଆକ୍ରମଣ କରିଥିଲେ। ମିଳିଥିବା ସୂଚନା ଅନୁସାରେ ଯାଞ୍ଚ ଟିମ୍ ଆକ୍ରମଣରେ ସାମିଲଥିବା ଆତଙ୍କବାଦୀଙ୍କ ନାମ ମଧ୍ୟ ପ୍ରକାଶ କରିଛି। ସେମାନଙ୍କ ମଧ୍ୟରୁ ଜଣେ ହେଉଛି ସାଜିଦ ଜାଟ ଓ ସେ ପାକିସ୍ତାନରେ ରହୁଛି। ସେଠାରେ ଲସ୍କର-ଇ- ତୋହିବାର ଅପରେସନ ମୁଖ୍ୟ ଭାବେ ଦାୟିତ୍ୱରେ ରହିଛି। ସାଜିଦ ହିଁ ପହଲଗାମ ଆକ୍ରମଣ ପାଇଁ ଅନ୍ୟ ଦୁଇଜଣଙ୍କୁ ଦାୟିତ୍ୱ ଦେଇଥିଲା। ସେ ଏହି ଆକ୍ରମଣର ମୁଖ୍ୟ ଷଡଯନ୍ତ୍ରକାରୀ ବୋଲି ବିବେଚିନା କରାଯାଉଛି। ଜୁଲାଇ ୨୬ରେ ସୁରକ୍ଷା ବାହିନୀ ଶ୍ରୀନଗରର ହରୱାନ ଜଙ୍ଗଲରେ 'ଅପରେସନ ମହାଦେବ' ଚଳାଇଥିଲା। ଏଥିରେ ପହଲଗାମ ଆକ୍ରମଣରେ ସାମିଲଥିବା ଉଭୟ ଆତଙ୍କବାଦୀ ନିହତ ହୋଇଥିଲେ। ଏଥିରେ ମୁଖ୍ୟ ଅଭିଯୁକ୍ତ ହାସିମ ମୁସା ସାମିଲ ଥିଲା। ଏବେ ଏ ନେଇ ଜମ୍ମୁ-କଶ୍ମୀର ମୁଖମନ୍ତ୍ରୀ ଉମର ଅବଦୁଲ୍ଲା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଏହି ମାମଲାରେ ଚାର୍ଜସିଟ୍ ଦାଖଲ ହୋଇଥିବା ବେଳେ ଏବେ କୋର୍ଟରେ ହିଁ କିଏ ଦୋଷୀ ଓ ନିର୍ଦ୍ଦେଶ ତାହା ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି। ପହଲଗାମ ଆକ୍ରମଣର ଦୁଇମାସ ପରେ ଜୁନ୍ ୨୩ରେ ଆତଙ୍କବାଦୀଙ୍କୁ ସହାୟତା ପ୍ରଦାନ କରିଥିବା ଦୁଇଜଣଙ୍କୁ ଏନ୍‌ଆଇଏ ଗିରଫ କରିଥିଲା। ଜୁଲାଇ ୨୮ରେ ପହଲଗାମ ଆକ୍ରମଣର ମାଷ୍ଟରମାଇଣ୍ଡ ସମେତ ୩ ଆତଙ୍କବାଦୀ ସୁରକ୍ଷାକର୍ମୀଙ୍କ ଗୁଳିବିନିମୟରେ ନିହତ ହୋଇଥିଲେ। ପହଲଗାମ ଆକ୍ରମଣର ଜବାବରେ ଭାରତ 'ଅପରେସନ ସିନ୍ଦୂର' ଆରମ୍ଭ କରିଥିଲା। ଏଥିରେ ଭାରତ ପାକିସ୍ତାନର ୯ ଆତଙ୍କବାଦୀ ଠିକଣା ଉପରେ ଆକ୍ରମଣ କରି ୧୦୦ରୁ ଊର୍ଦ୍ଧ୍ୱ ଆତଙ୍କବାଦୀଙ୍କୁ ନିହତ କରିଥିଲା।

## ୩ ଝିଅଙ୍କୁ ମାରି ବାପାର ଆତ୍ମହତ୍ୟା

ପାଟନା, ୧୫।୧୨ (ଏଜେନ୍ସି):ବିହାର ମୁଜାଫରପୁରର ମିସରୌଲିଆ ଗ୍ରାମରୁ ବିଚଳିତ କରିବା ଭଳି ଘଟଣା ସାମ୍‌ନାକୁ ଆସିଛି। ଏଠାରେ ବାପ ନିଜର ତିନି ଝିଅକୁ ଦଉଡ଼ିରେ ଟାଣି ମାରିବା ପରେ ନିଜେ ଆତ୍ମହତ୍ୟା କରିଛି। ମୃତ ବାପାର ନାମ ଅମରନାଥ ରାମ। ସେ ନିଜ ୫ ସନ୍ତାନକୁ ମାରିବାକୁ ପ୍ରୟାସ କରିଥିଲା। କିନ୍ତୁ ସୌଭାଗ୍ୟବଶତଃ ଦୁଇ ପୁଅ ବଞ୍ଚି ଯାଇଛନ୍ତି। ବାପା ଏପରି କାହିଁକି କଲେ ତାହା ଏ ପର୍ଯ୍ୟନ୍ତ ଜଣାପଡ଼ି ନାହିଁ ପୁଲିସ ମାମଲାର ତଦନ୍ତ କରୁଛି। ସୂଚନା ଅନୁଯାୟୀ, ଅମରନାଥଙ୍କ ସ୍ତ୍ରୀ ବର୍ଷେ ତଳେ ପ୍ରାଣ ହରାଇ ଥିଲେ। ପତ୍ନୀ ମୃତ୍ୟୁ ପରେ ସ୍ୱାମୀ ଝିଅ ଅନୁରାଧା (୧୨), ଶିବାନୀ (୭), ରାଧିକା (୬), ପୁଅ ଶିବମ (୬) ଏବଂ ଚନ୍ଦନ ସହ ରହୁଥିଲେ। ଏହି ହତ୍ୟାକାଣ୍ଡ ପଛରେ ଅନେକ କାରଣ ଥିବା କୁହାଯାଉଛି। ତେବେ ପୁଲିସ କିଛି ସ୍ପଷ୍ଟ କରିନାହିଁ। ସ୍ଥାନୀୟ ଅଧିବାସୀଙ୍କ ଅନୁଯାୟୀ, ପତ୍ନୀ ମୃତ୍ୟୁ ପରେ ପିଲାଙ୍କୁ ପାଳିବା ପାଇଁ ବାପା ସଂଘର୍ଷ କରୁଥିଲେ। ଆଉ କିଛି କହିଛନ୍ତି ଯେ ଅମରନାଥ ଏକ ଘରୋଇ ଫାଇନାନ୍ସ କମ୍ପାନୀଠାରୁ ଋଣ ଆଣିଥିଲେ। ଏହା ସୁଝିବା ପାଇଁ କମ୍ପାନୀ ବାରମ୍ବାର ଚାପ ପକାଉ ଥିଲା। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ରୋଷେଇ ଘରେ ଅଣ୍ଡା ଖୋଳ ଥିଲା। ମାରିବା ପୂର୍ବରୁ ରୋଷେଇ କରି ଅମରନାଥ ପିଲାଙ୍କୁ ଖାଇବାକୁ ଦେଇଥିଲେ ଏବଂ ଏକ ଟ୍ରଙ୍କ ଉପରେ ଠିଆ ହେବାକୁ କହିଥିଲା। ମୃତ ପତ୍ନୀଙ୍କ ଏକ ଶାଢୀ ଆଣି ସମସ୍ତଙ୍କ ବେକରେ ଫାସ ପକାଇ ଥିଲେ ଏବଂ ଗୋଟିଏ ପଟକୁ ନିଜ ବେକରେ ବାନ୍ଧି ଥିଲେ। ପରେ ସମସ୍ତଙ୍କୁ ତଳକୁ ଡେଇଁବାକୁ କହିଥିଲା ଏବଂ ନିଜେ ମଧ୍ୟ ସେଭଳି କରିଥିଲା। ତେବେ ଦୁଇ ପୁଅ ଟ୍ରଙ୍କ ନ ଡେଇଁବାରୁ ବଞ୍ଚି ଯାଇଥିଲେ। ଅନ୍ୟମାନେ ଏଥିରେ ପ୍ରାଣ ହରାଇଥିଲେ। ୬ ବର୍ଷୀୟ ପୁଅ ଶିବମ କହିଛି ଯେ, ମୋବାଇଲରେ ଖେଳୁଥିବାବେଳେ ବାପା ଭାଇଭଉଣୀଙ୍କୁ ସାଙ୍ଗରେ ନେଇ ଆସିବାକୁ କହିଥିଲେ। ଏହା ପରେ ବାପା ବେକରେ ଫାଶ ପକାଇ ଦେଇଥିଲେ।

## ପ୍ରିୟଙ୍କା ଭଦ୍ରା-ପ୍ରଶାନ୍ତ କିଶୋରଙ୍କ ସାକ୍ଷାତକୁ ନେଇ ଚର୍ଚ୍ଚା



ନୂଆଦିଲ୍ଲୀ, ୧୫।୧୨ (ଏଜେନ୍ସି): ବିହାର ବିଧାନସଭା ନିର୍ବାଚନରେ ଶୋଚନୀୟ ପରାଜୟ ପରେ କଂଗ୍ରେସର ରାଜନୈତିକ ସମୀକରଣ ବଦଳିବା ନେଇ ଚର୍ଚ୍ଚା ହେଉଛି। ଏହାକୁ ଖୋରାକ ଯୋଗାଇଛନ୍ତି ନିର୍ବାଚନ ରଣନୀତିକାର ତଥା ଜନ ସୁରାଜ ପାର୍ଟିର ପ୍ରତିଷ୍ଠାତା ପ୍ରଶାନ୍ତ କିଶୋର। ସେ ଗତ ସପ୍ତାହରେ କଂଗ୍ରେସର ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ୧୦-ଜନପଥ ସ୍ଥିତ ବାସଭବନକୁ ଯାଇଥିଲେ। ଏଠାରେ ସୋନିଆଙ୍କ ଝିଅ ତଥା ସାଂସଦ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ମଧ୍ୟ ଉପସ୍ଥିତ ଥିଲେ। ପ୍ରଶାନ୍ତ ଏବଂ ପ୍ରିୟାଙ୍କାଙ୍କ ମଧ୍ୟରେ ଏଠାରେ ପ୍ରାୟ ଦୁଇ ଘଣ୍ଟା ପର୍ଯ୍ୟନ୍ତ ରୁଦ୍ଧ ଦ୍ୱାର ବୈଠକ ହୋଇଥିଲା। ତେବେ ଉଭୟଙ୍କ ମଧ୍ୟରେ କି ଆଲୋଚନା ହୋଇଥିଲା ତାହା ଏ ପର୍ଯ୍ୟନ୍ତ ଜଣାପଡ଼ି ନାହିଁ। ମାତ୍ର ଏହି ସାକ୍ଷାତକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ସରଗରମ ହୋଇ ଉଠିଛି।

ଏହି ସାକ୍ଷାତକୁ ନେଇ ଉଭୟେ ପ୍ରିୟଙ୍କା ଏବଂ ପ୍ରଶାନ୍ତ ଚୁପ୍ ରହିଛନ୍ତି। କୌଣସି ବୈଠକ ହୋଇ ନଥିବା ପ୍ରଶାନ୍ତ କହିଥିବାବେଳେ ମୁଁ କାହା ସହ ମିଶୁଛି ତାହା ଜାଣିବା ପାଇଁ କେହି ଚାହାନ୍ତି ନାହିଁ ବୋଲି ପ୍ରିୟଙ୍କା କହିଥିଲେ। ମାତ୍ର ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ବିହାର ଏବଂ ଦେଶରେ ବିରୋଧୀଙ୍କ ରାଜନୀତି ଉପରେ ଉଭୟେ ଚର୍ଚ୍ଚା କରିଥିଲେ। ଅନ୍ୟ ପ୍ରସଙ୍ଗରେ ମଧ୍ୟ ଆଲୋଚନା କରାଯାଉଛି। ଉତ୍ତର ପ୍ରଦେଶ ରାଜନୀତି ମଧ୍ୟ ଏହି ଚର୍ଚ୍ଚାର ଏଜେଣ୍ଡାରେ ଥିଲା ବୋଲି କୁହାଯାଉଛି। ୨୦୨୬ ଏବଂ ୨୦୨୭ରେ ୧୨ ରାଜ୍ୟରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଏହା ପୂର୍ବରୁ କଂଗ୍ରେସକୁ ସବୁ ରାଜ୍ୟରେ ମଜବୁତ କରିବାର ରଣନୀତି ନେଇ ଚର୍ଚ୍ଚା କରିଥିଲେ। ଜାତୀୟସ୍ତରରେ ପ୍ରଶାନ୍ତଙ୍କ ପ୍ରଦର୍ଶନ ଭଲ ରହିଛି ବୋଲି କଂଗ୍ରେସର ଏକ ଗୋଷ୍ଠୀ ଭାବୁଛନ୍ତି। ସେମାନେ ପ୍ରଶାନ୍ତଙ୍କୁ ରଣନୀତିରେ ସାମିଲ କରିବାକୁ ଚାହୁଁଛନ୍ତି। କଂଗ୍ରେସକୁ ନିଜ ସାମର୍ଥ୍ୟରେ ମଜବୁତ ହେବାକୁ ପଡ଼ିବ। ଏଥିପାଇଁ ବଡ଼ ରାଜ୍ୟ ପାଇଁ ମଜବୁତ ରଣନୀତିକାରର ଆବଶ୍ୟକତା ରହିଛି। ସେହିପରି କଂଗ୍ରେସ ଏଥର ବିଭିନ୍ନ ରାଜ୍ୟରେ ନିଜ ଦମରେ ଲଢ଼ିବା ପାଇଁ ଚାହୁଁଥିବା କୁହାଯାଉଛି।

### ଆଇପିଏସ ପୁରନଙ୍କ ଆତ୍ମହତ୍ୟା ମାମଲା

## ହଟିଲେ ହରିୟାଣା ଡିଜିପି ଶତ୍ରୁଜିତ କପୁର

ପଞ୍ଚକୁଲା, ୧୫।୧୨ (ଏଜେନ୍ସି): ଆଇପିଏସ ୱାଇ ପୁରନ କୁମାରଙ୍କ ଆତ୍ମହତ୍ୟାକୁ ନେଇ ବିବାଦରେ ଥିବା ହରିୟାଣା ଡିଜିପି ଶତ୍ରୁଜିତ କପୁରଙ୍କୁ ସରକାର ପଦରୁ ହଟାଇ ଦେଇଛନ୍ତି। ଦୁଇ ମାସ ହେଲା ଛୁଟିରେ ପଠା ଯାଇଥିବା ଏହି ଅଧିକାରୀଙ୍କ ପାଖରେ ଏବେ କେବଳ ପୁଲିସ ହାଉସିଂ କର୍ପୋରେସନର ଅଧ୍ୟକ୍ଷ ଦାୟିତ୍ୱରେ ରହିବେ। ସେହିପରି ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଓପି ସିଂହଙ୍କୁ କାର୍ଯ୍ୟାନିର୍ବାହୀ ଡିଜିପି ନିଯୁକ୍ତ କରାଯାଇଛି। ସୂଚନା ଅନୁଯାୟୀ, ଅକ୍ଟୋବର ୭ ତାରିଖରେ ଆଇପିଏସ ପୁରନ କୁମାର ନିଜକୁ ଗୁଳି ମାରି ଆତ୍ମହତ୍ୟା କରିଥିଲେ। ସେ ସୁଇସାଇଡ ନୋଟ୍‌ରେ ପୂର୍ବତନ ଡିଜିପି ଶତ୍ରୁଜିତ କପୁରଙ୍କ ସମେତ ଅନ୍ୟ ଅଧିକାରୀଙ୍କ ବିରୋଧରେ ଉତ୍ପୀଡ଼ନ ଅଭିଯୋଗ ଲଗାଇ ଥିଲେ। ଏହାକୁ ନେଇ ପୂରନଙ୍କ ଆଇଏଏସ ପତ୍ନୀ ଡିଜିପିଙ୍କୁ ହଟାଇବା ପାଇଁ ଦାବି କରିଥିଲେ। ବିବାଦ ବଢ଼ିବାରୁ ଅକ୍ଟୋବର ୧୪ରେ କପୁରଙ୍କୁ ୨ ମାସ ପାଇଁ ଛୁଟିରେ ପଠାଇ ଦିଆଯାଇଥିଲା। ଶନିବାର ଏହି ଅବଧି ଶେଷ ହୋଇଥିଲା। ଅନ୍ୟପଟେ ଓପି ସିଂହଙ୍କ ଡିସେମ୍ବର ୩୧ରେ ଅବସର ନେବାକୁ ଯାଉଛନ୍ତି। ଏଥିପାଇଁ ସରକାର ନୂଆ ଡିଜିପି ନିଯୁକ୍ତି କରିବାକୁ ତତ୍ପରତା ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ଏ ନେଇ ୫ ଅଧିକାରୀଙ୍କ ନାମ ୟୁପିଏସସି ପାଖକୁ ପଠା ଯାଇଥିଲା। ତେବେ ଶତ୍ରୁଜିତ ଏବେ ବି ପଦରେ ଅଛନ୍ତି ଏବଂ କାର୍ଯ୍ୟକାଳ ଶେଷ ହୋଇନାହିଁ କହି ୟୁପିଏସସି ଏହାକୁ ଫେରାଇ ଦେଇଥିଲା।

# ଭଗବାନଙ୍କୁ ବି ଶାନ୍ତିରେ ଶୋଇବାକୁ ଦେଉନାହାନ୍ତି

ନୂଆଦିଲ୍ଲୀ, ୧୫।୧୨ (ଏଜେନ୍ସି): ଉତ୍ତର ପ୍ରଦେଶ ମଥୁରାର ବାଙ୍କେ ବିହାରୀ ମନ୍ଦିରରେ ଦର୍ଶନ ଅବଧି ବଢ଼ାଇବା ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଛି। ଟଙ୍କା ନେଇ ମନ୍ଦିରରେ ଭିଆଇପିଙ୍କୁ 'ସ୍ୱତନ୍ତ୍ର ପୂଜା' କରାଇବାରୁ ବ୍ୟବସ୍ଥାକୁ ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଏବଂ ଜଷ୍ଟିସ ବିପୁଲ ପାଞ୍ଚୋଲିଙ୍କ ଖଣ୍ଡପୀଠ ସମାଲୋଚନା କରିଛନ୍ତି। କଡ଼ା ଟିପ୍ପଣୀ ଦେଇ କହିଛନ୍ତି ଯେ ଅପରାହ୍ଣରେ ମନ୍ଦିର ବନ୍ଦ କରିବା ପରେ ଭଗବାନଙ୍କୁ ଶାନ୍ତିରେ ଶୋଇବାକୁ ବି ଦିଆଯାଉ ନାହିଁ। ଭଗବାନଙ୍କୁ ଗୋଟିଏ ମିନିଟ ବି ବିଶ୍ରାମ ନେବାକୁ ଦେଉନାହାନ୍ତି। ଏହି ସମୟରେ ବେଶୀ ସମସ୍ୟା ସୃଷ୍ଟି ହେଉଛି ଏବଂ ଶୋଷଣ କରାଯାଉଛି। ବାଙ୍କେ ବିହାରୀ ମନ୍ଦିରର ଗୋସ୍ୱାମୀ ସମ୍ପ୍ରଦାୟ ପକ୍ଷରୁ ଦାଏର ଆବେଦନ ଉପରେ ସୁପ୍ରିମକୋର୍ଟ ଏହି ଟିପ୍ପଣୀ ଦେଇଛନ୍ତି। ସେପ୍ଟେମ୍ବର ୧୨ ତାରିଖରେ ହୋଇଥିବା ଉଚ୍ଚସ୍ତରୀୟ ପରିଚାଳନା କମିଟି ବୈଠକରେ ଦର୍ଶନ ସମୟ ଦୈନିକ ଅଢେଇ ଘଣ୍ଟା ବଢ଼ାଇବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହାକୁ ଆବେଦନରେ ବିରୋଧ କରାଯାଇଛି।

ଶୁଣାଣି ସମୟରେ ସିଜେଆଇ କହିଥିଲେ ଯେ ଦର୍ଶନ ସମୟକୁ ବଦଳା ଯାଇପାରିବ ନାହିଁ। ଏଥିପାଇଁ ମନ୍ଦିରର ସବୁ ବିଧିବିଧାନର ସମୟ ମଧ୍ୟ ବଦଳୁଛି। ବିଶ୍ରାମ ନେବା ପାଇଁ ଭଗବାନଙ୍କ ସ୍ୱତନ୍ତ୍ର ସମୟ ରହିଛି। ଏହି ଅବଧିରେ ଦଖଲ ଦିଆଯାଇପାରିବ ନାହିଁ। ଭଗବାନ ବିଶ୍ରାମ ନେଉଥିବା ସମୟରେ ତାଙ୍କୁ ଆରାମ କରିବାକୁ ବି ଦିଆଯାଉନି। ସେହି ସମୟରେ ସାଧାରଣ ଶ୍ରଦ୍ଧାଳୁଙ୍କୁ ଦର୍ଶନ ପାଇଁ ଅନୁମତି ନ ଥାଏ। ମାତ୍ର ପ୍ରଭାବଶାଳୀ ଲୋକେ ବିପୁଳ ଅର୍ଥ ଦେଇ ସ୍ୱତନ୍ତ୍ର ପୂଜା କରିପାରୁଛନ୍ତି।

- ସୁପ୍ରିମକୋର୍ଟରେ ବାଙ୍କେ ବିହାରୀଙ୍କ ଦର୍ଶନ ମାମଲା
- ପରିଚାଳନା କମିଟିକୁ ନୋଟିସ୍
- ଟଙ୍କା ଦେଇ ସ୍ୱତନ୍ତ୍ର ପୂଜା କରାଉଛନ୍ତି ଭିଆଇପି



ସେମାନଙ୍କୁ ଏଥିପାଇଁ ଅନୁମତି ଦିଆଯାଉଛି। ମନ୍ଦିରର ଦର୍ଶନ ସମୟ ପରିବର୍ତ୍ତନ, କିଛି ପାରମ୍ପରିକ ଧାର୍ମିକ ପୂଜା ରୋକିବାକୁ ନେଇ କୋର୍ଟ ବାଙ୍କେ ବିହାରୀ ମନ୍ଦିରର ପରିଚାଳନା କମିଟିକୁ ଜବାବ ମାଗିଛନ୍ତି। ଉତ୍ତର ପ୍ରଦେଶ ସରକାରଙ୍କୁ ମଧ୍ୟ ନୋଟିସ ଜାରି କରିଛନ୍ତି। ଜାନୁଆରୀ ପ୍ରଥମ ସପ୍ତାହରେ ଏହି ମାମଲାର ଶୁଣାଣି ହେବ। ସୂଚନାଯୋଗ୍ୟ ଯେ ସୁପ୍ରିମକୋର୍ଟ ଅଗଷ୍ଟରେ ମନ୍ଦିର ପ୍ରଶାସନକୁ ଏକ ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ପର୍ଯ୍ୟବେକ୍ଷଣରେ ରଖିଥିଲେ।

ସେବାୟତଙ୍କ ଓକିଲ କହିଥିଲେ ଯେ ପୂଜା ସମୟ ଅତ୍ୟନ୍ତ ପବିତ୍ର ହୋଇଥାଏ। ଏହାକୁ କଠୋରତାର ସହ ପାଳନ କରାଯାଉଛି। ପୂଜା ସମୟକୁ କେବଳ ପ୍ରାଶାସନିକ ପ୍ରସଙ୍ଗ ଧରାଯାଇପାରିବ ନାହିଁ। କାରଣ ଏହା ପୁରୁଣା ପରମ୍ପରା ସହ ଜଡ଼ିତ। ଏହା ଉପରେ ସିଜେଆଇ କଡ଼ା ଟିପ୍ପଣୀ ଦେଇଥିଲେ। ଭଗବାନଙ୍କ ବିଶ୍ରାମ ସମୟରେ କାହାକୁ ବି ସ୍ୱତନ୍ତ୍ର ଦର୍ଶନ ଅନୁମତି ଦେବା ଅନୁଚିତ ବୋଲି କହିଥିଲେ।

## ଆଜିଠୁ ଶ୍ରୀମନ୍ଦିରରେ ପହିଲି ଭୋଗ

### ରାତି ୨ରେ ଫିଟିବ ଦ୍ୱାର, ଭୋର ସାଢ଼େ ୫ରେ ପହିଲି ଭୋଗ

ପୁରୀ,୧୫।୧୨(ସମିସ): ପବିତ୍ର ଧନୁ ସଂକ୍ରାନ୍ତି ଅବସରରେ ମଙ୍ଗଳବାରଠାରୁ ଶ୍ରୀମନ୍ଦିରରେ ଆରମ୍ଭ ହେବ ମହାପ୍ରଭୁଙ୍କ ପହିଲି ଭୋଗ ନୀତି। ମକର ସଂକ୍ରାନ୍ତି ପୂର୍ବଦିନ ଅର୍ଥାତ୍ ଜାନୁୟାରୀ ୧୩ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ଏହି ନୀତି ଚାଲିବ। ଗତ ଶୁକ୍ରବାର ଅନୁଷ୍ଠିତ ଛତିଶା ନିଯୋଗ ବୈଠକରେ ପହିଲି ଭୋଗ ନୀତିକୁ ଅନୁମୋଦନ ମିଳିଛି। ପହିଲି ଭୋଗ ଧନୁ ସଂକ୍ରାନ୍ତି ଅର୍ଥାତ୍ ଡିସେମ୍ବର ୧୬ ତାରିଖରୁ ଆରମ୍ଭ ହୋଇ ଜାନୁୟାରୀ ୧୩ ପର୍ଯ୍ୟନ୍ତ ଚାଲିବ। ପ୍ରତ୍ୟହ ରାତ୍ର ୨ଟାରେ ଦ୍ୱାରଫିଟା, ଭିତର ଶୋଧ ୨ଟା ୩୦, ୩ଟାରେ ମଙ୍ଗଳ ଆଳତି ନୀତି ସମ୍ପନ୍ନ ହେବ। ଭୋର୍ ସାଢ଼େ ୫ରୁ



୬ଟା ମଧ୍ୟରେ ପହିଲି ଭୋଗ ନୀତି ବଢ଼ିବ। ସକାଳ ୬ଟା ୩୦ରୁ ୮ଟା ସକାଳ ଧୂପ (କେବଳ କୋଠଭୋଗ), ୮ଟା ୨୦ରୁ ୧୦ଟା ଭୋଗମଣ୍ଡପ, ୧୦ଟା ୩୦ରୁ ମଧ୍ୟାହ୍ନ ୧୨ଟା ମଧ୍ୟାହ୍ନ ଧୂପ (କେବଳ କୋଠଭୋଗ), ୭ଟା ୪୫ରୁ ୯ଟା ୩୦ ଦ୍ୱିତୀୟ ଭୋଗମଣ୍ଡପ ହୋଇ ଅନ୍ୟାନ୍ୟ ନୀତି ଚାଲିବ। ଅପରାହ୍ଣ ୫ଟାରେ ସନ୍ଧ୍ୟା ଆଳତି, ୬ଟା ୩୦ରୁ ରାତି ୮ଟା ସନ୍ଧ୍ୟାଧୂପ, ୯ଟାରେ ଚନ୍ଦନଲାଗି, ୧୦ଟାରେ ବଡ଼ସିଂହାର ବେଶ, ୧୦ଟା ୩୦ ବଡ଼ସିଂହାର ଭୋଗ ଏବଂ ୧୧ଟାରେ ରାତ୍ରପହୁଡ଼ ନୀତି ସମ୍ପନ୍ନ ଲାଗି ନୀତି ନିର୍ଘଣ୍ଟ ହୋଇଛି।

## ଟାଟା ପାୱାରର ଅତିରିକ୍ତ ସୁରକ୍ଷା ଜମା ଡିମାଣ୍ଡକୁ ନେଇ ବଢ଼ୁଛି ବିବାଦ

- ଡିମାଣ୍ଡ ନୋଟିସ ଓଇଆରସି ବଣ୍ଟନ (ଯୋଗାଣ ସର୍ତ୍ତାବଳୀ) କୋଡ୍ ଦ୍ୱାରା ପରିଚାଳିତ: ଟିପିସିଓଡିଏଲ
- ସୁରକ୍ଷା ଜମା ପର୍ଯ୍ୟାପ୍ତ ଅଛିକି ନାହିଁ ପ୍ରତିବର୍ଷ ହୁଏ ସମୀକ୍ଷା, ଜମା ଅଧିକ ଥିଲେ କମ୍ପାନୀ କରିବ ଟଙ୍କା ଫେରସ୍ତ
- ସ୍ପଷ୍ଟୀକରଣ ଉପରେ ଶକ୍ତି ସମୀକ୍ଷକଙ୍କ ମତ, ଅତିରିକ୍ତ ସୁରକ୍ଷା ଜମା ଟଙ୍କା ଆଦାୟ ଟାଟାର ଇଚ୍ଛାଧିନ ବ୍ୟାପାର
- ୪ ବର୍ଷ ହେଲାଣି ବଢ଼ିନି ବିଜୁଳି ଦର, କମ୍ପାନୀ କାହିଁକି କଲା ସୁରକ୍ଷା ଜମା ସମୀକ୍ଷା

ଭୁବନେଶ୍ୱର,୧୫।୧୨(ସମିସ): ଟାଟା ପାୱାର ପକ୍ଷରୁ ଗ୍ରାହକଙ୍କ ନିକଟରୁ ଅତିରିକ୍ତ ସୁରକ୍ଷା ଜମା ବାବଦରେ ଅତିରିକ୍ତ ଦେୟ ଦାଖଲ ପାଇଁ ନୋଟିସକୁ ନେଇ ଉପଭୋକ୍ତା ମହଲରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ଏପରିକି ୪ ବର୍ଷ ଧରି ବିଜୁଳି ଦର ବୃଦ୍ଧି କରାଯାଇ ନ ଥିବା ବେଳେ, କମ୍ପାନୀ କାହିଁକି ସୁରକ୍ଷା ଜମା ସମୀକ୍ଷା କଲା ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଅତିରିକ୍ତ ଜମାକୁ ନେଇ ଗ୍ରାହକଙ୍କ ଅସନ୍ତୋଷ ପ୍ରରିପେକ୍ଷୀରେ ସ୍ପଷ୍ଟୀକରଣ ରଖିଛି ଟିପିସିଓଡିଏଲ (ଟାଟା ପାୱାର ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ)। କିଛି ଉପଭୋକ୍ତାଙ୍କୁ ଜାରି କରାଯାଇଥିବା ଅତିରିକ୍ତ ସୁରକ୍ଷା ଜମା (ଏଏସଡି) ଡିମାଣ୍ଡ ନୋଟିସ୍ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆରସି) ବଣ୍ଟନ (ଯୋଗାଣ ସର୍ତ୍ତାବଳୀ) କୋଡ୍, ୨୦୧୯ ଦ୍ୱାରା ପରିଚାଳିତ ଅଟେ। ଏହା ଏକ ବାଧ୍ୟତାମୂଳକ ବାର୍ଷିକ ବୈଧାନିକ ଅନୁପାଳନ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଅପରପକ୍ଷେ ଟାଟା ପାୱାରର ଉପରୋକ୍ତ ସ୍ପଷ୍ଟୀକରଣକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ଶକ୍ତି ସମୀକ୍ଷକ। ଓଡ଼ିଶା ବିଦ୍ୟୁତ୍ ଆୟୋଗ ଜାରି କରିଥିବା ଅଧିନିୟମ ଧାରା ୫୨, ୫୩, ୫୪ ଓ ୫୫ ଅନୁସାରେ ସୁରକ୍ଷା ଜମାଟଙ୍କା ଆଦାୟ କରିବା ବାଧ୍ୟତାମୂଳକ ହୋଇଥିବା ବେଳେ ଅତିରିକ୍ତ ସୁରକ୍ଷା ଜମାଟଙ୍କା ଆଦାୟ କରିବା ବାଧ୍ୟତାମୂଳକ ନୁହେଁ। ଏହା ଟାଟାର ଇଚ୍ଛାଧିନ ବ୍ୟାପାର ବୋଲି ଶକ୍ତି ସମୀକ୍ଷକମାନେ ଦାବି କରିଛନ୍ତି।

ଟିପିସିଓଡିଏଲର ଯୁକ୍ତି ଅନୁଯାୟୀ ବିଦ୍ୟୁତ୍ ଆଇନ, ୨୦୦୩ର ଧାରା ୪୭ ଅନୁଯାୟୀ ସୁରକ୍ଷା ଜମା ସଂଗ୍ରହ କରିବା ବାଧ୍ୟତାମୂଳକ ଅଟେ। ଏହି ଆଇନ ବିଦ୍ୟୁତ୍ ବଣ୍ଟନ କମ୍ପାନୀଗୁଡ଼ିକୁ ବିଦ୍ୟୁତ୍ ଯୋଗାଣ ବାବଦରେ ଉପଭୋକ୍ତାଙ୍କଠାରୁ ଉପଯୁକ୍ତ ସୁରକ୍ଷା ରାଶି ଦାବି କରିବାକୁ କ୍ଷମତା ପ୍ରଦାନ କରେ। ଏହି ଆଇନକୁ ଆଧାର କରି ଓଇଆରସି ବଣ୍ଟନ (ଯୋଗାଣ ସର୍ତ୍ତାବଳୀ) କୋଡ୍, ୨୦୧୯ର ନିୟମାବଳୀ ୫୨, ୫୩, ୫୪ ଏବଂ ୫୫ ପ୍ରଣୟନ କରିଛନ୍ତି, ଯାହା ଏହି ପ୍ରକ୍ରିୟାକୁ କଠୋର ଭାବରେ ନିୟନ୍ତ୍ରଣ କରିଥାଏ। ନିୟମାବଳୀ ୫୩ ଅନୁଯାୟୀ ଉପଭୋକ୍ତାଙ୍କ ସୁରକ୍ଷା ଜମା ପର୍ଯ୍ୟାପ୍ତ ଅଛି କି ନାହିଁ ତାହା ପ୍ରତି ବର୍ଷ ସମୀକ୍ଷା କରାଯାଏ। ଏହି ସମୀକ୍ଷା ଗତ ଆର୍ଥିକ ବର୍ଷ (୨୦୨୪-୨୫)ରେ ଉପଭୋକ୍ତାଙ୍କ ହାରାହାରି ବିଦ୍ୟୁତ୍ ବ୍ୟବହାର ଉପରେ ଆଧାରିତ। ଟିପିସିଓଡିଏଲ ଆହୁରି ମଧ୍ୟ କହିଛି ଯେ ଯଦି ଜଣେ ଉପଭୋକ୍ତାଙ୍କ ବିଦ୍ୟୁତ୍ ବ୍ୟବହାର ବୃଦ୍ଧି ପାଇଛି, ତେବେ ପୂର୍ବରୁ ଥିବା ସୁରକ୍ଷା ଜମା (୨ ମାସର ବିଲିଂ ପାଇଁ ଗଣନା କରାଯାଇଥିବା) କମ୍ ପଡିଥାଏ। ତେଣୁ ଉପଭୋକ୍ତାଙ୍କୁ ଏହି ପାର୍ଥକ୍ୟ ରାଶିକୁ ଅତିରିକ୍ତ ସୁରକ୍ଷା ଜମା (ଏଏସଡି) ଭାବରେ ପୈଠ କରିବାକୁ ପଡିଥାଏ। ଅନ୍ୟ ପକ୍ଷରେ, ଯେଉଁ ଉପଭୋକ୍ତା ମାନଙ୍କର ବିଦ୍ୟୁତ୍ ବ୍ୟବହାର ୨୦୨୪-୨୫ ଆର୍ଥିକ ବର୍ଷରେ ହ୍ରାସ ପାଇଛି ଏବଂ ଫଳସ୍ୱରୂପ ସୁରକ୍ଷା ଜମା ଅଧିକ (ଆବଶ୍ୟକ ରାଶିର ୧୦%ରୁ ଅଧିକ) ରହିଛି, ସେମାନେ ସେମାନଙ୍କ ବିଦ୍ୟୁତ୍ ବିଲରେ ଆଡଜଷ୍ଟମେଣ୍ଟ ମାଧ୍ୟମରେ ଅତିରିକ୍ତ ରାଶି ଫେରସ୍ତ ପାଇବାକୁ ଯୋଗ୍ୟ ଅଟନ୍ତି ବୋଲି କମ୍ପାନୀ ସ୍ପଷ୍ଟ କରିଛି।

ଅପରପକ୍ଷେ ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ରଙ୍କ ଅନୁଯାୟୀ ଉପଭୋକ୍ତାଙ୍କଠାରୁ ଅତିରିକ୍ତ ସୁରକ୍ଷା ଜମାଟଙ୍କା ଆଦାୟ କରିବା ବାଧ୍ୟତାମୂଳକ ନୁହେଁ, ଏହା ଟାଟାର ଇଚ୍ଛାଧିନ ବ୍ୟାପାର। ଆୟୋଗଙ୍କ ଅଧିନିୟମ ଅନୁସାରେ ଯେଉଁ ବର୍ଷ ଆୟୋଗ ଟାରିଫ୍ ବୃଦ୍ଧି କରିବେ ତାର ପରବର୍ଷ ବିତରଣ କମ୍ପାନୀ ନିଜ ପାଖରେ ଗଚ୍ଛିତ ଥିବା ସୁରକ୍ଷା ଜମାଟଙ୍କାକୁ ସମୀକ୍ଷା କରିବ। ଏଥିପାଇଁ ଉପଭୋକ୍ତାର ପୂର୍ବବର୍ଷରେ ବ୍ୟବହାର କରିଥିବା ବିଦ୍ୟୁତ୍ ପରିମାଣର ଦୁଇ ମାସର ହାରାହାରି ବ୍ୟବହାର ନିର୍ଣ୍ଣୟ କରି ସୁରକ୍ଷା ଜମାଟଙ୍କା ହିସାବ କରନ୍ତି। ଯଦି ଅକଳିତ ସୁରକ୍ଷା ଜମା ଗଚ୍ଛିତ ଥିବା ସୁରକ୍ଷା ଜମାର ୧୦% ଠାରୁ ଅଧିକ ହୁଏ, ତେବେ ବିତରଣ କମ୍ପାନୀ ଅତିରିକ୍ତ ସୁରକ୍ଷା ଜମା ଆଦାୟ କରିବେ। ଆୟୋଗ ଏପରି ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିବା ବେଳେ ଗତ ଚାରି ବର୍ଷ ଧରି ରାଜ୍ୟରେ ଟାରିଫ ବୃଦ୍ଧି ହୋଇନାହିଁ। ଏପରିସ୍ଥଳେ କେଉଁ କାରଣରୁ ବିତରଣ କମ୍ପାନୀ ସୁରକ୍ଷା ଜମା ସମୀକ୍ଷା କଲେ ବୋଲି ଶ୍ରୀ ମହାପାତ୍ର ପ୍ରଶ୍ନ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଗତବର୍ଷ ବିବାଦୀୟ ଭାବେ ଟାଟା ଅଧିକ ଆଦାୟ କରିଥିବା ଅତିରିକ୍ତ ସୁରକ୍ଷା ଜମାଟଙ୍କାକୁ ନେଇ ଦାୟର ମାମଲା ଆୟୋଗଙ୍କ ବିଚାରାଧୀନ ଥିବାବେଳେ ଓ ଟାଟା ତାହାକୁ ଫେରସ୍ତ ନକରି ପୁଣି ଚଳିତ ବର୍ଷରେ ଅତିରିକ୍ତ ସୁରକ୍ଷା ଜମାଟଙ୍କା ଆଦାୟ କରିବା ପାଇଁ ନୋଟିସ ଦେବା ଓ ତାହାକୁ ଆଦାୟ କରିବା ପାଇଁ ନିଶ୍ଚିତ ପ୍ରକ୍ରିୟା ଆରମ୍ଭ କରିବା ସଂପୂର୍ଣ୍ଣ ବେଆଇନ୍ ଅଟେ। ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ ଏହା ଉପରେ ଉଚିତ୍ ପଦକ୍ଷେପ ଗ୍ରହଣ କରିବା ପାଇଁ ଉପଭୋକ୍ତା ମହଲରେ ଦାବି ହେଉଥିବା ସେ କହିଛନ୍ତି।

## ଆୟୁର୍ବେଦିକ୍ ଓ ହୋମିଓପାଥିକ୍ ପିଜି ଛାତ୍ରଛାତ୍ରୀଙ୍କ ଷ୍ଟାଇପେଣ୍ଡ ବୃଦ୍ଧି

ଭୁବନେଶ୍ୱର,୧୫।୧୨(ସମିସ): ରାଜ୍ୟର ବିଭିନ୍ନ ସରକାରୀ ଆୟୁର୍ବେଦିକ୍ ଓ ହୋମିଓପାଥିକ୍ କଲେଜ୍‌ରେ ପଢୁଥିବା ପିଜି ଛାତ୍ରଛାତ୍ରୀଙ୍କ ପାଇଁ ମିଳୁଥିବା ଷ୍ଟାଇପେଣ୍ଡ ବୃଦ୍ଧି ହୋଇଛି। ଆୟୁର୍ବେଦ ଓ ହୋମିଓପାଥିକ୍ ଚିକିତ୍ସା କ୍ଷେତ୍ରରେ ଛାତ୍ରଛାତ୍ରୀ ମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶ କ୍ରମେ ଏହି ନିଷ୍ପତ୍ତି ନିଆଯାଇଛି। ଏହାଦ୍ୱାରା ଉଭୟ ପାଠ୍ୟକ୍ରମରେ ପିଜି କରୁଥିବା ୧୨୦ ଜଣ ଛାତ୍ରଛାତ୍ରୀ ଉପକୃତ ହେବେ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି। ଏହି ନୂତନ ଷ୍ଟାଇପେଣ୍ଡ ୨୦୨୬ ଜାନୁଆରୀ ପହିଲାରୁ ଲାଗୁହେବ। ଏହି ନିଷ୍ପତ୍ତି ଅନୁଯାୟୀ ପିଜି ପ୍ରଥମ ବର୍ଷର ଛାତ୍ରଛାତ୍ରୀ ମାନଙ୍କ ଷ୍ଟାଇପେଣ୍ଡରେ ୫୫ ପ୍ରତିଶତ ବୃଦ୍ଧି କରାଯାଇଛି। ପୂର୍ବରୁ ସେମାନଙ୍କ ମାସିକ ଷ୍ଟାଇପେଣ୍ଡ ୩୧ ହଜାର ଟଙ୍କା ଥିବାବେଳେ, ବର୍ତ୍ତମାନ ଏହା ୪୮ ହଜାର ଟଙ୍କାକୁ ବୃଦ୍ଧି ପାଇଛି। ସେହିପରି ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀମାନଙ୍କ ଷ୍ଟାଇପେଣ୍ଡରେ ୬୨ ପ୍ରତିଶତ ବୃଦ୍ଧି ସହ ଏହା ୩୨ ହଜାରରୁ ୫୨ ହଜାରକୁ ବୃଦ୍ଧି ପାଇଛି। ତୃତୀୟ ବର୍ଷ ଛାତ୍ରଛାତ୍ରୀଙ୍କୁ ମିଳୁଥିବା ଷ୍ଟାଇପେଣ୍ଡରେ ୬୭ ପ୍ରତିଶତ ବୃଦ୍ଧି ସହ ଏହି ରାଶିର ପରିମାଣ ମାସକୁ ୩୩ ହଜାରରୁ ୫୫ ହଜାରକୁ ବୃଦ୍ଧି ପାଇଛି। ସେହିପରି ସରକାରୀ ଆୟୁର୍ବେଦିକ ଓ ହୋମିଓପାଥିକ ମେଡିକାଲ କଲେଜର ହାଉସ୍ ସର୍ଜନ ମାନଙ୍କ ଷ୍ଟାଇପେଣ୍ଡ ୧୭ ହଜାରରୁ ୩୦ ହଜାରକୁ ବୃଦ୍ଧି କରାଯାଇଛି। ଏହା ଚଳିତ ବର୍ଷ ଅଗଷ୍ଟ ପହିଲାରୁ ଲାଗୁହେବ ବୋଲି ରାଜ୍ୟ ସରକାର ଘୋଷଣା କରିଛନ୍ତି। ଏହାଦ୍ୱାରା ଛାତ୍ରଛାତ୍ରୀମାନେ ଶିକ୍ଷା ଓ ରୋଗୀ ସେବାରେ ଅଧିକ ମନୋନିବେଶ କରି ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇଦେବେ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି।

**ନୂଆବର୍ଷରୁ ଲାଗୁ ହେବ ନିୟମ, ଅଗଷ୍ଟରୁ ପିଛିଲା ଭାବେ ଲାଗୁ**

## ଓଡ଼ିଶା ପୁଲିସ୍‌ର ନୂତନ ୱେବସାଇଟ୍ ଲୋକାର୍ପଣ

କଟକ, ୧୫ ।୧୨(ସମିସ): ଓଡ଼ିଶା ପୁଲିସର ସେବା ଓ ପାରଦର୍ଶିତାକୁ ଆହୁରି ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଆଧୁନିକ ଜ୍ଞାନକୌଶଳରେ ନିର୍ମିତ ଏକ ନୂତନ ୱେବସାଇଟ୍ (police.odisha.gov.in)କୁ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ଆଜି ଲୋକାର୍ପଣ କରିଛନ୍ତି। ରାଜ୍ୟ ପୁଲିସ ମୁଖ୍ୟାଳୟଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ପ୍ରସ୍ତୁତ ହୋଇଥିବା ଏହି ୱେବସାଇଟକୁ ଡିଜିପି ଉନ୍ମୋଚନ କରିଥିଲେ। ଆଗାମୀ ଦିନରେ ସାଧାରଣ ଲୋକଙ୍କ ନିମନ୍ତେ ଏହି ୱେବସାଇଟ୍‌ଟି ବହୁ ଉପଯୋଗୀ ହେବା ସହ ଏହା ମାଧ୍ୟମରେ ଲୋକମାନେ ପୁଲିସ ବିଭାଗର ବହୁ ଗୁରୁତ୍ୱପୂର୍ଣ୍ଣ ସୂଚନା ପାଇପାରିବେ ବୋଲି ଡିଜିପି ମତପ୍ରକାଶ କରିଛନ୍ତି। ନୂତନ ୱେବସାଇଟ୍‌ରେ ସାଧାରଣ ନାଗରିକଙ୍କ ପାଇଁ ବିଭିନ୍ନ ଅନଲାଇନ୍ ସେବା, ପୁଲିସ ସୂଚନା, ନୋଟିସ୍, ପ୍ରେସ୍ ବିଜ୍ଞପ୍ତି, ନିଯୁକ୍ତି ସମ୍ବନ୍ଧୀୟ ତଥ୍ୟ, ଟ୍ରାଫିକ୍ ଓ ସୁରକ୍ଷା ସଚେତନତା, ନାଗରିକ ସେବା, ଅପରାଧ ନିରୋଧକ ପଦକ୍ଷେପ, ଗୁରୁତ୍ୱପୂର୍ଣ୍ଣ ସୂଚନା, ଆଇନଗତ ବ୍ୟବସ୍ଥା ଭଳି ସୂଚନା ଉପଲବ୍ଧ ରହିଛି। ଏହି ନୂତନ ୱେବସାଇଟ୍ ଓଡ଼ିଶା ପୁଲିସ ଓ ସାଧାରଣ ଜନତାଙ୍କ ମଧ୍ୟରେ ଯୋଗାଯୋଗକୁ ଆହୁରି ସୁଦୃଢ଼ କରିବ। କାର୍ଯ୍ୟକ୍ରମରେ ଏସ୍‌ଏଫ୍‌ଏସଏଲ୍‌ର ନିର୍ଦ୍ଦେଶକ ଡ. ସନ୍ତୋଷ ବାଲା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ(ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ପ୍ରତୀକ ମହାନ୍ତି, ଡିଆଇଜି(ପ୍ରୋଭିଜନିଙ୍ଗ) ଚରଣ ସିଂ ମିନାଙ୍କ ସମେତ ଆଭାସୀ ମାଧ୍ୟମରେ ସମସ୍ତ ଜିଲ୍ଲା ଏସପି ଓ ବାଟାଲିୟନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।


**ଓଡ଼ିଆ ଓ ଇଂରାଜୀ ଭାଷାରେ ମିଳିପାରିବ ସୂଚନା**

### ଏସ୍‌ଆଇଆର ପ୍ରସଙ୍ଗରେ ସାଂସଦ ମାନସଙ୍କ ଉଦ୍‌ବେଗ

## ସଂସ୍କାର ସନ୍ଦେହ ନୁହେଁ; ଆତ୍ମବିଶ୍ୱାସ ସୃଷ୍ଟି କରିବା ଆବଶ୍ୟକ

- ସ୍ୱଚ୍ଛ ଓ ସଠିକ୍ ଭୋଟର ତାଲିକା ପ୍ରସ୍ତୁତି ସର୍ବଦା ସ୍ୱାଗତଯୋଗ୍ୟ
- ସମ୍ପ୍ରତି ଏସ୍‌ଆଇଆର କାର୍ଯ୍ୟକାରିତାକୁ ନେଇ ସାରା ଦେଶରେ ଚିନ୍ତା

ଭୁବନେଶ୍ୱର,୧୫।୧୨(ସମିସ): ଦେଶରେ ବିଭିନ୍ନ ରାଜ୍ୟରେ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ(ଏସ୍‌ଆଇଆର)କୁ ନେଇ ସୋମବାର ରାଜ୍ୟସଭାରେ ଉଦବେଗ ପ୍ରକାଶ କରିଛନ୍ତି ବିଜେଡି ରାଜ୍ୟସଭା ସାଂସଦ ମାନସ ରଞ୍ଜନ ମଙ୍ଗରାଜ। ଏକ ସ୍ୱଚ୍ଛ ଓସଠିକ୍ ଭୋଟର ତାଲିକା ଆବଶ୍ୟକତାକୁ କେହି ବିରୋଧ କରୁନାହାନ୍ତି। ମାତ୍ର ସମ୍ପ୍ରତି ଯେଉଁଭଳି ଭାବେ ଏସ୍‌ଆଇଆର୍ କାର୍ଯ୍ୟକାରୀ ହେଉଛି, ତାହା ସାରା ଦେଶରେ ଗମ୍ଭୀର ଚିନ୍ତାର କାରଣ ପାଲଟିଛି। ନିର୍ବାଚନ ସଂସ୍କାର ଦ୍ୱାରା ଆତ୍ମବିଶ୍ୱାସ ସୃଷ୍ଟି ହେବା ଉଚିତ, ସନ୍ଦେହ ନୁହେଁ ବୋଲି ସେ ମତବ୍ୟକ୍ତ କରିଛନ୍ତି।



ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ଶ୍ରୀ ମଙ୍ଗରାଜ କହିଛନ୍ତି ଯେ ତୃଣମୂଳସ୍ତରରୁ ଆସୁଥିବା ରିପୋର୍ଟ ଅନୁସାରେ ଏସ୍‌ଆଇଆର କାର୍ଯ୍ୟନ୍ୱୟନ ବେଳେ ପ୍ରକୃତ ଭୋଟରମାନଙ୍କୁ ଏକାଧିକ ଡକ୍ୟୁମଣ୍ଟ(କାଗଜପତ୍ର) ଦାଖଲ କରିବାକୁ କୁହାଯାଇଛି। ଯାହାଫଳରେ ଗରିବ, ପ୍ରବାସୀ ଶ୍ରମିକ, ଦିନ ମଜୁରିଆ ଏବଂ ଦୁର୍ଗମ ଏବଂ ସୀମାବର୍ତ୍ତୀ ଅଞ୍ଚଳର ଲୋକମାନେ ଏହାଦ୍ୱାରା ସବୁଠାରୁ ଅଧିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯେତେବେଳେ ଯୋଗ୍ୟ ନାଗରିକମାନେ ଭୋଟର ତାଲିକାରୁ ବାଦ ପଡ଼ିବାର ଭୟ କରନ୍ତି, ଏହା ଆଉ ସଂସ୍କାର ନୁହେଁ-ଏହା ଏକରକମ ବହିଷ୍କାର। ବର୍ତ୍ତମାନ ଚାଲିଥିବା ଏସ୍‌ଆଇଆର କାର୍ଯ୍ୟର ସମୟ ଅତ୍ୟନ୍ତ ଚିନ୍ତାଜନକ। ଅନେକ ରାଜ୍ୟରେ ବିଧାନସଭା ନିର୍ବାଚନ ପୂର୍ବରୁ ଏଭଳି ବ୍ୟାପକ ସଂଶୋଧନ ସନ୍ଦେହ ଓ ଅବିଶ୍ୱାସ ସୃଷ୍ଟି କରିଛି। ଶ୍ରୀ ମଙ୍ଗରାଜ ପୁଣି କହିଛନ୍ତି ଯେ ଏଯାବତ୍ ଏକ ମୌଳିକ ପ୍ରଶ୍ନର କୌଣସି ସ୍ପଷ୍ଟ ଉତ୍ତର ମିଳୁନାହିଁ। ଏସ୍‌ଆଇଆର କେବଳ ଏକ ଭୋଟର ତାଲିକା ସଂଶୋଧନ, ନା ଏହା ବର୍ତ୍ତମାନ ନାଗରିକତ୍ୱ ଯାଞ୍ଚର ଏକ ବିକଳ୍ପ ତାହା ବି ସ୍ପଷ୍ଟ ନୁହେଁ। ନିର୍ବାଚନ କମିଶନଙ୍କଠାରୁ ଏନେଇ କୌଣସି ସ୍ପଷ୍ଟୋକ୍ତିର ଅଭାବ ଅନାବଶ୍ୟକ ଉଦେବେଗ ସୃଷ୍ଟି କରିଛି। ଏଭଳି ସମ୍ବେଦନଶୀଳ ପ୍ରସଙ୍ଗରେ ନିରବତା ଆଦୌ ଗ୍ରହଣୀୟ ନୁହେଁ। ତେଣୁ ଏ କ୍ଷେତ୍ରରେ ତେଣୁ ମୁଁ ତୁରନ୍ତ ସୁଧାରାତ୍ମକ କାର୍ଯ୍ୟାନୁଷ୍ଠାନ ଦାବି କରୁଛି। କମିଶନଙ୍କ ପକ୍ଷରୁ ଏନଇ ସ୍ପଷ୍ଟ ଏବଂ ଏକକ ନିର୍ଦ୍ଦେଶାବଳୀ ଜାରି କରାଯିବାର ଆବଶ୍ୟକତା ରହିଛି। ଏହାସହ ଡକ୍ୟୁମେଣ୍ଟେସନ ଆବଶ୍ୟକତାକୁ ସରଳ କରାଯିବା ଆବଶ୍ୟକ। ଏଥିପାଇଁ ପର୍ଯ୍ୟାପ୍ତ ସମୟ ଦିଆଯିବା ଆବଶ୍ୟକ ବୋଲି ଶ୍ରୀ ମଙ୍ଗରାଜ ପ୍ରସ୍ତାବ ଦେଇଛନ୍ତି। ଟେକ୍ନୋଲୋଜି ଭୋଟରମାନଙ୍କୁ ସାହାଯ୍ୟ କରିବା ଉଚିତ, ସେମାନଙ୍କୁ ଭୟଭୀତ କରିବା ଉଚିତ ନୁହେଁ। ପ୍ରବାସୀ ଶ୍ରମିକ, ବରିଷ୍ଠ ନାଗରିକ, ଭିନ୍ନକ୍ଷମ ବ୍ୟକ୍ତି ଏବଂ ପ୍ରଥମ ଥର ଭୋଟରଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା ଶିବିର ପ୍ରତିଷ୍ଠା କରାଯିବାର ଆବଶ୍ୟକତା ରହିଛି। ସେହିପରି ଭ୍ରାମ୍ୟମାଣ ଦଳଗୁଡ଼ିକ(ମୋବାଇଲ ଟିମ) ଦୁର୍ଗମ ଏବଂ ସୀମାବର୍ତ୍ତୀ ଅଞ୍ଚଳରେ ପହଞ୍ଚିବା ଆବଶ୍ୟକ । ମତଦାନ ଏକ ସାମ୍ବିଧାନିକ ଅଧିକାର। ଯେ କୌଣସି ଅପସାରଣ ବେଳେ ଉଚିତ ପ୍ରକ୍ରିୟା, ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ଅନୁସରଣ କରିବା ଆବଶ୍ୟକ। କୌଣସି ପ୍ରକୃତ ଭୋଟର ଯେପରି ଭୁଲ ଭାବେ ବାଦ୍ ପଡ଼ୁନାହାନ୍ତି, ତାହା ସୁନିଶ୍ଚିତ କରିବା ପାଇଁ ଏସ୍‌ଆଇଆରପରବର୍ତ୍ତୀ ଅଡିଟ୍ ଜରୁରୀ । ଯଦି ଆମେ ପ୍ରକୃତରେ 'ଜଣେ ବ୍ୟକ୍ତି, ଗୋଟିଏ ଭୋଟ୍' ମୂଲ୍ୟବୋଧରେ ବିଶ୍ୱାସ କରୁ, ତେବେ ଗଣତନ୍ତ୍ରକୁ ମଜବୁତ କରାଯିବା ଉଚିତ, ଏହାକୁ ଦୁର୍ବଳ କରିବା ଉଚିତ ନୁହେଁ। ଏହି ଗୃହ ଏହି ସଂସ୍କାରକୁ ସମର୍ଥନ କରେ। ମାତ୍ର ଏହା ପ୍ରକୃତ ଭୋଟରଙ୍କ ମତଦାନ ଅଧିକାରରୁ ବଞ୍ଚିତକୁ କଦାପି ସମର୍ଥନ କରିବ ନାହିଁ ବୋଲି ଶ୍ରୀ ମଙ୍ଗରାଜ ସ୍ପଷ୍ଟ କରିଛନ୍ତି।


### ବିଧାୟକଙ୍କ ଦରମା ବୃଦ୍ଧି ବିଲ୍‌କୁ ନାମଞ୍ଜୁର ପାଇଁ ରାଜ୍ୟପାଳଙ୍କୁ ନିବେଦନ

## ବିଲ୍ ଫେରାଇଦେବାକୁ ଦାବିକଲା ସିପିଆଇ(ଏମ୍)

ଭୁବନେଶ୍ୱର,୧୫ ।୧୨(ସମିସ): ଗତ ଡିସେମ୍ବର ୯ ତାରିଖରେ ଓଡ଼ିଶା ବିଧାନସଭାରେ ବିଧାୟକ, ପୂର୍ବତନ ବିଧାୟକ ମାନଙ୍କ ପାଇଁ ଦରମା, ଭତ୍ତା ଏବଂ ପେନସନ ବୃଦ୍ଧି (ସଂଶୋଧନ) ବିଲ୍ -୨୦୨୫ ପାରିତ ହୋଇଛି। ଏହି ବିଲକୁ ରାଜ୍ୟପାଳ ମଞ୍ଜୁରୀ ନଦେବା ପାଇଁ ଏବଂ ରାଜ୍ୟବାସୀଙ୍କ ସ୍ୱାର୍ଥରେ ବିଲ୍‌ଗୁଡିକୁ ଫେରାଇ ଦେବା ଦାବି କରି ସିପିଆଇ(ଏମ୍) ପକ୍ଷରୁ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ସୋମବାର ଦଳର ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟାପାଳଙ୍କୁ ସାକ୍ଷାତ କରି ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସ୍ମାରକପତ୍ର ପ୍ରଦାନ କରିବା ସହ ରାଷ୍ଟ୍ରପତି ଏବଂ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରାଯିବ ଓ ରାଜ୍ୟବ୍ୟାପୀ ପ୍ରତିବାଦ ଆନ୍ଦୋଳନ ସଂଗଠିତ କରିବା ପାଇଁ ଘୋଷଣା କରିଛି।

**ରାଷ୍ଟ୍ରପତିଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ରାଜ୍ୟବ୍ୟାପୀ ପ୍ରତିବାଦ କରିବ ଦଳ**

ବର୍ତ୍ତମାନ ଓଡିଶାରେ ଭୟଙ୍କର ବେକାରୀ ସମସ୍ୟା, ଗମ୍ଭୀର ଦାଦନ ସମସ୍ୟା, କୃଷି ସଂକଟ, ଆକାଶ ଛୁଆଁ ଦରବୃଦ୍ଧି, ଋଣଭାର ବୋଝ, ସକଳ ସ୍ତରର ଶ୍ରମିକ ଏବଂ କର୍ମଚାରୀମାନେ ନ୍ୟାୟ ସଙ୍ଗତ ସର୍ବନିମ୍ନ ମଜୁରୀ ପାଉ ନଥିବା ବେଳେ ନିର୍ବାଚିତ ଜନ ପ୍ରତିନିଧିମାନଙ୍କ ପାଇଁ ଏହିଭଳି ଦରମା, ଭତ୍ତା ଏବଂ ପେନସନ ବୃଦ୍ଧି ଚରମ ଅନ୍ୟାୟ ଏବଂ ଜନ ବିରୋଧୀ ନୀତି ବୋଲି ସିପିଆଇ(ଏମ୍) କହିଛି। ସାଂସଦ ଏବଂ ବିଧାୟକମାନେ ଦେଶ ଓ ରାଜ୍ୟର ମାଲିକ ନୁହଁନ୍ତି। ଜନଗଣ ହିଁ ଦେଶ ଓ ରାଜ୍ୟର ମାଲିକ। ସଂସଦୀୟ ବ୍ୟବସ୍ଥାରେ ସାଂସଦ ଏବଂ ବିଧାନସଭାରେ



ଲୋକଙ୍କ ସ୍ୱାର୍ଥ ପାଇଁ ନୀତି ପ୍ରଣୟନ କରିବା ହେଉଛି ବିଧାୟକ ଏବଂ ସାଂସଦମାନଙ୍କର ମୌଳିକ କାମ ଏବଂ ସାମ୍ବିଧାନିକ ଦାୟିତ୍ୱ। କିନ୍ତୁ ବିଡ଼ମ୍ବନାର ବିଷୟ ହେଉଛି ଯେ ଓଡିଶାରେ ଜନପ୍ରତିନିଧିମାନେ ନିଜ ସ୍ୱାର୍ଥ ପାଇଁ ଶାସକ-ବିରୋଧୀ ଏକାଠି ହୋଇ ଲୁଟିବା ପାଇଁ ଆଇନ ପ୍ରଣୟନ କରୁଛନ୍ତି। ବର୍ଦ୍ଧିତ ଦରମା ଏବଂ ଭତ୍ତା ସବୁ ରାଜ୍ୟର ମାସିକ ଦରମା ଏବଂ ଭତ୍ତାକୁ ଅତିକ୍ରମ କରି ଯାଇଛି। ଏହା ଓଡ଼ିଶାବାସୀଙ୍କ ଯନ୍ତ୍ରଣା ଏବଂ ସମସ୍ୟା ପ୍ରତି କ୍ରୁର ଉପହାସ ବୋଲି ଦଳ କହିଛି। କୃଷକ ଆନ୍ଦୋଳନ ଏବଂ ଜନସାଧାରଣଙ୍କ ଚାପରେ ଜନବିରୋଧୀ ତିନୋଟି କୃଷି ଆଇନ ବାତିଲ ହୋଇଥିଲା। ବର୍ତ୍ତମାନ୍ ବିଧାୟକ ମାନଙ୍କ ଦରମା, ଭତ୍ତା ଏବଂ ପେନସନ ବୃଦ୍ଧି ସମ୍ପର୍କିତ ଜନ ବିରୋଧୀ ବିଲ୍‌ଗୁଡିକ କାହିଁକି ବାତିଲ ହୋଇପାରିବ ନାହିଁ ବୋଲି ସିପିଆଇ(ଏମ୍) ତରଫରୁ ଯୁକ୍ତି ଉପସ୍ଥାପନ କରାଯାଇଛି। ଏହି ପ୍ରତିନିଧି ଦଳରେ ବରିଷ୍ଠ ନେତା ତଥା ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ବିଷ୍ଣୁ ମହାନ୍ତି, ଦୁଷ୍ମନ୍ତ କୁମାର ଦାସ, ପୁଷ୍ପା ଦାଶ ଏବଂ ବଦ୍ରୀ ନାରାୟଣ ଦାଶ ପ୍ରମୁଖ ସାମିଲ ହୋଇଥିଲେ।

### ଶିମିଳିପାଳ ସମ୍ବେଦନଶୀଳ ଅଞ୍ଚଳରେ ବେଆଇନ ନିର୍ମାଣ

## ଆଦିବାସୀଙ୍କ ଜମିରେ ରିସର୍ଟ ତିଆରି

ବାରିପଦା, ୧୫।୧୨ (ସମିସ): ଶିମିଳିପାଳ ଜାତୀୟ ଉଦ୍ୟାନର ପରିବେଶ ସମ୍ବେଦନଶୀଳ ଅଞ୍ଚଳ (ଇକୋ-ସେନ୍ସିଟିଭ ଜୋନ୍)ରେ ବେଆଇନ ନିର୍ମାଣ। ଆଦିବାସୀଙ୍କ ଜମିରେ ତିଆରି ଚାଲିଛି ରିସର୍ଟ। ସେଠାକୁ ଉଚ୍ଚକ୍ଷମତାସଂପନ୍ନ ବିଦ୍ୟୁତ୍ ସଂଯୋଗ ବି ନିଆଯାଇଛି। ଗୋଟିଏ କି ଦୁଇଟି ନୁହେଁ, ପ୍ରତିଯୋଗିତାମୂଳକ ଭାବେ ଏକାଧିକ ରିସର୍ଟ ବେଆଇନ ଭାବେ ନିର୍ମାଣ ଚାଲିଛି।

**କାମ ବନ୍ଦ କରାଇ ତଦନ୍ତ ନିର୍ଦ୍ଦେଶ ଦେଲେ ଆର୍‌ସିସିଏଫ୍**

ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ବନଖଣ୍ଡ ପ୍ରବେଶ ଫାଟକ ପିଠାବଟା ରେଞ୍ଜ ଲୁଲୁଙ୍ଗ ନିକଟରେ ଦିନ ଦିପହରେ ଏହି କାର୍ଯ୍ୟ ଜାରି ରହିଥିବା ବେଳେ ଦୀର୍ଘଦିନ ପରେ ବନ ବିଭାଗ ଓ ଜିଲ୍ଲା ପ୍ରଶାସନ ଜାଣି ନପାରିବା ନେଇ ପରିବେଶବିତ୍‌ଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି। ତେବେ କିଛି ଦିନ ତଳେ ଏ ବାବଦରେ ଅଭିଯୋଗ ହେବା ପରେ ବାରିପଦା ସର୍କଲ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ(ଆରସିସିଏଫ୍) ତଥା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡ. ପ୍ରକାଶଚାନ୍ଦ ଗୋଗିନେନୀ ସଦଳବଳେ ପହଞ୍ଚି ନିର୍ମାଣ କାର୍ଯ୍ୟ ବନ୍ଦ କରିବା ସହ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ଏହି ଘଟଣାରେ ଏପର୍ଯ୍ୟନ୍ତ କାହାରି ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ନିରୀହ ଆଦିବାସୀଙ୍କୁ ହାତବାରିସି କରି ସେମାନଙ୍କ ଜମିରେ ଏପରି ବେଆଇନ ନିର୍ମାଣ କରିଆସୁଥିବା ପୁଞ୍ଜିପତିଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ପରିବେଶବିତ୍ ମହଲରେ ଦାବି ହୋଇଛି।



୨୦୧୧ ମସିହାର ଗାଇଡଲାଇନ୍ ଏବଂ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ପରିବେଶ ସମ୍ବେଦନଶୀଳ ଅଞ୍ଚଳରେ ବାଣିଜ୍ୟ, ଖଣି ଖନନ, ପ୍ରଦୂଷଣ ସୃଷ୍ଟି କରୁଥିବା ଉଦ୍ୟୋଗ, ଜଳବିଦ୍ୟୁତ୍ ପ୍ରକଳ୍ପ, ନୂତନ ଉଚ୍ଚତା ବିଶିଷ୍ଟ ହୋଟେଲ କିମ୍ବା ରିସର୍ଟ ସ୍ଥାୟୀ ନିର୍ମାଣକୁ ନିଷେଧ କରାଯାଇଛି। ସେହିପରି ନିୟନ୍ତ୍ରିତ କାର୍ଯ୍ୟକଳାପ କ୍ଷେତ୍ରରେ ହୋଟେଲ ଏବଂ ରିସର୍ଟ ନିର୍ମାଣ, ଗଛ କାଟିବା, ବାଣିଜ୍ୟିକ ଜଳ ବ୍ୟବହାର, ରାସ୍ତା ବୃଦ୍ଧି ସହିତ ନୂତନ କଂକ୍ରିଟ ନିର୍ମାଣ, କୃଷି ପ୍ରଣାଳୀରେ ବଡ଼ ପରିବର୍ତ୍ତନ ଭଳି କାର୍ଯ୍ୟଗୁଡ଼ିକ ପାଇଁ ମନିଟରିଂ କମିଟି ବା ସମ୍ବନ୍ଧିତ ଅଧିକାରୀଙ୍କଠାରୁ ଅନୁମତିର ଆବଶ୍ୟକତା ରହିଛି। ସେହିପରି ୨୦୨୨ରେ ସୁପ୍ରିମକୋର୍ଟଙ୍କ ରାୟ ଅନୁଯାୟୀ, ପ୍ରତ୍ୟେକ ସଂରକ୍ଷିତ ଅଞ୍ଚଳରେ ଅତି କମ୍‌ରେ ୧ କିମି ପର୍ଯ୍ୟନ୍ତ ସମ୍ବେଦନଶୀଳ ଅଞ୍ଚଳ ରହିବ ବୋଲି ନିର୍ଦ୍ଦେଶ ରହିଛି। ମାତ୍ର ସବୁ ନିୟମକୁ ଦଳିମକଚି ଏଠାରେ ବେଧଡ଼କ ଭାବେ ରିସର୍ଟ ନିର୍ମାଣ ଓ ଅନ୍ୟାନ୍ୟ କାର୍ଯ୍ୟ ଜାରି ରହିଛି।

ଉଲ୍ଲେଖଯୋଗ୍ୟ, କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ ଦ୍ୱାରା ଏକ ଡ୍ରାଫ୍ଟ ନୋଟିଫିକେସନ୍ ୨୦୧୯ ଜାନୁଆରୀରେ ପ୍ରକାଶ ପାଇଥିଲା। ଏଥିରେ ୦-୧୦କିମି ପର୍ଯ୍ୟନ୍ତ ସମ୍ବେନଶୀଳ ଅଂଚଳ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଯାହାକୁ ନେଇ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଚ୍ୟାଲେଞ୍ଜ ପରେ ଏହା ୦-୫କିମି ପର୍ଯ୍ୟନ୍ତ ସଂଶୋଧିତ ହୋଇଥିଲା। ତେବେ ଉକ୍ତ ଘଟଣାକୁ ନେଇ ଅଦ୍ୟାବଧି ସୁପ୍ରିମକୋର୍ଟରେ ମାମଲା ବିଚାରାଧୀନ ରହିଥିବା ବେଳେ ଖଣି, ପର୍ଯ୍ୟଟନ ଏବଂ ସ୍ଥାନୀୟ ବିକାଶ ସହ ଜଡ଼ିତ ବିବାଦ ରହିଛି। ତେବେ ଅନ୍ତିମ ନୋଟିଫିକେସନ ପ୍ରକାଶ ପାଇ ନଥିବାରୁ ପ୍ରସ୍ତାବିତ ଅଞ୍ଚଳରେ ଅନିୟନ୍ତ୍ରିତ କାର୍ଯ୍ୟକଳାପକୁ ନେଇ ଅଭିଯୋଗ ଉଠିଛି। ଏହାକୁ ନେଇ ଏନ୍‌ଜିଟିରେ ଅଭିଯୋଗ ପରେ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟ ଅତିରିକ୍ତ ସଚିବଙ୍କୁ ତଦନ୍ତ ପୂର୍ବକ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଏ ସଂକ୍ରାନ୍ତରେ ଆରସିସିଏଫ୍ ଗୋଗିନେନୀ କହିଛନ୍ତି, ବେଆଇନ ନିର୍ମାଣକୁ ରୋକ୍ ଲଗାଇବା ପାଇଁ ଜିଲ୍ଲାପାଳଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯିବ। ଏପରିକି, ବିଦ୍ୟୁତ୍ ସଂଯୋଗ କରୁଥିବା ଟିପିଏନ୍‌ଓଡିଏଲ୍ ସଂସ୍ଥା ପକ୍ଷରୁ କୌଣସି ଅନୁମତି ନନେଇ ଏଭଳି କାର୍ଯ୍ୟକଳାପ ଜାରି ରହିଥିବା ସଂପୃକ୍ତ ବିଭାଗକୁ ମଧ୍ୟ ଜଣାଇ ଦିଆଯାଇଛି।

ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ-ଡିଭିଜନ୍‌ର କ୍ଷେତ୍ର ନିର୍ଦ୍ଦେଶକ ସମ୍ରାଟ ଗୌଡ଼ା କହିଛନ୍ତି, ଶିମିଳିପାଳ ଜାତୀୟ ଉଦ୍ୟାନର ସମ୍ବେଦନଶୀଳ ଅଞ୍ଚଳ ନେଇ ଏକ ପ୍ରସ୍ତାବ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଦିଆଯାଇଛି। କେଉଁ ଅଞ୍ଚଳ, କେତେ ଦୂର ମଧ୍ୟରେ ସମ୍ବେଦନଶୀଳ ଭାବେ ରଖାଯିବ, ତାହାକୁ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ସୁପାରିଶ ହୋଇଛି। କେନ୍ଦ୍ର ଜଳବାୟୁ ଓ ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ଗେଜେଟ୍ ନୋଟିଫିକେସନ୍ ପ୍ରକାଶିତ ହୋଇ ନଥିବାରୁ ଆମେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ସକ୍ଷମ ହୋଇପାରୁନାହିଁ। ଜିଲ୍ଲା ପ୍ରଶାସନର ପୂର୍ଣ୍ଣମାତ୍ରାରେ ଦାୟିତ୍ୱ ରହିଥିବା ବେଳେ କମିଟି ଗଠନ ନହେବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ। ଖଣି ମାଫିଆ ଓ ପର୍ଯ୍ୟଟନ ବ୍ୟବସାୟୀ ଏହାର ଫାଇଦା ନେଉଛନ୍ତି। ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ କହିଛନ୍ତି, ଉଚ୍ଚକ୍ଷମତା ସମ୍ପନ୍ନ ଲାଇଟ୍ ଓ ସାଉଣ୍ଡ ବ୍ୟବହାର ଯୋଗୁଁ ଭୟର ବାତାବରଣରେ ବନ୍ୟଜନ୍ତୁ ଅସୁରକ୍ଷିତ ମଣୁଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ନେତ୍ରାନନ୍ଦ ମଲ୍ଲିକ କହିଛନ୍ତି, ଆଦିବାସୀ ଜମି ଲିଜ୍ ଦେବା ଭଳି କୌଣସି ନିୟମ ନାହିଁ। ଏଭଳି ଘଟଣା ଥିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଭୁବନେଶ୍ୱରରେ ହେବ 'ଗ୍ଲୋବାଲ ଭିସା ଆପ୍ଲିକେସନ୍ ସେଣ୍ଟର୍'

**ଭିସା ପାଇଁ ଆଉ କୋଲକତା, ଦିଲ୍ଲୀ, ହାଇଦ୍ରାବାଦ ଦୌଡ଼ିବାକୁ ପଡ଼ିବନି**

ଭୁବନେଶ୍ୱର,୧୫।୧୨(ସମିସ):ଭୁବନେଶ୍ୱରରେ 'ଗ୍ଲୋବାଲ ଭିସା ଆପ୍ଲିକେସନ୍ ସେଣ୍ଟର୍' ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନୁମୋଦନ ଦେଇଛନ୍ତି। ପ୍ରସ୍ତାବିତ ଏହି ଭିସା ସେଣ୍ଟର୍ ବରମୁଣ୍ଡାସ୍ଥିତ ବାବାସାହେବ ଆମ୍ବେଦକର ବସ୍ ଟର୍ମିନାଲ୍ ବିଲ୍‌ଡିଂରେ କାର୍ଯ୍ୟକ୍ଷମ ହେବ। ଏଥିପାଇଁ ରାଜ୍ୟ ସରକାର ୩ ହଜାର ବର୍ଗଫୁଟ୍‌ର ଜାଗା ଯୋଗାଇଦେବେ। ଆନ୍ତର୍ଜାତିକ ଭିସା ପାଇଁ ପୂର୍ବରୁ ରାଜ୍ୟବାସୀଙ୍କୁ କୋଲକାତା, ଦିଲ୍ଲୀ, ହାଇଦ୍ରାବାଦ ଭଳି ଦେଶର ଅନ୍ୟ ସହରକୁ ଯିବା ପାଇଁ ପଡୁଥିଲା। ଭୁବନେଶ୍ୱରରେ ଏକ ଭିସା ସେଣ୍ଟର୍ ପ୍ରତିଷ୍ଠା କରିବା ପାଇଁ ରାଜ୍ୟବାସୀ ବହୁଦିନରୁ ଦାବି କରିଆସୁଥିଲେ। ଏହାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି।

## ଶିକାରୀ ଗୁଳିରେ ଦନ୍ତାହାତୀ ମୃତ

ଅନୁଗୋଳ, ୧୫ ।୧୨ (ସମିସ): ଅନୁଗୋଳ ବନଖଣ୍ଡରେ ବନ୍ୟଜନ୍ତୁ ଅସୁରକ୍ଷିତ ହୋଇପଡ଼ିଛନ୍ତି। ସପ୍ତାହ ତଳେ ଶିକାରୀ ଫାଶରେ ପଡ଼ି କଲରାପତରିଆ ବାଘର ମୃତ୍ୟୁ ହୋଇଥିବା ବେଳେ ଏବେ ଶିକାରୀଙ୍କ ଗୁଳିରେ ଏକ ଦନ୍ତା ହାତୀର ମୃତ୍ୟୁ ହୋଇଛି ।ଅନୁଗୋଳବନଖଣ୍ଡପୋକୁଣ୍ଡାସେକ୍ସନମାଣିକଯୋଡ଼ି ଗାଁ ବଳିଆପଶି ନିକଟରେ ଗୁଳିବିଦ୍ଧ ଦନ୍ତାର ମୃତଦେହ ଉଦ୍ଧାର ହୋଇଛି। ହାତୀଟି ବଳିଆପଶି ଅଞ୍ଚଳକୁ ଆସିଥିବା ବେଳେ ଶିକାରୀମାନେ ତାକୁ ଗୁଳି କରିଥିଲେ। ସୋମବାର ସକାଳେ ଘଟଣା ଜଣାପଡ଼ିବା ପରେ ରେଞ୍ଜର୍‌ଙ୍କ ସହ ବନ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ବାଘ ପରେ ହାତୀକୁ ହତ୍ୟା ଘଟଣା ବନ ବିଭାଗର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।



ସକାଳ
THE SAKALA



# ସମନ୍ୱିତ ଶିଶୁ ବିକାଶ ବିଭାଗର ଖାଦ୍ୟ ଯୋଗାଣ ବ୍ୟାହତ

ଜଳେଶ୍ୱର, ୧୫।୧୨(ସମିସ): ଖାଦ୍ୟ ଯୋଗାଣରେ ସମନ୍ୱିତ ଶିଶୁ ବିକାଶ ବିଭାଗର ଅବହେଳା ଯୋଗୁଁ ୧୫ ଦିନ ବିତିଥିଲେ ମଧ୍ୟ ଅଦ୍ୟାବଧି ହିତାଧିକାରୀଙ୍କୁ ସେମାନଙ୍କ ପ୍ରାପ୍ୟ ମିଳିନଥିବାରୁ ଉଦବେଗ୍ ପ୍ରକାଶ ପାଇଛି। ପ୍ରତିମାସ ୧ ତାରିଖରୁ ୨ ତାରିଖ ଭିତରେ ଛତୁଆ ସହିତ ଅନ୍ୟାନ୍ୟ ଖାଦ୍ୟ ମିଳିଥାଏ ହେଲେ ଆଜି ପର୍ଯ୍ୟନ୍ତ ନ ମିଳିବା ଯୋଗୁ ଅଙ୍ଗନବାଡି କେନ୍ଦ୍ରକୁ ଅଭିଭାବକମାନେ ଆସି ଫେରୁଥିବା ଦେଖିବାକୁ ମିଳୁଛି। ନିୟମ ଅନୁଯାଇ ୬ ମାସରୁ ୩ ବର୍ଷର ଶିଶୁ, ୧୫ ରୁ ୧୮ ବର୍ଷର କିଶୋରୀ କନ୍ୟା, ଗର୍ଭବତୀ ଓ ପ୍ରସୂତି ମାନଙ୍କୁ ମିଶନ ଶକ୍ତିର ଏସଏଚଜି ଗ୍ରୁପ ଦ୍ୱାରା ପ୍ରସ୍ତୁତ ହୋଇଥିବା ପୁଷ୍ଟିକର ସୁଷମ ଖାଦ୍ୟ ଯୋଗାଇ ଦିଆଯାଇଥାଏ। ମାତ୍ର ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି ଜଳେଶ୍ୱର ବ୍ଲକରେ। ଜଳେଶ୍ୱର ବ୍ଲକରେ ସମନ୍ୱିତ ଶିଶୁ ବିକାଶ ବିଭାଗ ପକ୍ଷରୁ ଖାଦ୍ୟ ଯୋଗାଣ ପାଇଁ ମା କମଳା ସ୍ୱୟଂସହାୟକ ଗୋଷ୍ଠୀକୁ ନୂତନ କରି ଦାୟିତ୍ୱ ଦିଆଯାଇଛି। ମାତ୍ର ଚଳିତମାସ ବିଭିନ୍ନ ଅଙ୍ଗନବାଡି କେନ୍ଦ୍ରରେ ଛତୁଆ, ସୁଜି ଓ ଲଡୁ ହିତାଧିକାରୀ ମାନଙ୍କୁ ବଣ୍ଟନ କରାଯାଇ ନ ଥିବା ଅଭିଯୋଗ ହୋଇଛି। ଏ ନେଇ ସିଡିପିଓ ମିନତି ସିଂଙ୍କୁ ପଚାରିବାରୁ ମା କମଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ପ୍ରଦାନ କରାଯାଇଥିବାବେଳେ ବାକି ୪୦ କୁଇଣ୍ଟାଲ ଗହମ ଅଭାବ ଥିବା ଯୋଗୁ ସାମଗ୍ରୀ ପ୍ରସ୍ତୁତି କରାଯାଇ ପାରି ନାହିଁ ବୋଲି କହିଛନ୍ତି। ଏ ବାବଦରେ ସଂପୃକ୍ତ ସ୍ୱୟଂସହାୟକ ଗୋଷ୍ଠୀର ସଭାନେତ୍ରୀଙ୍କୁ ପଚାରିବାରୁ ଗହମ ଆସିଲେ ଖାଦ୍ୟ ଯୋଗାଣ ହେବ ବୋଲି କହିଛନ୍ତି।

# ପୋତି ହୋଇଗଲାଣି ବାରମୁହାଁ ପୋଲ

ଜଳେଶ୍ୱର, ୧୫।୧୨(ସମିସ)



ବର୍ଷା ଆସିଲେ ଜଳ ନିଷ୍କାସନ ଚିନ୍ତା ବଢ଼େ

ଜଳେଶ୍ୱର ସହରରୁ ଆବର୍ଜନା ପାଣି, ବର୍ଷା ଓ ବନ୍ୟା ପାଣି ନିଷ୍କାସନ ଲାଗି ଥିବା ବାରମୁହାଁ ପୋଲ ଏବେ ପୋତି ହୋଇଗଲାଣି। କିଛିବର୍ଷ ତଳେ ନିର୍ମାଣ ହୋଇଥିବା ୧୨ କୋଟି ଟଙ୍କାର ପୋଲ କାମରେ ଆସୁନାହିଁ। ବର୍ଷାଦିନ ଆସିଲେ ଜଳ ନିଷ୍କାସନ ଲାଗି ପ୍ରଶାସନର ଚିନ୍ତାବଢେ। ସାମାନ୍ୟ ବର୍ଷାରେ ଲୋକଙ୍କ ଘରେ ପାଣି ପଶୁଥିବା ବେଳେ ଏହାର ସ୍ଥାୟୀ ସମାଧାନ ଲାଗି କାହାରି ନିଘା ନାହିଁ।

ଜଳେଶ୍ୱର ସହରର ପଶ୍ଚିମପଟେ ସୁବର୍ଣ୍ଣରେଖା ନଦୀ ପ୍ରବାହିତ। ବର୍ଷାଦିନେ ସୁବର୍ଣ୍ଣରେଖା ନଦୀକୂଳରେ ଥିବା ଗୋବରଘଟା, ଲକ୍ଷ୍ମଣନାଥ ପଞ୍ଚାୟତରେ ଥିବା ଗ୍ରାମଗୁଡିକ ଓ ଚାଷ ଜମିରୁ ବର୍ଷାପାଣି ସହର ମଧ୍ୟ ଦେଇ ଯାଇ ବାରମୁହାଁ ପୋଲ ନିକଟରେ ପହଞ୍ଚିଥାଏ। ସହରର ୩ନଂ, ୪ନଂ, ୫ନଂ, ୬ନଂ, ୭ନଂ, ୮ନଂ ୱାର୍ଡରୁ ଆବର୍ଜନା ପାଣି ଓ ବର୍ଷା ପାଣି ଏଠାକୁ ଆସି ମହାନାଳ ଦେଇ ଯାଇ ସହର ତଳେ ଥିବା ଆରୁହା ପଞ୍ଚାୟତର ଚାଷଜମି ଉପରେ ପ୍ରବାହିତ ପରେ ସୁବର୍ଣ୍ଣରେଖା ନଦୀରେ ପଡିଥାଏ। ପୌରପାଳିକା ପକ୍ଷରୁ ଦୁଇବର୍ଷ ତଳେ ଏହି ମହାନାଳର ପୁନରୁଦ୍ଧାର କରାଯାଇଥିବାବେଳେ ଏବେ ପୁଣି ବିଲାତି ଦଳରେ ପରିପୂର୍ଣ୍ଣ ହୋଇ ଯାଇଛି। ବର୍ଷାଦିନରେ ବର୍ଷା ଓ ବନ୍ୟାପାଣି ସହଜରେ ନିଷ୍କାସିତ ହେବା ଲାଗି ଷ୍ଟେସନ ବଜାରଠାରୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ୬ଟି ପୋଲ ନିର୍ମାଣ ହୋଇଥିଲା। ସେଥିମଧ୍ୟରୁ ବାରମୁହାଁ ପୋଲକୁ ଛାଡି ଅନ୍ୟ ଗୁଡିକ ପୋତି ହୋଇଯାଇଥିବାରୁ ୨୦୦୮ ବନ୍ୟାରେ ଜଳେଶ୍ୱର ସହର ଅଭୁତପୂର୍ବ କ୍ଷୟକ୍ଷତି ଘଟିଥିଲା। କୋଟି କୋଟି ଟଙ୍କାର ଜିନିଷ ନଷ୍ଟ ହୋଇଥିବା ବେଳେ କେତେକ ରାସ୍ତା ମଧ୍ୟ ଧୋଇଯାଇଥିଲା। ସହର ମଧ୍ୟଦେଇ ରେଳପଥ ଓ ସହର ପୂର୍ବପଟ ଦେଇ ଜାତୀୟ ରାଜପଥ ୬୦ ଯାଇଥିବାରୁ ପାଣି ନିଷ୍କାସନ ଲାଗି ଯଥେଷ୍ଟ ପୋଲ ମଧ୍ୟ ନିର୍ମାଣ ହୋଇଛି। ଷ୍ଟେସନବଜାର ସମସ୍ତ ୬ଟି ଯାକ ପୋଲ ମଧ୍ୟରୁ ବଡବଜାରଠାରେ ଥିବା ବାରମୁହାଁ ପୋଲଟି ଗୁରୁତ୍ୱ ବହନ କରିଥାଏ। ଲକ୍ଷ୍ମଣନାଥ, ଗୋପ, ବିରୋଷପୁର, ପଞ୍ଚୁଘା ଇତ୍ୟାଦିରୁ ପାଣି ଏହି ପୋଲ ଦେଇ ତଳକୁ ଗଡିଥାଏ। ପରବର୍ତ୍ତୀ ସମୟରେ ବଡବଜାର ଠାରେ ଥିବା ଦୁଇଟି ପୋଲକୁ ଭଙ୍ଗାଯାଇ ୧୨ କୋଟି ଟଙ୍କାରେ ଏକ ନୂତନ ପୋଲ ନିର୍ମାଣ କରାଯାଇଥିଲା। ମାତ୍ର ସେହି ପୋଲ ନିର୍ମାଣ ବେଳେ ଠିକାଦାର ବାରମୁହାଁ ଖାଳରେ ଅସ୍ଥାୟୀ ଡାଇଭର୍ସନ ରାସ୍ତା ନିର୍ମାଣ କରିଥିଲେ। କାର୍ଯ୍ୟ ସମାପ୍ତର କିଛିବର୍ଷ ବିତିଥିଲେ ମଧ୍ୟ ଠିକାଦାର ଏହି ଡାଇଭର୍ସନ ରାସ୍ତାକୁ ସମ୍ପୂର୍ଣ୍ଣ ସଫା ନ କରି ଅଧାପନ୍ତରିଆ ଭାବେ ଛାଡି ଯାଇଥିବାରୁ ଏବେ ପୋଲଟି ବର୍ଷା କିମ୍ବା ବନ୍ୟା ସମୟରେ କାମରେ ଲାଗୁ ନାହିଁ। ଖାଳଟିର ବିଭିନ୍ନ ଅଂଶରେ ବିଲାତି ଦଳ ଜମା ହେବା ସହିତ ତାହା ଆବର୍ଜନାରେ ଭର୍ତ୍ତି ହୋଇଗଲାଣି। ଏପରିକି ନୟନଯୋରୀର କେତେକ ସ୍ଥାନରେ ଅବରୋଧ ମଧ୍ୟ ହୋଇଛି। ପୂର୍ବରୁ ଏହି ଖାଳକୁ ଏନ୍ଏସି ପକ୍ଷରୁ ନିଲାମ ଦିଆଯାଇ ମାଛଚାଷ ମଧ୍ୟ କରାଯାଉଥିଲା। କିନ୍ତୁ ଏବେ ଏହି ଖାଳର ଛାତିଉପରେ ଗାଈଗୋରୁ ଚରିବା ଆରମ୍ଭ କଲେଣି। ସହରରେ ମାଛ ମାର୍କେଟ ନ ଥିବାରୁ ମାଛ ବ୍ୟବସାୟୀମାନେ ଅସ୍ଥାୟୀଭାବେ ବାରମୁହାଁ ପୋଲ ନିକଟ ଗ୍ରୀନ୍‌ରେ କାର୍ଯ୍ୟାଳୟ ସମ୍ମୁଖରେ ବସୁଛନ୍ତି। ସେଠାରୁ ବାହାରୁଥିବା ଦୁର୍ଗନ୍ଧ ପଚାପାଣି ବାହାରି ଏହି ଖାଳରେ ମିଶୁଛି। ଡ୍ରେନେଜ୍ ବିଭାଗ କିମ୍ବା ପୌରପରିଷଦ ଏଥିପ୍ରତି ନିଘା ନ ଥିବା ଭଳି ମନେ ହେଉଛି। ଯଦି ୨୦୦୮ ଭଳି ବନ୍ୟା ପୁଣିଥରେ ହୁଏ ତେବେ ଜଳେଶ୍ୱର ସହର ସଂପୂର୍ଣ୍ଣ ନଷ୍ଟ ହୋଇଯିବ ବୋଲି ବହୁ ଅଭିଜ୍ଞ ସହରବାସୀ ମତବ୍ୟକ୍ତ କରିଛନ୍ତି। ସହର ମଧ୍ୟରେ ପୋତି ହୋଇଥିବା ସମସ୍ତ ପୋଲ ଗୁଡିକୁ ଅବିଳମ୍ବେ ସଫା କରିବା ସହିତ ଜବରଦଖଲମୁକ୍ତ କରାଯିବାକୁ ସାଧାରଣରେ ଦାବି ହେଉଛି। ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ କାଳହୁଁ ଗୋବିନ୍ଦ ସ୍ମରଣ କରିବା ଉଚିତ ବୋଲି ବୁଦ୍ଧିଜୀବୀମାନେ ଚେତାବନୀ ଦେଇଛନ୍ତି।

# ମନ୍ତ୍ରୀ ଓ ବିଧାୟକଙ୍କ ଦରମା ବୃଦ୍ଧି ଜନତାଙ୍କ ପ୍ରତି ଉପହାସ: ସିପିଏମ୍

ଜଳେଶ୍ୱର,୧୫।୧୨(ସମିସ) : ଅସହାୟ ବୃଦ୍ଧାବୃଦ୍ଧୀଙ୍କ ଭତ୍ତା ବୃଦ୍ଧି ହେଉନି, ଲକ୍ଷ ଲକ୍ଷ ଶ୍ରମଜୀବୀ ମଣିଷ ସର୍ବନିମ୍ନ ମଜୁରୀ ପାଇବାରୁ ବଞ୍ଚିତ, ପାଚିକା, ଅଙ୍ଗନବାଡି କର୍ମୀ, ଆଶା କର୍ମୀ, ଶିକ୍ଷକଙ୍କ ଦାବିପ୍ରତି ସରକାର ନିଦାବିଷ୍ଟୁ, ଆଉଟ୍ ସୋର୍ସି କର୍ମଚାରୀଙ୍କ ଅବସ୍ଥା ଦୟନୀୟ। ଏଥିପ୍ରତି ସାମାନ୍ୟ ସମ୍ବେଦନଶୀଳ ନ ହୋଇ ନିଜ ଦରମା ଓ ଭତ୍ତା ବୃଦ୍ଧି କ୍ଷେତ୍ରରେ ସରକାରୀ ଓ ବିରୋଧୀ ଦଳର ବିଧାୟକମାନେ ଯେପରି ହାତ ମିଳାଇଲେ ଏବଂ ଏହାକୁ ତିନି ଚାରି ଗୁଣା ବଢ଼ାଇ ଦେଲେ ତାହା ଓଡ଼ିଶା ଇତିହାସ ପାଇଁ ଏକ କଳଙ୍କିତ ଅଧ୍ୟାୟ ସୃଷ୍ଟି କରିଛି ବୋଲି ଜଳେଶ୍ୱରରେ ଆୟୋଜିତ ଏକ ପ୍ରତିବାଦ ସଭାରେ ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ) ତରଫରୁ କୁହାଯାଇଛି। ସରକାରକୁ ଆସିବା ପାଇଁ ବିଜେପି ନିର୍ବାଚନ ସମୟରେ ଯେଉଁ ସବୁ ଲୋଭନୀୟ ପ୍ରତିଶ୍ରୁତି ଦେଇଥିଲା ତାହା ପାଳନ କରିବା ପରିବର୍ତ୍ତେ ବିଧାୟକଙ୍କ ଦରମା ତିନି ଲକ୍ଷ ପଇଁଚାଳିଶ ହଜାର କରିବା ରାଜ୍ୟବାସୀଙ୍କ ପ୍ରତି ଉପହାସ। କେରଳ ସବୁ ଠାରୁ ସମୃଦ୍ଧିଶାଳୀ ରାଜ୍ୟ ହୋଇଥିବା ବେଳେ ସେଠାରେ ବିଧାୟକମାନେ ମାସକୁ ସତୁରୀ ହଜାର ଟଙ୍କା ଭତ୍ତା ନିଅନ୍ତି। ଅଥଚ ଆମ ରାଜ୍ୟରେ ବିଧାୟକମାନଙ୍କର ସାଢେ ତିନି ଲକ୍ଷ ବି କୁଆଡ଼େ ଅଣ୍ଟୁ ନାହିଁ ବୋଲି ଯୁକ୍ତି କରୁଛନ୍ତି। କେବଳ ଦରମା ନୁହେଁ ଅନ୍ୟାନ୍ୟ ଭତ୍ତା ଯେମିତି ବଢ଼ିଛି ତାହା ଅତ୍ୟନ୍ତ ହାସ୍ୟାସ୍ପଦ। ଏହାକୁ ତୁରନ୍ତ ପ୍ରତ୍ୟାହାର କରାଯାଉ। ନଚେତ ଦଳ ଲୋକଙ୍କ ପାଖକୁ ଯାଇ ଡବଲ ଇଞ୍ଜିନ ସରକାରର ଅସଲ ମୁଖା ଖୋଲିବ। ଜଳେଶ୍ୱର ଆଞ୍ଚଳିକ କମିଟିର ସମ୍ପାଦକ ଅକ୍ଷୟ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଜିଲ୍ଲା ସମ୍ପାଦକ ଶିଶିର ହୁଇ, ବିଶିଷ୍ଟ ବାମପନ୍ଥୀ ନେତା ସୀତାଂଶୁ ସେନାପତି, ଦିଲ୍ଲୀପ ଗିରି, ଦୀପ୍ତିମାନ ଆଚାର୍ଯ୍ୟ, ପଲ୍ଟୁ ଦାସ, ଜୀବନ ପରିଡ଼ା, ଦିଲ୍ଲୀପ ପରିଡ଼ା, ଗଣେଶ ପାତ୍ର, ସୁଶାନ୍ତ ରାଉତ, ଗଣେଶ ଭୂୟାଁ, ଲକ୍ଷ୍ମୀଧର ପଲାଇ, ସବିତା ଭୂୟାଁ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

# ଦେଶୀ ମଦ ଜବତ, ଜଣେ ଗିରଫ

ଖଇରା,୧୫ ।୧୨ (ସମିସ): ବାଲେଶ୍ୱର ଜିଲ୍ଲା ଅବକାରୀ ଅଧିକ୍ଷକ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶକ୍ରମେ ତଥା ନିଳଗିରୀ ଅବକାରୀ ନିରିକ୍ଷକ କେଶବ ଚନ୍ଦ୍ର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଖଇରା ଅବକାରୀ ଥାନା ଅଧିକାରୀ ପ୍ରହଲ୍ଲାଦ ସାମଲଙ୍କ ନେତୃତ୍ୱରେ ଜଳଙ୍ଗ ଗଣ୍ଡିବେଡ ଗ୍ରାମରେ ଚଢ଼ଉ କରାଯାଇ ୧ଶହ ଲିଟର ଦେଶୀ ରନ୍ଧାମଦ ଜବତ କରାଯିବା ସହ ଏଥିରେ ସଂପୃକ୍ତ ଥିବା ବିକ୍ରେତା ନବୀନ ଶିଅଳଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି। ଉକ୍ତ ଚଢ଼ଉରେ ଖଇରା ଉପନିରୀକ୍ଷିକା ଦୀପିକା ପରିଡା କନେଷ୍ଟବଳ ଦେବାଶିଷ ମଲ୍ଲିକ ପ୍ରମୁଖ ସାମିଲ ଥିଲେ।

# ଜିଲ୍ଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଜନଶୁଣାଣି



ବାଲିଆପାଳ, ୧୫।୧୨ (ସମିସ): ଏହି ବ୍ଲକ ସଭାଗୃହ ପରିସରରେ ଆଜି ପୂର୍ବାହ୍ନରେ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀଙ୍କ ଯୁଗ୍ମ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣି ଶିବିରରେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବିଭାଗର ସୁଧାକର ନାୟକ, ଉପଜିଲ୍ଲାପାଳ ଶିବ ମାଲବ୍ୟ ଜିଲ୍ଲା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୟ କୁମାର ରାଉତ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଭାତ କୁମାର ବେହେରାଙ୍କ ସମେତ ବିଭିନ୍ନ ବିଭାଗର ପଦାଧିକାରୀ ଉପସ୍ଥିତ ଥିଲେ। ବ୍ଲକର ୨୮ ପଞ୍ଚାୟତରୁ ଆସିଥିବା ୧୬୦ ଜଣ ହିତାଧିକାରୀ ନିଜ ନିଜର ଅଭିଯୋଗ ସମ୍ପର୍କରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେଗୁଡିକ ମଧ୍ୟରୁ ୩୫ଜଣ ହିତାଧିକାରୀ ଭତ୍ତା ପାଇଁ ଅଭିଯୋଗ କରିଥିଲେ। ସେହିପରି ପ୍ରଧାନମନ୍ତ୍ରୀ ଆବାସ ଘର ପାଇଁ ଜଣେ ହିତାଧିକାରୀ ଜିଲ୍ଲାପାଳଙ୍କୁ ଗୁହାରି କରିଥିଲେ। ନୂତନ ରେସନ କାର୍ଡ ପାଇଁ ୭ଜଣ ହିତାଧିକାରୀ ଦରଖାସ୍ତ ଦେଇଥିଲେ। ବ୍ଲକର ଜମିଜମା ମାମଲା ପାଇଁ ୪୬ଜଣ ହିତାଧିକାରୀ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିଲେ। ସେଥି ମଧ୍ୟରୁ ୧୭ଟି ଅଭିଯୋଗର ତତକ୍ଷଣାତ୍ ଜିଲ୍ଲାପାଳ ସମାଧାନ କରିଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ନଦୀବନ୍ଧ, ଡ୍ରେନେଜ ପ୍ରଭୃତି ବିଭାଗରୁ ୭୧ଟି ଅଭିଯୋଗ ଆସିଥିଲା। ତେବେ ବିଷ୍ଣୁପୁର ପଞ୍ଚାୟତର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବିଭିନ୍ନ ଦୁର୍ନୀତିରେ ସଂପୃକ୍ତ ଥିବା ଅଭିଯୋଗ କରି ତାଙ୍କର ତୁରନ୍ତ ବଦଳି ପାଇଁ ବିଷ୍ଣୁପୁର ପଞ୍ଚାୟତର ସମିତି ସଦସ୍ୟ ଚନ୍ଦ୍ରମୋହନ ଦାସ ଜିଲ୍ଲାପାଳଙ୍କ ନିକଟରେ ଗୁହାରି କରିଥିଲେ। ବ୍ଲକ ଦ୍ୱାରା ବିଭିନ୍ନ ପଞ୍ଚାୟତରେ ହେଉଥିବା ଉନ୍ନୟନ ମୂଳକ କାର୍ଯ୍ୟରେ ୪୦ ପ୍ରତିଶତ ପିସି ନିଆଯାଉଥିବା ନେଇ ବାଲିଆପାଳିଆ ସ୍ୱାଭିମାନୀ ମଞ୍ଚର ଆବାହକ ସତ୍ୟକାମ ମହାନ୍ତି ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଜିଲ୍ଲାପାଳ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଆଜିର ଏହି ଅବସରରେ ସମସ୍ତ ଅଭିଯୋଗର ସମାଧାନ ପାଇଁ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ବସ୍ତା ଏସଡିପିଓ ମାନସ କୁମାର ଦେଓ, ବାଲିଆପାଳ ତହସିଲଦାର ଜ୍ୟୋସ୍ନା ରାଣୀ ନାୟକ, ବାଲିଆପାଳ ଆଇଆଇସି ସାଲିଖନ ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ।

# ନୂତନ ଖାଦ୍ୟ ଯୋଗାଣ ଅଧିକାରୀଙ୍କ ଯୋଗଦାନ



ଭୋଗରାଇ, ୧୫।୧୨ (ସମିସ): ଭୋଗରାଇ ବ୍ଲକରେ ନୂତନ ଭାବେ ଯୋଗଦାନ ଦେଇଥିବା ଖାଦ୍ୟ ଯୋଗାଣ ଅଧିକାରୀ ଅମ୍ବିକା ପ୍ରସାଦ ରଥଙ୍କୁ ଭୋଗରାଇ ରିଟେଲର ସଂଘର ସଭ୍ୟମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଛି। ପୂର୍ବରୁ ଶ୍ରୀ ରଥ ବାଲିଆପାଳ ବ୍ଲକରେ ଖାଦ୍ୟ ଯୋଗାଣ ଅଧିକାରୀ ଭାବରେ କାର୍ଯ୍ୟରତ ଥିଲେ। ଭୋଗରାଇ ବ୍ଲକରେ ଖାଦ୍ୟ ଯୋଗାଣ ଅଧିକାରୀ ସୋମେଶ୍ୱର ବେହେରାଙ୍କ ଅନ୍ୟତ୍ର ବଦଳି ପରେ ଆଜି ନୂତନ ଭାବେ ଶ୍ରୀ ରଥ ଭୋଗରାଇ ବ୍ଲକ ଦାୟିତ୍ୱ ନେଇଛନ୍ତି। ସେଥିପାଇଁ ଭୋଗରାଇ ସମସ୍ତ ରିଟେଲର ସଂଘର ସଦସ୍ୟ ମାନେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଛନ୍ତି।

# ବିଶ୍ୱହିନ୍ଦୁ ପରିଷଦ ଜନଜାଗରଣ କାର୍ଯ୍ୟକ୍ରମ

ଜଳେଶ୍ୱର,୧୫।୧୨(ସମିସ) : ଜଳେଶ୍ୱର ବିଶ୍ୱହିନ୍ଦୁ ପରିଷଦ ଆନୁକୂଲ୍ୟରେ ଏକ ଜନଜାଗରଣ ବୈଠକ ଚମାରଗାଁ ପଞ୍ଚାୟତ ଘୋଳେଇ ଗ୍ରାମରେ ଅନୁଷ୍ଠିତ ହୋଇଥିଲା। ବିଶ୍ୱହିନ୍ଦୁ ପରିଷଦ ତରଫରୁ ବାବା ଚନ୍ଦନେଶ୍ୱର ମହାଦେବଙ୍କ ମନ୍ଦିର ଠାରେ ଭଂଜନ କୀର୍ତନ କରାଯାଇଥିଲା। ସନାତନୀ ଧର୍ମର ମହତ୍ୱ ସହିତ ଧର୍ମ, ସୁରକ୍ଷା, ସଂସ୍କାର ବିଷୟରେ ଆଲୋଚନା କରାଯାଇଥିଲା। ଘଳେଇ ଅଞ୍ଚଳରେ ସନାତନରୁ ଅନ୍ୟ ଧର୍ମକୁ ଧର୍ମାନ୍ତୀକରଣ ହେଉଛି ବୋଲି ଅନେକ ଲୋକ ଅଭିଯୋଗ କରିଥିଲେ। ବିଶ୍ୱହିନ୍ଦୁ ପରିଷଦ ସବୁବେଳେ ସନାତନ ଧର୍ମର ରକ୍ଷା ସୁରକ୍ଷା ପାଇଁ ଲୋକଙ୍କ ଭିତରେ ଜନଜାଗରଣ କରିବା ପାଇଁ ପ୍ରୟାସ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଶ୍ୱହିନ୍ଦୁ ପରିଷଦର ଜିଲ୍ଲା ସମ୍ପାଦକ ରଶ୍ମିରଞ୍ଜନ ଦାସ, ଜଳେଶ୍ୱର ଶାଖା ପରିଷଦ ସଭାପତି କପିଳେଶ୍ୱର ମହାନ୍ତି, କାର୍ଯ୍ୟକାରୀ ସଭାପତି ଅଜିତ ମହାନ୍ତି, ଉପସଭାପତି ବିଶ୍ୱନାଥ ଘୋଷ, ଚନ୍ଦନ ଦାସ, ସହ ସମ୍ପାଦକ ନିର୍ମଳ ଜେନା, ଜଗନ୍ନାଥ ପରିଡ଼ା, ରାମ ଭରଷ ସାହୁ, ଅବନି ଚାନ୍ଦ, ବିକାଶ କୁମାର ଧର ଉପସ୍ଥିତ ଥିଲେ।

# ଆଦିବାସୀ ଅଲଚିକି ଭାଷା ସଚେତନତା କର୍ମଶାଳା



କାଳିପଦା, ୧୫।୧୨ (ସମିସ): ବାଲିଆପାଳ ବ୍ଲକ ସାଉଡି ପଞ୍ଚାୟତ ଡିଗ୍ରୀପାହି ଆଦିବାସୀ ସାମାଜିକ ଶିକ୍ଷା ସାଂସ୍କୃତିକ ସଂଘ ପକ୍ଷରୁ ସୋମବାର ଜାମଶୂଳୀସ୍ଥିତ ଲକ୍ଷ୍ମୀ ନାରାୟଣ କଲେଜ ସମ୍ମିଳନୀ କକ୍ଷରେ ଆଦିବାସୀ ଅଲଚିକି ଭାଷା ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇ ଯାଇଛି। କଲେଜ ଅଧକ୍ଷ ପ୍ରାଧ୍ୟାପକ ଦିବ୍ୟେନ୍ଦୁ ଗିରିଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କର୍ମଶାଳାରେ ସଂଗଠନର ସଭାପତି ଦାକ୍ଷିନ ମୁର୍ମୁ, ସମ୍ପାଦକ ଭିଲା ମୁର୍ମୁ, ଲକ୍ଷଣ ସୋରେନ, ସୁମିତା ମୁର୍ମୁ, ଡ. ସୁକାନ୍ତ ଗିରି, ଅଧ୍ୟାପକ ମଶାଙ୍ଗ ଟୁଡୁ ପ୍ରମୁଖ ଯୋଗ ଦେଇ ସାନ୍ତାଳୀ ଅଲଚିକି ଭାଷାର ପ୍ରଚାର ପ୍ରସାର ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ। ସାନ୍ତାଳୀ ଅଲଚିକି ଭାଷା ସାହିତ୍ୟ ଏକ ବିଷୟ ହୋଇ କଲେଜ ପାଠ୍ୟକ୍ରମରେ ରହୁ ବୋଲି ଆଲୋଚନା ହୋଇଥିଲା। ସାନ୍ତାଳୀ ଅଲଚିକି ଭାଷାକୁ ରାଜ୍ୟରେ ଦ୍ୱିତୀୟ ରାଜ୍ୟ ଭାଷାର ମାନ୍ୟତା ମିଳୁ ବୋଲି ମଧ୍ୟ ଆଲୋଚନା ହୋଇଥିଲା। ପଦାର୍ଥ ବିଜ୍ଞାନ ବିଭାଗ ଅଧ୍ୟାପକ ପ୍ରଭାତ ରଞ୍ଜନ ଦାସ ପ୍ରାକ୍ ସୂଚନା ପ୍ରଦାନ କରିଥିବାବେଳେ ଓଡ଼ିଆ ବିଭାଗ ଅଧ୍ୟାପକ ପ୍ରକାଶ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ମକର ମିଳନ ପ୍ରସ୍ତୁତି ବୈଠକ

କାଳିପଦା, ୧୫।୧୨ (ସମିସ): ସିଂଳା ବଂଶୀଧର ପାଠାଗାର ଓ ପଠନ କେନ୍ଦ୍ରର ମକର ମିଳନ ଉତ୍ସବ ସକାଶେ ଏକ ପ୍ରସ୍ତୁତି ବୈଠକ କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସାମ୍ବାଦିକ ବ୍ରଜମୋହନ ମିଶ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ଗତ ବର୍ଷର ଆୟ ବ୍ୟୟ ହିସାବ, ଚଳିତବର୍ଷ ପାଇଁ ଅତିଥି ଚୟନ, ସମ୍ବର୍ଦ୍ଧନା ପାଇଁ ପ୍ରତଭା ଚୟନ, ସ୍ମରଣିକା ପ୍ରକାଶନ ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା। ଯୋଗୀ ବଂଶୀଧର ମିଶ୍ର, ରମେଶ ଚନ୍ଦ୍ର ନାୟକ, ଭାଗବତ ସାହୁ, ସୁଧାଂଶୁ ବିଶ୍ୱାଳ, ଅଧ୍ୟାପକ ନିରଞ୍ଜନ ବେହେରା, ଡ. ପ୍ରଦୀପ ମିଶ୍ର, ବିଜୟ ନନ୍ଦ, ନିତ୍ୟାନନ୍ଦ ପ୍ରଧାନ, ଅଶୋକ ଦାସ, ଅଧ୍ୟାପକ ଡ. ସୁକାନ୍ତ ଗିରି, ପ୍ରଶାନ୍ତ ଦାସ, ଲକ୍ଷ୍ମୀପ୍ରିୟା ମିଶ୍ର, ଶ୍ରୀନିବାସ ରାଉଳ, ସୃଷ୍ଟିଧର ପାତ୍ର, ରଘୁନାଥ ରାଉଳ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।


# ରଣସିଂହପୁର ଆଶ୍ରମ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



ଚନ୍ଦନେଶ୍ୱର, ୧୫।୧୨(ସମିସ): ଭୋଗରାଇ ବ୍ଲକ ଅନ୍ତର୍ଗତ କାନ୍ଥଭଉଁରୀ ପଞ୍ଚାୟତର ରଣସିଂହପୁର ଆଶ୍ରମ ବିଦ୍ୟାଳୟରେ ଦୁଇ ଦିନ ଧରି ବାର୍ଷିକ କ୍ରୀଡ଼ା ଉତ୍ସବ ଉଦଯାପିତ ହୋଇଯାଇଛି। ପ୍ରଥମ ଦିବସରେ ଆୟୋଜିତ ଉଦଘାଟନୀ ସଭାକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦେବବ୍ରତ ଜେନା ସଂଚାଳନ କରିଥିବାବେଳେ ମୁଖ୍ୟଅତିଥି ଭାବେ ପୂର୍ବତନ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ପଦ୍ମଲୋଚନ ମାଝୀ ଉଦ୍‌ଘାଟନ କରିଥିଲେ। ଦୁଇ ଦିନ ଧରି ଛାତ୍ରଛାତ୍ରୀଙ୍କୁ ନେଇ ୨୯ଟି ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଦ୍ୱିତୀୟ ଦିବସର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ସମାଜସେବୀ ଶ୍ରୀହରି ଜେନା, ସମ୍ମାନିତ ଅତିଥି ଭାବେ ପରିଚାଳନା କମିଟିର ସଭାପତି କାଳିଚରଣ ଜେନା, ୱାର୍ଡ ସଭ୍ୟ ରବୀନ୍ଦ୍ର ସାହୁ ଯୋଗ ଦେଇ କ୍ରୀଡା ପିଲାମାନଙ୍କ ଜୀବନକୁ ଶୃଙ୍ଖଳିତ କରିବା ସହିତ ପାଠ ମନଯୋଗ କରାଏ ବୋଲି ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ସ୍ମୃତି ପ୍ରଜ୍ଞା ବେହେରା ଓ ସହକାରୀ ଶିକ୍ଷକ ମନୋରଞ୍ଜନ ସିଂ ପୁରସ୍କାର ବିତରଣରେ ସହଯୋଗ କରିଥିବାବେଳେ ମାନସୀ ଦାସ, ରାଧାରାଣୀ ସେଠୀ, ଦେବୀରାଣୀ ଦାସ ଓ ମମତା ଧଳ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ସୁବାସ ପଟ୍ଟାୟତ, ଗୋପାଳ ସେଠୀ ଓ ଅନ୍ୟ ସଦସ୍ୟ, ସଦସ୍ୟା ଉପସ୍ଥିତ ଥିଲେ।

# କଳାବ୍ୟାଜ୍ ପିନ୍ଧି ରୋଗୀ ସେବା କଲେ ଡାକ୍ତର

ନୀଳଗିରି, ୧୫।୧୨ (ସମିସ): ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନର ଡାକରାରେ ସମଗ୍ର ଓଡ଼ିଶାରେ ଡାକ୍ତରମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ୨୦୨୪ ସେପ୍ଟେମ୍ବର ୧୮ ରେ ବାଲେଶ୍ୱରଠାରେ ଓଡିଶା ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କଠାରେ ଉପସ୍ଥାପିତ କରାଯାଇଥିବାର ଦର୍ଶାଇଥିଲେ। କିନ୍ତୁ ଗତ ଏକ ବର୍ଷ ମଧ୍ୟରେ ରାଜ୍ୟ ଓମସା ପକ୍ଷରୁ ସାସ୍ଥ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟ ସଚିବଙ୍କ ସହିତ ୫ ଥରରୁ ଅଧିକ ଆଲୋଚନା କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନ ଥିବା କିମ୍ବା କୌଣସି ଲିଖିତ ପ୍ରତିଶ୍ରୁତି ମିଳିପାରି ନଥିବାରୁ ଓମସା ପକ୍ଷରୁ ସମଗ୍ର ଓଡ଼ିଶାରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ ଓମସା ରାଜ୍ୟଶାଖା ପକ୍ଷରୁ ୧୫ ଦଫା ସମ୍ବଳିତ ଦାବି ନେଇ ରାଜ୍ୟତମାମ ସରକାରୀ ଡାକ୍ତରମାନେ ଗତ ନଭେମ୍ବର ୨୦ ରୁ କଳା ବ୍ୟାଜ୍ ପରିଧାନ କରି ଆନ୍ଦୋଳନରେ ଥିଲେ ମଧ୍ୟ ସ୍ୱାସ୍ଥ୍ୟ ସେବାରେ କାର୍ଯ୍ୟରତ ରହିଛନ୍ତି। ଏହି କ୍ରମରେ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ୧୫ ଦଫା ସମ୍ବଳିତ ଦାବି ପୂରଣ ନେଇ ୧୩ ଜଣ ଡାକ୍ତର କଳା ବ୍ୟାଜ୍ ପରିଧାନ କରି ଆନ୍ଦୋଳନରେ ଥିଲେ ମଧ୍ୟ ସ୍ୱାସ୍ଥ୍ୟ ସେବା ଜାରି ରଖିଛନ୍ତି। ନୀଳଗିରି ମେଡିକାଲର



ଡାକ୍ତର ସରୋଜିନୀ ପ୍ରଧାନ, ଡାକ୍ତର ସତ୍ୟନାରାୟଣ ନାୟକ, ଡା. ଜ୍ୟୋତିର୍ମୟ ମଲ୍ଲିକ, ଡାକ୍ତର ରାମକୃଷ୍ଣ ସାହୁ, ଡାକ୍ତର ଶୁଭ୍ରାଂଶୁ ଶେଖର ପରିଡା, ଡା. ଅଭିଲିପ୍ସା ମହାନ୍ତି ପ୍ରମୁଖ ଆନ୍ଦୋଳନରେ ସାମିଲ ଅଛନ୍ତି।

# ସରକାରଙ୍କ କୁମ୍ଭୀର କାନ୍ଦଣା ଚାଷୀଙ୍କୁ କଲାଣି ବାଟବଣା

ଜଳେଶ୍ୱର/ଜଳେଶ୍ୱର ବ୍ଲକ,୧୫।୧୨(ସମିସ)



ସରକାର ଚାଷୀଙ୍କ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। କଥା ବେଶି କାମ ଶୂନ୍। ନଭେମ୍ବର ମାସରେ ମଣ୍ଡି ଖୋଲିବ ବୋଲି କହିଲେ କିନ୍ତୁ ନଭେମ୍ବର ଯାଇ ଡିସେମ୍ବର ଅଧା ହେଲାଣି ଧାନ ମଣ୍ଡି ଏଯାଏଁ ଖୋଲିଲା ନାହିଁ କି ଚାଷୀଙ୍କୁ ଟୋକନ୍ ଇସ୍ୟୁ ହେଲା ନାହିଁ। ଧାନ ଅମଳ ଶେଷ କରି ଚାଷୀ ମୁଣ୍ଡରେ ହାତ ଦେଇ ବସିଛି। ଯିଏ ଧାର ଉଧାର କରି ଚାଷ କରିଥିଲା ସେ ଅନ୍ୟ ଉପାୟ ନ ପାଇ କୁଇଣ୍ଟାଲ ପିଛା ୧୫୦୦ ଟଙ୍କାରେ ବଙ୍ଗାଳୀ ବେପାରୀଙ୍କୁ ଧାନ ବିକିବାକୁ ବାଧ ହେଉଛି। ସରକାର ସବୁଜାଣି କୁମ୍ଭକର୍ଣ୍ଣ ନିଦରେ ଶୋଇଛନ୍ତି ବୋଲି କୃଷକ ସଭା ତରଫରୁ ଅଭିଯୋଗ କରାଯାଇଛି।

ସୂଚନା ଥାଉକି ତୁରନ୍ତ ଧାନ ମଣ୍ଡି ଖୋଲିବା ଓ ଅନ୍ୟାନ୍ୟ ଦାବି ନେଇ ଜଳେଶ୍ୱର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ନଭେମ୍ବର ୨୧ତାରିଖ ଦିନ କୃଷକ ସଭା ଓ ସମସ୍ତ ଶ୍ରମିକ ସଂଗଠନକୁ ନେଇ ଗଣ ବିକ୍ଷୋଭ କରାଯାଇଥିଲା। ପୁଣି ଡିସେମ୍ବର ୬ତାରିଖ ଦିନ କୃଷକ ସଭା ତରଫରୁ ବାଲେଶ୍ୱର ଜିଲ୍ଲାପାଳଙ୍କୁ ଏ ବାବଦରେ ଦାବିପତ୍ର ଦିଆଗଲା। କେବଳ ଆଶ୍ୱାସନା, ପ୍ରତିଶ୍ରୁତି ମିଳୁଛି , କାମ କିଛି ହେଉନାହିଁ। ସତେଯେମିତି ସରକାରଟା ପଙ୍ଗୁ ପାଲଟି ଯାଇଛି। ଏହା ଦେଖି ଜଳେଶ୍ୱର କୃଷକ ସଭା ତରଫରୁ କୃଷକ ସଭାର ରାଜ୍ୟ ସଭାପତି ସୀତାଂଶୁ ସେନାପତି, ଜିଲ୍ଲା ସମ୍ପାଦକ ଦିଲ୍ଲୀପ କୁମାର ଗିରି, ବ୍ଲକ ସମ୍ପାଦକ ଜୀବନ ପରିଡ଼ା, ଦୀପ୍ତିମାନ ଆଚାର୍ଯ୍ୟ, ଅକ୍ଷୟ କୁମାର ମିଶ୍ର, ଦିଲ୍ଲୀପ ପରିଡ଼ା, ରାଜୀବ ପଣ୍ଡା, ଚନ୍ଦନ ଶତପଥୀ, ଗଣେଶ ପାତ୍ର, ପ୍ରଶାନ୍ତ କୁମାର ପାତ୍ର,ସବିତା ଭୂୟାଁ, ମାନସ ସୀଟ, ସାଇମା ବିବି ପ୍ରମୁଖ ଉପସ୍ଥିତ ଥାଇ ତୃତୀୟ ଥର ପାଇଁ ତହସିଲଦାରଙ୍କୁ ଦାବିପତ୍ର ଦିଆଯାଇ ତୁରନ୍ତ ଧାନ ମଣ୍ଡି ଖୋଲାଯାଉ ଏବଂ ପଞ୍ଜୀକୃତ ଚାଷୀଙ୍କୁ ଟୋକନ୍ ଇସ୍ୟୁ କରିବାକୁ ଦୃଢ ଦାବି କରାଯାଇଛି। ଏକ ସପ୍ତାହ ମଧ୍ୟରେ ଧାନ କିଣା ନ ଗଲେ କୃଷକ ସଭା ତରଫରୁ ତହସିଲ୍ କାର୍ଯ୍ୟାଳୟ ସମ୍ମୁଖରେ ଅହୋରାତ୍ର ଗଣଧାରଣା ଦିଆଯିବ ବୋଲି ତହସିଲଦାରଙ୍କୁ ରୋକ୍ ଠୋକ୍ ଜଣାଇ ଦିଆଯାଇଛି।

# ପତିରାଜପୁର ପଡ଼ିଆରେ ସାଂସଦ ଖେଳ ମହୋତ୍ସବ ଉଦ୍‌ଘାଟିତ



ଖଇରା,୧୫ ।୧୨ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ପତିରାଜପୁର ଖେଳ ପଡିଆରେ ୨ଦିନିଆ ସାଂସଦ ଖେଳ ମହୋତ୍ସବ ସୋମବାର ଦିନ ଉଦ୍‌ଘାଟିତ ହୋଇ ଯାଇଛି। ବିଧାୟକ ପଦ୍ମଲୋଚନ ପଣ୍ଡା, ଭାଜପାର ବାଲେଶ୍ୱର ଜିଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରା, ଭଦ୍ରକ ଜିଲା ସଭାପତି ଭଗବାନ ପଣ୍ଡା, ଖଇରା ବ୍ଲକ ଅଧକ୍ଷା ଅଭିଲିପ୍ସା ସାହୁ, ସ୍ଥାନୀୟ ସରପଞ୍ଚ ପୁଷ୍ପଲତା ଘଡେଇ, ସିମୁଳିଆ ଖେଳ ମହୋତ୍ସବ ସଂଯୋଜକ ନୀଳମାଧବ ପଣ୍ଡା, ଖଇରା ସଂଯୋଜକ କିଶୋର କିଙ୍କର ପଢିହାରୀ, ବଡଜୟିପୁର ସମିତିସଭ୍ୟା ପାର୍ବତୀ ସେଠୀ ପ୍ରମୁଖ ଉଦଘାଟନୀ ସମାରୋହରେ ଅତିଥି ଭାବେ ଯୋଗଦେଇ ସୁସ୍ଥ ସମାଜ ଗଠନ ପାଇଁ କ୍ରୀଡା ଅପରିହାର୍ଯ୍ୟ। ଏଣୁ କ୍ରୀଡାର ପ୍ରୋତ୍ସାହନ ପାଇଁ ସରକାରଙ୍କର ଏହା ଯୁଗାନ୍ତକାରୀ ପଦକ୍ଷେପ ବୋଲି କହିଥିଲେ। କୈଳାସ ମାଝୀ ମଞ୍ଚ ପରିଚାଳନା କରିଥିବା ବେଳେ ୪ ମଣ୍ଡଳ ସଭାପତି ଲକ୍ଷ୍ମୀଧର ନାୟକ, ମାନସ କୁମାର ମୁଦୁଲି, ସୁମନ୍ତ କୁମାର ଜେନା ଓ ରମେଶ କୁମାର ଜେନା ପ୍ରମୁଖ ଅତିଥି ଭାବେ ମଞ୍ଚରେ ଉପସ୍ଥିତ ଥିଲେ। ବିଧାୟକଙ୍କ କ୍ରୀଡ଼ା ପତାକା ଉତ୍ତୋଳନ ପରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀ ଓ ଛାତ୍ରଙ୍କ ମଧ୍ୟରେ ପୃଥକ ଭାବେ ଦୌଡ, ଲମ୍ବ ଡିଆଁ, ସାଇକେଲିଂ, ସର୍ଟପୁଟ ଥ୍ରୋ, ସ୍କିପିଂ ଇତ୍ୟାଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅଜୟ କୁମାର ବେହେରା, ଉପେନ୍ଦ୍ର ଭୂୟାଁ, ଉଦ୍ଧବ ଘଡେଇ ପ୍ରମୁଖ ସହଯୋଗ କରିଥିଲେ।

## ଶୀତଦିନିଆ ଉଲ ବେପାର ମାନ୍ଦା

# ନାହିଁ ଆଗ ଭଳି ଚାହିଦା; ହଜିଗଲାଣି ହାତ ତିଆରି ଶୀତବସ୍ତ୍ର

ବାରିପଦା, ୧୫ ।୧୨(ସମିସ)

ହାଡ଼ଭଙ୍ଗା ଶୀତ ଯେମିତି ବଢ଼ିବାରେ ଲାଗିଛି, ଶୀତବସ୍ତ୍ରର ଚାହିଦା ମଧ୍ୟ ଅନୁରୂପ ଭାବେ ବୃଦ୍ଧି ପାଉଛି। ଭଳିକି ଭଳି ଅତ୍ୟାଧୁନିକ ଷ୍ଟେଟ୍ସର ଶୀତବସ୍ତ୍ର ଆଗରେ ଫିକା ପଡ଼ିଛି ଉଲରୁ ପ୍ରସ୍ତୁତ ହେଉଥିବା ସ୍ୱେଟର କ୍ରେଜ। ବାରିପଦା ସହରର ବିଜୁ ପଟ୍ଟନାୟକ ଗୋଲାଇଠାରେ ରାସ୍ତା କଡ଼ରେ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଉଲ ମାର୍କେଟ ବସିଛି। ଶୀତର ପସରା ମେଲିବା ସହ କାହିଁ କେତେ ବର୍ଷ ହେବ ବାହାର ରାଜ୍ୟରୁ ଆସି ଏଠାରେ ଉଲ ମାର୍କେଟ ବସାଇଥା'ନ୍ତି। ଏହି ଉଲରୁ ଶୀତବସ୍ତ୍ର ପ୍ରସ୍ତୁତ କରି ଲୋକେ ପିନ୍ଧିଥା'ନ୍ତି। କାଳକ୍ରମେ ଏହି ଉଲରୁ ହାତ ତିଆରି ସ୍ୱେଟରର ଚାହିଦା କମିଛି। ଆଉ ଯାହାର ସ୍ଥାନ ବର୍ତ୍ତମାନ ବଜାରର ରେଡିମେଡ ସ୍ୱେଟର ନେଇଛି। ଫଳରେ ଆଗ ଭଳି ଉକ୍ତ ବଜାରରେ ବିକ୍ରି ହେଉନାହିଁ। କିଛି ଲୋକଙ୍କ ମଧ୍ୟରେ ଆଜି ବି ଉଲରେ ବୁଣା ଶୀତବସ୍ତ୍ରର ଆଦର ଥିବାରୁ ସେହି ଗାଁ ଗାଁ ଲୋକଙ୍କୁ ଉଲ କିଣିବା ପରିଲକ୍ଷିତ ହେଉଛି। ସହରର ବିଜୁ ପଟ୍ଟନାୟକ ଗୋଲାଇ ନିକଟକୁ ବିହାର, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଆସାମ ଆଦି ସ୍ଥାନର ବେପାରୀ ଭଳିକି ଭଳି ରଙ୍ଗ ବେରଙ୍ଗର ଉଲ ନେଇ ଆସିଥା'ନ୍ତି। ଏହି ଉଲକୁ କିଣି ଆଣି ଘରେ ମହିଳାମାନେ ହାତରେ ବୁଣି ବିଭିନ୍ନ ରଙ୍ଗ ବେରଙ୍ଗର ସ୍ୱେଟର, ମଫଲର, ଟୋପି ଆଦି ପ୍ରସ୍ତୁତ କରନ୍ତି। କିନ୍ତୁ କାଳକ୍ରମେ ଉକ୍ତ ଉଲ ସ୍ୱେଟରର ଲୋକପ୍ରିୟତା ହ୍ରାସ ପାଉଛି। ଆଜିର ବ୍ୟସ୍ତବହୁଳ ଜୀବନରେ ଆଉ ଉଲ ବୁଣି ଶୀତବସ୍ତ୍ର ପ୍ରସ୍ତୁତ କରିବାର ସମୟ କାହା ପାଖରେ ନାହିଁ। ତାହାର ସ୍ଥାନ ନେଇଛି ଆଜିର ବଜାରର ଅତ୍ୟାଧୁନିକ ଡିଜାଇନର ଶୀତବସ୍ତ୍ର। ଉଲରୁ ଶୀତବସ୍ତ୍ର ପ୍ରସ୍ତୁତ କରିବା ପାଇଁ ଦିନ ଦିନ ଧରି ଲାଗିଥାଏ। ଏବେ ଆଉ ଉଲ ବୁଣି ଶୀତବସ୍ତ୍ର ପ୍ରସ୍ତୁତ କରିବା ମଧ୍ୟ ଭୁଲିଗଲେଣି। ଯାହାକୁ ନେଇ ଉଲର ଚାହିଦା କମିଛି। ତେଣୁ ଆଗ ଭଳି ଆଉ ଉଲ ବିକ୍ରି ହେଉନି, ପୂର୍ବ ବର୍ଷମାନଙ୍କ ତୁଳନାରେ କମ୍ ସଂଖ୍ୟକ ଉଲ ଆଣୁଛନ୍ତି ବୋଲି ଉଲ ବେପାରୀ ସନ୍ତୋଷ ସିଂ କହିଛନ୍ତି। ଅନ୍ୟପଟେ କୋଭିଡ ପରେ ପରେ ବହୁ ବେପାରୀ ନିଜର ବେଉସା ମଧ୍ୟ ପରିବର୍ତ୍ତନ କରିଛନ୍ତି। ଆଗରୁ ଯେପରି ବେପାରୀ ଆସୁଥିଲେ ସେମାନଙ୍କ ସଂଖ୍ୟା ମଧ୍ୟ କମିବା ସହ ହାତ ଗଣତି ୨/୩ଜଣ ବେପାରୀ ଆସୁଛନ୍ତି। ଆଜି ବି ଉଲର ଶୀତବସ୍ତ୍ର ପ୍ରେମୀ ରହିଛନ୍ତି। ଯାହାକୁ ନେଇ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଉଲ ବେପାରୀ ପସରା ମେଲିଛନ୍ତି। ତେବେ ଉଲରୁ ପ୍ରସ୍ତୁତ ଶୀତବସ୍ତ୍ରର ଚାହିଦା ବୃଦ୍ଧି କରିବା ପାଇଁ ଓଡ଼ିଶା ସରକାରଙ୍କ ପଦକ୍ଷେପ ଗ୍ରହଣ କରାଯାଉଛି। ସ୍ଥାନୀୟ ଅଞ୍ଚଳର ମିଶନ ଶକ୍ତି ମହିଳାଙ୍କ ଦ୍ୱାରା ବିଭିନ୍ନ ପ୍ରକାର ଶୀତବସ୍ତ୍ର ପ୍ରସ୍ତୁତ କରି ବିକ୍ରି କରି ମହିଳାମାନେ ସ୍ୱାବଲମ୍ବୀ ହେଉଛନ୍ତି। ଏ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ବିନା ସୁଧରେ ବ୍ୟାଙ୍କ ଋଣ ଯୋଗାଇ ଦେଉଛନ୍ତି।"

**ସ୍ଥାନ ନେଇଛି ରେଡିମେଡ୍ ଶୀତବସ୍ତ୍ର**

## ଏମାନେ ଯାହା କୁହନ୍ତି



ଛୋଟ ବେଳୁ ଉଲରେ ପ୍ରସ୍ତୁତ ଶୀତବସ୍ତ୍ର ପିନ୍ଧି ଆସିଛୁ। ଉଲର ଚାହିଦା ଏବେ କମିଛି ସତ, କିନ୍ତୁ ଉଲରେ ପ୍ରସ୍ତୁତ ହେଉଥିବା ଶୀତବସ୍ତ୍ର ଖୁବ ସୁନ୍ଦର ହୋଇଥିବାବେଳେ ଅନେକ ଦିନ ଧରି ରହିଥାଏ। ଆଜିର ଯୁବପିଢି ସେଗୁଡ଼ିକ ଭୁଲିଯିବା ସହ ଅତ୍ୟାଧୁନିକ ରେଡିମେଡ ସ୍ୱେଟର, ଜାକେଟ ଆଦିକୁ ଆପଣେଇ ନେଇଛନ୍ତି। କିନ୍ତୁ ଉଲରୁ ପ୍ରସ୍ତୁତ ଶୀତବସ୍ତ୍ରର ସ୍ୱତନ୍ତ୍ରତା ଆଜି ବି ରହିଛି।

-ରାଜଶ୍ରୀ ସାହୁ, ଗୃହିଣୀ



ଶୀତ ଆସିଲେ ଶୀତବସ୍ତ୍ର ଆଗ ଖୋଜା ପଡ଼ିଥାଏ। ତେବେ ଆଜିର ଅତ୍ୟାଧୁନିକ ସମାଜରେ ଶୀତରୁ ବଞ୍ଚିବା ପାଇଁ ଏକ ଷ୍ଟାଇଲିଷ୍ଟ ଲୁକର ଶୀତବସ୍ତ୍ର ପିନ୍ଧିବା ପାଇଁ ସମସ୍ତଙ୍କ ମଧ୍ୟରେ ଉତ୍ସାହ ବଢ଼ିଯାଇଛି। ଫଳରେ ଉଲରୁ ପ୍ରସ୍ତୁତ ଶୀତବସ୍ତ୍ରର ଚାହିଦା କମିଯାଇଛି। କିନ୍ତୁ ଉଲରୁ ପ୍ରସ୍ତୁତ ଶୀତବସ୍ତ୍ରର ଯେଉଁ ମଜା ଅଛି, ତାହା ଏବେର ଯୁବଗୋଷ୍ଠୀଙ୍କୁ ଅଗୋଚର ରହିଛି।

-ଗୀତାଞ୍ଜଳି ଭୂୟାଁ, ଗୃହିଣୀ



ଆଜିର ବ୍ୟସ୍ତବହୁଳ ସମାଜରେ ଉଲ ଶୀତବସ୍ତ୍ର ହଜିଯାଇଛି। ଯାହାର ସ୍ଥାନ ଆଜି ବଜାରରେ ମିଳୁଥିବା ନୂତନ ଟ୍ରେଣ୍ଡ ଓ ଫେସନ୍ ଶୀତବସ୍ତ୍ର ନେଇଛି। ମୋବାଇଲ ଯୋଗେ ଅନଲାଇନ ସର୍ଫିଂ କରି ହାତ ପାହାନ୍ତାରେ କମ୍ ଦରରେ ଭଳିକି ଭଳି ସ୍ୱେଟର, ଜାକେଟ ଆଦି ଶୀତବସ୍ତ୍ର ସହଜରେ ମିଳିଯାଉଛି। ତେଣୁ ଉଲରୁ ପ୍ରସ୍ତୁତ ଶୀତବସ୍ତ୍ରର ଯଦି ଶୋ'ରୁମ ଓ ଅନଲାଇନ ସର୍ଫିରେ ଉପଲବ୍ଧ କରି ପ୍ରଚାର ପ୍ରସାର କରିହେବ, ତେବେ ତାହା ପୁଣି ନିଜର ପୁରୁଣା ପରିଚୟ ଫେରିପାଇପାରେ।

-ତୃପ୍ତି ପାତ୍ର, କର୍ମଜୀବୀ ମହିଳା



୧୯୯୨ରୁ ପ୍ରତିବର୍ଷ ଶୀତ ପଡ଼ିଲେ ଆମେ ବିହାରରୁ ଆସି ବାରିପଦାରେ ଉଲ ଦୋକାନ ବସାଇଥାଉ। ପୂର୍ବରୁ ହେଉଥିବା ଉଲର ବେପାର ବର୍ତ୍ତମାନ ଆଉ ନାହିଁ। ରେଡିମେଡ୍ ଶୀତବସ୍ତ୍ର ଚାହିଦା ବୃଦ୍ଧି ଯୋଗୁଁ ଉଲର ଚାହିଦା କମିଛି। ଯେହେତୁ ଆମେ ଏହି ବେପାର ବହୁ ଆଗରୁ କରି ଆସୁଛୁ। ଚାହିଦା କମିଲେ ମଧ୍ୟ ଏହି ବେପାର କରିବା ପାଇଁ ବାଧ୍ୟ ହେଉଛୁ।

-ବଜେନ୍ଦ୍ର ସିଂ, ବେପାରୀ



ପିଢି ପରେ ପିଢି ଉକ୍ତ ଉଲ ବେପାର କରିଆସୁଥିବାବେଳେ ମୁଁ ମଧ୍ୟ ଉଲ ବିକ୍ରି କରିଆସୁଛି। ପ୍ରତିବର୍ଷ ବାରିପଦାକୁ ଆସି ବିକ୍ରି କରିଥାଉ। ଆଜିର ଆଧୁନିକ ଯୁଗରେ ଉଲର ଚାହିଦା ଆଉ ଆଗ ଭଳି ନାହିଁ। କିନ୍ତୁ ଗତ ସପ୍ତାହ ହେବ ବାରିପଦାରେ ଶୀତର ମାତ୍ରା ବୃଦ୍ଧି ପାଇବା ପରେ ବେପାର କିଛିଟା ବୃଦ୍ଧି ପାଇଛି। ଆଜି କିଛି ଲୋକଙ୍କ ମଧ୍ୟରେ ଉଲରୁ ପ୍ରସ୍ତୁତ ଶୀତବସ୍ତ୍ରର ଆଦର ରହିଛି।

-ଗୌତମ ସିଂ, ବେପାରୀ

## ଆଶ୍ରମ ବିଦ୍ୟାଳୟରୁ ପିଲା ପାଚେରି ଡେଇଁ ପଳାଇଯିବା ଘଟଣା

# କାରଣ ଦର୍ଶାଓ ନୋଟିସ୍‌ରେ ଅଟକିଛି କାର୍ଯ୍ୟାନୁଷ୍ଠାନ

**ମୋରଡ଼ା, ୧୫।୧୨(ସମିସ):** ମୋରଡା ବ୍ଲକ ଅଧୀନ ଚିକିଟାମାଟିଆ ପଞ୍ଚାୟତରେ ଥିବା ବାଳକ ଆଶ୍ରମ ବିଦ୍ୟାଳୟରୁ ପିଲା ପାଚେରି ଡେଇଁ ପଳାଇଯିବା ଘଟଣା ଓ ବିଭିନ୍ନ ପ୍ରକାରର ଅବ୍ୟବସ୍ଥା ହେଉଥିବା



ଅଭିଯୋଗ ଆଣିଥିଲେ ଉକ୍ତ ପଞ୍ଚାୟତର ଲୋଧା ସମ୍ପ୍ରଦାୟର ନାରୀନେତ୍ରୀ ଦ୍ରୌପଦୀ କୋଟାଲ ଓ ୱାର୍ଡ ମେମ୍ବର ବିଶ୍ୱମିତ୍ର ଭକ୍ତା। ଆଶ୍ରମରୁ ଚାଉଳ ଚୋରି ଭିଡିଓ ଓ ମଦ ବୋତଲ ଥିବା ଭିଡିଓ ସାମାଜିକ ଗଣମାଧ୍ୟମରେ ବିଶେଷ ମାତ୍ରାରେ ଭାଇରାଲ ହେଉଥିବାବେଳେ ଅନେକ ଶିକ୍ଷୟିତ୍ରୀଙ୍କ ପରିବାର ଲୋକେ ଆଶ୍ରମରେ ରହୁଥିବା ନେଇ ଗତ ମାସ ୩୦ ତାରିଖରେ ବିଭିନ୍ନ ଦୈନିକ ଖବରକାଗଜରେ ଅବ୍ୟବସ୍ଥାରେ ଚାଲିଛି ଚିକିଟାମାଟିଆ ବାଳକ ଆଶ୍ରମ ବିଦ୍ୟାଳୟ ଖବର ପ୍ରସାରଣ ହୋଇଥିଲା। ବିଭାଗ ପକ୍ଷରୁ ଆଶ୍ରମ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ କାରଣ ଦର୍ଶାଅ ନୋଟିସ ମାଗି ବିଭାଗ ଚୁପ ବସିଛି। ପିଲାମାନେ ହଷ୍ଟେଲରୁ ନିଖୋଜ ହୋଇ

**ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ଉପରେ ଉଠୁଛି ପ୍ରଶ୍ନ**

ବିପଦପୂର୍ଣ୍ଣ ଜଙ୍ଗଲ ରାସ୍ତାରୁ ଉଦ୍ଧାର ହେବା ଘଟଣା, ଚାଉଳ ଚୋରି ଭିଡିଓ, ପିଲାଙ୍କୁ ଝାଡୁପୋଛା କରାଉଥିବା ଭିଡିଓ ଭାଇରାଲ ହେବା ପରେ ପ୍ରମାଣ ଥାଇ ମଧ୍ୟ ଜିଲ୍ଲା ମଙ୍ଗଳ ଅଧିକାରୀ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି, ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏ ସମ୍ପର୍କରେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପାର୍ବତୀ ହାଁସଦାଙ୍କୁ ପଚାରିବାରୁ ସେ କାରଣ ଦର୍ଶାଓ ନୋଟିସ ଦେଇଥିବାବେଳେ ଯେପରି ଭବିଷ୍ୟତରେ ଏଭଳି ଘଟଣା ନ ଘଟେ ସେଥିପାଇଁ ତାଗିଦ କରିଥିବା କଥା କହିଛନ୍ତି।

# ବିଶ୍ୱଶାନ୍ତି ଗ୍ରହଯଜ୍ଞ ପ୍ରସ୍ତୁତି ବୈଠକ

**କରଞ୍ଜିଆ, ୧୫।୧୨(ସମିସ):** କରଞ୍ଜିଆ ଏନଏସିସ୍ଥ ୧୩ ନମ୍ବର ୱାର୍ଡରେ ଥିବା ଶ୍ରୀଶ୍ରୀ ଶନିଶ୍ଚର ମହାଗ୍ରହ ପୀଠରେ ପ୍ରତିବର୍ଷ ମାଘମାସ ସପ୍ତମୀ ତିଥିରେ ତ୍ରିଦିବସୀୟ ବିଶ୍ୱଶାନ୍ତି ଗ୍ରହଯଜ୍ଞ ଅନୁଷ୍ଠିତ ହୋଇଥାଏ। ଏହି ବିଶ୍ୱଶାନ୍ତି ଗ୍ରହଯଜ୍ଞ ଆସନ୍ତାବର୍ଷ ଜାନୁଆରୀ ୨୫ ତାରିଖରୁ ଆୟୋଜନ ପାଇଁ ଆଜି ଶ୍ରୀଶ୍ରୀ ଶନିଶ୍ଚର ମହାଗ୍ରହ ସେବା ଟ୍ରଷ୍ଟର ଆବାହକ ଅଖିଳ ଚନ୍ଦ୍ର ଗ୍ରହଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ଯଜ୍ଞ ମହାସମାରୋହରେ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଯଜ୍ଞ ନିୟମ ଅନୁଯାୟୀ ଜାନୁଆରୀ ୨୬ରେ ଅଙ୍କୁରାପଣ ଯଜ୍ଞ ଆରମ୍ଭ ହୋଇ ଜାନୁଆରୀ ୨୭ ତାରିଖରେ ପୂର୍ଣ୍ଣାହୁତି ଦିଆଯିବାକୁ ନିଷ୍ପତ୍ତି ନିଆଯାଇଛି। ପ୍ରସ୍ତୁତି ବୈଠକରେ ଟ୍ରଷ୍ଟର ସଭାପତି ତ୍ରିଲୋଚନ ପତି ସମ୍ପାଦକ କର୍ଣ୍ଣାର୍ଜୁନ ସାହା, ଉପସଭାପତି ଦେବାଶିଷ ବେହେରା, କୋଷାଧ୍ୟକ୍ଷ ସଚ୍ଚିଦାନନ୍ଦ ସାହା, ପଦ୍ମନାଭ ମହାନ୍ତ, ନାଣ୍ଟି ଦାସ, ଗୌରୀ ସେଠୀ, ଡାକ୍ତର ଯତୀନ ମହାନ୍ତି, ସୁରେଶ ମାଟିଆ ପ୍ରମୁଖ ଯୋଗ ଦେଇଥିଲେ। କର୍ତ୍ତା ଦାୟିତ୍ୱ ରାକେଶ ଦାଶ ଓ ତାଙ୍କ ପତ୍ନୀ ତୁଲାଇବେ। ସରୋଜିନୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଦ୍ୱାରଶୁଣି ଘାଟି ରାସ୍ତାରେ କଟକଣା

# ପ୍ରତ୍ୟେକ ଗୁରୁ, ଶୁକ୍ରବାର ୩ ଘଣ୍ଟା ବନ୍ଦ ରହିବ

**ବାରିପଦା, ୧୫ ।୧୨(ସମିସ):** ବାଙ୍ଗିରିପୋଷିର ଦ୍ୱାରଶୁଣି ଘାଟି ମଧ୍ୟ ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥର ସମ୍ପ୍ରସାରଣ କାର୍ଯ୍ୟ ପାଇଁ କଟକଣା ଲାଗିଛି। ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ନିମନ୍ତେ ଆବଶ୍ୟକ ହେଉଥିବା ପଥର ବିସ୍ଫୋରଣ କାର୍ଯ୍ୟ ପାଇଁ ସତର୍କତା ପଦକ୍ଷେପ ସ୍ୱରୂପ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି କଟକଣା ଆଦେଶ ଜାରି କରାଯାଇଛି। ପ୍ରତ୍ୟେକ ସପ୍ତାହ କେବଳ ଗୁରୁବାର ଓ ଶୁକ୍ରବାର ଦିନ ୧ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଏହି ରାସ୍ତା ମଧ୍ୟ ଦେଇ ଯିବାଆସିବା ବନ୍ଦ ରହିବ। ଏହି ନିଷେଧାଦେଶ ଆସନ୍ତା ୧୮ ତାରିଖରୁ ଆରମ୍ଭ ହୋଇ ଫେବୃଆରୀ ୨୭ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଏହି ଦିନମାନଙ୍କରେ ଦ୍ୱାରଶୁଣି ଘାଟିକୁ ଯୋଡୁଥିବା ଉଭୟ ବାଙ୍ଗିରିପୋଷି ଓ ବିଶୋଇ ପାର୍ଶ୍ୱରେ ଥିବା ପ୍ରବେଶ ପଥ ବନ୍ଦ ରହିବ। ଯେକୌଣସି ଯାନବାହାନ (ଦୁଇଚକିଆରୁ ଉର୍ଦ୍ଧ୍ୱ ସମସ୍ତ ଯାନ) ଓ ପଥଚାରୀ ଏହି ସମୟରେ ଯାତାୟାତ କରିପାରିବେନାହିଁ। ଏଥିସହ ଘାଟି ଆଖପାଖରେ ଗୃହପାଳିତ ପ୍ରାଣୀ ଚାରଣ କରାଇବା ମଧ୍ୟ ବାରଣ କରାଯାଇଛି। ସେହିପରି ଆମ୍ବୁଲାନ୍ସ ଓ ଦମକଳବାହିନୀ ଯାନ ଓ ବିଭିନ୍ନ ଜରୁରିକାଳୀନ ଯାନ ରାସ୍ତା ନିର୍ମାଣକାରୀ ସଂସ୍ଥା ଓ ଅନ୍ୟ ବିଭାଗୀୟ ଅଧିକାରୀଙ୍କ ପାଖରୁ ଅନୁମତି ମିଳିବା ପରେ ହିଁ ଯାତାୟାତ କରିପାରିବେ। କଟକଣା ସମାପ୍ତ ହେବା ପରେ ପ୍ରାଥମିକତା ଭିତ୍ତିରେ ପ୍ରଥମେ ସାଧାରଣ ଲୋକଙ୍କ ଯାନକୁ ଯାତାୟାତ ପାଇଁ ଛଡାଯିବ। କ୍ଷୁଦ୍ର ଯାନ ବ୍ୟବହାରକାରୀ ସାଧାରଣ ଲୋକ ସୁଗମ ଯାତାୟାତ ପାଇଁ ବ୍ୟବସ୍ଥା ଅନୁଯାୟୀ ବିଶୋଇ-ଅର୍ଗଳବିନ୍ଧା-ଶଙ୍ଖାଭଙ୍ଗା-ଯୋକା-ଚନ୍ଦନପୁର-କତରା ଛକକୁ ବିକଳ୍ପ ରାସ୍ତା ଭାବେ ବ୍ୟବହାର କରିପାରିବେ। ଯେକୌଣସି ଅପ୍ରୀତିକର ପରିସ୍ଥିତିର ମୁକାବିଲା ପାଇଁ ବ୍ୟାପକ ପୁଲିସ ମୁତୟନ କରିବାକୁ ବିଶୋଇ ଓ ବାଙ୍ଗିରିପୋଷି ଥାନାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅବଗତ କରାଯାଇଛି।

# କୀଚକେଶ୍ୱରୀ ପୁସ୍ତକର ଲୋକାର୍ପଣ ଉତ୍ସବ



**ବହଳଦା, ୧୫।୧୨ (ସମିସ):** ସ୍ଥାନୀୟଅଧିଷ୍ଠାତ୍ରୀଦେବୀ ମା' କୀଚକେଶ୍ୱରୀଙ୍କ ଉପରେ ପ୍ରଥମ କରି ୧୯୮୪ରେ 'କୀଚକେଶ୍ୱରୀ' ନାମରେ ପୁସ୍ତକ ଲେଖି ଚର୍ଚ୍ଚାରେ ରହିଥିଲେ ଲେଖକ ଶ୍ରୀକାନ୍ତ ମିଶ୍ର। ଏହି ପୁସ୍ତକ ପ୍ରକାଶିତ ହେବାର ପ୍ରାୟ ଦୀର୍ଘ ୪୧ ବର୍ଷ ପରେ ଏହାର ନୂତନ ସଂସ୍କରଣ ଇତିମଧ୍ୟରେ ପ୍ରକାଶିତ ହୋଇଛି। ବହଳଦାସ୍ଥ ମା' ଚକେଶ୍ୱରୀ ମନ୍ଦିର ପରିସରରେ ନୂତନ ପୁସ୍ତକର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବହଳଦାସ୍ଥ ମା' କୀଚକେଶ୍ୱରୀ ପୀଠ ସମଗ୍ର ଜିଲ୍ଲାରେ ପ୍ରସିଦ୍ଧ ଶକ୍ତିପୀଠ ରୂପେ ପରିଚିତ। ଶ୍ରୀକାନ୍ତ ମିଶ୍ରଙ୍କ ଦ୍ୱାରା ଲିଖିତ ଓ ୧୯୮୪ରେ ବେତନଟୀରୁ ପ୍ରକାଶିତ ହୋଇଥିବା କୀଚକେଶ୍ୱରୀ ପୁସ୍ତକ ଦେବୀଙ୍କ ଉପରେ ଲିଖିତ ପ୍ରଥମ ଓ ପ୍ରାମାଣିକ ପୁସ୍ତକ ରୂପେ ସ୍ୱୀକୃତ ଓ ଲୋକାଦୃତ। ଏହା ଏବେ ଉପଲବ୍ଧ ହେଉନାହିଁ। ମନ୍ଦିର ପରିସରରେ ଅନୁଷ୍ଠିତ ପୁସ୍ତକ ଲୋକାର୍ପଣ ଉତ୍ସବରେ ଶତାଧିକ ଭକ୍ତ ଓ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ବହଳଦା ତହସିଲଦାର ଶିବପ୍ରସାଦ ମୁର୍ମୁ ମୁଖ୍ୟଅତିଥି ରୂପେ ଯୋଗଦେଇ ପୁସ୍ତକକୁ ଲୋକାର୍ପିତ କରିଥିଲେ। ଅଶୋକ ସାମନ୍ତରାୟ, ପଣ୍ଡିତ ନୀଳରତନ ସାମନ୍ତରାୟ, ଶିକ୍ଷାବିତ ଅମୀୟ ଦାଶ, ସତ୍ୟନାରାୟଣ ଦୀକ୍ଷିତ, ପଣ୍ଡିତ ଧ୍ରୁବେନ୍ଦ୍ର ମିଶ୍ର, ଅତନୁ ମହାନ୍ତି, ପୂର୍ବତନ ବ୍ୟାଙ୍କ ଅଧିକାରୀ ସତ୍ୟନାରାୟଣ ନାୟକ, ଡାକ୍ତର ଶ୍ରୀନାଥ ମିଶ୍ର, ଶ୍ରୀମନ୍ତ ମିଶ୍ର, ଦୀପ୍ତଭାନୁ ମିଶ୍ର, ରଘୁ ମିଶ୍ର, ଟିକି ମିଶ୍ର, ଅଶୋକ ସାହୁ, ବରିଷ୍ଠ ସାମ୍ବାଦିକ ପ୍ରବୋଧ ଦାସ, ଫନୀନ୍ଦ୍ର ମହାକୁଡ଼, ଆଲୋକ ବରାଳ ପ୍ରମୁଖ ଉପସ୍ଥିତ ଥିଲେ। ଲେଖକ ଶ୍ରୀକାନ୍ତ ମିଶ୍ର ସପରିବାର ଉପସ୍ଥିତ ରହି ମା'ଙ୍କ ପୁସ୍ତକ ଲିଖନ ପଛର ଅନୁଭୂତି ବଖାଣିଥିଲେ। ମା' କୀଚକେଶ୍ୱରୀଙ୍କ ଉପରେ ଲିଖିତ ଏହି ପୁସ୍ତକ ମା'ଙ୍କ ଆଗମନୀ, ମନ୍ଦିର ପ୍ରତିଷ୍ଠା, ଇତିହାସ, କିମ୍ବଦନ୍ତୀ ସମ୍ପର୍କରେ ଜାଣିବାରେ ଅନେକ ସହାୟକ ହେବା ସହ ବହଳଦାସ୍ଥ ଦେବୀ କୀଚକେଶ୍ୱରୀଙ୍କ ଉପରେ ଏହା ପ୍ରଥମ ବିଧିବଦ୍ଧ ସଂକଳନ ବୋଲି ଗାଳ୍ପିକ ପ୍ରଭାସ ଦାସ ମତବ୍ୟକ୍ତ କରିଥିଲେ। ଉତ୍ସବ ପରିଚାଳନାରେ ଡାକ୍ତର ଶ୍ରୀନାଥ ମିଶ୍ର, ବୈଦ୍ୟ ଶ୍ରୀମନ୍ତ ମିଶ୍ର, ଉଦ୍ୟୋଗୀ ଦୀପ୍ତଭାନୁ ମିଶ୍ର, ସତ୍ୟବ୍ରତ ମିଶ୍ର ଓ ଦେବବ୍ରତ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

## ୪୬ତମ ବାଣୀପୀଠ ମହୋତ୍ସବ

# ଶେଷ ଦିବସରେ ରାଜ୍ୟସ୍ତରୀୟ କବି, ଲେଖକ ଓ କଳାକାର ସମ୍ମିଳନୀ

ବଡ଼ସାହି, ୧୫ ।୧୨(ସମିସ)




ସ୍ଥାନୀୟ ବିବେକାନନ୍ଦ ବିହାରରେ ଚାଲିଥିବା ତିନିଦିନିଆ ବାଣୀପୀଠ ମହୋତ୍ସବ ଉଦ୍‌ଯାପିତ ହୋଇଛି। ପୂର୍ବାହ୍ନରେ ଅବସରପ୍ରାପ୍ତ ବରିଷ୍ଠ ବୈଷୟିକ ପର୍ଯ୍ୟବେକ୍ଷକ ବଦ୍ରି ମହାନ୍ତି ସାରସ୍ୱତ ପତାକା ଉତ୍ତୋଳନ କରିଥିଲେ। କବିତା କୁସୁମାଞ୍ଜଳୀର ପ୍ରଥମ ପର୍ବରେ ସଭାମୁଖ୍ୟ ଭାବେ ବନମୟୂରୀର ସମ୍ପାଦକ କବି ନିରୋଦ ସୁନ୍ଦର ଜେନା ଯୋଗ ଦେଇଥିବାବେଳେ ମୁଖ୍ୟଅତିଥି ଭାବେ ଦିଲ୍ଲୀ ଲୋକ ସେବକ ମଣ୍ଡଳର ଉପାଧ୍ୟକ୍ଷ ଡକ୍ଟର ପ୍ରଭାସ ଆଚାର୍ଯ୍ୟ ଯୋଗଦାନ କରି କବିତା ସୁପ୍ତ ମନକୁ ଜାଗ୍ରତ କରିବା ସହିତ ନିଜର ସତ୍ତାକୁ ଭୁଲାଇ ଦେଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାରପ୍ରାପ୍ତ କବି ପୀତାମ୍ବର ତରାଇ, ସମ୍ମାନିତ ଅତିଥି ପ୍ରାଧ୍ୟାପକ ସୁବାସ ଚନ୍ଦ୍ର ସାହୁ ଓ ଡକ୍ଟର ନାରାୟଣ ସେନାପତି ଯୋଗ ଦେଇଥିବାବେଳେ କବିତା ସଂଯୋଜନା ଡକ୍ଟର କେଶବ ଚନ୍ଦ୍ର ଦଳାଇ ଓ କବି ପ୍ରଭାତୀ ମାଝୀ କରିଥିଲେ।

ସେହିପରି କବିତା କୁସୁମାଞ୍ଜଳି ଦ୍ୱିତୀୟ ପର୍ବ କବି ସର୍ବେଶ୍ୱର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ କବି ରକ୍ଷକ ନାୟକ, ମୁଖ୍ୟବକ୍ତା ଭାବେ ଡକ୍ଟର କାଳୀକିଙ୍କର ଓ ଆଦରଣୀୟ ଅତିଥି ଶିଳ୍ପୀ କେଶୁ ଦାସ ଯୋଗଦାନ କରି କବିତା ଯୁଗେ ଯୁଗେ କାଳଜୟୀ ବୋଲି ମତବ୍ୟକ୍ତ କରିଥିଲେ। କବିତା ସଂଯୋଜନା କବି ସସ୍ମିତା ଦାଶ ଓ ଡକ୍ଟର ତାନଶ୍ରୀ ପାଣିଗ୍ରାହୀ ଯୋଗଦାନ କରିଥିଲେ। ସାରା ଓଡ଼ିଶାର ଦୁଇ ଶହରୁ ଉର୍ଦ୍ଧ୍ୱ କବି, ଲେଖକ ଓ କଳାକାର ଯୋଗଦାନ କରିଥିଲେ। କବି ସୂର୍ଯ୍ୟକାନ୍ତୀ ରାଉତ ଧନ୍ୟବାଦ ଦେବାପରେ ଉଦ୍‌ଯାପନୀ ପର୍ବ ଅନୁଷ୍ଠିତ ହୋଇଥିଲା। ଏଥିରେ ଡକ୍ଟର ଜଗତବନ୍ଧୁ ଆଚାର୍ଯ୍ୟ ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟଅତିଥି ଭାବେ ପୂର୍ବତନ ସାଂସଦ ତଥା କବି ଡକ୍ଟର ପ୍ରସନ୍ନ ପାଟଶାଣୀ ଯୋଗଦାନ କରି ପ୍ରକୃତ ସାହିତ୍ୟ ଗାଁ ଗଣ୍ଡାରେ ଲୁଚି ରହିଛି। ସେହି ଲୁକ୍କାୟିତ ପ୍ରତିଭାକୁ ଆଲୋକକୁ ଆଣିବାରେ ବାଣୀପୀଠର ଉଦ୍ୟମ ପ୍ରଶଂସନୀୟ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଅଧ୍ୟକ୍ଷା ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରା, ସ୍ୱତନ୍ତ୍ର ଅତିଥି ଭାବେ ଉପଜିଲ୍ଲାପାଳ ଡକ୍ଟର ଦୟାସିନ୍ଧୁ ପରିଡ଼ା, ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷା କବି ପ୍ରମିଳା ପଣ୍ଡା, ବହିଘର ସଭାପତି କବି ଅଭୟ ଦାସ, ଏସସିବି ଡିଗ୍ରୀ କଲେଜର ଅଧ୍ୟକ୍ଷା ଡ଼କ୍ଟର ଅସୀମା ସାହୁ ଓ ବରିଷ୍ଠ ସାମ୍ବାଦିକ କିଶୋର ଚନ୍ଦ୍ର ମଙ୍ଗରାଜ ଯୋଗଦାନ କରି ବିଶିଷ୍ଟ କବି, ଲେଖକ ଓ କଳାକାର ମାନଙ୍କୁ ଉପାଧି, ଉପାୟନ ଓ ମାନପତ୍ର ପ୍ରଦାନ କରିଥିଲେ। ଏହି ଅବସରର ମାସିକ ଓଡ଼ିଆ ଶିଶୁ ପତ୍ରିକା 'ଆମ ସୁନାଚାନ୍ଦ' ଓ ହିନ୍ଦୀ ମାସିକ ଶିଶୁ ପତ୍ରିକା 'କାକଳୀ' ଓ ବାଣୀପୀଠ ମୁଖପତ୍ର 'ପଲ୍ଲୀପ୍ରଭା' ଉନ୍ମୋଚିତ ହୋଇଥିଲା। ଅନୁଷ୍ଠାନର ଅଧ୍ୟକ୍ଷ ଡକ୍ଟର କୁମାର ବାବୁଲିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିବାବେଳେ କବି ବଙ୍କିମ ବାରିକ ମଞ୍ଚ ପରିଚାଳନା କରିଥିଲେ। ସହସମ୍ପାଦକ ସମ୍ବିତ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ମିଳିତ ଜନଅଭିଯୋଗ ଶୁଣାଣି ଶିବିର

# ୬୯ଟି ଅଭିଯୋଗର ଶୁଣାଣି କଲେ ପ୍ରଶାସନ



**କରଞ୍ଜିଆ, ୧୫।୧୨(ସମିସ):** ଆଜି ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଉପଖଣ୍ଡସ୍ତରୀୟ ଜନଅଭିଯୋଗ ଶୁଣାଣି ଶିବିର ଅୟୋଜିତ ହୋଇଛି। ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସୟଙ୍କ ସଭାପତିତ୍ୱରେ ଏସପି ବରୁଣ ଗୁଣ୍ଡାପାଲି ଏହି ମିଳିତ ଜନଅଭିଯୋଗ ଶିବିରରେ ଶୁଣାଣି କରିଥିଲେ। ଶିବିରକୁ ୬୯ଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରେ ସାମୂହିକ ଅଭିଯୋଗ ୯ଟି ଥିବାବେଳେ ବ୍ୟକ୍ତିଗତ ୬୦ଟି ଅଭିଯୋଗ ଥିଲା। ରେଡକ୍ରସ ପାଣ୍ଠିରୁ ଯଶିପୁରର ଏସ. ମୁର୍ମୁଙ୍କୁ ୩୦ ହଜାର ଟଙ୍କା ଓ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ଫୁଲଗୁଛା ଗ୍ରାମର ଦମୟନ୍ତୀ ନାୟକଙ୍କୁ ୫ ହଜାର, ରସମତଳାର ଅସିତ ମହାନ୍ତଙ୍କୁ ୫ ହଜାର ଓ ଝାଟିଆଳି ରୁକସନା ବିବିଙ୍କୁ ୫ ହଜାର ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥିଲା। ଶିବିରରେ କରଞ୍ଜିଆ ଉପଜିଲ୍ଲାପାଳ କାଦମ୍ବରି ପଣ୍ଡା, ଅତିରିକ୍ତ ଉପଜିଲ୍ଲାପାଳ ପ୍ରକାଶ ଦାସ, ସହକାରୀ ଜିଲ୍ଲାପାଳ ନିହାରରଞ୍ଜନ ସେଠୀ, ଏସଡିପିଓଙ୍କ ସମେତ ସମସ୍ତ ବିଡିଓ, ତହସିଲଦାର, ସିଡିପିଓ, ବନ ବିଭାଗ, ଶିକ୍ଷା, କୃଷି ଉଦ୍ୟାନ, ପୂର୍ତ୍ତ, ଏନଏସି, ଜଳସେଚନ ବିଭାଗ ଅଧିକାରୀ ଉପସ୍ଥିତ ରହି ଶୁଣାଣିରେ ସହଯୋଗ କରିଥିଲେ।

# ଦୁର୍ଘଟଣା ନିୟନ୍ତ୍ରଣ ପାଇଁ ବଣିକ ସଂଘ ପକ୍ଷରୁ ରାସ୍ତାରେ ଲାଗିଲା ବ୍ୟାରିକେଡ୍

**ମୋରଡା, ୧୫।୧୨(ସମିସ):** ପ୍ରତିଦିନ ମୋରଡ଼ା ଥାନା ସମ୍ମୁଖରେ ଥିବା ଚାରିଛକରେ ଛୋଟବଡ଼ ଦୁର୍ଘଟଣା ଘଟୁଥିବାରୁ ସୋମବାର ମୋରଡା ବଣିକ ସଙ୍ଘ ପକ୍ଷରୁ ମୋରଡ଼ା ଛକରୁ ୫୦ ମିଟର ଦୂରରେ ବ୍ୟାରିକେଡ ବସାଯାଇଛି। ବଣିକ ସଂଘ ସଭାପତି ସୌରଭ ମହାନ୍ତିଙ୍କ ସୂଚନା ମୁତାବକ ମୋରଡା ବଜାର ଏକ ଜନଗହଳିପୂର୍ଣ୍ଣ ବଜାର ହୋଇଥିବାବେଳେ ଏଠାରୁ ପଶ୍ଚିମବଙ୍ଗ, ରାଜଘାଟ, ଚିତ୍ରଡା, ବରକନ୍ଦକୁ ଚାରି ଛକ ରାସ୍ତା ଥିବାରୁ ଦୁର୍ଘଟଣାକୁ ଏଡାଇବା ତଥା ଟ୍ରାଫିକ ନିୟନ୍ତ୍ରଣକୁ ଦୃଷ୍ଟିରେ ରଖି ବଜାରର ଚାରୋଟି ସ୍ଥାନରେ ୮ଟି ବ୍ୟାରିକେଡ ବସାଇ ମୋରଡ଼ା ପୁଲିସକୁ ହସ୍ତାନ୍ତର କରିଛନ୍ତି।




# ୧୬ ବର୍ଷରୁ କମ୍ ଆନ୍ତଃରାଜ୍ୟ ଟି-୨୦ କ୍ରିକେଟ୍ ଉଦ୍‌ଘାଟିତ



**ବାରିପଦା, ୧୫ ।୧୨(ସମିସ):** ବାରିପଦା କ୍ରିକେଟ ଏକାଡେମୀ ଆନୁକୂଲ୍ୟରେ ବାରିପଦା ମଧୁବନ ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଛି ଦ୍ୱିତୀୟ ୧୬ ବର୍ଷରୁ କମ୍ ଆନ୍ତଃରାଜ୍ୟ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ। ମୟୂରଭଞ୍ଜ କ୍ରୀଡା ସଂସଦ ସମ୍ପାଦକ ବିଜୟ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କ୍ରୀଡା ସଂସଦ ଉପସଭାପତି ସୁବ୍ରମଣ୍ୟମ ମହାନ୍ତି ଓ ମନୋଜ ସାଓ, ସମାଜସେବୀ କାଶୀନାଥ ରଣା, ମୟୂରଭଞ୍ଜ କ୍ରୀଡ଼ା ସଂସଦ କ୍ରିକେଟ ସମ୍ପାଦକ ହରପ୍ରସାଦ ପାତ୍ର, ପୂର୍ବତନ କ୍ରିକେଟର ଅମିତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ୪ଟି ଜିଲ୍ଲାର ୭ଟି ଏକାଡେମୀ ଦଳ ସହିତ ଝାଡ଼ଖଣ୍ଡ ର ବହଡାଗୋଡାର ଗୋଟିଏ ଦଳ ଅଂଶଗ୍ରହଣ କରିଛି। ପ୍ରଥମ ଦିବସରେ ଦୁଇଟି ମ୍ୟାଚ୍ ଅନୁଷ୍ଠିତ ହୋଇଛି। ପ୍ରଥମ ମ୍ୟାଚ୍ ବାରିପଦା ଡିଆର୍‌କେ ଓ ଜେସିଏ ବାଲେଶ୍ୱର, ଦ୍ୱିତୀୟ ମ୍ୟାଚ୍ ବାରିପଦା ବିସିଏ ଓ ଭଦ୍ରକ ଜିଲ୍ଲାର ୟୁନାଇଟେଡ୍ କ୍ରିକେଟ ଏକାଡେମୀ ମଧ୍ୟରେ ଅନୁଷ୍ଠିତ ହୋଇଛି। ପ୍ରଥମ ମ୍ୟାଚ୍‌ରେ ବାରିପଦା ଡିଆରକେ ଦଳ ଜେସିଏ ବାଲେଶ୍ୱରକୁ ୩୬ ରନ୍‌ରେ ପରାସ୍ତ କରିଥିବାବେଳେ ଦ୍ୱିତୀୟ ମ୍ୟାଚରେ ୟୁନାଇଟେଡ କ୍ରିକେଟ ଏକାଡେମୀ ଭଦ୍ରକ ବାରିପଦା ବିସିଏ ଜୁନିୟରକୁ ୩୮ ରନ୍‌ରେ ପରାସ୍ତ କରିଛି। ଆଜି ଖେଳକୁ ଉତ୍ତମ ମହାକୁଡ ଓ ରାହୁଲ ସିଂ ପରିଚାଳନା କରିଥିବାବେଳେ ସ୍କୋରର ଭାବେ ସମ୍ବିତ୍ ମହାରଣା, ଭାଷ୍ୟକାର ଭାବେ ଦୀପକ ଦାସ ମ୍ୟାଚ୍‌ର ଧାରାବିବରଣୀ ପ୍ରଦାନ କରିଥିଲେ। ବାରିପଦା କ୍ରିକେଟ ଏକାଡେମୀ ସଭାପତି ବିକ୍ରମ କେଶରୀ ଜେନା, ସମ୍ପାଦକ ସୁଶାନ୍ତ ଦାସ, ସାଇବା ସିଂ, ମିର୍ ଅକବର ଅଲ୍ଲୀ, ସେକ୍ ନଫିସୁଲ, ହେମନ୍ତ ବଳ, ନାନୁ ମହାକୁଡ ଓ ସୁଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ବାଇଓ ମେଟ୍ରିକ୍ ନ ଥିବାରୁ ଛାତ୍ରୀଙ୍କୁ ବିଦ୍ୟାଳୟ ବାରଣ



**ରାଇରଙ୍ଗପୁର, ୧୫।୧୨(ସମିସ):** ଜଣେ ଆଦିବାସୀ ଛାତ୍ରୀଙ୍କ ବାଇଓ ମେଟ୍ରିକ୍ ହୋଇପାରୁ ନ ଥିବାରୁ ବିଦ୍ୟାଳୟ ବାରଣ କରାଯାଇଛି। ଏଭଳି ଅଭାବନୀୟ ଘଟଣା ବାମନଘାଟି ଉପଖଣ୍ଡର ବାଦାମପାହାଡ଼ ସରକାରୀ ଆଶ୍ରମ ବାଳିକା ବିଦ୍ୟାଳୟରେ ଦେଖିବାକୁ ମିଳିଛି। ଅଧାରୁ ପାଠ ଛାଡ଼ିଥିବା ଓ ଆଦୌ ବିଦ୍ୟାଳୟ ଆସି ନ ଥିବା ପିଲାଙ୍କୁ ମୁଖ୍ୟସ୍ରୋତକୁ ଆଣିବାକୁ ସରକାର ଯୋଜନା କରୁଛନ୍ତି। କିନ୍ତୁ ମୟୂରଭଞ୍ଜ ଜିଲ୍ଲାର କୁସୁମୀ ବ୍ଲକ ଅନ୍ତର୍ଗତ ଏହି ବିଦ୍ୟାଳୟରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। କୁମାରୀ ମାନକ ବାସ୍କେର ବାଇଓ ମେଟ୍ରିକ ସମସ୍ୟା ଯୋଗୁଁ ବିଦ୍ୟାଳୟକୁ ଆସିବା ମନା କରିଦେଇଛନ୍ତି। ପ୍ରାୟ ୪/୫ ମାସ ହେବ ବିଦ୍ୟାଳୟ ଯାଇନାହିଁ ମାନକ। ସେ ଷଷ୍ଠ ଶ୍ରେଣୀରୁ ହଷ୍ଟେଲ ରହିଆସୁଥିଲା। ଏବେ ନବମ ଶ୍ରେଣୀ ଛାତ୍ରୀ ଅଟନ୍ତି। ତାଙ୍କ ବାପା ବି ନାହାନ୍ତି। ବିଧବା ମାଆ ମଧ୍ୟ ଭତ୍ତାରୁ ବଞ୍ଚିତ ରହିଛନ୍ତି। କିନ୍ତୁ ତାଙ୍କୁ ବିଦ୍ୟାଳୟକୁ ନ ଆସିବାକୁ କହିବା ସହିତ ହଷ୍ଟେଲରୁ ବାହାର କରିଦେଇଛନ୍ତି। ଏ ନେଇ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀଙ୍କ ନାମରେ ଅଭିଯୋଗ କରିଛନ୍ତି। ଏପରି ପଦକ୍ଷେପ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିବେଦନ କରିଛନ୍ତି।

# ଦେଉଳିରେ ବିଜେପି କାର୍ଯ୍ୟାଳୟ ଉଦ୍‌ଘାଟିତ

**ଶୁଳିଆପଦା, ୧୫।୧୨(ସମିସ):** ମୋରଡ଼ା ନିର୍ବାଚନମଣ୍ଡଳୀର ଶୁଳିଆପଦା ବ୍ଲକ ୫୩ନଂ ଜୋନର ଦେଉଳିଠାରେ ବିଜେପି କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଛି। ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଏହାର ଉଦ୍‌ଘାଟନ କରିଛନ୍ତି। ପରେ ମନ୍ତ୍ରୀ ଶ୍ରୀ ମହାପାତ୍ର କେତେକ ଭିନ୍ନକ୍ଷମ ଓ ବିଧବା, ବୃଦ୍ଧବୃଦ୍ଧାଙ୍କୁ ଶୀତବସ୍ତ୍ର, କମ୍ବଳ ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଦିବାସୀ ମୋର୍ଚ୍ଚା ରାଜ୍ୟ ସଭାପତି କାହ୍ନା ସୋରେନ, ଜିଲ୍ଲା ବିଜେପି ଉପସଭାପତି ପ୍ରଦୀପ ମହାନ୍ତି, ୫୩ନଂ ମଣ୍ଡଳ ସଭାପତି ମନୋଜ ଦା, ବିଜେପିର ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ବଳରାମ ସାହୁ, ଅନ୍ତର୍ଯ୍ୟାମୀ କାନୁନଗୋ, ଦୀପକ ବେହେରା, ରବୀନ ମହାପାତ୍ର, ଓମପ୍ରକାଶ ଘୋଷ, ମୁନା ପାଣି ପ୍ରମୁଖ ବିଜେପି କର୍ମୀ ଉପସ୍ଥିତ ଥିଲେ।

# ସମ୍ପାଦକୀୟ



ବ୍ୟକ୍ତିର ଅଧିକାର ମିଳିବାରେ ବିଳମ୍ବ ହିଁ ଅଧିକାରର ଅବମାନନା।
-ମାର୍ଟିନ ଲୁଥର କିଙ୍ଗ୍ (ଜୁନିୟର)

ସକାଳ
THE SAKALA

## ବିପନ୍ନ ଚିଲିକା

ଜୈବ ବିବିଧତା, ଅନୁପମ ସୌନ୍ଦର୍ଯ୍ୟ, ଆର୍ଦ୍ରଭୂମି, ବହିରାଗତ ପକ୍ଷୀ ଓ ଜଳଜ ପ୍ରାଣୀଙ୍କ ସମାଗମ ଦୃଷ୍ଟିରୁ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ପର୍ଯ୍ୟଟନ ସ୍ଥଳର ମାନ୍ୟତା ହାସଲ କରିଥିବା ଚିଲିକା ଏବେ ବିପନ୍ନ। ଦିନକୁ ଦିନ ପଟୁମାଟିରେ ପୋତି ହୋଇପଡୁଥିବାରୁ ଚିଲିକାର ଆୟତନ ହ୍ରାସ ପାଇବା ସହ ବିଭିନ୍ନ ପ୍ରଜାତିର ପ୍ରାଣୀ ବିଲୁପ୍ତ ହେବାକୁ ବସିଲାଣି। ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ) ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିଲେ ମଧ୍ୟ ଦିନକୁ ଦିନ ତାହାର ସ୍ଥିତି ବିପନ୍ନ ହେବାରେ ଲାଗିଛି। ସରକାରଙ୍କ କେବଳ କାର୍ଯ୍ୟକ୍ରମ ଖସଡ଼ା ପ୍ରସ୍ତୁତି ଓ ପ୍ରତିଶ୍ରୁତିରେ ଚିଲିକାର ପୁନରୁଦ୍ଧାର ହୋଇପାରିବ ନାହିଁ। ଏ ଦିଗରେ ଯେଉଁ ନିଷ୍ଠା ଓ ଆନ୍ତରିକତା ଆବଶ୍ୟକ ତାହାର ଅଭାବ ସବୁସ୍ତରରେ ପରିଲକ୍ଷିତ ହେଉଛି।

ଏସିଆର ଏହି ବୃହତ୍ତମ ଲବଣାକ୍ତ ହ୍ରଦରେ ପ୍ରତିବର୍ଷ ୮ ଲକ୍ଷ ଟନର ପଟୁମାଟି ପ୍ରବେଶ କରୁଥିବାରୁ ସଂକୋଚନ ପ୍ରକ୍ରିୟା ଆରମ୍ଭ ହୋଇଛି। ଗତ ୫ ବର୍ଷ ମଧ୍ୟରେ ସିଡିଏ ୩.୨୬ ଲକ୍ଷ ଘନମିଟର ଖନନ କରିଛି। ପଟୁମାଟି ପ୍ରବେଶ କରିବାର ଏକାଧିକ କାରଣ ମଧ୍ୟରୁ ନଦୀ, ଉପନଦୀ ଓ ନାଳ ପାଣି ଚିଲିକାରେ ପଡୁଥିବାରୁ ଜଳବାୟୁ ପରିବର୍ତ୍ତନ ଜନିତ ଅଦିନିଆ ବର୍ଷା ଓ ପ୍ରାକୃତିକ ବିପର୍ଯ୍ୟୟ ଏହି କ୍ଷତି ଘଟାଇ ଚାଲିଛି। ଫଳରେ ଚିଲିକା ମୁହାଣ ପୋତି ହୋଇପଡୁଛି ଓ ଆୟତନ ହ୍ରାସ ପାଉଛି। ଏହାକୁ ରୋକିବା ସକାଶେ ଚତୁଃପାର୍ଶ୍ୱରେ ବୃକ୍ଷରୋପଣ ଓ ଆର୍ଦ୍ରଭୂମିର ସଂରକ୍ଷଣ ଦିଗରେ କର୍ତ୍ତୃପକ୍ଷ ପଦକ୍ଷେପ ନେଇଥିଲେ ମଧ୍ୟ ରକ୍ଷଣାବେକ୍ଷଣ ଅଭାବ ଏ କ୍ଷେତ୍ରରେ ବାଧକ ସାଜିଛି। ୧୯୪୫ ରେ ଚିଲିକା ଆର୍ଦ୍ରଭୂମିର ଆୟତନ ୨୯୪୬ ବର୍ଗ କିଲୋମିଟର ଥିବା ବେଳେ ତାହା ଏବେ ୧୧୬୫ କିଲୋମିଟରକୁ ହ୍ରାସ ପାଇଛି। ବିଧାନସଭାରେ ଏକ ପ୍ରଶ୍ନର ଉତ୍ତର ଦେଇ ବିଭାଗୀୟ ମନ୍ତ୍ରୀ ସୂଚାଇଛନ୍ତି ଯେ ଆଇଆଇଟି (ମାଡ୍ରାସ) ଏହାର ରକ୍ଷଣାବେକ୍ଷଣ ପାଇଁ ବୈଷୟିକ ପରାମର୍ଶ ଦେବେ। ସରକାରଙ୍କ ଅନୁରୋଧକ୍ରମେ ଏହି ରିପୋର୍ଟ ପ୍ରସ୍ତୁତି ଓ ତାହାର ରୂପାୟନ ପ୍ରକ୍ରିୟା କେବେ ଆରମ୍ଭ ହେଉଛି ତାହା ଭିନ୍ନ କଥା। ତେବେ ଏଭଳି ଏକ ବ୍ୟାପକ କାର୍ଯ୍ୟକ୍ରମକୁ ସିଡିଏ ଉପରେ ଭରସା କରି ଆଖିବୁଜି ଦେଇ ହେବନି। ଏକଥା ସତ ଯେ ନିୟମିତ ଜଳର ମାନ ପରୀକ୍ଷଣ କରାଯାଇ ଏଥିରୁ ଉତ୍ପନ୍ନ ଦୁର୍ଲଭ ପ୍ରାଣୀଙ୍କ ପାଇଁ ତାହା କେତେଦୂର ଉପଯୋଗୀ ତାହାକୁ ଦୃଷ୍ଟିରେ ରଖି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି। ଏଥିପାଇଁ ସିଡିଏ ପକ୍ଷରୁ ୩୩ଟି ନିରୀକ୍ଷଣ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। କିନ୍ତୁ ତାହା ଯଥେଷ୍ଟ ନୁହେଁ।

ଏଠାରେ ଆମେ ଆଉ ଗୋଟିଏ ହ୍ରଦ ସଂପର୍କରେ ଉଲ୍ଲେଖ କରିବାକୁ ଉଚିତ୍ ମନେ କରୁଛୁ। ଅଂଶୁପାର ମଧୁର ଜଳରାଶି ଓ ପଦ୍ମପତ୍ରରେ ସୁଶୋଭିତ ଏହି ହ୍ରଦ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲା। ଠିକଣା ସମୟରେ ରକ୍ଷଣାବେକ୍ଷଣା ହୋଇନପାରିବାରୁ ପଟୁମାଟିରେ ପୋତି ହୋଇ ନିଜର ପରିଚୟ ହରାଇବାକୁ ବସିଛି। କିଛିବର୍ଷ ତଳେ ଅଂଶୁପାକୁ ପର୍ଯ୍ୟଟନ କେନ୍ଦ୍ରର ରୂପ ଦେବା ପାଇଁ ଚାଲିଥିବା ପ୍ରୟାସ ଅର୍ଥାଭାବରୁ ଅଟକିଯାଇଛି। ସରକାରୀ ବ୍ୟବସ୍ଥାର ଗତି ଓ ପ୍ରକୃତି ସଂପର୍କରେ ସମସ୍ତେ ଅବଗତ ଅଛନ୍ତି। ଚିଲିକା ଅନ୍ତତଃ ଏଭଳି ଏକ ଦୁର୍ଗତିର ସମ୍ମୁଖୀନ ନହେଉ। କଥା ଓ କାମରେ ଅନ୍ତର ନରହୁ।

## ଶରିଫ୍‌ଙ୍କ ବିକଳ ସ୍ଥିତି

ରୁଷ ରାଷ୍ଟ୍ରପତି ପୁଟିନଙ୍କ ଭାରତ ଗସ୍ତ ପରେ ବିଶ୍ୱ ରାଜନୈତିକ ସ୍ତରରେ ଯେଉଁ ମୃଦୁ ଭୂକମ୍ପନ ଅନୁଭୂତ ହୋଇଛି ସେଥିରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଯେତିକି ବିଚଳିତ ନୁହନ୍ତି, ତା'ଠାରୁ ଅଧିକ ଶଙ୍କାଗ୍ରସ୍ତ ହୋଇପଡ଼ିଛି ପାକିସ୍ତାନ। ଆମେରିକା ଓ ଚୀନ ସହ ସୁସଂପର୍କ ସତ୍ତ୍ୱେ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ ଦେଶର ନିରାପତ୍ତା ନେଇ ସ୍ଥିର ନିଶ୍ଚିତ ହୋଇପାରୁନାହାନ୍ତି। ତେଣୁ ରୁଷ ସହ ସଂପର୍କ ସୁଦୃଢ଼ କରିବା ସକାଶେ ପାକିସ୍ତାନ ବ୍ୟଗ୍ର ହୋଇପଡ଼ିଛି ଏବଂ କୂଟନୈତିକ ସ୍ତରରେ ଗୋଟିଚାଳନା ଆରମ୍ଭ କରିଦେଇଛି। ଚୀନରେ ଅନୁଷ୍ଠିତ ସାଂଘାଇ ସହଯୋଗ ସଂଗଠନ ପ୍ରେକ୍ଷାପଟରେ ପୁଟିନଙ୍କୁ ଶରିଫ ସାକ୍ଷାତ କରିଥିଲେ ମଧ୍ୟ ତାହା କେବଳ ସୌଜନ୍ୟରେ ସୀମିତ ଥିଲା। ଆଞ୍ଚଳିକ ରଣନୀତିରେ ରୁଷଠାରୁ ସେଭଳି ସହଯୋଗର ପ୍ରତିଶ୍ରୁତି ମିଳିନଥିଲା ପାକିସ୍ତାନକୁ। ନାଟୋ ସାମରିକ ମେଣ୍ଟ ଓ ଆମେରିକାର ସମର୍ଥନ ସତ୍ତ୍ୱେ ରୁଷର ସାମରିକ କାର୍ଯ୍ୟନୁଷ୍ଠାନରେ ୟୁକ୍ରେନ ଏକପ୍ରକାର ଧ୍ୱଂସସ୍ତୂପରେ ପରିଣତ ହୋଇଛି। ଏବେ ଯେଉଁ ଶାନ୍ତି ପ୍ରତିଷ୍ଠା ଉଦ୍ୟମ ଜାରି ରହିଛି ସେଥିରେ ମଧ୍ୟ ରୁଷର ସର୍ତ୍ତକୁ ପ୍ରାଧାନ୍ୟ ଦିଆଯାଇଛି। ତେଣୁ ପୁଟିନ ଯେ ସମଗ୍ର ବିଶ୍ୱର ଅନ୍ୟତମ ସର୍ବଶକ୍ତିମାନ ରାଷ୍ଟ୍ରନେତା ଏହା ପ୍ରମାଣିତ ହୋଇଛି। ଗତ ଶୁକ୍ରବାର ତୁର୍କମେନସ୍ତାନରେ ଆୟୋଜିତ ଆନ୍ତର୍ଜାତିକ ବୈଠକରେ ପୁଟିନଙ୍କ ଉପସ୍ଥିତିର ସୁଯୋଗ ନେବା ସକାଶେ ପାକିସ୍ତାନ ନେତାଙ୍କ କୂଟନୈତିକ ପ୍ରୟାସ ମଧ୍ୟ ବିଫଳ ହୋଇଛି। ଏପରି କି ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ ସମସ୍ତ କୂଟନୈତିକ ସୌଜନ୍ୟ ଉଲ୍ଲଂଘନ କରି ଅପଦସ୍ଥ ହୋଇଛନ୍ତି।

କୌଣସି ଆନ୍ତର୍ଜାତିକ ସ୍ତରରେ ଆୟୋଜିତ ଶିଖର ସମ୍ମିଳନୀ ଯୋଗଦେଇଥିବା ରାଷ୍ଟ୍ରନେତାଙ୍କ ମଧ୍ୟରେ ବ୍ୟକ୍ତିଗତ ସାକ୍ଷାତ ଓ ତଥ୍ୟ ଆଦାନପ୍ରଦାନର ସୁଯୋଗ ସୃଷ୍ଟି କରିଥାଏ। ତୁର୍କମେନସ୍ତାନ୍‌ରେ ପୁଟିନଙ୍କୁ ଭେଟିବା ପାଇଁ ଟାରିଫଙ୍କ ବିକଳ ଅବସ୍ଥା କେବଳ ପଦାରେ ପଡ଼ିଯାଇନାହିଁ ସେ ସାଧାରଣରେ ନିନ୍ଦିତ ଓ ଅପଦସ୍ଥ ହୋଇଛନ୍ତି। ଏହି ସାକ୍ଷାତ ଆଲୋଚନା ପାଇଁ ସମୟସୂଚୀ ଓ ସ୍ଥାନ ନିରୂପଣ ଆଗରୁ ହୋଇଥିଲା। ଶେହବାଜ ସାକ୍ଷାତ କରିବା ପାଇଁ ଦୀର୍ଘ ୪୦ ମିନିଟ ଧରି ଅପେକ୍ଷା କରିଥିଲେ ମଧ୍ୟ ପୁଟିନଙ୍କ ପକ୍ଷରୁ କୌଣସି ସୂଚନା ମିଳି ନଥିଲା। ତେଣୁ ଧୈର୍ଯ୍ୟହରା ହୋଇ ତୁର୍କୀ ରାଷ୍ଟ୍ରପତିଙ୍କ ସହ ପୁଟିନଙ୍କ ଆଲୋଚନା ଚାଲିଥିବା ବେଳେ ଶରିଫ୍ କୋଠରି ଭିତରକୁ ଧସେଇ ପଶିଥିଲେ। ପାକିସ୍ତାନ ଓ ତୁର୍କୀର ସୁସଂପର୍କ ଦୃଷ୍ଟିରୁ ସେଠାରେ ସୌଜନ୍ୟ ଦୃଷ୍ଟିରୁ ଶରିଫଙ୍କୁ ୧୦ ମିନିଟ ପାଇଁ ଅବସ୍ଥାନ କରିବାର ସୁଯୋଗ ମିଳିଥିଲା। ଦୁଇ ରାଷ୍ଟ୍ରନାୟକଙ୍କ ମଧ୍ୟରେ ଆଲୋଚନା ଜାରି ରଖିଥିବାରୁ ଶରିଫ ବାଧ୍ୟ ହୋଇଫେରିଆସିଥିଲେ।

ସମ୍ପର୍କ ତିକ୍ତ ହେଉ ବା ମଧୁର କୂଟନୈତିକ ସ୍ତରରେ ସର୍ବନିମ୍ନ ଶାଳୀନତା ରକ୍ଷା ପ୍ରତି ରାଷ୍ଟ୍ରମୁଖ୍ୟମାନେ ସଚେତନ ରହିବା ସର୍ବାଦୌ କର୍ତ୍ତବ୍ୟ। ଏହାକୁ ଆମେ ଆନ୍ତର୍ଜାତିକ ସ୍ତରରେ ନିର୍ଦ୍ଧାରିତ ପ୍ରୋଟୋକଲ କହିପାରିବା। ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଓ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫଙ୍କ ଭଳି ବ୍ୟକ୍ତିତ୍ୱ ହିଁ ଏହାକୁ ଉଲ୍ଲଙ୍ଘନ କରିଥା'ନ୍ତି। ଜଣେ ସର୍ବଶକ୍ତିମାନର ଅହଂକାରରେ ମତ୍ତ ଥିବା ବେଳେ ଆଉ ଜଣେ ନିଜ ବିକଳ ସ୍ଥିତିରେ ବିବଶ।

# ମାଗଣା ମୋହ

ଡ. ଉଷାରାଣୀ ଦାଶ

'ମାଗଣା' ଏତେ ଆକର୍ଷଣୀୟ କାହିଁକି? ଡାନ୍ ଆରିଲିଙ୍କ ପୁସ୍ତକ 'ପ୍ରେଡିକ୍ଟେବଲି ଇରେସନାଲ' ଅନୁସାରେ, ଯେତେବେଳେ କିଛି ମାଗଣା ମିଳେ ଲୋକମାନେ ସେମାନଙ୍କର ଆଚରଣଗତ ଧାରାକୁ ପରିବର୍ତ୍ତନ କରିଦିଅନ୍ତି ଏବଂ ଏହାକୁ ପାଇବାକୁ ଅଧିକ ଇଚ୍ଛୁକ ହୁଅନ୍ତି। ମାଗଣା କେବଳ ମୂଲ୍ୟର ଏକ ସୂଚକ ନୁହେଁ। ଏହା ଏକ ଅତ୍ୟନ୍ତ ଶକ୍ତିଶାଳୀ ଭାବପ୍ରବଣ ସୃଷ୍ଟିକାରୀ, ଯାହା ପ୍ରାୟତଃ ଏତେ ଅପ୍ରତିରୋଧୀ ଯେ ଅନାବଶ୍ୟକ ଥିଲେ ମଧ୍ୟ ମାଗଣାରେ ମିଳିବାର ଲୋଭରେ ହାସଲ କରିବାକୁ ପ୍ରେରିତ କରେ। ୨୦୦୭ ମସିହାରେ କରାଯାଇଥିବା 'ଜିରୋ ଆଜ୍ ଏ ସ୍ପେଶାଲ୍ ପ୍ରାଇସ୍: ଦି ଟ୍ରୁଲ୍ ଭ୍ୟାଲ୍ୟୁ ଅଫ୍ ଫ୍ରି ପ୍ରଡକ୍ଟସ୍' ଶୀର୍ଷକ ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ ଗ୍ରାହକମାନେ ୮୦% ରିହାତି ମୂଲ୍ୟରେ ଏକ ଉତ୍କୃଷ୍ଟ ଗୁଣଯୁକ୍ତ ଚକୋଲେଟ୍ ବ୍ରାଣ୍ଡ କିଣିବା ଅପେକ୍ଷା ନିମ୍ନ-ଗୁଣବତ୍ତାର ମାଗଣା ଚକୋଲେଟ୍ ବାର୍ ପାଇବାକୁ ପସନ୍ଦ କରନ୍ତି।

'ମାଗଣା' ଶବ୍ଦଟି ମାନବ ଭାବନା ପାଇଁ ଏକ ଚୁମ୍ବକ ସଦୃଶ। ଏହା ମନୁଷ୍ୟର ଭାବନା, ଆଶା, ଲାଭକାମନା ଓ ଆତ୍ମତୃପ୍ତିକୁ ଜାଗ୍ରତ କରୁଥିବା ଗୋଟିଏ ଶକ୍ତିଶାଳୀ ମାନସିକ ସଙ୍କେତ। ଯେତେବେଳେ କୌଣସି ବସ୍ତୁ, ସୁବିଧା କିମ୍ବା ସେବା ମାଗଣାରେ ମିଳେ ମନୁଷ୍ୟ ସ୍ୱାଭାବିକ ଭାବେ ସାଧାରଣ ବିବେକ, ତର୍କ ଓ ବିଚାରକୁ ପଛରେ ରଖି ଭାବନା ଆଧାରିତ ସିଦ୍ଧାନ୍ତ ନେଇଥାଏ। ଏହି ଆକର୍ଷଣକୁ ମାନସିକ ଶାସ୍ତ୍ରରେ 'ଜିରୋ ପ୍ରାଇସ ଇଫେକ୍ଟ' ବା 'ଶୂନ୍ୟ ମୂଲ୍ୟ ପ୍ରଭାବ' ବୋଲି କୁହାଯାଏ। ମାଗଣା ମିଳୁଥିବା ଜିନିଷ ମଣିଷର ଭାବନା, ବିପଦର ଭୟ, ଲୋଭ ଓ ଆନନ୍ଦକୁ ଏକାଠି ଉତ୍ତେଜିତ କରେ। କୌଣସି ଆର୍ଥିକ ଚାପ ନ ଥିବାରୁ ଏହାର ମୂଲ୍ୟବୋଧ, ଆବଶ୍ୟକତା, ଗୁଣବତ୍ତା ମୂଲ୍ୟାଙ୍କନ ନକରି ଗ୍ରହଣ କରିବା ନିରାପଦ ମଣନ୍ତି। ମାଗଣା ଜିନିଷଗୁଡ଼ିକ ପ୍ରାୟତଃ କ୍ୱଚିତ କିମ୍ବା ସୀମିତ ସମୟ ପାଇଁ ଉପଲବ୍ଧ ମନେହୁଏ। ଯେପରିକି 'ଆଜି ପାଇଁ ମାତ୍ର ମାଗଣା', 'ପ୍ରଥମ ଦଶଜଣଙ୍କ ପାଇଁ ମାଗଣା' ଇତ୍ୟାଦି, ଯାହା ସେଥିପ୍ରତି ଆହୁରି ଅଧିକ ଆଗ୍ରହ ସୃଷ୍ଟି କରେ। ସେହିପରି 'ଦଶମ କପ୍ କଫି ମାଗଣା', 'ଏକ ଲିଟର ପ୍ୟାକେଟରେ ୨୫୦ମିଲି ମାଗଣା', 'ଗୋଟିଏ କିଣିଲେ ଆଉ ଗୋଟିଏ ମାଗଣା', 'ଅନଲାଇନ୍‌ରେ କିଣିଲେ ବିତରଣ ମାଗଣା' ଇତ୍ୟାଦି ଘୋଷଣା ଓ ଯୋଜନାଗୁଡ଼ିକ ଆମକୁ ଖୁବ ଆକର୍ଷିତ କରେ।

ମାଗଣାର ପରମ୍ପରା ଖୁବ୍ ପ୍ରାଚୀନ। ପୁରାତନକାଳରେ ବ୍ୟାପାରୀମାନେ ଗ୍ରାହକଙ୍କୁ ଆକର୍ଷଣ କରିବା ପାଇଁ ଅଧିକ ଶସ୍ୟ, ମସଲା ଭଳି ଜିନିଷ ମାଗଣା ଭାବରେ ଦେଉଥିଲେ। ଏହାକୁ ପ୍ରଥମ 'ମାଗଣା ଉପହାର' ଧାରଣା ଭାବେ ଧରାଯାଏ। ୧୭୦୦-୧୮୦୦ ମସିହାରେ ଆଧୁନିକ 'ମାଗଣା ଉପହାର'ର ଆରମ୍ଭ ହୋଇଥିଲା, ଯେଉଁଥିରେ ଦୋକାନୀମାନେ ପ୍ରଚାର ପାଇଁ ମାଗଣା କ୍ୟାଲେଣ୍ଡର, ବୁକମାର୍କ, ପ୍ରିଣ୍ଟେଡ୍ କାର୍ଡ ଭଳି ଛୋଟ ଉପହାର ଦେବା ଆରମ୍ଭ କରିଥିଲେ। ୧୮୮୦ ଦଶକରେ ବହୁମାତ୍ରାରେ ଉତ୍ପାଦନ ହେଉଥିବା ଦ୍ରବ୍ୟ ଉପହାର ପ୍ରଦାନ ପରମ୍ପରା ଆରମ୍ଭ ହେଲା। ଆମେରିକାର 'ଆଲେନ ଆଣ୍ଡ ଜିଣ୍ଟର' କମ୍ପାନୀ ସିଗାରେଟ୍ ପ୍ୟାକେଟରେ ମାଗଣା 'ବେସବଲ୍ କାର୍ଡ' ପ୍ରଦାନ ବେପାରବାଣିଜ୍ୟରେ ଏକ ବଡ଼ ପରିବର୍ତ୍ତନ ଆଣିଥିଲା। ୧୯୦୦-୧୯୩୦ମଧ୍ୟରେ ମାଗଣା ନମୁନା ଧାରଣାର ଆରମ୍ଭ ହେଲା। 'ପ୍ରୋକ୍ଟର ଆଣ୍ଡ ଗାମ୍ବଲ' ଓ 'କୋକାକୋଲା' ଭଳି କମ୍ପାନୀମାନେ ମାଗଣା ନମୁନା, ଡ୍ରିଙ୍କ କୁପନ୍ ଦେବା ଆରମ୍ଭ କଲେ। ଏହିଠାରୁ 'ମାଗଣା ଉପହାର' ବ୍ୟାପକ ଭାବେ ଲୋକପ୍ରିୟ ହେଲା। ୧୯୫୦-୧୯୮୦ମଧ୍ୟରେ ଆଧୁନିକ ପ୍ରଚାରମୂଳକ ଉପହାରର ଧାରା ଆରମ୍ଭ ହୋଇଥିଲା। ଏହି ସମୟରେ ବ୍ୟବସାୟୀମାନେ ପେନ୍, ବ୍ୟାଗ୍, ଟି-ସାର୍ଟ ଭଳି ଉପହାର ଦେଉଥିଲେ। ୨୦୦୦ ପରେ 'ମାଗଣା ଉପହାର'ର ଡିଜିଟାଲାଇଜେସନ୍ ଯୁଗ ଆରମ୍ଭ ହେଲା। ମାଗଣା ଇ-ବୁକ୍, ଟ୍ରାୟାଲ୍, ଟେମ୍ପଲେଟ୍, ଡିଜିଟାଲ୍ ଟୁଲ୍, ଶିଫିଂ ଆଦି ଆସିଲା।

ରାଜନେତାମାନେ ମଧ୍ୟ ନିର୍ବାଚନୀ ପ୍ରତିଶ୍ରୁତି, ଦରିଦ୍ରତା ହ୍ରାସ, ଜନସମର୍ଥନ କିମ୍ବା ଔଦାର୍ଯ୍ୟ ପ୍ରଦର୍ଶନ ଆଦି ବିଭିନ୍ନ କାରଣରୁ ମାଗଣା ଖାଦ୍ୟ, ଇନ୍ଧନ, ଜଳ, ଶିକ୍ଷା, ବସ୍ତୁସାମଗ୍ରୀ କିମ୍ବା ଅର୍ଥ ସହାୟତା ବଣ୍ଟନ କରିବା ଆରମ୍ଭ କଲେ। ଏହିକ୍ରମରେ କାଳିଆ, ବଳିଆ, ସୁଭଦ୍ରା, ମଧ୍ୟାହ୍ନ ଭୋଜନ, ମାଗଣା ସାଇକେଲ, ଲାପଟପ, ଟଙ୍କିକିଆ ଚାଉଳ, ପାଞ୍ଚଟଙ୍କିଆ ମିଲ, ମାଗଣା ବିଜୁଳି ଇତ୍ୟାଦି ଯୋଜନାମାନ ଆତ୍ମପ୍ରକାଶ କଲେ। ସେଥିମଧ୍ୟରୁ କେତେକ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକମାନଙ୍କର ମୌଳିକ ଆବଶ୍ୟକତା ପୂରଣ ସହିତ ରାଜ୍ୟର ସାମାଜିକ ଓ ଅର୍ଥନୈତିକ ଉନ୍ନତି ନିମିତ୍ତ ହୋଇଥିବା ବେଳେ ଅନ୍ୟ କେତେକ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଉଦ୍ଦିଷ୍ଟ ଥିଲା। ମାତ୍ର ଦେଖାଯାଇଛି ଏହି ମାଗଣା ମୋହରେ ସ୍ୱଚ୍ଛଳ ବର୍ଗର ଲୋକମାନେ ଜାଲିଆତି କରି ନିଜକୁ ସେହିବର୍ଗରେ ସାମିଲ କରିଦେଉଛନ୍ତି ଏବଂ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକମାନେ କୌଣସି କାର୍ଯ୍ୟ ବା ପରିଶ୍ରମ ନକରି କେବଳ ସେହି ମାଗଣାକୁ ଚାହିଁ ବସିରହୁଛନ୍ତି। ସେମାନଙ୍କ ମଧ୍ୟରେ ନିର୍ଭରଶୀଳତା ଏବଂ ଅଧିକାରର ଏକ ନକାରାତ୍ମକ ଢାଞ୍ଚା ସୃଷ୍ଟି ହେଉଛି।

ଅନେକକ୍ଷେତ୍ରରେ ମାଗଣାର କିଛି ସୁପ୍ରଭାବ ଦେଖିବାକୁ ମିଳେ। ଲୋକମାନେ ନୂଆ ଜିନିଷ ପରୀକ୍ଷା କରିବାର ସୁଯୋଗ ପାଇ ନୂଆ ଅଭିଜ୍ଞତା ହାସଲ କରନ୍ତି। ମାଗଣା ଯୋଜନାଗୁଡ଼ିକ ଦେଶର ଅନେକ ସମସ୍ୟା ହ୍ରାସ କରିବାରେ ସହାୟତା କରେ। 'ନିତି ଆୟୋଗ'ର ରିପୋର୍ଟ ଅନୁସାରେ ବିହାର ଓ ପଶ୍ଚିମବଙ୍ଗରେ ସ୍କୁଲ ଛାତ୍ରୀମାନଙ୍କୁ ଦିଆଯାଇଥିବା ମାଗଣା ସାଇକେଲ ଦ୍ୱାରା ସେମାନଙ୍କର ନାମଲେଖା ଓ ଉପସ୍ଥାନ ବଢ଼ିଛି ଏବଂ ଅଧାରୁ ପାଠ ଛାଡୁଥିବା ହାର ହ୍ରାସ ପାଇଛି। ବିଶ୍ୱବ୍ୟାଙ୍କର ଅଧ୍ୟୟନ ଅନୁସାରେ ସାଧାରଣ ବଣ୍ଟନ ବ୍ୟବସ୍ଥା ଅଧୀନରେ ଖାଦ୍ୟ ରିହାତି ଭଳି ମାଗଣା ସାମଗ୍ରୀ ୨୦୧୧-୧୨ ମସିହାରେ ଭାରତରେ ଦାରିଦ୍ର୍ୟ ଅନୁପାତ ୭%କୁ ହ୍ରାସ କରିପାରିଛି। 'ସେଣ୍ଟର ଫର ପଲିସି ରିସର୍ଚ୍ଚ' ଦ୍ୱାରା କରାଯାଇଥିବା ଅଧ୍ୟୟନରୁ ଜଣାଯାଏ ଲାପଟପ୍, ସାଇକେଲ ଓ ନଗଦ ହସ୍ତାନ୍ତର ଭଳି ଯୋଜନା ଉତ୍ତର ପ୍ରଦେଶ ଓ ତାମିଲନାଡୁରେ ଭୋଟରଙ୍କ ମତଦାନ, ରାଜନୈତିକ ସଚେତନତା ଓ ସରକାରଙ୍କ ପ୍ରତି ସନ୍ତୁଷ୍ଟି ଉପରେ ସକାରାତ୍ମକ ପ୍ରଭାବ ପକାଇଛି। 'ଏଡିଆର' ଦ୍ୱାରା କରାଯାଇଥିବା ସର୍ବେକ୍ଷଣ ଅନୁଯାୟୀ, ତାମିଲନାଡୁର ୪୧% ଭୋଟର ମାଗଣା ଉପହାରକୁ ଭୋଟ ଦେବାରେ ଏକ ଗୁରୁତ୍ୱପୂର୍ଣ୍ଣ କାରଣ ଭାବରେ ବିବେଚନା କରନ୍ତି।

ମାଗଣା ଯୋଜନା ସହିତ ଅନେକ ସମସ୍ୟା ମଧ୍ୟ ଜଡ଼ିତ ଅଛି। ସେଗୁଡ଼ିକ ମଧ୍ୟରେ ଅନାବଶ୍ୟକ ଓ ଗୁରୁତ୍ୱହୀନ ଜିନିଷ ପାଇବାର ଲୋଭ ଅନ୍ୟତମ। ଏହା ଅପଚୟ ଓ ବିବେକହୀନ ଆଚରଣକୁ ବଢ଼ାଇଦିଏ। ଏହା ଶାରୀରିକ, ମାନସିକ ଓ ଆର୍ଥିକ ସମସ୍ୟାକୁ ମଧ୍ୟ ଆମନ୍ତ୍ରଣ କରେ। ବିକ୍ରି ହୋଇ ନପାରି ଗଚ୍ଛିତ ଥିବା ପୁରୁଣା, ନିକୃଷ୍ଟ ମାନଯୁକ୍ତ ଦ୍ରବ୍ୟକୁ ମାଗଣା ନାମରେ ବଣ୍ଟନ କରାଯାଏ। ରିହାତି ପୂର୍ବରୁ ଦ୍ରବ୍ୟର ମୂଲ୍ୟ ବୃଦ୍ଧି କରାଯାଇଥାଏ। ମାଗଣା ଆପ୍, ମାଗଣା ଅଫର୍ ବା ମାଗଣା ସର୍ଭିସ୍‌ରେ ଗୁପ୍ତସର୍ତ୍ତ ଥାଏ। ମାଗଣା ଟ୍ରାୟାଲ୍ ସ୍କିମରେ ପ୍ରଥମେ କିଛି ଦିନ କିମ୍ବା ମାସ ମାଗଣାରେ ବ୍ୟବହାର କରିବାକୁ ଦିଆଯାଇ ଜନସାଧାରଣଙ୍କୁ ଅଭ୍ୟସ୍ତ କରାଇବା ପରେ ଏଥିପାଇଁ ଟଙ୍କା ଦେବାକୁ ବାଧ୍ୟ କରାଯାଏ, ଯାହାର ଏକ ବଳିଷ୍ଠ ଉଦାହରଣ ଜିଓ କମ୍ପାନୀର ମାଗଣା ଡାଟା ଯୋଜନା। ଲୋକେ କେବଳ ମାଗଣା ଉପହାର ପାଇବା ପାଇଁ ଅନଲାଇନ୍‌ରେ ମାଗଣା 'ସିଫିଂ' ପାଇବା ପାଇଁ ଏବଂ ମାଗଣା କୁପନ୍/କୋଡ୍‌କୁ ବ୍ୟବହାର କରିବା ଉଦ୍ଦେଶ୍ୟରେ ଅନାବଶ୍ୟକ ସାମଗ୍ରୀ କିଣିଥା'ନ୍ତି। ଏହାଛଡ଼ା ଆଜିକାଲି ମାଗଣା ନାମରେ ଠକାମୀ ଘଟଣା ମଧ୍ୟ ବଢ଼ିଚାଲିଛି। ମାଗଣା ରିଚାର୍ଜ, ମାଗଣା ଉପହାର ବା ମାଗଣା ଅଫର୍ ଭାବରେ ଲୋକଙ୍କ ଫୋନ୍ ନମ୍ବର, ଇମେଲ୍ ଭଳି ବ୍ୟକ୍ତିଗତ ତଥ୍ୟ ଚୋରି କରିବାର ଘଟଣା ଘଟୁଛି।

ବିଶ୍ୱରେ ଅନେକଦେଶ ଅଧିକ ପରିମାଣରେ ମାଗଣା ସୁବିଧା ବଣ୍ଟନ କରିବାରୁ ଦେଶର ଅର୍ଥନୀତି ଦୁର୍ବଳ ହେବା ସହିତ ଦୀର୍ଘମିଆଦୀ ସମସ୍ୟା ସୃଷ୍ଟି ହେଉଛି। ଭେନେଜୁଏଲା ସରକାର ବହୁବର୍ଷ ଧରି ମାଗଣା ଇନ୍ଧନ, କମମୂଲ୍ୟରେ ଖାଦ୍ୟ ଓ ଅନେକ ପଦାର୍ଥ ବଣ୍ଟନ କରିଥିଲେ। ଫଳସ୍ୱରୂପ ଦେଶ ଭୟଙ୍କର ମୁଦ୍ରାସ୍ଫୀତି, ଖାଦ୍ୟ ସଙ୍କଟ ଓ ଆର୍ଥିକ ଅସ୍ଥିରତାରେ ପଡ଼ିଲା। ଶ୍ରୀଲଙ୍କା ସରକାର ଦୀର୍ଘଦିନ ଧରି ମାଗଣା କୃଷି ସହାୟତା, ରାସାୟନିକ ଶସ୍ୟ ଓ ଖାଦ୍ୟ ବଣ୍ଟନ କରିବା ଫଳରେ ସରକାରୀ ଋଣ ବଢ଼ିଲା, ଦେଶ ଭୟାବହ ଆର୍ଥିକ ଓ ରାଜନୈତିକ ସଙ୍କଟରେ ପତିତ ହେଲା। ଗ୍ରୀସରେ ବର୍ଷବର୍ଷ ଧରି ମାଗଣା ସୁବିଧା, ରିହାତି, ସରକାରୀ ଖର୍ଚ୍ଚ ଓ ଅତ୍ୟଧିକ ସାମାଜିକ ସୁରକ୍ଷା ଯୋଜନା ଚାଲୁଥିଲା। ଏଥିଯୋଗୁଁ ୨୦୦୮ ପରେ ଦେଶ ଗଭୀର ଋଣ ସଙ୍କଟରେ ପଡ଼ିଲା। ଜିମ୍ବାୱେ ସରକାର ମାଗଣାରେ ଖାଦ୍ୟ ଓ ଧାନ ବାଣ୍ଟୁଥିଲେ। ଶେଷରେ ସେ ଦେଶର ଉତ୍ପାଦନ କମିଲା, ସରକାରୀ ଭଣ୍ଡାର ଖାଲି ହେଲା ଏବଂ ଭୟଙ୍କର ମୁଦ୍ରାସ୍ଫୀତି ସୃଷ୍ଟି ହୋଇ ଅର୍ଥନୀତିର ପତନ ଘଟିଲା।

'ମାଗଣା' ଏକ ଦୁଇଧାରୁଆ ଖଣ୍ଡା। ଗୋଟିଏ ପଟେ ଏହା ମନୁଷ୍ୟକୁ ଖୁସି, ଅଭିଜ୍ଞତା ଓ ଆତ୍ମତୃପ୍ତି ଦିଏ। ଅନ୍ୟପଟେ ଏହା ଲୋଭ, ଭ୍ରମ, ନିର୍ଭରତା ଓ ଲୁକ୍କାୟିତ ଖର୍ଚ୍ଚର ବ୍ୟୂହ ଭିତରେ ଆମକୁ ଆବଦ୍ଧ କରେ। ତେଣୁ ମାଗଣାର ମୋହରେ ଆଚ୍ଛନ୍ନ ନ ହୋଇ ଏହାର ବ୍ୟବହାରଗତ ଆବଶ୍ୟକତା ଓ ପରିଣାମକୁ ବିବେକବୁଦ୍ଧିର ସହିତ ବୁଝିବିଚାରି ଯଥାଯଥ ପଦକ୍ଷେପ ନେବା ହେଉଛି ସମୁଚିତ ଉପାୟ। ଅନ୍ୟଥା ମାଗଣାର ମାୟାଜାଲରେ କବଳିତ ହୋଇ ନିଜ କଷ୍ଟାର୍ଜିତ ଧନ, ବହୁମୂଲ୍ୟ ଜୀବନ ଓ ରାଷ୍ଟ୍ରକୁ ବିପଦ ମୁହଁକୁ ଠେଲିଦେବା ସାର ହେବ।

ଏମ୍ସ, ଭୁବନେଶ୍ୱର, ମୋ: ୯୪୮୧୩୩୭୬୧୨

# ବିକାଶରେ ଅନ୍ତରାୟ ଆତଙ୍କବାଦ

ସୁଧାଂଶୁ ପାତ୍ର



ଆତଙ୍କବାଦ କେବଳ ଭାରତ ନୁହେଁ ସମଗ୍ର ବିଶ୍ୱ ପାଇଁ ଏକ ବଡ଼ ଓ ଚିନ୍ତାଜନକ ସମସ୍ୟା। କିନ୍ତୁ ଆତଙ୍କବାଦ ଦମନ ପଦକ୍ଷେପରେ ସରକାରଙ୍କ ଟାଳଟୁଳ ନୀତି ଓ ବିଳମ୍ବ ହିଁ ଆତଙ୍କବାଦୀଙ୍କୁ ଅଧିକ ଉତ୍ସାହିତ କରୁଛି, ଯାହାର ସଦ୍ୟତମ ଉଦାହରଣ ରୂପେ ଅଷ୍ଟ୍ରେଲିଆ ବେଳାଭୂମିରେ ଆତଙ୍କବାଦୀଙ୍କ ବର୍ବରୋଚିତ ଆକ୍ରମଣକୁ ନିଆଯାଇପାରେ। ଆତଙ୍କବାଦୀ କାର୍ଯ୍ୟକଳାପ, ସେମାନଙ୍କ ସ୍ଥିତି ଓ ଭବିଷ୍ୟତ ଯୋଜନା ବିଷୟରେ ସୂଚନା ସଂଗ୍ରହ କ୍ଷେତ୍ରରେ ପ୍ରମୁଖ ଭୂମିକା ହେଉଛି ଗୁଇନ୍ଦା ସଂସ୍ଥାମାନଙ୍କର। କାରଣ ଗତ କିଛିମାସମଧ୍ୟରେ ଭାରତରେ ପେହେଲ୍‌ଗାମ୍ ଆତଙ୍କବାଦୀ ଆକ୍ରମଣ ଘଟଣାରୁ ଆରମ୍ଭ କରି ନିକଟରେ ଦିଲ୍ଲୀ କାରବୋମା ବିସ୍ଫୋରଣ ପର୍ଯ୍ୟନ୍ତ ସବୁଥିରେ ଗୁଇନ୍ଦା ସଂସ୍ଥାର ବିଫଳତା ପ୍ରମାଣିତ ହୋଇଛି। ଅବଶ୍ୟ ଦିଲ୍ଲୀ କାର ବୋମା ବିସ୍ଫୋରଣରେ ଭାରତୀୟ ଗୁଇନ୍ଦା ସଂସ୍ଥାକୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଓ ପ୍ରମାଣ ମିଳିଛି, ଯାହାକି ପ୍ରମାଣିତ କରୁଛି ତୁର୍କୀର ପାକିସ୍ତାନୀ ସମ୍ପର୍କ। କିନ୍ତୁ ଏହାକୁ 'ପୋଷ୍ଟମୋର୍ଟମ କାମ' ବୋଲି କୁହାଯାଇପାରେ। କାରଣ ଏହି ତଥ୍ୟ ବା ସୂଚନା ଯଦି ଆଗରୁ ହାସଲ ହୋଇପାରି ଥା'ନ୍ତା ତେବେ ୧୨ଜଣଙ୍କ ଜୀବନରକ୍ଷା ହୋଇପାରିଥା'ନ୍ତା।

କାତାର ବିଶ୍ୱର ଅନ୍ୟତମ ଛୋଟ ଦେଶ। ମାତ୍ର ବହୁ ଦୁର୍ଦ୍ଦାନ୍ତ ଆତଙ୍କବାଦୀ ସଂଗଠନମାନଙ୍କର ଏହା ଶରଣାସ୍ଥଳୀ। ଆମେରିକା 'ଫାଉଣ୍ଡେସନ ଫର ଡିଫେନ୍ସ ଅଫ ଡେମୋକ୍ରେସିଜ୍' ତରଫରୁ ୨୦୧୭ରେ ପ୍ରାପ୍ତ ଏକ ରିପୋର୍ଟ ଅନୁଯାୟୀ ଆତଙ୍କବାଦୀଙ୍କୁ ପ୍ରଚୁର ଆର୍ଥିକ ସହାୟତା କରୁଛି କାତାର। ଆତଙ୍କବାଦୀ ସଂଗଠନ ଅଲକାଏଦାକୁ କୋଟି କୋଟି ଡଲାର ପ୍ରଦାନ କରୁଥିବା ଅବଦୁଲ ରହମାନ ଅଲ୍‌ନୁଆମା କାତାରର ନାଗରିକ। ଏପରିକି ୯/୧୧ ଆକ୍ରମଣର ମାଷ୍ଟରମାଇଣ୍ଡ ଖଲିଦ୍ ସେଖ ମହମ୍ମଦକୁ ମଧ୍ୟ କାତାର ମାଧ୍ୟମରେ କୋଟିକୋଟି ଡଲାର ମିଳୁଥିବା ରିପୋର୍ଟ ରହିଛି। ଏପରିକି ତାଲିବାନ ଓ କାତାରର ବିଚାରଧାରା ଏକ ବୋଲି କାତାର ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତା କମିଟି ସ୍ପଷ୍ଟ କରିସାରିଛି। କାତାର ପକ୍ଷରୁ ଇରାନକୁ ମିଜାଇଲ୍‌ସ ଯୋଗାଇଥିବା ଅଭିଯୋଗ ଆଣି ୨୦୧୭ରେ ସାଉଦିଆରବ ସଂଯୁକ୍ତ ଆରବରାଷ୍ଟ୍ର ଓ ବାହାରିନ୍ କାତାର ସହ ସମ୍ପର୍କ କାଟିଥିବା ସୂଚନା ଅଛି। ଏବେ ନୂଆ ସମ୍ପର୍କ ତୁର୍କୀ ସହ ଯୋଡ଼ି ନୂଆ ଆତଙ୍କବାଦୀ ଆକ୍ରମଣ ଯୋଜନା କରୁଛି ପାକିସ୍ତାନ। ଜର୍ମାନୀ ଓ ତୁର୍କୀ ଠାରୁ ମିଳୁଥିବା ଅର୍ଥରେ ପଞ୍ଜାବ ଓ ଉତ୍ତରପ୍ରଦେଶରେ ମଦ୍ରାସା ଓ ମସ୍‌ଜିଦ୍ ପାଇଁ ଜମି କିଣାଚାଲିଛି ବୋଲି ମଧ୍ୟ ରିପୋର୍ଟ ଅଛି।

ଆମେରିକାର ଏକ ବଡ଼ ସୈନ୍ୟ ଆଡ୍ଡା କତାରରେ ରହିଛି। ଏହାର ରାଜଧାନୀରେ ବସି ଇହୁଦୀମାନଙ୍କୁ ହତ୍ୟା କରିବା ଯୋଜନା ହମାସର ଆତଙ୍କବାଦୀମାନେ କରୁଥିବା ଅଭିଯୋଗ ହେଉଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ହିନ୍ଦୁ ଦେବୀମାନଙ୍କର ଅଶ୍ଳୀଳ ଚିତ୍ର ଆଙ୍କିଥିବା ଏମ୍.ଏଫ, ହୁସେନଙ୍କୁ କାତାର କେବଳ ଶରଣ ଦେଇନି, ଏକ ବଡ଼ ବଙ୍ଗଳା ମଧ୍ୟ ଉପହାର ଦେଇଛି। ନୁପୁର ଶର୍ମା ମାମଲାକୁ ନେଇ କାତାର ଭାରତରେ ସାମ୍ପ୍ରଦାୟିକତା ଭାବ ସୃଷ୍ଟି କରିବା ଭୂମିକା ମଧ୍ୟ ନେଇଛି। ଦିଲ୍ଲୀରେ ଜଣେ ବ୍ୟକ୍ତିଙ୍କୁ ହତ୍ୟା କରିଥିବା ଖଲିସ୍ଥାନୀ ଓ ଇସଲାମବାଦ ଆତଙ୍କବାଦୀକୁ କାତାର ପକ୍ଷରୁ ପ୍ରଚୁର ଅର୍ଥ ପ୍ରଦାନ କରାଯାଇଥିବା ମଧ୍ୟ ସ୍ପଷ୍ଟ ହୋଇଛି। ତେଣୁ ଆମେରିକାର ଦୋହରା ନୀତି ବି କାତାରର ଆତଙ୍କବାଦୀ କାର୍ଯ୍ୟକଳାପ ବୃଦ୍ଧି ପାଇଁ ଦାୟୀ। କାତାରର ଆତଙ୍କବାଦୀ ଯୋଜନା ଓ ଆର୍ଥିକ ସହାୟତାକୁ ଭାରତ ପକ୍ଷରୁ କଡ଼ା ବିରୋଧ କରିବାର ଆବଶ୍ୟକତା ରହିଛି। ଏଥିପାଇଁ ଗୁଇନ୍ଦା ସଂସ୍ଥାର ନଜର ଆହୁରି ତୀବ୍ର କରିବାକୁ ପଡ଼ିବ।

ଅନ୍ୟପକ୍ଷରେ ଆତଙ୍କବାଦ ଦମନ ଏବଂ ଆତଙ୍କବାଦୀଙ୍କ ସୀମା ପ୍ରବେଶ ଏକ ସମ୍ବେଦନଶୀଳ ପ୍ରସଙ୍ଗ। ତେଣୁ ରାଜନୈତିକ କ୍ଷେତ୍ରରେ ମଧ୍ୟ ଏହାର ବହୁତ ପ୍ରଭାବ ରହିଛି। ଏଇ ଦୁଇଟି ସମ୍ବେଦନଶୀଳ ପ୍ରସଙ୍ଗ ଉପରେ ଭାରତ ସରକାର ଗୁରୁତ୍ୱ ଦେବା ସହିତ ବିଶ୍ୱ ଶାନ୍ତି ପ୍ରତିଷ୍ଠା ପାଇଁ ଆତଙ୍କବାଦର ମୂଳୋତ୍ପାଟନ ଦିଗରେ ବିଶ୍ୱ ଜନମତ ସୃଷ୍ଟି ଉଦ୍ୟମ ଆବଶ୍ୟକ। ଭାରତ ଆତଙ୍କବାଦ ମୁକ୍ତ ହେଲେ ବିକଶିତ ଭାରତ ଗଠନ ସ୍ୱପ୍ନ ଆହୁରି ସୁଦୃଢ଼ ହେବ।

ଭୁବନେଶ୍ୱର, ମୋ: ୯୦୯୦୩୨୩୨୬୦

# ନାରୀ ଓ ବ୍ୟାୟାମ

ଶ୍ରୀନନ୍ଦ

ମଣିଷ ପ୍ରଜାତିର ଦୁଇଟି ଭିନ୍ନ ଭିନ୍ନ ଅଙ୍ଗ ହେଲେ ନାରୀ ଓ ପୁରୁଷ। ତେବେ ସେମାନଙ୍କ ମଧ୍ୟରେ ରହିଛି ଅନେକ ପ୍ରଭେଦ। ଶାରୀରିକ ଗଠନ ଓ ଚୟାପଚୟନଠାରୁ ଆରମ୍ଭ କରି ମାନସିକ ପ୍ରକ୍ରିୟା ପର୍ଯ୍ୟନ୍ତ ସେମାନଙ୍କୁ ଦୁଇଟି ଭିନ୍ନ ଭିନ୍ନ ବ୍ୟକ୍ତିତ୍ୱ ରୂପେ ଉଭା କରିଛି। ତାହାକୁ ନେଇ କିପରି ଭିନ୍ନ ହୋଇଛି ସେମାନଙ୍କ ଜୀବନଧାରା, ତାହାର ଅନ୍ୟତମ ଉଦାହରଣ ହେଲା ତାଙ୍କ ଶରୀର ଆବଶ୍ୟକ କରୁଥିବା ଶାରୀରିକ ଶ୍ରମ ବା ବ୍ୟାୟାମର ବିଭିନ୍ନତା।

ନିକଟରେ (ନଭେମ୍ବର, ୨୦୨୫) ଇଂଲଣ୍ଡର 'ବାଇଓ ବ୍ୟାଙ୍କ' ଦ୍ୱାରା ଅନୁଷ୍ଠିତ ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ ସୁସ୍ଥ ରହିବା ପାଇଁ ନାରୀମାନେ ପୁରୁଷମାନଙ୍କ ତୁଳନାରେ କମ୍ ବ୍ୟାୟାମ ଆବଶ୍ୟକ କରନ୍ତି। ଏହାର ଗବେଷକମାନେ ଦୀର୍ଘ ୮ ବର୍ଷ ଧରି ପ୍ରାୟ ୮୦ ହଜାର ପ୍ରାପ୍ତ ବୟସ୍କଙ୍କ ଦୈହିକ କାର୍ଯ୍ୟକଳାପ ଓ ହୃତପିଣ୍ଡର ସ୍ୱାସ୍ଥ୍ୟ ଉପରେ ଅଧ୍ୟୟନ କରି ଏହି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି। ସେମାନଙ୍କ ମତରେ ସପ୍ତାହକୁ ନାରୀମାନେ ୨୫୦ ମିନିଟ୍ ବା ୪ଘଣ୍ଟା ଏବଂ ପୁରୁଷମାନେ ୫୩୦ ମିନିଟ୍ ବା ୯ ଘଣ୍ଟା ବ୍ୟାୟମ କଲେ ସେମାନଙ୍କ ଠାରେ ହୃତପିଣ୍ଡ ସଂପର୍କିତ ରୋଗର ଆଶଙ୍କା ପ୍ରାୟ ୩୦ ଶତାଂଶ ହ୍ରାସ ପାଏ।

ନାରୀ ଓ ପୁରୁଷ ଆବଶ୍ୟକ କରୁଥିବା ବ୍ୟାୟାମରେ ଏହି ତାରତମ୍ୟର ଅନ୍ୟତମ ମୁଖ୍ୟ କାରଣ ହେଲା ସେମାନଙ୍କ ହରମୋନ୍‌ର ବିଭିନ୍ନତା। ତାହା ଯଥାକ୍ରମେ ହେଲା 'ଏଷ୍ଟ୍ରୋଜେନ୍' ଓ 'ଟେଷ୍ଟୋଷ୍ଟେରୋନ୍'। ବ୍ୟାୟାମ କାଳରେ ସେମାନଙ୍କ ଠାରେ ସାମୟିକ ଏହାର ମାତ୍ରା ବୃଦ୍ଧି ଘଟେ। ପୁରୁଷମାନଙ୍କଠାରେ ଟେଷ୍ଟୋଷ୍ଟେରୋନ୍‌ର ମାଂସପେଶୀ ସୃଷ୍ଟିକାରୀ ପ୍ରଭାବ ରହିଛି। ମାଂସପେଶୀର ବସ୍ତୁତ୍ୱ ବୃଦ୍ଧି କରିବା ସହିତ ହାଡ଼ର ସାନ୍ଦ୍ରତା ବୃଦ୍ଧି କରାଏ ଏବଂ ଅଧିକ ପ୍ରଗାଢ଼ କାର୍ଯ୍ୟ କରିବା ଲାଗି ଶ୍ୱେତସାର ବ୍ୟବହାର କରି ଶକ୍ତି ଉତ୍ପାଦନ କରାଏ। ପୁରୁଷମାନଙ୍କ ହୃତପିଣ୍ଡ ଓ ଫୁସଫୁସ ଆକାରରେ ବଡ଼ ହୋଇଥିବା ବେଳେ ରକ୍ତରେ ହିମୋଗ୍ଲୋବିନ୍‌ର ସ୍ତର ମଧ୍ୟ ଉଚ୍ଚ। ଏହା ଅଧିକ ଅମ୍ଳଜାନ ଆବଶ୍ୟକ କରେ। ସେଥିପାଇଁ ସେମାନେ ଶୀଘ୍ର ହାଲିଆ ହୋଇପଡ଼ନ୍ତି ଏବଂ ସାଧାରଣ ଅବସ୍ଥାକୁ ଆସିବାକୁ ଅଧିକ ସମୟ ନିଅନ୍ତି।

### ବିଜ୍ଞାନ ବାର୍ତ୍ତା

ଅନ୍ୟପକ୍ଷରେ, ନାରୀମାନଙ୍କଠାରେ 'ଓଷ୍ଟ୍ରୋଜେନ୍'ର ପ୍ରଭାବ ହେତୁ ମାଂସପେଶୀ ସେତେଟା ଅସମ ହୁଏ ନାହିଁ। ସେମାନେ ଶ୍ରମକାଳରେ ଶକ୍ତି ପାଇଁ ସ୍ନେହସାରର ଜାରଣ ଉପରେ ଅଧିକ ନିର୍ଭରଶୀଳ ହୁଅନ୍ତି। ତେଣୁ ହଠାତ୍ ହାଲିଆ ହୋଇପଡ଼ନ୍ତି ନାହିଁ। ସେମାନଙ୍କ ହିମୋଗ୍ଲୋବିନ୍ ସ୍ତର କମ ଏବଂ ହୃତପିଣ୍ଡ ତୁଳନାତ୍ମକ ଭାବେ ସାନ। ଏଣୁ ବ୍ୟାୟାମ ବା ଶାରୀରିକ ଶ୍ରମ କାଳରେ ସେମାନଙ୍କ ହୃତ୍‌ସ୍ପନ୍ଦନ ହାର ପୁରୁଷ ତୁଳନାରେ ଅଧିକ ହୁଏ। ତେଣୁ ସେମାନେ ଶୀଘ୍ର ହାଲିଆ ହେବା ସ୍ଥିତିରୁ ମୁକୁଳି ଆସନ୍ତି।

'ଜେଣ୍ଡର ଇକ୍ୱ୍ୟଇଟି ପଲିସି ଇନଷ୍ଟିଚ୍ୟୁଟ' ଦ୍ୱାରା ୨୦୨୪ ମସିହାରେ ଅନୁଷ୍ଠିତ ଆକଳନ ଅନୁସାରେ ଦୈନନ୍ଦିନ ଜୀବନରେ ନାରୀମାନେ ପୁରୁଷମାନଙ୍କ ତୁଳନାରେ ୧୩ ଶତାଂଶ କମ୍ ବିଶ୍ରାମ ସମୟ ପାଆନ୍ତି। କାରଣ ସେମାନେ ଅନେକ ସମୟ ଧରି ଗୃହକର୍ମରେ ଲିପ୍ତ ରହନ୍ତି। ତେବେ ଏ କାମ ଏତେଟା କଠୋର ନୁହେଁ। ଏହା ସତ୍ତ୍ୱେ ବି ଯେତିକି ଶାରୀରିକ ଶ୍ରମ ବା ବ୍ୟାୟାମ ନାରୀମାନଙ୍କର ସର୍ବନିମ୍ନ ଆବଶ୍ୟକତା, ସେମାନଙ୍କ ମଧ୍ୟରୁ ୪୩ ଶତାଂଶ ତାହା କରନ୍ତି ନାହିଁ। ତେବେ ଶ୍ରମଜୀବୀ ମହିଳାଙ୍କ ସଂଖ୍ୟା କ୍ରମେ ବୃଦ୍ଧି ପାଉଥିବା ଦୃଷ୍ଟିରୁ ୨୦୩୦ ମସିହା ବେଳକୁ ଏହା ୩୨ ଶତାଂଶକୁ ହ୍ରାସ ପାଇବ ବୋଲି ମନେ କରାଯାଏ। ପୁରୁଷମାନଙ୍କ କ୍ଷେତ୍ରରେ ତାହା ଯଥାକ୍ରମେ ୨୭ ଶତାଂଶ ଓ ୧୯ ଶତାଂଶ।

କେବଳ ଭାରତୀୟ ମହିଳା କାହିଁକି, ସାରା ବିଶ୍ୱର ସମସ୍ତ ପ୍ରାପ୍ତବୟସ୍କଙ୍କ ମଧ୍ୟରୁ ୩୧ ଶତାଂଶ, ଅର୍ଥାତ୍ ୧.୮ ବିଲିୟନ ୨୦୨୨ ମସିହା ବେଳକୁ ଆବଶ୍ୟକସ୍ତରର ବ୍ୟାୟାମ ବା ଶାରୀରିକ ଶ୍ରମ କରୁ ନଥିଲେ। ଏଣୁ ବିଶ୍ୱସ୍ୱାସ୍ଥ୍ୟ ସଂଗଠନ ସେମାନଙ୍କୁ ସପ୍ତାହକୁ ଅତିକମ୍‌ରେ୧୫୦ ମିନିଟ ସାଧାରଣ ଭାବେ କିମ୍ବା ୭୫ ମିନିଟ୍ କଠିନ ଭାବେ ଶ୍ରମ କରିବାକୁ ଉପଦେଶ ଦେଇଛି।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ୯ମ ପେନ୍-ଇନ୍-ବୁକ୍ସ ଯୁବ ଲେଖକ ସମ୍ମାନ ସମାରୋହ

# ସମ୍ମାନିତ ହେଲେ ୧୦ ଯୁବ ଲେଖକ

ଭୁବନେଶ୍ୱର,୧୫।୧୨(ସମିସ): ପ୍ରକାଶନୀ ସଂସ୍ଥା 'ପେନ୍ ଇନ୍ ବୁକ୍ସ' ପକ୍ଷରୁ ନବମ 'ଯୁବ ଲେଖକ ସମ୍ମାନ' ସମାରୋହ ଅନୁଷ୍ଠିତ ହୋଇଯାଇଛି। ସୋମବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଏହି ଉତ୍ସବରେ ୧୦ଜଣ ଯୁବ ଲେଖକ ସେମାନଙ୍କ ପାଣ୍ଡୁଲିପି ନିମନ୍ତେ ୨୦୨୫ ମସିହା ପାଇଁ ଏହି ସମ୍ମାନ ଗ୍ରହଣ କରିଛନ୍ତି। ଅନୁରୂପ ଭାବେ ୨୦୨୪ରେ ସମ୍ମାନିତ ଲେଖକଙ୍କ ପୁସ୍ତକ ମଧ୍ୟ ଏ ଅବସରରେ ପ୍ରକାଶ ପାଇଛି।

ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବରିଷ୍ଠ ଲେଖକ ଓ ଚିନ୍ତକ ଦାଶ ବେନହୁର ଏଭଳି ପ୍ରୟାସର ପ୍ରଶଂସା କରିବା ସହ ତରୁଣଙ୍କ ମନରେ ଆଶା ଓ ଆତ୍ମବିଶ୍ୱାସ ବୃଦ୍ଧିରେ ଏ ଉତ୍ସବ ସହାୟକ ହେବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ କଥାଶିଳ୍ପୀ ତଥା କାଦମ୍ବିନୀର ସମ୍ପାଦିକା ଡ. ଇତିରାଣୀ ସାମନ୍ତ କହିଥିଲେ, ସଂଘର୍ଷ ନଥିଲେ ସଫଳତା ମିଳେ ନାହିଁ। ପୁରସ୍କାର ଜଣେ ଲେଖକକୁ ଅଧିକ ଦାୟିତ୍ୱବାନ କରିବା ସହ ଆଗକୁ ବାଟ କଢ଼ାଇନିଏ ବୋଲି କହିଥିଲେ। ଉତ୍ସବରେ ଅଧ୍ୟକ୍ଷତା କରି ସମ୍ମାନର ପ୍ରବର୍ତ୍ତକ ତଥା କଥାଶିଳ୍ପୀ ଶୁଭ୍ରାଂଶୁ ପଣ୍ଡା କହିଥିଲେ, ଧୈର୍ଯ୍ୟ ଓ ଆତ୍ମସମୀକ୍ଷା ଜଣେ

### ୧୦ ପୁସ୍ତକ ଲୋକାର୍ପଣ

ଲେଖକର ସବୁଠୁ ବଡ଼ ଅଳଙ୍କାର।

ସୂଚନା ଅନୁସାରେ, ୨୦୧୭ ମସିହାଠାରୁ ପ୍ରତିବର୍ଷ ପେନ୍ ଇନ୍ ବୁକ୍ସ ପକ୍ଷରୁ ୪୦ବର୍ଷରୁ କମ ବୟସର ୧୦ଜଣ ଯୁବ ଲେଖକଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଉଛି। ଗଳ୍ପ ପାଣ୍ଡୁଲିପି 'ଡେଣା ନଥିବା ଚଢ଼େଇ' ପାଇଁ ଶୁଭାଶିଷ ପଟ୍ଟନାୟକ, ଗଳ୍ପ ପାଣ୍ଡୁଲିପି 'ଭୟଙ୍କର ବର୍ଷାରାତି' ନିମନ୍ତେ ପ୍ରତିମା ପାତ୍ର, ଗଳ୍ପ ପାଣ୍ଡୁଲିପି 'ଦହିହାଣ୍ଡି' ପାଇଁ ଜିତେନ୍ଦ୍ର ସାହୁ, ଉପନ୍ୟାସ ପାଣ୍ଡୁଲିପି 'ଅଜ୍ଞାତବାସ' ପାଇଁ ଜନ୍ମେଜୟ ପଣ୍ଡା ଓ ଗଳ୍ପ ପାଣ୍ଡୁଲିପି 'ଟିସୁପେପର' ପାଇଁ ସ୍ରୋତସ୍ୱିନୀ ପରିଡ଼ାଙ୍କୁ



ଏହି ସମ୍ମାନ ପ୍ରଦାନ କରାଯାଇଛି। ଅନୁରୂପ ଭାବେ କବିତା ପାଣ୍ଡୁଲିପି 'ତ୍ୟାଗର ଈଶ୍ୱରୀ' ପାଇଁ କୌଶିକ ଗିରି, ଗଳ୍ପ ପାଣ୍ଡୁଲିପି 'ଶେଷରାକ୍ଷୀ ଓ ଅନ୍ୟାନ୍ୟ ଗଳ୍ପ' ପାଇଁ ସୁବ୍ରତ ପାତ୍ର, ଗଳ୍ପ ପାଣ୍ଡୁଲିପି 'ସ୍କେଚ୍' ପାଇଁ ଶିବ ଚରଣ ମହାପାତ୍ର, କବିତା ପାଣ୍ଡୁଲିପି 'କେହିଜଣେ ପ୍ରେମିକ ପୁରୁଷ' ପାଇଁ ଶୁଭସ୍ମିତା ତ୍ରିପାଠୀ ଓ କବିତା ପାଣ୍ଡୁଲିପି 'ଫୁଲ ଫୁଟିବାର ବେଳ' ପାଇଁ ଶୁଭଶ୍ରୀ ତନିମା ନାୟକଙ୍କୁ 'ପେନ୍ ଇନ୍ ବୁକ୍ସ ଯୁବ ଲେଖକ ସମ୍ମାନ-୨୦୨୫' ପ୍ରଦାନ କରାଯାଇଛି। ଆସନ୍ତା ବର୍ଷ ୧୦ମ ସମ୍ମାନ ଉତ୍ସବ ଅବସରରେ ସେମାନଙ୍କ ପୁସ୍ତକ ପ୍ରକାଶ ପାଇବ ବୋଲି ପେନ୍ ଇନ୍ ବୁକ୍ସ ପକ୍ଷରୁ ସୂଚନା ଦିଆଯାଇଛି।

ଏହି ଉପଲକ୍ଷେ ୨୦୨୪ ମସିହାରେ ୮ମ ସଂସ୍କରଣରେ ସମ୍ମାନିତ ହୋଇଥିବା ୧୦ଜଣ ଲେଖକଙ୍କ ପୁସ୍ତକକୁ ଆଜି ଅତିଥିମାନେ ଲୋକାର୍ପଣ କରିଛନ୍ତି। ୨୦୨୫ ମସିହା ପାଇଁ ମୋଟ ୬୪ଟି ପାଣ୍ଡୁଲିପି ଗ୍ରହଣ କରାଯାଇଥିବା ବେଳେ ବିଚାରକ ମଣ୍ଡଳୀ ଦ୍ୱାରା ୧୦ ପାଣ୍ଡୁଲିପିକୁ ଚୟନ କରାଯାଇଛି। ଜଣାଶୁଣା ଲେଖକ ପ୍ରକାଶ ମହାପାତ୍ର, ପ୍ରବୀଣା ମହାନ୍ତି ଓ ଆଶିଷ କୁମାର ଗଡ଼ନାୟକ ଏଥର ବିଚାରକ ରହିଥିଲେ। ଓଡ଼ିଆ ମିଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ସହମହାପ୍ରବନ୍ଧକ ତଥା କବି ପବିତ୍ର ମୋହନ କର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

■ ପୀତବାସ ହତ୍ୟା ମାମଲା

## ୫ ଅଭିଯୁକ୍ତଙ୍କ ଜାମିନ ଆବେଦନର ରାୟ ଆଜି

ବ୍ରହ୍ମପୁର, ୧୫।୧୨(ସମିସ): ବହୁଚର୍ଚ୍ଚିତ ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ୫ ଅଭିଯୁକ୍ତଙ୍କ ଜାମିନ ଆବେଦନ ସମ୍ପର୍କିତ ରାୟ ମଙ୍ଗଳବାର ପ୍ରକାଶ ପାଇବ ବୋଲି ଦିନ ଧାର୍ଯ୍ୟ ହୋଇଛି। ଏହି ମାମଲାରେ ପୁଲିସ୍ ଏଯାବତ ମୋଟ ୧୬ଜଣଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରୁ ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା, ପୂର୍ବତନ ମେୟର ଶିବଶଙ୍କର ଦାଶ ଓରଫ୍ ପିଣ୍ଟୁ, ଆଇନଜୀବୀ ମଦନ ମୋହନ ଦଳାଇ, ସୁନୀଲ ହୋତା ଓ ଶୂନ୍ୟଚନ୍ଦ୍ର ଦାସଙ୍କ ପକ୍ଷରୁ ସେମାନଙ୍କ ଓକିଲ ଜାମିନ ଆବେଦନ କରିଛନ୍ତି। ଗତ ୧୨ ତାରିଖରେ ଉପରୋକ୍ତ ୫ଜଣ ଅଭିଯୁକ୍ତଙ୍କ ଜାମିନ ଆବେଦନର ଶୁଣାଣି ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ (ତୃତୀୟ) ବିବସ୍ୱତ ଗୌତମଙ୍କ କୋର୍ଟରେ ଶେଷ ହୋଇ ରାୟ ସଂରକ୍ଷିତ ରହିଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୧୦ ଗ୍ରାମ୍‌କୁ...

ପିଛା ପ୍ରଥମ କରି ୧,୨୪,୧୦୦ ଟଙ୍କା ସ୍ତର ଛୁଇଁଛି। ତେବେ ସହରରେ ରୁପା କିଲୋ ପିଛା ୨,୦୯,୦୦୦ ଟଙ୍କା ରହିଛି। ନିବେଶ ପାଇଁ ସୁରକ୍ଷିତ ମାଧ୍ୟମ ହୋଇଥିବାରୁ ବିଶ୍ୱର ଅଧିକାଂଶ କେନ୍ଦ୍ରୀୟ ବ୍ୟାଙ୍କ ଏବଂ ବର୍ତ୍ତମାନର ବିବାହ ଋତୁରେ ଲୋକେ ପ୍ରଚୁର ମାତ୍ରାରେ ସୁନା କ୍ରୟ କରୁଥିବାରୁ ଏହି ହଳଦିଆ ଧାତୁର ମୂଲ୍ୟ ମହଙ୍ଗା ହେଉଥିବା ବଜାର ବିଶେଷଜ୍ଞମାନେ କହିଛନ୍ତି। ଅପରପକ୍ଷେ ଆଜି ନୂଆ ଦିଲ୍ଲୀର ସରାଫା ବଜାରରେ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧୮ ୭୪ ଟଙ୍କା ବୃଦ୍ଧି ଘଟି ୧,୩୫,୪୯ ୬ ଟଙ୍କାରେ ପହଞ୍ଚିଛି।

### ଗଙ୍ଗାକୁ ବିପଦ...

୬୦ ବର୍ଷ ପରେ ହିମାଳୟ ଅଞ୍ଚଳରେ ଏହି ପରମାଣୁ ଉପକରଣର ବିକିରଣ ହେବାର ଭୟ ଓ ପ୍ରଶ୍ନ ଉଠିଛି। ପ୍ଲୁଟୋନିୟମରେ ଭରପୁର ଏହି ଉପକରଣ ନନ୍ଦାଦେବୀ ପର୍ବତ ଉପରେ ଏକ ଗୁପ୍ତ ମିଶନ ଅବସରରେ ନିଖୋଜ ହୋଇଯାଇଥିଲା। ଆମେରିକା ଏବେ ମଧ୍ୟ ଏ ନେଇ କିଛି କହିବାକୁ ପଛଘୁଞ୍ଚା ଦେଉଛି। ଚୀନ ଉପରେ ନଜର ରଖିବା ଓ ଗୁପ୍ତଚର କରିବା ପାଇଁ ଆମେରିକାର ଜଣାଶୁଣା ଗୁପ୍ତଚର ସଂସ୍ଥା କେନ୍ଦ୍ରୀୟ ଗୁଇନ୍ଦା ସଂସ୍ଥା (ସିଆଇଏ) ଏହି ମିଶନ ଆପଣେଇଥିଲା। କିନ୍ତୁ ଆମେରିକାର ଏହି ମିଶନ ବିଫଳ ହୋଇଥିଲା। ନିକଟରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ଶୀତଳ ଯୁଦ୍ଧ ସମୟରେ ଚୀନରେ ପରମାଣୁ ପରୀକ୍ଷଣ ନେଇ ଆମେରିକା ଚିନ୍ତିତ ଥିଲା। ଫଳରେ ଭାରତ- ଚୀନ ସୀମାରେ ୨୫, ୬୪୫ ଫୁଟ ଉଚ୍ଚର ନନ୍ଦାଦେବୀ ଶିଖରକୁ ଏହି ମିଶନ ପାଇଁ ଚୟନ କରାଯାଇଥିଲା। ହଜିଥିବା ଏହି ଉପକରଣକୁ ଖୋଜି ପାଇବାରେ ଭାରତ ଓ ଆମେରିକୀୟ ସନ୍ଧାନ ମିଶନ ବିଫଳ ହୋଇଛି। ହଜିଥିବା ଉପକରଣରୁ ରେଡିଓ ଆକ୍ଟିଭ ସାମଗ୍ରୀର ବ୍ୟବହାର କରି ବିଦ୍ୟୁତ ଉତ୍ପାଦନ କରାଯାଇଥାଏ। ବର୍ଷ ବର୍ଷ ଧରି କାର୍ଯ୍ୟ କରିବା ପାଇଁ ତିଆରି ହୋଇଥିବା ଏହି ଉପକରଣ ହଠାତ ଅଦୃଶ୍ୟ ହୋଇଥିଲା। ଫଳରେ ୬୦ ବର୍ଷ ପରେ ମଧ୍ୟ ଏହା ଭାରତ ଓ ଗଙ୍ଗା ନଦୀ ପାଇଁ ବିପଦ ସୃଷ୍ଟି କରିଛି। ତେଣୁ ଏବେ ଏହା କେବଳ ଗଙ୍ଗା ପାଇଁ ନୁହେଁ; ସମଗ୍ର ହିମାଳୟ କ୍ଷେତ୍ର ପାଇଁ ବିପଦ ସୃଷ୍ଟି କରିଛି। ଯଦିଓ ଏପର୍ଯ୍ୟନ୍ତ କୌଣସି ବିକିରଣ ଲିକ୍ ହୋଇନାହିଁ ବୋଲି କୁହାଯାଇଛି। କିନ୍ତୁ ବୈଜ୍ଞାନିକ ମାନେ ଚେତାବନୀ ଦେଇଛନ୍ତି ଯେ, ଏହି ହଜିଥିବା ଆଣବିକ ଉପକରଣ ଯୋଗୁଁ ଉତ୍ତାପ ସୃଷ୍ଟି ହେବାର ସମ୍ଭାବନା ରହିଛି ଓ ଏହା ଗଙ୍ଗାର ଜଳକୁ ପ୍ରଭାବିତ କରିବାର ଆଶଙ୍କା ରହିଛି।

### ପ୍ରାଣଘାତୀ ଦିଲ୍ଲୀ...

ଅଞ୍ଚଳରେ ଏକ୍ୟୁଆଇ ୫୦୦ରେ ପହଞ୍ଚିଛି। ଏଭଳି ସ୍ଥିତିରେ ଡାକ୍ତରମାନେ ଛୋଟପିଲା, ବୃଦ୍ଧ, ଶ୍ୱାସକ୍ରିୟା ସମସ୍ୟା ଥିବା ଲୋକଙ୍କୁ ବିଶେଷ ଭାବେ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଛନ୍ତି। ପାଣିପାଗ ବିଭାଗ ଆକଳନ ଅନୁଯାୟୀ, ପବନର ବେଗ ବୃଦ୍ଧିପାଇଲେ ସାମାନ୍ୟ ଆଶ୍ୱସ୍ତି ମିଳିପାରେ। ପୁଣି ଜିଆରଏପି-୪ ଲାଗୁ କରାଯାଇଥିଲେ ମଧ୍ୟ ତାହା ପ୍ରଭାବହୀନ ସାବ୍ୟସ୍ତ ହୋଇଛି। ଗତ ଶନିବାର ଜିଆରଏପି-୩ ପରେ ଜିଆରଏପି-୪ ଲାଗୁ କରାଯାଇଥିଲା। କିନ୍ତୁ ସ୍ଥିତି ତଥାପି ଅପରିବର୍ତ୍ତିତ ରହିଛି। ଜିଆରଏପି-୪ କଟକଣା ଅନୁଯାୟୀ ୫୦ ପ୍ରତିଶତ କର୍ମଚାରୀ ଘରୁ କାମ କରୁଛନ୍ତି। ବଡ଼ ବାଣିଜ୍ୟିକ ଯାନବାହନ ପ୍ରବେଶ ଉପରେ ପ୍ରତିବନ୍ଧକ ଲଗାଯିବା ସହିତ ନିର୍ମାଣ କାର୍ଯ୍ୟ ବନ୍ଦ ରହିଛି। ହାଇବ୍ରିଡ ମୋଡରେ ସ୍କୁଲ ଚାଲିଛି। ଡିଜେଲ ଜେନେରେଟର, ଆରଏମ୍‌ସି ପ୍ଲାଣ୍ଟ, ପଥର କ୍ରସର, ଇଟା ଭାଟି ଓ ଖଣି ଉପରେ କଟକଣା ଲାଗୁ କରାଯାଇଛି। ସେହିପରି କଚ୍ଚା ରାସ୍ତାଉପରେ ନିର୍ମାଣ ସାମଗ୍ରୀ ପରିବହନକୁ ମଧ୍ୟ ନିଷିଦ୍ଧ କରାଯାଇଛି। ଏହାସତ୍ତ୍ୱେ ପରିସ୍ଥିତିରେ କୌଣସି ସୁଧାର ଆସୁନାହିଁ।

ଅଗାମୀ ୬ ଦିନ ପର୍ଯ୍ୟନ୍ତ ଏହିଭଳି ଗମ୍ଭୀର ସ୍ଥିତି ରହିବାର ସମ୍ଭାବନା ରହିଛି। ବାୟୁ ଗୁଣବତ୍ତା ପ୍ରାରମ୍ଭିକ ସତର୍କତା ପ୍ରାଣାଳୀ (ଏକ୍ୟୁଇଡବ୍ଲ୍ୟୁଏସ୍) ଅନୁଯାୟୀ ଆଗାମୀ ୬ ଦନ ପର୍ଯ୍ୟନ୍ତ ବାୟୁ ଗୁଣବତ୍ତା ଅତ୍ୟନ୍ତ ଖରାପ ବର୍ଗରେ ରହିବା ଆଶାଙ୍କା କରାଯାଉଛି।

### ଇତିହାସ ପାଲଟିବ ମନରେଗା...

ନେତୃତ୍ୱାଧୀନ ୟୁପିଏ ସରକାର ବେଳେ ମନରେଗା ସ୍କିମ ଆରମ୍ଭ କରାଯାଇଥିଲା। ଗ୍ରାମାଞ୍ଚଳରେ ବର୍ଷକୁ ୧୦୦ ଦିନର କାମ ଯୋଗାଇବା ଲାଗି ଏହି ସ୍କିମରେ ଗ୍ୟାରେଣ୍ଟି ଦିଆଯାଇଥିଲା ଏବଂ ଏହା ଗ୍ରାମ୍ୟ ବିକାଶରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା। ଏହାକୁ ଗେମ ଚେଞ୍ଜର ବୋଲି କୁହାଯାଉଥିଲା। ତେବେ ଜି ରାମ ଜି ନାମରେ ସରକାର ଯେଉଁ ନୂଆ ସ୍କିମ୍ ଆଣିବାକୁ ଯାଉଛନ୍ତି ତାହାକୁ ବିକଶିକ ଭାରତ ସହିତ ଯୋଡ଼ା ଯାଇଛି। ଏହି ସ୍କିମ୍‌ରେ ଅଣକୁଶଳୀ କାମ କରିବାକୁ ଇଚ୍ଛୁକ ପ୍ରତ୍ୟେକ ଗ୍ରାମୀଣ ପରିବାର ପାଇଁ ପ୍ରତିବର୍ଷ ୧୨୫ଦିନର ରୋଜଗାର ଗ୍ୟାରେଣ୍ଟି ଦିଆଯାଇଛି। କାମ ସରିବାର ସପ୍ତାହେ କିମ୍ବା ୧୫ ଦିନ ମଧ୍ୟରେ ମଜୁରି ପ୍ରଦାନ କରାଯିବ। ଏହି ସମୟ ମଧ୍ୟରେ ମଜୁରି ନ ମିଳିଲେ ବେକାରୀ ଭତ୍ତା ପ୍ରଦାନ କରିବାକୁ ବ୍ୟବସ୍ଥା କରାଯାଇଛି। ନୂଆ ସ୍କିମରେ କାମକୁ ୪ ଭାଗରେ ବିଭକ୍ତ କରାଯିବ। ଏଗୁଡ଼ିକ ହେଲା ଜଳ ନିରାପତ୍ତା, ମୌଳିକ ଗ୍ରାମୀଣ ଭିତ୍ତିଭୂମି, ଜୀବିକା ସଂକ୍ରାନ୍ତ ଭିତ୍ତିଭୂମି ଏବଂ ବିପର୍ଯ୍ୟୟ ପ୍ରଶମନ ଲାଗି ସ୍ୱତନ୍ତ୍ର କାର୍ଯ୍ୟ। ଏହି ସ୍କିମରେ ପାରିଦର୍ଶିତା ଆଣିବା ଲାଗି ବାୟୋମେଟ୍ରିକ୍ ଓ ଜିଓଟାଗିଂର ବ୍ୟବସ୍ଥା କରାଯାଇଛି।

ତେବେ ମନରେଗାରେ କେନ୍ଦ୍ର ସରକାର ଶତ ପ୍ରତିଶତ ପାଣ୍ଠି ଯୋଗାଉଥିବା ବେଳେ ଜି ରାମ ଜି ସ୍କିମରେ ୬୦:୪୦ ଅନୁପାତ ରଖାଯାଇଛି। ଅର୍ଥାତ କେନ୍ଦ୍ର ସରକାର ୬୦ ପ୍ରତିଶତ ଓ ରାଜ୍ୟ ସରକାର ୪୦ ପ୍ରତିଶତ ପାଣ୍ଠି ଯୋଗାଇବେ। ତେବେ ହିମାଳୟ ଅଞ୍ଚଳ ଓ ଉତ୍ତର ପୂର୍ବାଞ୍ଚଳ ରାଜ୍ୟରେ ଏହି ଅନୁପାତ ୯୦:୧୦ ରହିବ। କେନ୍ଦ୍ର ଶାସିତ ଅଞ୍ଚଳରେ କେନ୍ଦ୍ର ସରକାର ଶତ ପ୍ରତିଶତ ପାଣ୍ଠି ଯୋଗାଇବେ। ଏହି ସ୍କିମ ପାଇଁ ବର୍ଷକୁ ୧.୫୧ ଲକ୍ଷ କୋଟି ଟଙ୍କାର ବ୍ୟବସ୍ଥା ଥିବା ବେଳେ କେନ୍ଦ୍ର ସରକାର ୯୫ ହଜାର ୬୯୨ ||କୋଟି ଟଙ୍କା ଯୋଗାଇଦେବେ।

ତେବେ ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ଏହି ବିଲ୍‌କୁ ବିରୋଧ କରିଛି। କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀ ପ୍ରଶ୍ନ କରିଛନ୍ତି ଯେ, ଏହି ଯୋଜନାରୁ ମହାତ୍ମା ଗାନ୍ଧୀଙ୍କ ନାମ କାହିଁକି କଟାଯାଇଛି। ମହାତ୍ମା ଗାନ୍ଧୀଙ୍କୁ ନେଇ ଏ ସରକାର ଏତେ ଅସହିଷ୍ଣୁ କାହିଁକି ବୋଲି ସେ ପ୍ରଶ୍ନ କରିଛନ୍ତି।

ସୂଚନାଯୋଗ୍ୟ ଯେ ଡିସେମ୍ବର ୧୨ରେ ସୂଚନା ଦିଆଯାଇଥିଲା ଯେ, କେନ୍ଦ୍ର କ୍ୟାବିନେଟ ମନରେଗାର ନାମ ପରିବର୍ତ୍ତନ କରି ପୂଜ୍ୟ ବାପୁ ଗ୍ରାମୀଣ ରୋଜଗାର ଯୋଜନା ରଖାଯିବ। ତେବେ ଏ ନେଇ ସରକାରଙ୍କ ତରଫରୁ ଆନୁଷ୍ଠାନିକ ଭାବେ କିଛି ବିଜ୍ଞପ୍ତି ପ୍ରକାଶିତ ହୋଇ ନଥିଲା।

### ମହମ୍ମଦ ମୋକିମ...

ଯୁକ୍ତି ରଖିଛନ୍ତି। ଅନ୍ୟପଟେ ମୋକିମ ଏହି ପ୍ରସଙ୍ଗରେ କହିଛନ୍ତି, ମୋତେ କଂଗ୍ରେସ ଦଳରୁ ବହିଷ୍କାର କରାଯାଇଛି। ମୁଁ କିଛି ଭୁଲ କରିନାହିଁ, ମୋ ବିଚାରଧାରା କଂଗ୍ରେସ ସହ ଅଛି, ଆଉ ରହିବ। ମୁଁ ରାଜନୀତି ୨୪ ଘଣ୍ଟା କରି ଆସୁଛି। ଏହା ଜାରି ରହିବ। ଲୋକଙ୍କ ସହ ସବୁବେଳେ ଜଡ଼ିତ ରହି ଆସିଛି, ଆଗକୁ ବି ଏହି ସବୁ କାର୍ଯ୍ୟ ଜାରି ରହିବ। କଂଗ୍ରେସ ମୋତେ ଦୂରେଇ ଦେଇଛି, କିନ୍ତୁ ମୋ ବିଚାରଧାରାକୁ ନୁହେଁ। ତାକୁ କେହି ବି ଦୂରେଇ ପାରିବେ ନାହିଁ। ରାଜନୀତି କରୁଥିଲି, ଆଗକୁ ମଧ୍ୟ କରିବି। ରାହୁଲ ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କଂଗ୍ରେସରେ ଦୀର୍ଘ ଦିନ ରହିଥିଲି। ସେ ସବୁବେଳେ କୁହନ୍ତି 'ଡରୋ ମତ୍'। ତେଣୁ ମୁଁ ନ ଡରି ଦଳ ଭିତରେ ହେଉଥିବା ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରି ଦଳର ସର୍ବୋଚ୍ଚ ନେତ୍ରୀ ମାଡମ ସୋନିଆ ଗାନ୍ଧିଙ୍କଙ୍କୁ ଚିଠି ଲେଖିଥିଲି। କଂଗ୍ରେସ ଯାହା କରିଛି ମୁଁ ତାକୁ ସ୍ୱାଗତ କରୁଛି ବୋଲି ନିଜ ପ୍ରତିକ୍ରିୟାରେ ମୋକିମ କହିଛନ୍ତି।

ଅନ୍ୟପଟେ ପୂର୍ବତନ ପିସିସି ସଭପତି ନିରଞ୍ଜନ ପଟ୍ଟନାୟକ ଏହି ଘଟଣାରେ ମାପିଚୁପି ବୟାନ ଦେଇଥିଲେ ମଧ୍ୟ ମୋକିମଙ୍କ ପ୍ରତି ନରମ ମୋନଭାବ ଦେଖାଇଛନ୍ତି। ସେ କହିଛନ୍ତି, କଟକରେ ମୋକିମଙ୍କ ପାଇଁ ଆମେ ଜିତିଲୁ। ମୋକିମଙ୍କର କଂଗ୍ରେସ ପ୍ରତି ଅବଦାନ ବହୁତ ରହିଛି। ୧୯୮୦ ପରଠୁ କଟକରେ କଂଗ୍ରେସ ଜିତି ପାରୁ ନ ଥିଲା, ମୋକିମ ସେଠାରେ ଜିତାଇଛନ୍ତି। ଲଗାତାର ୨ ଥର କଟକରେ କଂଗ୍ରେସ ଜିତିଲାଣି, ଏବେ ତାଙ୍କ ଝିଅ ବିଧାୟିକା ଅଛନ୍ତି। ନୂଆପଡ଼ା ନିର୍ବାଚନ ବେଳେ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଆବଶ୍ୟକତା ନାହିଁ ମନ୍ତବ୍ୟ ତାଙ୍କୁ ବାଧିଲା। ସେଥିପାଇଁ ଆମେ ସମସ୍ତେ ଦାୟୀ, ତାକୁ ଉପଶମ କରିବାର ଥିଲା। ନୂଆପଡ଼ାକୁ ନେଇ ଯେପରି କୁହାଗଲା ସେପରି କୁହାଯିବାର ନ ଥିଲା। ସେ ଯେଉଁ ଚିଠି ଲେଖିଲେ ସେଥିରେ କିଛି ସତ୍ୟ ଥାଇପାରେ ବୋଲି ନିରଞ୍ଜନ କହିଥିବା ବେଳେ ମାତ୍ର ସେ ଯେପରି ଭାବେ ଗଣମାଧ୍ୟମକୁ ଯାଇ କହିଲେ ତାହା ଠିକ୍ ନୁହେଁ ବୋଲି ସେ କହିଛନ୍ତି। ତେବେ ମୋକିମଙ୍କ ପରି ବ୍ୟକ୍ତିଙ୍କର ଦଳରେ ଆବଶ୍ୟକତା ରହିଛି। କଂଗ୍ରେସ ପ୍ରତି ତାଙ୍କର ଦୁର୍ବଳତା ସହ କିଛି ଅସନ୍ତୋଷ ଅଛି ତାଙ୍କୁ ବୁଝାଇ ଅଣାଯିବା ଦରକାର ବୋଲି ନିରଞ୍ଜନ କହିଛନ୍ତି। ସେହିପରି ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ର କହିଛନ୍ତି ହାଇକମାଣ୍ଡ ଏହି ନିଷ୍ପତ୍ତି ନେଇଛନ୍ତି, ତେଣୁ ଏ ବାବଦରେ ଅଧିକ କହିବିନି। ମାତ୍ର ନିଷ୍ପତ୍ତି ଉପରେ ଆଉ ଥରେ ବିଚାର କରିବା ଉଚିତ୍। କଟକର ସେ ଜଣେ ମଜବୁତ୍ ନେତା ଥିଲେ, କଟକରେ ପ୍ରଭାବ ପଡ଼ିବ ବୋଲି ନରସିଂହ କହିଛନ୍ତି। ତେବେ କଂଗ୍ରେସ ପକ୍ଷରୁ ମିଡିଆ ସେଲ୍ ଅଧ୍ୟକ୍ଷ ଅରବିନ୍ଦ ଦାସ ମୋକିମଙ୍କ ଚିଠି ଲେଖା ପରେ ଏହାକୁ ମିଡିଆରେ ପ୍ରଘଟ କରିବାର ନ ଥିଲା ବୋଲି କହିଛନ୍ତି। ସେ କହିଛନ୍ତି, ଦଳରେ ରହି କେନ୍ଦ୍ର ଓ ରାଜ୍ୟ ନେତୃତ୍ୱକୁ ସମାଲୋଚନା କରୁଥିଲେ। ଶୀର୍ଷ ନେତୃତ୍ୱକୁ ଟାହିଟାପରା କରୁଥିଲେ। ଏହା ଆଦୌ ଠିକ୍ ନୁହେଁ। ଏହାସହ ଗଣମାଧ୍ୟମରେ ଚିଠି ପ୍ରଘଟ କରିବା ଆଦୌ ଠିକ୍ ନଥିଲା ବୋଲି ଶ୍ରୀ ଦାସ କହିଛନ୍ତି।

### ବଢୁଛି ଆଦିବାସୀଙ୍କ...

ରଖିଛନ୍ତି। ଓଡ଼ିଶାରେ ଏହି ଆଇ କାର୍ଯ୍ୟକାରୀ କରିବା ପାଇଁ ସରକାର ବିଚାର କରୁଛନ୍ତି। ୨୦୨୪ ମସିହା ଅଗଷ୍ଟ ୩୦ ତାରିଖରେ ପଞ୍ଚାୟତିରାଜ ବିଭାଗରେ ପ୍ରମୁଖ ସଚିବଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ଅଂଶୀଦାର ବିଭାଗ ସହ ଏକ ପରାମର୍ଶ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସମସ୍ତ ସମ୍ପୃକ୍ତ ବିଭାଗକୁ ସେମାନଙ୍କ ସମ୍ପୃକ୍ତ କ୍ଷେତ୍ରରେ ଚିଠା ପେସା ନିୟମର ସମୀକ୍ଷା ଏବଂ ଗଠନମୂଳକ ମତାମତ ପ୍ରଦାନ କରିବାକୁ ଅନୁରୋଧ କରାଯାଇଥିଲା। ସମସ୍ତ ଆପତ୍ତି ଏବଂ ପରାମର୍ଶକୁ ବିଶ୍ଳେଷଣ କରି ସମ୍ପୃକ୍ତ ବିଭାଗର ଅଂଶୀଦାରଙ୍କ ସୁଚିନ୍ତିତ ପରାମର୍ଶ ନିଆଯାଇ ଓ ତାକୁ ତର୍ଜମା କରାଯାଇ ପେସା ନିୟମାବଳୀକୁ ସମସ୍ତ ପେସା ଅଞ୍ଚଳରେ ସମ୍ପୂର୍ଣ୍ଣ ଲାଗୁ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେବେ ବୋଲି ମନ୍ତ୍ରୀ ଉତ୍ତର ଦେଇଛନ୍ତି।

ମନ୍ତ୍ରୀଙ୍କ ଏହି ଉତ୍ତର ଏବେ ଆଦିବାସୀ ସମାଜକୁ କ୍ଷୁବ୍ଧ କରିଛି। କଂଗ୍ରେସ ବିଧାୟକ ପବିତ୍ର ସାଉନ୍ତା କହିଛନ୍ତି ଯେ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ଦେଶର ରାଷ୍ଟ୍ରପତି ଆସନ ଆଦିବାସୀ ଅଳଙ୍କୃତ କରିବା ଆମ ପାଇଁ ଗର୍ବର ବିଷୟ। ମାତ୍ର ସମାନ ସମୟରେ ଆଦିବାସୀ ଉନ୍ନତି ଓ ବିକାଶ ପ୍ରତି ସରକାରଙ୍କର ଆନ୍ତରିକତା ଦେଖାଉ ନାହାନ୍ତି ଆଦିବାସୀ ନିଜର ଅଧିକାର ସାବ୍ୟସ୍ତ କରିପାରୁ ନାହାନ୍ତି। ଗୋଟିଏ ପଟେ ଆଦିବାସୀ ଅଞ୍ଚଳରୁ ସରକାର ଦୈନିକ କୋଟି କୋଟି ଟଙ୍କାର ରାଜସ୍ୱ ସଂଗ୍ରହ କରୁଛନ୍ତି। ସମାନ ସମୟରେ ଆଦିବାସୀଙ୍କ ଦୀର୍ଘଦିନର ଦାବି ପେସା ଆଇନର ସମ୍ପୂର୍ଣ୍ଣ ଲାଗୁ କ୍ଷେତ୍ରରେ ପଛଘୁଞ୍ଚା ଦେଉଛନ୍ତି। ସରକାର ଏନେଇ ବାରମ୍ବାର ପ୍ରତିଶ୍ରୁତି ଦେଇଥିବା ବେଳେ ଏହା ପାଣିର ଗାର ସାବ୍ୟସ୍ତ ହୋଇଛି। ଏପରିକି ଗୃହରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ୫୩ ଜଣ ବିଧାୟକ ରହିଛନ୍ତି। ମାତ୍ର ସରକାର ନିଜ ଘୋଷଣା ଅନୁଯାୟୀ ଆମ ସହ ଥରୁଟିଏ ହେଲେ ମଧ୍ୟ ଏନେଇ ଚର୍ଚ୍ଚା କରିନାହାନ୍ତି ବୋଲି ଶ୍ରୀ ସାଉନ୍ତା କ୍ଷୋଭ ପ୍ରକାଶ କରିଛନ୍ତି।

ନିଜ ନିର୍ବାଚନୀ ଇସ୍ତାହାରଠାରୁ ଆରମ୍ଭ କରି ବିଜେପି ସରକାରର ପ୍ରଥମ ବିଧାନସଭା ଅଧିବେଶନରେ ରାଜ୍ୟରେ ପେସା ଆଇନ ଲାଗୁ କରିବାକୁ ପ୍ରତିଶ୍ରୁତି ଦେଇଥିଲା। ଏହି ଆଇନ ଲାଗୁ ହୋଇଥିଲେ ରାଜ୍ୟର ଅନୁସୂଚିତ ଜନଜାତି ବହୁଳ ଜିଲ୍ଲାର ଆଦିବାସୀ ବେଶ୍ ଲାଭାନ୍ୱିତ ହୋଇଥାନ୍ତେ। ପେସା ଅଧିନିୟମରେ ଥିବା ବ୍ୟବସ୍ଥା ଅନୁଯାୟୀ ଏହି ଆଇନ କାର୍ଯ୍ୟକାରୀ ହେଉଥିବା ଅଞ୍ଚଳରେ ଗ୍ରାମସଭାର ନିଷ୍ପତ୍ତି ସର୍ବୋପରି ହୋଇଥିବା ବେଳେ ସ୍ଥାନୀୟ ଶାସନ ବ୍ୟବସ୍ଥାକୁ ଏହା ସୁଦୃଢ଼ କରିପାରିବ। ମାତ୍ର ସରକାର ଏହି ଆଇନ ଲାଗୁ କରିବାରେ ଲଗାତାର ଭାବେ ପଛଘୁଞ୍ଚା ଦେବାକୁ ସାଧାରଣରେ କଡ଼ା ପ୍ରତିକ୍ରିୟା ପ୍ରକାଶ ପାଇଛି। ଉଲ୍ଲେଖଯୋଗ୍ୟ ଯେ ଗତ ମେ ମାସରେ ଏକ ସମୀକ୍ଷା ବୈଠକରେ ପେସା ଆଇନ ଲାଗୁ କରିବା ପାଇଁ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ରାଜ୍ୟ ସରକାରଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଇଥିଲେ। ପେସା ଆଇନ ଲାଗୁ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ଟାସ୍କଫୋର୍ସ ଗଠନ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ଯାହାକୁ ଏଯାବତ୍ ସରକାର କାର୍ଯ୍ୟକାରୀ କରିଲେ ନାହିଁ। ଆଇନ କାର୍ଯ୍ୟକାରିତା ଦିଗରେ ସରକାରଙ୍କ ଏପରି ନିଷ୍କ୍ରିୟତାକୁ ନେଇ ସାଧାରଣରେ କଡ଼ା ପ୍ରତିକ୍ରିୟା ପ୍ରକାଶ ପାଇଛି। ଆଗାମୀ ଦିନରେ ଆଦିବାସୀଙ୍କର ଏନେଇ ଆନ୍ଦୋଳନାତ୍ମକ ପଦକ୍ଷେପକୁ ଏଡ଼ାଇ ଦିଆଯାଇନପାରେ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

### ପୁରୁଷବନ୍ଧୁଙ୍କୁ ମାଡ଼...

ଦୁର୍ବୃତ୍ତ ଦୁଇଟି ବାଇକ୍‌ରେ ତାଙ୍କୁ ପିଛା କରିଥିଲେ। ଏକ ନିକାଞ୍ଚନ ସ୍ଥାନରେ ତାଙ୍କୁ ଅଟକାଇ ଲୁଟ୍ ଉଦ୍ୟମ କରିଥିଲେ। ନାବାଳିକା ଏବଂ ପୁରୁଷବନ୍ଧୁ ସେମାନଙ୍କୁ ବିରୋଧ କରିବାରୁ ଏଥିରେ ଉତ୍‌କ୍ଷିପ୍ତ ହୋଇଯାଇଥିଲେ। ଦୁର୍ବୃତ୍ତମାନେ ପୁରୁଷ ବନ୍ଧୁଙ୍କୁ ନିସ୍ତୁକ ମାଡ଼ ମାରିବା ପରେ ତାଙ୍କ ଆଖି ଆଗରେ ନାବାଳିକାଙ୍କୁ ଗଣଦୁଷ୍କର୍ମ କରିଥିଲେ। ନାବାଳିକାଜଣଙ୍କ ଯେତେ କାକୁତିମିନତି ହୋଇଥିଲେ ହେଁ ଯୌନପିପାସୁ ରାକ୍ଷସମାନେ କିଛି ଶୁଣି ନଥିଲେ। ପରେ ସେମାନେ ଉଭୟଙ୍କଠାରୁ ସୁନା, ଟଙ୍କା ଲୁଟ୍ କରି ଫେରାର୍ ହୋଇଯାଇଥିଲେ। ଏନେଇ ନାବାଳିକା ଜଣଙ୍କ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଅଭିଯୋଗକୁ ଭିତ୍ତି କରି ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାରେ ପୁଲିସ ୨ଜଣଙ୍କୁ ଗିରଫ କରିଛି। ଅନ୍ୟ ଅଭିଯୁକ୍ତମାନେ ଫେରାର ଥିବା ଜଣାପଡ଼ିଛି। ଏହି ଘଟଣାରେ ନାବାଳିକା ଏବଂ ପୁରୁଷବନ୍ଧୁଙ୍କ ବୟାନ ରେକର୍ଡ କରାଯାଇଛି।

### ଡିଜି ଅଫିସ ସମ୍ମୁଖରେ...

ତାଙ୍କର ଭରସା ନଥିବା କହିଛନ୍ତି। ଏହା ପୂର୍ବରୁ ବହୁବାର ତାଙ୍କ ଉପରେ ଏବଂ ମହିଳା, ଯୁବ, ଛାତ୍ର ସମସ୍ତ କର୍ମୀ ଉପରେ ଏଭଳି ଆକ୍ରମଣ ବାରମ୍ବାର ଘଟୁଛି। ଅଭିଯୋଗ ମଧ୍ୟ ହୋଇଛି। କିନ୍ତୁ ପୁଲିସର କାର୍ଯ୍ୟାନୁଷ୍ଠାନ ଶୂନ ବା ଓଲଟା ହୋଇଥିବା ସେ ଦର୍ଶାଇଛନ୍ତି। ଅପରପକ୍ଷରେ ବିଧାୟକ ହିମାଂଶୁ ସାହୁଙ୍କ ସମର୍ଥକମାନେ ବିଜୁ ଜନତା ଦଳର ସାମାଜିକ ଗଣମାଧ୍ୟମର ୬ ଜଣ କର୍ମୀଙ୍କ ନାମରେ ଜେନାପୁର ଥାନାରେ ଅଭିଯୋଗ କରିବା ସହ ଥାନା ଘେରଉ କରି ଧାରଣାରେ ବସିଛନ୍ତି। ଜାରକାଠାରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଏକ ସାମ୍ବାଦିକ ସମ୍ମିଳନୀ କରି ଏ ଘଟଣା ସମ୍ବନ୍ଧରେ ସେ ସାମାଜିକ ଗଣମାଧ୍ୟମରୁ ଜାଣିଲେ ବୋଲି ପ୍ରକାଶ କରିଛନ୍ତି। ଯେଉଁମାନେ ଏହି ଘଟଣାରେ ଦୋଷୀ ସେମାନଙ୍କୁ ପୁଲିସ ଉପଯୁକ୍ତ ଦଣ୍ଡ ଦେବ ବୋଲି ସେ କହିଛନ୍ତି। ମାତ୍ର ବିଧାୟକଙ୍କ ଏପରି ମନ୍ତବ୍ୟକୁ ବିଜେଡି ସମାଲୋଚନା କରିଛି। ନିଜକୁ ଏହି ଘଟଣାରୁ ଖସାଇ ଦେବା ପାଇଁ ବିଧାୟକ ଚେଷ୍ଟା କରୁଛନ୍ତି ବୋଲି ବିଜେଡି କହିଛି।

## ନାବାଳିକାକୁ ହତ୍ୟା କରି ବିଷ ପିଇ ଜୀବନ ହାରିଲା ପ୍ରେମିକ

ନୟାଗଡ଼,୧୫।୧୨(ସମିସ): ନୟାଗଡ଼ ଜିଲ୍ଲା ଶରଣକୁଳ ଥାନା ଅନ୍ତର୍ଗତ ମଗରବନ୍ଧ ଗାଁରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ନାବାଳିକାକୁ ଶିବ ମନ୍ଦିର ନିକଟରେ ହତ୍ୟା କରି ଯୁବକ ଜଣକ ବିଷପିଇ ଦେଇଛନ୍ତି। ଉଭୟ ନାବାଳିକା ଓ ଯୁବକଙ୍କ ମୃତ୍ୟୁ ଘଟିଛି। ମଗରବନ୍ଧ ଗାଁର ଗୋଲଖ ନାୟକଙ୍କ ପୁଅ ପୂର୍ଣ୍ଣଚନ୍ଦ୍ର ନାୟକ ଉକ୍ତ ଗ୍ରାମର କୈଳାଶ ନାୟକଙ୍କ ଝିଅ ସମୀକ୍ଷା ନାୟକଙ୍କୁ ଏକତରଫା ପ୍ରେମ କରୁଥିଲେ। ସମୀକ୍ଷା ଦଶମ ଶ୍ରେଣୀରେ ପାଠ ପଢୁଥିଲେ। ସୋମବାର ସକାଳୁ ସମୀକ୍ଷା ସାବିଦେଇପୁର ଶିବ ମନ୍ଦିରକୁ ଆସିଥିବାବେଳେ ପୂର୍ଣ୍ଣ ତାଙ୍କ ସହ କଥାବାର୍ତ୍ତା ହୋଇଥିଲେ। ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ମଧ୍ୟ ହୋଇଥିଲା। ଯାହାକୁ ନେଇ ମନ୍ଦିରରେ ପଡ଼ିଥିବା ଏକ ଲୁହା ପାଇପ୍‌ରେ ପୂର୍ଣ୍ଣ ସମୀକ୍ଷାଙ୍କ ମୁଣ୍ଡକୁ ଶକ୍ତ ପାହାର ପକାଇଥିଲେ। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲେ। ମନ୍ଦିର ପାଶ୍ୱର୍ରେ ସମୀକ୍ଷାଙ୍କ ମୃତଦେହକୁ ଫିଙ୍ଗି ଦେଇ ନିଜେ ବିଷପିଇ ଦେଇଥିଲେ। ପୂର୍ଣ୍ଣ ଓ ସମୀକ୍ଷାଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରି ସ୍ଥାନୀୟ ଲୋକେ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ଡାକ୍ତର ପରୀକ୍ଷା କରିବା ପରେ ସମୀକ୍ଷାଙ୍କୁ ମୃତ ଘୋଷଣା କରିଥିଲେ। ସେପଟେ ପୂର୍ଣ୍ଣଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଭୁବନେଶ୍ୱର ଏମ୍‌ସ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ପୂର୍ଣ୍ଣଚନ୍ଦ୍ରଙ୍କର ମୃତ୍ୟୁ ଘଟିଛି। ସମୀକ୍ଷାଙ୍କ ବାପା କୈଳାଶ ନାୟକ ଏନେଇ ଶରଣକୁଳ ଥାନାରେ ଏତଲା ଦେଇଥିଲେ। ପୁଲିସ ଏକ ମାମଲା ରୁଜୁ କରି ଛାନ୍‌ଭିନ୍ କରିଛି।


GOVERNMENT OF ODISHA
DEPARMENT OF WATER RESOURCES
OFFICE OF THE SUPERINTENDING ENGINEER,
EARTH DAM DIVISION, CHITRAKONDA
DISTRICT: MALKANGIRI
A-1125
E-mail ID -executiveengineereddckd@gmail.com
e- Procurement Notice No. SE-EDD-CKD-02/2025-26

The Superintending Engineer, Earth Dam Division, Chitrakonda on behalf of Hon' ble Governor of ODISHA invites On-line Percentage Rate tender in single cover system through e-procurement for execution of the following work. The bid should be submitted by eligible class of contractors On-line in the Govt. website www.tenderorissa.gov.in. The bidders should have necessary portal enrolment with own digital signature certificate. The registered bidders outside of ODISHA can also participate in this on-line tender process after necessary portal enrolment but shall have to subsequently undergo registration with the appropriate authority of the State Govt. before signing of the agreement. The bidders may submit online bids for any or all the following works.

Details as below:-
1. Name of Work: As per detailed Tender Call Notice.
2. Total No. of Works: 11 (Eleven) Nos.
3. Estimated cost of Works(s): Varies from Rs. 30.56 Lakhs to Rs. 8.41 Lakhs.
4. Period of completion: 04 Calendar Month to 02 Calendar Month.

| Procurement Officer | Bid -Identification No. | Availability and submission of Bids – on line | | Opening of Tender |
|---|---|---|---|---|
| | | Form | To | |
| 1 | 2 | 3 | 4 | 5 |
| Superintending Engineer, Earth Dam Division, Chitrakonda | SE-EDD-CKD- 02/2025-26 | 20.12.2025 10.00 A.M. | 30.12.2025 up to 5.00 PM. | 31.12.2025 At 10.30 A.M. on wards at O/o S.E.,Earth Dam Division, Chitrakonda. |

Further details can be seen from the Govt. web site www.tendersorissa.gov.in.
Corrigendum / addendum / Cancelation of tender can also be seen in the aforesaid website.
Sd/- Er. S. Sahu
Superintending Engineer,
Earth Dam Division, Chitrakonda
Malkangiri (O)
OIPR-32019/11/0010/2526



GOVERNMENT OF ODISHA
OFFICE OF THE PURI MUNICIPALITY, PURI
C-1794
Email: enfpuri.od@gov.in
NATIONAL COMPETITIVE BIDDING THROUGH e-Procurement
Identification No. P.M.05/2025-26
Notice No. 1108 / Date 10.12.2025

1. Type of Work: Civil Work. 2. Total No. of work : 41 Nos. of Individual Works, 3. Estimate Cost: Rs. 254230/- T0 Rs. 3394019/-, 4. Perovd of completion 45 to 150 Days, 5. Date & time of availability of bid document in the Portal: - from 03 P.M of 10.12.2025 to 05 P.M of 29.12.2025, 6. Last date/Time for receipt of bid in the portal: - up to 05 P.Mof 29.12.2025, 7. Date of Opening of bid 11 A.M. of dtd 30.12.2025, 8. Name & address of the officer inviting Bid: Executive Officer, Puri Municipality Puri. Further details can be seen from the e-procurement portal www.tendersorissa.gov.in.
OIPR-13159/11/0075/2526
Executive Officer
Puri Municipality, Puri



O-1779
OFFICE OF THE EXECUTIVE ENGINEER
RURAL WORKS DIVISION, BARGARH
Email: rd_bgh@yahoo.co.in
Gmail: rwd.bgh@gmail.com
e-Procurement Notice No. ONLINE-BGH- 21 OF 2025-26

| | | |
|---|---|---|
| 1 | Name of the Work | Road work during 2025-26 in the district of Bargarh. |
| 2 | EMD | @ 1% of the estimated cost put to tender |
| 3 | Other details | As per DTCN |

| Procurement Officer | Bid Identification No. | Availability of Tender online for bidding | | Last Date & Time of Seeking tender clarification | Date & Time of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Bargarh | ONLINE-BGH-21 OF 2025-26 | 16.12.2025 at 11.00 A.M. | 22.12.2025 upto 5.00 P.M. | 22.12.2025 upto 4.00 PM | 23.12.2025 at 11.00 A.M. |

Further details can be seen from the website www.tendersorissa.gov.in.
Sd/-
Executive Engineer
R.W. Division, Bargarh
OIPR-25062/11/0043/2526



AFFIDAVIT
By virtue of an affidavit sworn before The Executive Magistrate, Bhubaneswar, CF.NO- 02, dated 15-12-2025 I, TERESA SINGH, Permanent resident of At./Po- Goudagotha, Ps- Badagada, Dist- Ganjam, State- Odisha, PIN- 761109, declare that I have changed my name from TERSHITA SING (Old name) to TERESA SINGH (New name), Henceforth, I shall be known as TERESA SINGH for all purposes.
Sd-( TERESA SINGH )

AFFIDAVIT
I Arun Kumar Patra, S/o- Dibakar Patra, At-Palusia, Po- Gopinathpur, Ps-Bhograi, Dist- Balasore, Pin-756036, Odisha, declared by affidavit before Executive Magistrate, Bhograi No.6214 / 15.12. 2025, that I have changed of my daughter's name Hena Rani Patra to Hena Patra. Henceforth she shall be known as Hena Patra for all purpose.

AFFIDAVIT
I, Mrs Geetanjali Pattanaik, wife of Mr Sambhu Nath Pattanaik, residence of Plot No.69/2217, Gangotrinagar, Lane -3A, Po: Sishupalgarh, Bhubaneswar, Dist: Khordha, Odisha-751002. Have change my name from Mrs Geetanjali Pattanaik(Existing Name) to Mrs Gitanjali Pattanaik (New Name) and Date of Birth 01 Apr 1970, as per affidavit dated 18h Nov 2025,at : Bhubaneswar, odisha

AFFIDAVIT
I, Dipendra Mahakuda, aged about 47 years, S/o- Nilamani Mahakuda, resident of At- Plot No- 396/1354, Paika Nagar, Near Delta Chhak, Baramunda, Ps-nayapalli, Dist- Khurda, Odisha, Pin- 751003 declare by this affidavit No. 2521, dtd- 15/12/2025, that now onwards I shall be known as DIPENDRA KUMAR MAHAKUDA for all future purposes.

AFFIDAVIT
By virtue of an affidavit sworn before The Executive Magistrate, Kanika, CF.NO- 6742, dated 15-12-2025 I, SARJAN KUMAR DAS, Permanent resident of Vill./Po- Chhadesh, Ps- Rajkanika, Dist- Kendrapara, State- Odisha, PIN- 754227, declare that I have changed my name from SAJAN KUMAR DAS (Old name) to SARJAN KUMAR DAS (New name), Henceforth, I shall be known as SARJAN KUMAR DAS for all purposes.
Sd-( SARJAN KUMAR DAS )

AFFIDAVIT
By virtue of an affidavit sworn before the Executive Magistrate, Sohela vide no.3 dtd. 12/12/2025, I Jarasingh Suna, S/o- Minketan Suna, R/o- Vill.- Arjunda, Po.- Pandakipali, Ps.- Sohela, Dist.- Bargarh state that my actual name is Jarasingh Suna, S/o- Minketan Suna but in my Aadhaar card bearing no. 03121611397 my name has been wrongly mentioned as Darasingh Suna, S/o- Minketan Suna. Hence Jarasingh Suna and Darasingh Suna is one and same person.

NOTICE
(above 18 years of age)
By virtue of an affidavit sworn before Executive Magistrate Loisingha, Affidavit no. 173 dated 05.12.2025, SANGITA PANDE W/O Sarjan Bag, At - Taljuri, Po - Rengali, Ps/Dist - Balangir, Pin - 767024, Odish declare that I have changed my name from SANGITA BAG to SANGITA PANDE Henceforth, I shall be known as SANGITA PANDE for all purposes.
SANGITA PANDE

AFFIDAVIT
By virtue of an affidavit (No. 113, dtd- 15/12/2025) sworn before the Executive Magistrate, Karlamunda, Kalahandi. I, Maunabati Bhoi, W/o- Tikechandra Bhoi, permanent resident of AT- Sargul Malpada, PO- Sargul Malpada, PS- M. Rampur, District- Kalahandi, PIN- 766031, Odisha declare that I have changed my name from Baidehi Bhoi to Maunabati Bhoi. Henceforth, I shall be known as Maunabati Bhoi (new name) for all purposes.
Maunabati Bhoi

ADMISSION NOTICE-2025-26
Manjari Devi College
Affiliated to Utkal University, OUHS, PCI, OSBP & DMLT/RTEB
Campus:
262, Puranpadhan, Balakati, Bhubaneswar
Mob. 7019799641, 7978608747 9853801459
Email: mdscnbbsr@gmail.com
• B. Pharm
Rs. 58,000/- P.A.
Eligibility: +2 Sc. (PCB/M & OJEE Appeared)
• D. Pharm
Rs. 48,000/- P.A.
Eligibility: +2 Sc. (PCB/M)
• B.M.L.T.
Rs. 58,000/- P.A.
Eligibility: +2 Sc. (PCB/M with 50 % Mark)
• D.M.L.T.
Rs. 48,000/- P.A.
Eligibility: +2 Sc. Pass (PCB/M)
• M.P.H.
Rs. 42,000/- P.A.
Eligibility: Any Graguate
ALL COURSE FEES ARE EXCLUDING HOSTEL

ସକାଳ
THE SAKALA



## ଅସୁରକ୍ଷିତ ଅବସ୍ଥାରେ ପୋଲ

# ଭାଙ୍ଗିଗଲାଣି ସୁରକ୍ଷା ବାଡ଼; ବିପଦପୂର୍ଣ୍ଣ ଭାବେ ଯାତାୟାତ

ରାଇରଙ୍ଗପୁର, ୧୫।୧୨(ସମିସ): ବାମନଘାଟି ଉପଖଣ୍ଡର ଉପାନ୍ତ ଅଞ୍ଚଳର ଗ୍ରାମକୁ ସଂଯୋଗ କରୁଥିବା ପୋଲ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ପୋଲ ତଳକୁ ଥିବା ପିଲର ସମେତ ସୁରକ୍ଷା ବାଡ଼ ଭାଙ୍ଗିଗଲାଣି। ବିପଦସଂକୁଳ ଅବସ୍ଥାରେ ପୋଲ ଥିବାବେଳେ ଲୋକେ ଯା'ଆସ କରୁଛନ୍ତି। ମାଙ୍କଡ଼ା ପଥରରେ ବହୁ ବର୍ଷ ପୂର୍ବେ



### ନୂତନ ପୋଲ ନିର୍ମାଣ ଦାବି

ନିର୍ମିତ ଅଣଓସାରିଆ ପୋଲ ଥିବାବେଳେ ନୂତନ ପୋଲ ନିର୍ମାଣ ପାଇଁ ବାରମ୍ବାର ଦାବି ହେଉଥିଲେ ମଧ୍ୟ କାହାରି ଦୃଷ୍ଟି ପଡୁନାହିଁ। ଯାହାକୁ ନେଇ ସ୍ଥାନୀୟ ବାସିନ୍ଦା ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ବିଜାତଳା ବ୍ଲକ ଅନ୍ତର୍ଗତ ବିଜାତଳା ପଞ୍ଚାୟତର ଯୋଡ଼ା ପୋଖରୀ ଗ୍ରାମର କେନାଲ ପୋଲ ବିପଦସଂକୁଳ ଅବସ୍ଥାରେ ପଡ଼ିରହିଛି। ପୋଲ ବହୁତ ପୁରୁଣା ହୋଇଥିବାବେଳେ ମରାମତି କରାଯାଉ ନ ଥିବାରୁ ଏହା ବିପଦସଂକୁଳ ହୋଇପଡ଼ିଛି। ପୋଲ ଦେଇ କୌଣସି ଭାରୀଯାନ ଗଲେ ଏହା ଜୋରରେ ହଲୁଥିବାରୁ କୌଣସି ମୁହୂର୍ତ୍ତରେ ଅଘଟଣ ଘଟିବା ସମ୍ଭାବନା ରହିଛି। ଏଭଳି ଶୋଚନୀୟ ଅବସ୍ଥାରେ ପ୍ରତିଦିନ ଶତାଧିକ ଭାରୀଯାନ ଏହି ପୋଲ ଦେଇ ବିପଦପୂର୍ଣ୍ଣ ଭାବେ ଯାତାୟାତ କରୁଛନ୍ତି। ଉକ୍ତ ପୋଲ ଅନେକ ଗ୍ରାମର ଲୋକଙ୍କ ଚଳାଚଳର ଏକ ମୁଖ୍ୟ ମାଧ୍ୟମ ଅଟେ। ବର୍ଷାଋତୁରେ ଅନେକ ଜଳ ପ୍ରବାହିତ ହେବାରୁ ପୋଲର ତଳ ପଟରୁ କଂକ୍ରିଟ ଛାଡ଼ିଯାଇଥିବାବେଳେ କଡ଼ର ମାଙ୍କଡା ପଥର ଓ ୱାଲରୁ ଖୋଳି ହୋଇ ସିମେଣ୍ଟ ବାହାରି ନଷ୍ଟ ହୋଇଯାଇଛି। ବହୁଦିନ ପୂର୍ବରୁ ମରାମତି କାର୍ଯ୍ୟ ହୋଇଥିବାବେଳେ ପୁଣି ସିମେଣ୍ଟ ବାହାରି ପଥର ଦେଖାଯାଉଛି। ବିପଦସଂକୁଳ ଅବସ୍ଥାରେ ପ୍ରତିଦିନ ଲୋକେ ଉକ୍ତ ପୋଲ ଦେଇ ଚଳପ୍ରଚଳ କରିବାକୁ ବାଧ୍ୟ ହେଉଛନ୍ତି। ଯାହାକି ଗ୍ରାମବାସୀଙ୍କ ପାଇଁ ସମସ୍ୟାର କାରଣ ସାଜିଛି। ଏହା ଏକ ମୁଖ୍ୟ ଚଳାଚଳର ରାସ୍ତା ହୋଇଥିବାବେଳେ ବାରମ୍ବାର ଏ ନେଇ ସ୍ଥାନୀୟ ଲୋକେ ଜିଲ୍ଲା ପ୍ରଶାସନଙ୍କୁ ଜଣାଇଥିଲେ। କିନ୍ତୁ କୌଣସି ସମାଧାନ ହେଉନାହିଁ। ଆଜି ବି ସେହି ଭଙ୍ଗା ପୋଲ ଦେଇ ବିପଦସଂକୁଳ ଭାବେ ଲୋକେ ଯାତାୟାତ କରିବାକୁ ଲୋକେ ବାଧ୍ୟ ହେଉଛନ୍ତି। ଉକ୍ତ ସ୍ଥାନରେ ନୂତନ ବଡ଼ ପୋଲ ନିର୍ମାଣ କରାଯିବାକୁ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି।

## ଗାଡ଼ି ଧକ୍କାରେ ଅଚିହ୍ନା ବୃଦ୍ଧଙ୍କ ମୃତ୍ୟୁ

ରାଇରଙ୍ଗପୁର, ୧୫।୧୨(ସମିସ): ରାଞ୍ଚି-ବିଜୟୱାଡ଼ା ୨୨୦ ନମ୍ବର ଜାତୀୟ ରାଜପଥରେ ଅଜଣା ଗାଡ଼ି ଧକ୍କାରେ ଅଚିହ୍ନା ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ରାତିରେ ରାଇରଙ୍ଗପୁର ଟାଉନ ଥାନା ଅନ୍ତର୍ଗତ ଦାଣ୍ଡବୋଷ ନିକଟରେ ଦୁର୍ଘଟଣାରେ ଘଟିଛି। ଜଣେ ଅଚିହ୍ନା ବୃଦ୍ଧ ସାଇକଲ ନେଇ ଯାଉଥିବାବେଳେ ଏକ ଗାଡ଼ି ଧକ୍କା ଦେଇ ଚମ୍ପଟ ମାରିଥିଲା। ସ୍ଥାନୀୟ ଲୋକେ ଉଦ୍ଧାର କରି ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ପିଆରଏମ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ଏ ନେଇ ପୁଲିସ ମାମଲା ରୁଜୁ କରି ବୃଦ୍ଧଙ୍କ ପରିଚୟ ନିମନ୍ତେ ଶବ ସଂରକ୍ଷିତ ରଖିଛି।

## ଷ୍ଟେସନ ବଜାର ରାସ୍ତାରେ ଦେଢଘଣ୍ଟା ଜାମ୍



ବାରିପଦା, ୧୫ ।୧୨(ସମିସ): ସହରର ଷ୍ଟେସନ ବଜାର ରାସ୍ତାରେ ଦେଢ଼ ଘଣ୍ଟାରୁ ଅଧିକ ସମୟ ନିଜର ଗାଡ଼ି ମଟର ସହ ଅଟକି ରହିଛନ୍ତି ଶହଶହ ଯାତ୍ରୀ। ଜୀବନ ଯାତ୍ରା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି ଦେଢ଼ ଘଣ୍ଟା। ସବୁଠୁ ଦୁଃଖ ଓ ପରିତାପର ବିଷୟ ଜୀବନ ସହ ସଂଘର୍ଷ କରୁଛନ୍ତି ରୋଗୀ। ଜିଲ୍ଲା ପ୍ରଶାସନ ଓ ନଗର ଉନ୍ନୟନ ମନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେବାକୁ ସ୍ଥାନୀୟ ଲୋକେ ନିବେଦନ କରିଛନ୍ତି। ଷ୍ଟେସନ ବଜାର, ବାଘଡାରୋଡ ଆଦି ସ୍ଥାନରେ ଫ୍ଲାଇଓଭର୍ ତୁରନ୍ତ ନିର୍ମାଣ କରିବାକୁ ଦାବି ହେଉଛି।

## ନୂତନ ରାସନ କାର୍ଡ ବଣ୍ଟନର ଶୁଭାରମ୍ଭ



ବାରିପଦା, ୧୫ ।୧୨(ସମିସ):ସୋମବାର ବାରିପଦା ପୌରପାଳିକା କାର୍ଯ୍ୟାଳୟରେ ବାରିପଦା ସହରାଞ୍ଚଳ ଅନ୍ତର୍ଗତ ୨୮ଟି ୱାର୍ଡରେ ଆଦ୍ୟାବଧି ଚିହ୍ନିତ ହୋଇଥିବା ନୂତନ ଯୋଗ୍ୟ ବିବେଚିତ ହିତାଧିକାରୀଙ୍କୁ ନୂତନ ରାସନ କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଉପନଗରପାଳ ସୀମା ଦାସ ଯୋଗ ଦେଇଥିଲେ। ପ୍ରାରମ୍ଭରେ ନଗରପାଳ ଶ୍ରୀ ମହାନ୍ତି କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ପୌରାଞ୍ଚଳର ୨୮ଟି ୱାର୍ଡରେ ଅଦ୍ୟାବଧି ନୂତନ ୪୨୮ଟି ପରିବାରଙ୍କୁ ଯୋଗ୍ୟ ହିତାଧିକାରୀ ଭାବେ ଚିହ୍ନଟ କରାଯାଇଥିବାବେଳେ ସେଥିମଧ୍ୟରୁ ଆଜି ୧୬୭ ଜଣଙ୍କୁ ମନ୍ତ୍ରୀ ନୂତନ ରାସନ କାର୍ଡ ପ୍ରଦାନ କରିଥିଲେ। ପରବର୍ତ୍ତୀ ସମୟରେ ପର୍ଯ୍ୟାୟକ୍ରମେ ଅନ୍ୟମାନଙ୍କୁ କାର୍ଡ ପ୍ରଦାନ କରାଯିବ। ଆଗକୁ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାରେ ବାରିପଦା ସହରକୁ ଏକ ସ୍ମାର୍ଟ ସିଟି କରିବା, ସହର ଭିତରେ ଥିବା ପରିତ୍ୟକ୍ତ ପୋଖରୀକୁ ପୁନରୁଦ୍ଧାର ସହ ଏହାର ଚତୁଃପାର୍ଶ୍ୱ ସୌନ୍ଦର୍ଯ୍ୟକରଣ ଓ ରାସ୍ତାଘାଟର ପ୍ରଶସ୍ତିକରଣ ଇତ୍ୟାଦି ଅନେକ ଉନ୍ନତିମୂଳକ କାର୍ଯ୍ୟ ହେବାକୁ ଯାଉଛି ବୋଲି ମନ୍ତ୍ରୀ କହିବା ସହିତ ସହରବାସୀଙ୍କ ସହଯୋଗ କାମନା କରିଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ସଚିବ ରାମଚନ୍ଦ୍ର ସୋରେନ, ଆଦିବାସୀ ମୋର୍ଚ୍ଚାର ରାଜ୍ୟ ସଭାପତି ତଥା ବୈଶିଙ୍ଗାର ପୂର୍ବତନ ବିଧାୟକ କାନ୍ଦ୍ରା ସୋରେନ ପ୍ରମୁଖ ଉପସ୍ଥିତ ଥିଲେ। ପୌରପାଳିକାର ସମସ୍ତ ୱାର୍ଡର କାଉନସିଲର, ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ।

## ଜାତୀୟ ଶକ୍ତି ସଂରକ୍ଷଣ ଦିବସରେ ସଚେତନତା କାର୍ଯ୍ୟକ୍ରମ

ବାରିପଦା, ୧୫ ।୧୨(ସମିସ): ଜାତୀୟ ଶକ୍ତି ସଂରକ୍ଷଣ ଦିବସ ଉପଲକ୍ଷେ ଜିଲ୍ଲାସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏ ଅବସରରେ ଏକ ରାଲି ମୟୂରଭଞ୍ଜ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ମାର୍ଗଦର୍ଶନ ଓ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଛି। ଏମପିକେ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟଠାରୁ ଉକ୍ତ ରାଲି ଆରମ୍ଭ ହୋଇ ବାରିପଦା ସହର ପରିକ୍ରମା କରିଥିଲା। ବିଭିନ୍ନ ବିଦ୍ୟାଳୟରୁ ଛାତ୍ରଛାତ୍ରୀ ଓ ଶିକ୍ଷକଶିକ୍ଷୟିତ୍ରୀ ଯୋଗଦେଇ ଶକ୍ତି ସଂରକ୍ଷଣ ଉପରେ ସ୍ଲୋଗାନ ଦେଇ ଲୋକଙ୍କୁ ସଚେତନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶକ୍ତି କ୍ଲବ୍‌ର ଦାୟିତ୍ୱ ବାହକ ବିଶେଶ୍ୱର ଦ୍ୱିବେଦୀ, ରାଜ୍ୟ ସାଧନ କର୍ମୀ ସୁଲୋଚନା ମଙ୍ଗରାଜ, ଶିକ୍ଷକ ମନୋଜ ପରିଡ଼ା, ଦୀପକ ରାମ, ଶିକ୍ଷୟିତ୍ରୀ ବିଦ୍ଯୁସ୍ମିତା ସାହୁ, ବିଜୟଲକ୍ଷ୍ମୀ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

## ଉପନ୍ୟାସ 'ଅବ୍ୟକ୍ତ' ଓ ଗଳ୍ପ ପୁସ୍ତକ 'ଦୁନିଆକୁ ଦର୍ପଣ' ଲୋକାର୍ପିତ

ବାରିପଦା, ୧୫ ।୧୨(ସମିସ): ବାରପଦାର ତତ୍ତ୍ୱମସି ପ୍ରତିଷ୍ଠାନର ସଭାପତି ରାଜେନ୍ଦ୍ର ସାମଲଙ୍କ ଉପନ୍ୟାସ 'ଅବ୍ୟକ୍ତ' ଓ ଗଳ୍ପ ପୁସ୍ତକ 'ଦୁନିଆକୁ ଦର୍ପଣ' ଲୋକାର୍ପିତ ହୋଇଯାଇଛି। ବାରିପଦା ଡିଗ୍ରୀ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରତିଷ୍ଠାନର ପୂର୍ବତନ ସଭାପତି ଆଶିଷ କୁମାର ବସା ପୌରୋହିତ୍ୟ କରିଥିବାବେଳେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରମୋଦ କୁମାର ଶତପଥୀ ମୁଖ୍ୟଅତିଥି, ଅବସରପ୍ରାପ୍ତ ପ୍ରଫେସର ଡଃ ଅବନୀ କୁମାର କୁଣ୍ଡୁ ମୁଖ୍ୟବକ୍ତା, ବାରିପଦା ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ପ୍ରବୋଧ କୁମାର ଦେ ସମ୍ମାନିତ ଅତିଥି, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ସାହିତ୍ୟ ବିଭାଗର ସହକାରୀ ପ୍ରଫେସର ଡଃ ଶିଶିର କୁମାର ବେହେରା ଓ ସୀମାନ୍ତ ମହାବିଦ୍ୟାଳୟର ସାହିତ୍ୟ ବିଭାଗର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡଃ ରବୀନ୍ଦ୍ର ଶତପଥୀ ପୁସ୍ତକ ସମୀକ୍ଷକ ଭାବେ ଯୋଗ ଦେଇଥିଲେ। ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ସାହିତ୍ୟ ବିଭାଗର ସହକାରୀ ପ୍ରଫେସର ଡଃ ବିଚିତ୍ର ନାଥ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ କ୍ଷେତ୍ରବାସୀ ଡିଏଭି କଲେଜ ଖୋର୍ଦ୍ଧାର ସ୍ନାତକୋତ୍ତର ସାହିତ୍ୟ ବିଭାଗର ମୁଖ୍ୟ ଅଧ୍ୟାପକ ଡଃ ପ୍ରଭାତ ସାହୁ ମଞ୍ଚ ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ। ଏ ଅବସରରେ ପୁସ୍ତକ ଦ୍ୱୟର ପ୍ରଚ୍ଛଦ ଶିଳ୍ପୀ ଅଦ୍ୱୈତ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବରେ ବହୁ ବରିଷ୍ଠ ଲେଖକ, ସାରସ୍ୱତପ୍ରେମୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ।

## ବଡ଼ସାହି 'ବନ୍ଧନ-୨୦୨୫' ପାଳିତ

ବଡ଼ସାହି, ୧୫ ।୧୨(ସମିସ): ବଡ଼ସାହି ବ୍ଲକର ସର୍ବବୃହତ ଶିକ୍ଷକ ସଂଗଠନ ବ୍ଲକ ନୂତନ ପେନସନ ଯୋଜନାଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘ ପାଳନ କରିଛି ତା'ର ବନ୍ଧୁମିଳନ ମହୋତ୍ସବ 'ବନ୍ଧନ-୨୦୨୫'। ସ୍ଥାନୀୟ ସରକାରୀ ଉପ୍ରା ବିଦ୍ୟାଳୟରେ ଆୟୋଜିତ ସଭାରେ ସଂଘର ସଭାପତି କୃପାସିନ୍ଧୁ ବେରା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ସମ୍ମାନିତ ଅତିଥି ଭାବେ ବଡସାହି ବିଧାୟକ ସନାତନ ବିଜୁଳି, ପୂର୍ବତନ ବିଧାୟକ କାନ୍ଦ୍ରା ସୋରେନ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ କାଞ୍ଚନ ପ୍ରଧାନ ପ୍ରମୁଖ ଯୋଗଦେଇ ପରିବର୍ତ୍ତିତ ଶିକ୍ଷା ନୀତିରେ ଶିକ୍ଷାର୍ଥୀଙ୍କୁ ଶିକ୍ଷା ସହ ସଂସ୍କାର ପ୍ରଦାନ ପୂର୍ବକ କିପରି ଭଲ ମଣିଷ ତିଆରି କରାଯାଇପାରିବ, ଏ କ୍ଷେତ୍ରରେ ଶିକ୍ଷକଙ୍କ ଭୂମିକା ବିଷୟରେ ଆଲୋଚନା କରିଥିଲେ। ସଂଘର ପୂର୍ବତନ ମୁଖପାତ୍ର ଦେବବ୍ରତ ଶତପଥୀଙ୍କ ଜଗନ୍ନାଥ ବନ୍ଦନା ଓ ବେଦପାଠ ସହ ଆରମ୍ଭ ହୋଇଥିବା ସଭାରେ ପ୍ରଥମେ ଦେଢ଼ଶହ ବର୍ଷ ପୂର୍ତ୍ତି କରିଥିବା ରାଷ୍ଟ୍ର ଗୀତ 'ବନ୍ଦେ ମାତରମ' ସାମୂହିକ ଗାନ କରାଯାଇଥିଲା। ସମ୍ପାଦକ ଲଳିତ ମହାନ୍ତି ବାର୍ଷିକ ବିବରଣୀ ଉପସ୍ଥାପନା କରି ବିଗତ ଦିନରେ ସଂଘର ସଫଳତା ଓ ଅନୁଭୂତି ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହ ସହଭାଜନ କରିଥିଲେ। ଜଡିଦା ସିଆରସିସି କାହ୍ନୁଚରଣ ବାରିକ ଓ ଗଡଡ଼ମୁଣ୍ଡୁଳି ଉପ୍ରା ବିଦ୍ୟାଳୟ ଶିକ୍ଷକ ଶୁଭ୍ରଜ୍ୟୋତି ଦଣ୍ଡପାଟଙ୍କ ସଂଯୋଜନାରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଅବସରପ୍ରାପ୍ତ ତିନିଜଣ ଶିକ୍ଷକ ଦୀନକୃଷ୍ଣ ନାୟକ, ସୁମନ୍ତ କୁମାର ଭୂୟାଁ ଓ ଶତ୍ରୁଘ୍ନ ନନ୍ଦୀଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅବସରପ୍ରାପ୍ତ ଶିକ୍ଷକ ସଂଘ, କନିଷ୍ଠ ଶିକ୍ଷକ ସଂଘ, ଏକ୍ସକ୍ୟାଡର ସଂଘର ସମସ୍ତ ପ୍ରାକ୍ତନ ପଦାଧିକାରୀ ଉପସ୍ଥିତ ଥିଲେ। ସଂଘର କୋଷ ସମୀକ୍ଷକ କମଳଲୋଚନ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ୨୦ରୁ ବ୍ରହ୍ମ ମନ୍ଦିରର ଶତବାର୍ଷିକୀ ଉତ୍ସବ

ବାରିପଦା, ୧୫ ।୧୨(ସମିସ): ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ୧୦ନଂ ୱାର୍ଡସ୍ଥ ଐତିହ୍ୟ ସମ୍ପନ୍ନ ବ୍ରହ୍ମ ମନ୍ଦିରର ଶତବାର୍ଷିକୀ ପାଳନ ଚଳିତ ମାସ ୨୦ ଓ ୨୧ ତାରିଖରେ ହେବାକୁ ଯାଉଛି। ପାଇଁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବୋଲି ବ୍ରହ୍ମ ସମାଜ ଟ୍ରଷ୍ଟିର ଅଧ୍ୟକ୍ଷ ତଥା ଆବାହକ ରଞ୍ଜନ ବାନାର୍ଜୀ ଜଣାଇଛନ୍ତି। ବ୍ରାହ୍ମ ସମାଜର ମହାନ ଆଦର୍ଶ ଓ ମହନୀୟ ବାଣୀର ପ୍ରସାର ନିମନ୍ତେ ତତ୍କାଳୀନ ମୟୂରଭଞ୍ଜ ଷ୍ଟେଟର ପୁଣ୍ୟଶ୍ଳୋକ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ତଥା ଭଞ୍ଜ ରାଜବଂଶର ପୃଷ୍ଠପୋଷକତାରେ ବାରିପଦା ସହରର କେନ୍ଦ୍ର ସ୍ଥଳୀରେ ୧୯୨୫ରେ ଏହି ମନ୍ଦିର ସ୍ଥାପିତ ହୋଇଥିଲା। ଆୟୋଜକ କମିଟି ଅଧ୍ୟକ୍ଷ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ କମିଟିର ସଦସ୍ୟ ଉପସ୍ଥିତ ରହି ନିଜର ସୁଚିନ୍ତିତ ମତ ରଖିଥିଲେ। ଏହି ଭବ୍ୟ ସମାରୋହରେ ବରେଣ୍ୟ ଅତିଥି ଭାବେ ଆଇନ, ପୂର୍ତ୍ତ ଓ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ବାରିପଦା ବିଧାୟକ ପ୍ରକାଶ ସୋରେନ, ମହାରାଣୀ ରଶ୍ମି ରାଜଲକ୍ଷ୍ମୀ ଭଞ୍ଜଦେଓ ଯୋଗଦେବେ ବୋଲି ସ୍ୱୀକୃତି ପ୍ରଦାନ କରିଛନ୍ତି। ଦୁଇଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ସମାରୋହରେ ବିଭିନ୍ନ ରାଜ୍ୟର ବ୍ରାହ୍ମ ସମାଜର ପ୍ରତିନିଧିଙ୍କ ସମେତ ପ୍ରତିଷ୍ଠିତ ଆଚାର୍ଯ୍ୟ ଯୋଗଦେବେ ଓ ଏଥିସହିତ ଶିମିଳିପାଳ ଜୈବ, ପରିବେଶ ସଂରକ୍ଷଣ ତଥା ବ୍ରାହ୍ମ ସମାଜର ଆଦର୍ଶ, ସର୍ବଧର୍ମ ସମନ୍ୱୟ ଓ ସମାଜ ଉପରେ ଏହାର ପ୍ରଭାବ ସମ୍ପର୍କରେ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ଏ ଅବସରରେ ଏକ ସ୍ମରଣିକା ଉନ୍ମୋଚିତ କରାଯିବାର କାର୍ଯ୍ୟକ୍ରମ ରହିଛି। ସ୍ଥାନୀୟ ପୌରପାଳିକା ସୌଜନ୍ୟରେ ଶତାୟୁ ମନ୍ଦିରର ରୂପାନ୍ତରିତ କାର୍ଯ୍ୟ ମଧ୍ୟ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି ବୋଲି ମିଡ଼ିଆ କମିଟିର ମୁଖ୍ୟ ସଂଯୋଜକ ସୋମନାଥ ସିଂହ ଜଣାଇଛନ୍ତି।

## ନୂତନ ଶ୍ରେଣୀ ଗୃହ ଓ ଗୋଷ୍ଠୀ ସଂଶୋଧନ କେନ୍ଦ୍ର ଉଦ୍‌ଘାଟିତ

ଶୁଳିଆପଦା, ୧୫।୧୨(ସମିସ): ଶୁଳିଆପଦା ବ୍ଲକ ଅନ୍ତର୍ଗତ ଦେଉଳି ପଞ୍ଚାୟତସ୍ଥ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ୧୫ ଲକ୍ଷ ଟଙ୍କାରେ ନିର୍ମିତ ନୂତନ ଅତିରିକ୍ତ ଶ୍ରେଣୀଗୃହ ଓ ବ୍ଲକ ପରିସରରେ ୪୦ ଲକ୍ଷ ଟଙ୍କାରେ ନିର୍ମିତ ଗୋଷ୍ଠୀ ସଂଶୋଧନ କେନ୍ଦ୍ରକୁ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଉଦ୍‌ଘାଟନ କରିଛନ୍ତି। ଆଦିବାସୀ ମୋର୍ଚ୍ଚାର ରାଜ୍ୟ ସଭାପତି କାନ୍ଦ୍ରା ସୋରେନ, ବିଡିଓ ଲକ୍ଷ୍ମୀସାଗର ମୁର୍ମୁ, ତହସିଲଦାର ନାରାୟଣ ହେମ୍ବ୍ରମ, ଆସିଷ୍ଟାଣ୍ଟ ଇଂ ସୟଦ୍ ଅମଜଦ ଅଲ୍ଲୀ, ସିଡିପିଓ ରାଜଶ୍ରୀ ମହାପାତ୍ର, ଜେଇ ଅରୁଣ ନାଏକ, ଦେଉଳି ମଧ୍ୟଇଂରାଜୀ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ କବିତା ମିଶ୍ରଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, କନିଷ୍ଠ ଯନ୍ତ୍ରୀ ତପନ ଦାସ, ସ୍ଥାନୀୟ ସରପଞ୍ଚ ସୋନାଲି ସୋରେନ୍ ଓ ପିଇଓ ଅଲିଭ ରଞ୍ଜନ ମହାନ୍ତ, ଆୟୋଜକ ବିଶେଶ୍ୱର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟରେ ପାନୀୟଜଳ ଓ ନୂତନ ବଗିଚା କରାଯିବାକୁ ମନ୍ତ୍ରୀ ଶ୍ରୀ ମହାପାତ୍ର ପ୍ରତିଶ୍ରୁତି ଦେଇଥିଲେ।

## ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଛି ବିଦ୍ୟାଳୟ ଓ ଅଙ୍ଗନବାଡ଼ି

# ବିଦ୍ୟାଳୟ ପରିସରରେ ଗଡୁଛି ମଦ ବୋତଲ




ରାଇରଙ୍ଗପୁର, ୧୫।୧୨(ସମିସ): ରାଇରଙ୍ଗପୁର ପୌରପାଳିକା ଅନ୍ତର୍ଗତ ଇଚିଣ୍ଡା ଗ୍ରାମର ଉଚ୍ଚପ୍ରାଥମିକ ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ର ଅସାମାଜିକ ଓ ଜୁଆଡିଙ୍କ ଆ‡ାସ୍ଥଳୀ ପାଲଟିଛି। ବିଦ୍ୟାଳୟ ପରିସରରେ ଜୁଆ ଖେଳ ସହ ମଦ ବୋତଲ ଗଡୁଛି। ଯାହାକୁ ନେଇ ଅଭିଭାବକ, ଗ୍ରାମବାସୀ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ଅଙ୍ଗନବାଡ଼ି କେନ୍ଦ୍ର ପରିସରରେ ଅନ୍ଧାର ହେଲେ ଜୁଆଡିଙ୍କ ଭିଡ଼ ଜମୁଛି। ଦିନ ଦ୍ୱିପ୍ରହରରୁ ରାତି ପର୍ଯ୍ୟନ୍ତ ମଦ ପିଉଛନ୍ତି। ଅଳିଆ ଆବର୍ଜନାରେ ପୁତି ଗନ୍ଧମୟ ପରିବେଶରେ ଶିକ୍ଷକ କୁନି କୁନି ପିଲାଙ୍କୁ ଶ୍ରେଣୀ ଗୃହରେ ପଢ଼ାଇ ପାରୁନାହାନ୍ତି। ଏ ନେଇ ବାରମ୍ବାର ଗ୍ରାମବାସୀ ଅଭିଯୋଗ କରୁଛନ୍ତି। କିନ୍ତୁ ପୁଲିସ ପ୍ରଶାସନ ନିଦାବିଷ୍ଟ ସାଜିଛି। ଅଭିଯୋଗ ପ୍ରତି ଧ୍ୟାନ ଦିଆଯାଉନି। ଏଥିପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।



## ଆଦର୍ଶ ବିଦ୍ୟାଳୟ ଛାତ୍ରୀ ନିବାସ ଉଦ୍‌ଘାଟିତ

ମୋରଡ଼ା, ୧୫।୧୨(ସମିସ): ମୋରଡ଼ା ଆଦର୍ଶ ବିଦ୍ୟାଳୟର ଛାତ୍ରୀ ନିବାସ ସୋମବାର ଉଦଘାଟିତ ହୋଇଛି। ଅଧ୍ୟକ୍ଷ ସଂଗ୍ରାମ କେଶରୀ ପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠି ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ମୋରଡ଼ା ବିଧାୟକ ତଥା ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ମୁଖ୍ୟବକ୍ତା ଭାବେ ବିଡିଓ ଅଣାକାର ନାୟକ, ସ୍ୱତନ୍ତ୍ର ଅତିଥି ଭାବେ ଗୋଷ୍ଠୀ ଶିକ୍ଷାଧିକାରୀ ବିଜୟ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ କାନ୍ଦ୍ରା ସରେନ, ପରେଶ ମହାନ୍ତ, ପ୍ରଦୀପ ମହାନ୍ତି, ଥାନା ଅଧିକାରୀ ସୁମିତ ସରେନ ଯୋଗ ଦେଇଥିଲେ। ପ୍ରଥମେ ମନ୍ତ୍ରୀ ଶ୍ରୀ ମହାପାତ୍ରଙ୍କୁ ବିଦ୍ୟାଳୟର ଛାତ୍ରଛାତ୍ରୀ ଗେଟ ସମ୍ମୁଖରୁ ପାଛୋଟି ନେଇଥିଲେ। ସେ ଫିତା କାଟି ଛାତ୍ରୀନିବାସକୁ ଉଦଘାଟନ କରିଥିଲେ। ବିଦ୍ୟାଳୟର ଅଧ୍ୟାପକ ହିମାଂଶୁ ମହାନ୍ତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟକ୍ଷ ଶ୍ରୀ ପାତ୍ର ମଞ୍ଚ ଉପରେ ଛାଉଣୀ, ଅତିରିକ୍ତ ମଧ୍ୟାହ୍ନଭୋଜନ, ଖେଳ ପଡ଼ିଆର ପାଚେରି ସହିତ ଷ୍ଟେଜ, ୧୫୦୦ ଚେୟାର ବିଶିଷ୍ଟ ଅଡିଟୋରିଓମ, ବିଶୁଦ୍ଧ ପାନୀୟଜଳ ବ୍ୟବସ୍ଥା କରାଯିବାକୁ ଅନୁରୋଧ କରିଥିଲେ। ମନ୍ତ୍ରୀ ଦାବି ପୂରଣ ପାଇଁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ।




## ଏମ୍‌ପିସି ସ୍ୱୟଂଶାସିତ କଲେଜ ମନସ୍ତତ୍ତ୍ୱ ବିଭାଗର ଆଲୋଚନାଚକ୍ର

ବାରିପଦା, ୧୫ ।୧୨(ସମିସ): ସ୍ଥାନୀୟ ଏମପିସି ସ୍ୱୟଂଶାସିତ କଲେଜରେ ମନସ୍ତତ୍ତ୍ୱ ବିଭାଗ ପକ୍ଷରୁ 'ସମାଜ ପାଇଁ ମନସ୍ତତ୍ତ୍ୱ: ସେତୁ ସିଦ୍ଧାନ୍ତ ଓ ବ୍ୟବହାର' ଶୀର୍ଷକ ଏକ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରାଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଷୟ ବିଶାରଦ ଭାବେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ମନସ୍ତତ୍ତ୍ୱ ବିଭାଗର ପ୍ର. ସୁରେନ୍ଦ୍ର କୁମାର ସିଆ ଓ ଫକୀରମୋହନ ସ୍ୱୟଂଶାସିତ କଲେଜର ମନସ୍ତତ୍ତ୍ୱ ବିଭାଗର ମୁଖ୍ୟ ଡ. ଜୟଶ୍ରୀ ମିଶ୍ର ଯୋଗଦେଇ ପ୍ରସଙ୍ଗ ସମ୍ପର୍କରେ ବିଶଦ ବ୍ୟାଖ୍ୟା କରିଥିଲେ। ପ୍ରାରମ୍ଭରେ ମନସ୍ତତ୍ତ୍ୱ ବିଭାଗ ମୁଖ୍ୟ ଡ. ମନୋଜ କୁମାର ସେଠୀ ଅତିଥି ପରିଚୟ ପ୍ରଦାନ କରିବା ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କଲେଜର ଅଧ୍ୟାପକ/ଅଧ୍ୟାପିକା ଓ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଅଧ୍ୟାପକ ଡ. ପ୍ରଭାକର ଦୁଆରୀ ଧନ୍ୟବାଦ ଅର୍ପଣ କରିଥିଲେ।




## ହୋ' ଭାଷାକୁ ସାମ୍ବିଧାନିକ ମାନ୍ୟତା ଦାବି

# ରାଜଧାନୀରେ ୫ ହଜାରରୁ ଊର୍ଦ୍ଧ୍ୱ ହୋ ଭାଷାଭାଷୀଙ୍କ ସମାବେଶ

ବାରିପଦା/ଶରତ, ୧୫ ।୧୨(ସମିସ): ବିଧାନସଭା ସମ୍ମୁଖ ମହାତ୍ମା ଗାନ୍ଧୀ ମାର୍ଗରେ ଅଖିଳ ଭାରତୀୟ ହୋ ଭାଷା କ୍ରିୟାନୁଷ୍ଠାନ କମିଟି ତରଫରୁ ଶୁକ୍ରବାର ବିଶାଳ ଗଣଧାରଣା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ସମେତ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗରୁ ୫ ହଜାରରୁ ଊର୍ଦ୍ଧ୍ୱ ହୋ ଭାଷାଭାଷୀଙ୍କ ଜନସମାବେଶ ମାଧ୍ୟମରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ସାମୂହିକ ଦାବି ଜଣାଇଥିଲେ।

ହୋ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁସୂଚିରେ ସାମିଲ କରିବା ପାଇଁ ଦୀର୍ଘ ୪୦ ବର୍ଷ ଧରି ଦାବି ହୋଇଆସୁଛି। କେନ୍ଦ୍ର ସରକାରଙ୍କ ଦୃଷ୍ଟିକୁ ଆଣିବା ପାଇଁ ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ୨୦୧୩ଠାରୁ କ୍ରମାଗତ ଭାବେ ଧାରଣା ଦିଆଯାଇଆସୁଛି। ଏହାକୁ ଆହୁରି ତୀବ୍ର କରିବା ପାଇଁ ଅଖିଳ ଭାରତୀୟ ହୋ ଭାଷା କ୍ରିୟାନୁଷ୍ଠାନ କମିଟି ନେତୃତ୍ୱରେ ୨୦୧୮ ରୁ ବର୍ତ୍ତମାନ ୨୦୨୫ ବର୍ଷରେ ମଧ୍ୟ ଧାରଣା ଦିଆଯାଇଛି। ଗତ ଅକ୍ଟୋବର ୩୧ରେ ୫ମ ଥର ଶହ ଶହ ସଂଖ୍ୟାରେ ପାଞ୍ଚଟି ରାଜ୍ୟରୁ (ଓଡ଼ିଶା, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଆସାମ ଓ ଛତିଶଗଡ଼)ରୁ ହୋ ଜନଜାତିଙ୍କ ବିଶାଳ ଗଣଧାରଣା ଦିଲ୍ଲୀରେ କରାଯାଇ ସରକାରଙ୍କ ବିଭିନ୍ନ କେନ୍ଦ୍ରମନ୍ତ୍ରୀ, ଗୃହମନ୍ତ୍ରୀ, ରାଷ୍ଟ୍ରପତି ଓ ବିରୋଧୀ ଦଳ ନେତା ଓ ଭାଷା ବିଶାରଦଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲେ ହେଁ କେବଳ ଆଶ୍ୱାସନା ଦେଇ ଚାଲିଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ଆଶାନୁରୂପ ଫଳ ମିଳିପାରିନାହିଁ। ସେହି ଦାବିକୁ ପୁନଃ ରାଜ୍ୟ ସରକାରଙ୍କ



ଜରିଆରେ ଉଜ୍ଜୀବିତ କରିବା ସଙ୍ଗେ ସଙ୍ଗେ ହୋ' ଭାଷାକୁ ଓଡ଼ିଶାରେ ଦ୍ୱିତୀୟ ରାଜ ଭାଷାର ମାନ୍ୟତା ଦାବି କରାଯାଇଥିଲା। ଯାହା ଓଡ଼ିଶା ଅଫିସିଆଲ ଲାଙ୍ଗୁଏଜ ଆକ୍ଟ ୧୯୫୪ ଆଧାରରେ ରାଜ୍ୟ ସରକାର ଚାହିଁଲେ ଏହାକୁ ଲାଗୁ କରିପାରିବେ ବୋଲି ଉଲ୍ଲେଖ ଅଛି। ରାଜ୍ୟ ସରକାର ଭାଷା ଅସ୍ମିତା କଥା ଓ ଆଦିବାସୀଙ୍କ ବିକାଶ ସହିତ ବିକଶିତ ଓଡ଼ିଶା ୨୦୩୬ର ପରିକଳ୍ପନା ଲକ୍ଷ୍ୟ ରଖିଥିଲେ ମଧ୍ୟ ଆଦିବାସୀଙ୍କ ହୋ' ଭାଷାକୁ ମାନ୍ୟତା ଦାବିକୁ ଅଣଦେଖା କରିଆସୁଛନ୍ତି। ହୋ ଭାଷାପ୍ରେମୀ ତଥାପି ତାଙ୍କର ଆଶା ହରିନାହାନ୍ତି। ଏହି ବିଶାଳ ଗଣଧାରଣାରେ ହୋ' ଭାଷା ଆଧାରିତ ବିଭିନ୍ନ ୯ ଦଫା ଦାବି ଉପସ୍ଥାପନ କରିଛନ୍ତି। ଧାରଣା ସ୍ଥଳରେ ବିଭିନ୍ନ ବୁଦ୍ଧିଜୀବୀ ହୋ' ନେତା ଉଭୟ ସରକାରଙ୍କୁ ଆକ୍ଷେପ କରି ଦୃଢ ଦାବି ରଖିବା ସହିତ କଡ଼ା ତାଗିଦ କରିଥିଲେ। ପୂର୍ବତନ ବିଧାୟକ ପ୍ରହ୍ଲାଦ ପୂର୍ତ୍ତି, ଧନୁର୍ଜୟ ସିଦୁ, ପୂର୍ବତନ ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ତିୟୁ, ବିଜେପି ନେତ୍ରୀ ଦଶମତି ଚାତାର, ପୂର୍ବତନ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ମୟୂରଭଞ୍ଜର ଉପାଧ୍ୟକ୍ଷ୍ୟା କମଳା ତିରିଆ, ବାବୁଲି ହାଇବ୍ରୁ, ସମାଜସେବୀ ତଥା ଯୁବ ନେତା ସମାୟ ପୂର୍ତ୍ତି, ସିଦାହରା ସୁସାର, ମଧୁସୂଦନ ଜାରିକା, ପଦ୍ମଚରଣ ବାନାରା, ସୁଭାଷ ହେମ୍ବ୍ରମ, ହୋ କଳାକାର ଗଙ୍ଗାଧର ହେମ୍ବ୍ରମ, ରାଜକୁମାର ପୂର୍ତ୍ତି, ବାଜୁଚନ୍ଦନ ସିର୍କା, ଶିବରାମ ହେମ୍ବ୍ରମ ଓ ଝାଡ଼ଖଣ୍ଡରୁ କାର୍ଯ୍ୟକାରୀ ସଭାପତି ତଥା ସମାଜସେବୀ ସୁରା ବିରୁଲି ଓ ପୂର୍ବତନ ସାଂସଦ ଚିତ୍ରସେନ ସିଙ୍କୁ ଓ ହୋ ଛାତ୍ର ସଂଗଠନ ଓଡ଼ିଶାର କର୍ମକର୍ତ୍ତା ପ୍ରମୁଖ ବକ୍ତବ୍ୟ ରଖି ସରକାରଙ୍କୁ ଦାବି ଜଣାଇବା ସହିତ ତୁରନ୍ତ ଦାବି ପୂରଣ କରିବା ସହିତ ଚେତାବନୀ ଦେଇଥିଲେ।

ଏହି ବିଶାଳ ଏକଦିବସୀୟ ଗଣଧାରଣାରେ ପୂର୍ବତନ ସ୍ୱତନ୍ତ୍ର ଉନ୍ନୟନ ପରିଷଦ କେନ୍ଦୁଝରର ଅଧ୍ୟକ୍ଷ ରାମରାଇ ମୁନ୍ଦୁୟା, କେନ୍ଦ୍ରୀୟ ସାଧାରଣ ସମ୍ପାଦକ ଡମ୍ବରୁଧର ଜାମୁଦା, କେନ୍ଦ୍ରୀୟ ସମ୍ପାଦକ ଗୋମେୟା ଅମ୍ପ, ଉପସଭାପତି ଚନ୍ଦ୍ରମୋହନ ହାଇବ୍ରୁ, ରାଜ୍ୟ ସଭାପତି ବସନ୍ତ ସିଂ, ରାଜ୍ୟ ସମ୍ପାଦକ ନାରଣ ପୂର୍ତ୍ତି, ରାଜ୍ୟ ସାଙ୍ଗଠନିକ ସମ୍ପାଦକ ରମେଶ ସିଂ ପ୍ରମୁଖ ସାମିଲ ଥିଲେ।

## ମୌଳିକ ସୁବିଧାରୁ ବଞ୍ଚିତ ମାଙ୍କଡ଼ା ବସ୍ତି

# ୩ କିଲୋମିଟର କାନ୍ଧରେ ବୁହା ହୁଅନ୍ତି ରୋଗୀ



ଯୋଡ଼ା,୧୫।୧୨(ସମିସ): କେନ୍ଦୁଝର ଜିଲ୍ଲାର ଯୋଡ଼ା ବ୍ଲକ୍ ଅଧୀନ ଭୂୟାଁ ରୋଇଡା ଗ୍ରାମ ପଞ୍ଚାୟତର ଏକ ଦୁର୍ଗମ ଜନବସତି "ମାଙ୍କଡ଼ ହଟିଙ୍ଗ' ଆଜି ମଧ୍ୟ ବାହ୍ୟ ଜଗତରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ଅବସ୍ଥାରେ ରହିଛି। ରାସ୍ତା, ପାନୀୟଜଳ, ସ୍ୱାସ୍ଥ୍ୟ ସେବା ଓ ନିଯୁକ୍ତି ସୁଯୋଗ ଅଭାବରେ ଏଠାର ଗ୍ରାମବାସୀ ଆଦିମ ମାନବ ପରି ଜୀବନଯାପନ କରିବାକୁ ବାଧ୍ୟ ହେଉଛନ୍ତି। ସ୍ୱାଧୀନତାର ୭୮ ବର୍ଷ ପରେ ବି ମୌଳିକ ସୁବିଧାରୁ ବଞ୍ଚିତ ରହିଛନ୍ତି ୭୫ ପରିବାର। ୬୦ ଦଶକରେ ଓଏମ୍‌ଡିସି ଅଧୀନରେ ଥିବା ରୋଇଡା ଲୌହ ଓ ମାଙ୍ଗାନିଜ୍ ଖଣି "ବାର୍ଡ କମ୍ପାନୀ' ଦ୍ୱାରା ପରିଚାଳିତ ହେଉଥିବା ସମୟରେ, ଖଣି ନିକଟସ୍ଥ ସୁନା ନଦୀ କୂଳରେ ଥିବା ଏକ ଜଙ୍ଗଲ କିସମ ଜମିରେ ପ୍ରାୟ ୮ରୁ ୧୦ଟି ପରିବାର ଟିଣ ଛପର ଘର କରି ବସବାସ କରୁଥିଲେ। ସେମାନେ ଖଣିରେ କାମ କରି ଜୀବିକା ନିର୍ବାହ କରୁଥିଲେ। ତେବେ ବନ୍ୟଜନ୍ତୁଙ୍କ ଆତଙ୍କ ବଢ଼ିବାରୁ ସେହି ସ୍ଥାନକୁ ଛାଡ଼ି ପ୍ରାୟ୨ କିଲୋମିଟର ଦୂରରେ ଥିବା ଏକ ଉଚ୍ଚ ଓ ସୁରକ୍ଷିତ ସ୍ଥାନକୁ ସେମାନେ ବସତି ସ୍ଥାନାନ୍ତର କରିଥିଲେ। ସମୟକ୍ରମେ ବାର୍ଡ କମ୍ପାନୀ ବନ୍ଦ ହୋଇଯିବା ପରେ ଗ୍ରାମବାସୀ ଜୀବିକା ହରାଇଥିଲେ ମଧ୍ୟ ସେହି ସ୍ଥାନ ଛାଡ଼ିବାକୁ ସେମାନେ ଅସ୍ୱୀକାର କରିଥିଲେ। ବର୍ତ୍ତମାନ "ମାଙ୍କଡ଼ ହଟିଙ୍ଗ' ନାମରେ ପରିଚିତ ଏହି ଜନବସତିରେ ପ୍ରାୟ ୭୫ଟି ପରିବାର ବସବାସ କରୁଥିବାବେଳେ ମୋଟ୍ ଜନସଂଖ୍ୟା ପ୍ରାୟ ୩୦୦ରୁ ଅଧିକ। ଗ୍ରାମଟିର ଚତୁଃପାର୍ଶ୍ୱରେ ସଂରକ୍ଷିତ ଜଙ୍ଗଲ ଜମି ଥିବାରୁ ଏଠାକୁ ରାସ୍ତା ସଂଯୋଗ ସମ୍ଭବ ହୋଇପାରୁ ନାହିଁ। ଏହାର ପରିଣାମ ସ୍ୱରୂପ, ଗ୍ରାମର କୌଣସି ଲୋକ ଗୁରୁତର ଅସୁସ୍ଥ ହେଲେ ତାଙ୍କୁ କାନ୍ଧରେ ବୋହି ପ୍ରାୟ ୩ କିଲୋମିଟର ଦୂର ଦୁର୍ଗମ ଜଙ୍ଗଲ ରାସ୍ତା ଦେଇ "କ୍ୟାମ୍ପ୍ ହଟିଙ୍ଗ' ପର୍ଯ୍ୟନ୍ତ ନେବାକୁ ପଡୁଛି। ସେଠାରୁ ହିଁ ଆମ୍ବୁଲାନ୍ସ କିମ୍ବା ଚାରିଚକିଆ ଯାନ ସେବା ମିଳୁଛି। ସ୍ଥାୟୀ ନିଯୁକ୍ତିର ଅଭାବରେ ଗ୍ରାମବାସୀ ଜଙ୍ଗଲ ମଧ୍ୟ ଦେଇ ପ୍ରାୟ ୭ କିଲୋମିଟର ଦୂର ଯୋଡ଼ା ଅଞ୍ଚଳକୁ ଯାଇ ଦିନମଜୁରୀ କିମ୍ବା ଛୋଟମୋଟ କାମ କରି ଜୀବିକା ନିର୍ବାହ କରୁଥିବା ପ୍ରକାଶ କରିଛନ୍ତି। ମାଙ୍କଡ଼ ହଟିଙ୍ଗ୍‌ରେ ସ୍ଥାୟୀ ପାନୀୟ ଜଳ ବ୍ୟବସ୍ଥା ନାହିଁ। ଗ୍ରାମବାସୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଥିବା ଏକମାତ୍ର ନଳକୂଅରୁ ପାଣି ସଂଗ୍ରହ କରୁଛନ୍ତି। ବିଦ୍ୟାଳୟ ଛୁଟି ଥିବା ସମୟରେ ସେମାନେ ନିକଟସ୍ଥ ସୁନା ନଦୀର ପାଣିକୁ ପାନୀୟଜଳ ଭାବେ ବ୍ୟବହାର କରିବାକୁ ବାଧ୍ୟ ହେଉଛନ୍ତି। ଗ୍ରାମଟିକୁ ବିଦ୍ୟୁତ୍ ସଂଯୋଗ ଏପର୍ଯ୍ୟନ୍ତ ପହଞ୍ଚିପାରି ନ ଥିବାବେଳେ, ପ୍ରାୟ ୩ ବର୍ଷ ପୂର୍ବେ ବିଜୁ ଗ୍ରାମ ଜ୍ୟୋତି ଯୋଜନା ମାଧ୍ୟମରେ ସୋଲାର ପ୍ୟାନେଲ ଦ୍ୱାରା ସୀମିତ ବିଦ୍ୟୁତ୍ ସେବା ଯୋଗାଇ ଦିଆଯାଇଛି। ଏ ସମ୍ପର୍କରେ ଭୂୟାଁ ରୋଇଡ଼ା ସରପଞ୍ଚ ତୁଳସୀ ବାବଙ୍ଗା କହିଛନ୍ତି ଯେ, ମାଙ୍କଡ଼ ହଟିଙ୍ଗ୍ ଗ୍ରାମଟି ସଂରକ୍ଷିତ ଜଙ୍ଗଲ ଜମି ଉପରେ ଅବସ୍ଥିତ ଥିବାରୁ ଏଠାରେ ରାସ୍ତା, ସ୍ଥାୟୀ ବିଦ୍ୟୁତ୍ ସଂଯୋଗ ଓ ଆମ୍ବୁଲାନ୍ସ ସେବା ଯୋଗାଇଦେବାରେ ବିଭିନ୍ନ ପ୍ରଶାସନିକ ବାଧା ସୃଷ୍ଟି ହେଉଛି।



## ଅସହାୟଙ୍କୁ କମ୍ବଳ ବଣ୍ଟନ

ଆନନ୍ଦପୁର,୧୫।୧୨(ସମିସ): ଘସିପୁରାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶ୍ରୀଗଣେଶ ଗ୍ରୁପ୍ ପକ୍ଷରୁ ବାସହରା ଅସହାୟ ଲୋକଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ସଂଗଠନ ପକ୍ଷରୁ ଆନନ୍ଦପୁର ପୌରପାଳିକାରେ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହି ପରିପ୍ରେକ୍ଷୀରେ ଗ୍ରୁପ୍ ସମ୍ପାଦକ ମହେଶ୍ୱର ସାହୁଙ୍କ ସଂଯୋଜନାରେ ସଦସ୍ୟମାନେ ପୌରପାଳିକା ଅନ୍ତର୍ଗତ ବିଭିନ୍ନ ରାସ୍ତାପାଖର୍, ଦୋକାନ ବାରଣ୍ଡା, ଡାକ୍ତରଖାନା, ବସ୍‌ଷ୍ଟାଣ୍ଡ ଆଦି ଅଞ୍ଚଳକୁ ଯାଇ ସେଠାରେ ଦୟନୀୟ ଅବସ୍ଥାରେ ରାତ୍ରିଯାପନ କରୁଥିବା ଅସହାୟ ଲୋକଙ୍କୁ କମ୍ବଳ ଓ ମିଷ୍ଟାନ୍ନ ବଣ୍ଟନ କରିଛନ୍ତି। ଶୀତର ପ୍ରକୋପ ଦିନକୁ ଦିନ ବଢ଼ି ଚାଲିଥିବାବେଳେ ଏଭଳି କାର୍ଯ୍ୟକ୍ରମକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି। ସଂଗଠନର ଉପଦେଷ୍ଟା ରମେଶ ସାହୁ, ସଭାପତି ରଙ୍ଗନାଥ ସାମଲ, ବାମଦେବ ବିଶ୍ୱାଳ, ଶିବାନନ୍ଦ ମହାରଣା, ସୁରେନ୍ଦ୍ର ଦାସ, ସଦାଶିବ ସାହୁ, ଧବଳେଶ୍ୱର ସାହୁ, ଜିତେନ୍ଦ୍ର ସାହୁ, ଶ୍ରୀକାନ୍ତ ସାହୁ, ତପନ ସାହୁ, ଜୟନ୍ତ ସାହୁ, ନରୁ ଦାସ, ପ୍ରକାଶ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

■ ଆନନ୍ଦପୁରରେ ଅବକାରୀ ଚଢ଼ଉ

## ବିପୁଳ ରନ୍ଧା ମଦ ଓ ପୋଚ ଜବତ; ୨ ଗିରଫ



ଆନନ୍ଦପୁର,୧୫।୧୨(ସମିସ): କେନ୍ଦୁଝର ଅବକାରୀ ଅଧୀକ୍ଷକ ନରୋତ୍ତମ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଏକ ଟିମ୍ ଗଠନ କରାଯାଇ କେନ୍ଦୁଝର ଅବକାରୀ ଉପ ଅଧୀକ୍ଷକ ଦିବ୍ୟରଞ୍ଜନ ଦିପ୍‌ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆନନ୍ଦପୁର ଅବକାରୀ ରେଞ୍ଜ ପକ୍ଷରୁ ଅବକାରୀ ନିରୀକ୍ଷକ ବ୍ରଜମୋହନ ମଲ୍ଲିକ ଏବଂ ଘଟଗାଁ ଓ ହାଟଡିହି ଅବକାରୀ କର୍ମଚାରୀମାନଙ୍କୁ ନେଇ ଗଠିତ ସ୍ୱତନ୍ତ୍ର ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଚୋରା କାରବାର ଆଡ୍ଡା ନଷ୍ଟ କରିଥିବା ଜଣାଯାଇଛି। ହାଟଡିହି ଥାନା ଅନ୍ତର୍ଗତ ପୁରୁଣାପାଣି ଓ କୁଶଟିକିରି, ଟିଲଗଡ଼ିଆ ଅଞ୍ଚଳରେ ଚଢ଼ଉ କରାଯାଇ ୩୭୩ ଲିଟର ଦେଶୀ ରନ୍ଧା ମଦ ଓ ୪୦୫୦ ଲିଟର ମହୁଲ ପୋଚ ଜବତ କରାଯିବା ସହିତ ଟିଲଗଡ଼ିଆ ଗ୍ରାମର ରାଜେନ୍ଦ୍ର କିସକୁ ଓ କୁଶଟିକିରି ଗାଁର ଅର୍ଜୁନ ଛାଟିଆଙ୍କୁ ଗିରଫ କରାଯାଇଛି। ଜବତ ଦେଶୀ ରନ୍ଧା ମଦ ଓ ମହୁଲ ପୋଚର ଆନୁମାନିକ ମୂଲ୍ୟ ୧ ଲକ୍ଷ ୮୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଉକ୍ତ ଚଢ଼ଉରେ ଘଟଗାଁ ଅବକାରୀ ଥାନା ଓ ହାଟଡିହି ଅବକାରୀ ଥାନା ଅଧିକାରୀ ସିଦ୍ଧେଶ୍ୱର ମଲ୍ଲିକ, ସନ୍ତୋଷ ଦାସ ସହ ଉପନିରୀକ୍ଷକ ସୁଶାନ୍ତ ରାଉତ, ଆଳତୀ ମାରାଣ୍ଡି, କନେଷ୍ଟବଳ ଜଗମୋହନ ବେହେରା, ସୁରେଶ ବେହେରା, ଜଗୁ ନାୟକ, ଆରତୀ ବେହେରା ପ୍ରମୁଖ ସାମିଲ୍ ଥିଲେ। ଏନେଇ ଆନନ୍ଦପୁର ଅବକାରୀ ରେଞ୍ଜ ଥାନା ପକ୍ଷରୁ ୩ଟି ମାମଲା ରୁଜୁ କରାଯାଇଛି।

## ଖାଲିଆମେଣ୍ଟା ଉଚ୍ଚ ବିଦ୍ୟାଳୟରେ ଅଭିଭାବକ ବୈଠକ



ଆନନ୍ଦପୁର,୧୫।୧୨(ସମିସ): ଘସିପୁରା ବ୍ଲକ୍ ଅନ୍ତର୍ଗତ ଖାଲିଆମେଣ୍ଟା ଧନେଇ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଅଭିଭାବକଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ସଚେତନ ଯୁବକ ଓ ଶିକ୍ଷାପ୍ରେମୀଙ୍କ ଉଦ୍ୟମରେ ଏହି ବୈଠକରେ ଅନେକ ଅଭିଭାବକ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋସ୍ନାମୟୀ ବରାଳଙ୍କୁ ବିଦ୍ୟାଳୟର କେତେକ ଶିକ୍ଷକଶିକ୍ଷୟିତ୍ରୀ ଅସହଯୋଗ କରିବା ଏବଂ ଜନୈକ ଶିକ୍ଷୟିତ୍ରୀ ନିଜର ନବଜାତ ଶିଶୁକୁ ବିଦ୍ୟାଳୟକୁ ପ୍ରତିଦିନ ସାଥିରେ ଆଣିବା ଘଟଣାରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ବିଦ୍ୟାଳୟ ଶିକ୍ଷାଦାନରେ ବ୍ୟାଘାତ ସୃଷ୍ଟି ହେବାରୁ ଏହାର ଆପୋଷ ସମାଧାନ ପାଇଁ ଗ୍ରାମବାସୀଙ୍କ ସହଯୋଗରେ ଏକ ଅଭିଭାବକ ବୈଠକ ହୋଇଥିଲା। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବିଭୂତିଭୂଷଣ ଜେନାଙ୍କ ଅଧ୍ୟକ୍ଷତାରେ ସରପଞ୍ଚ ବୃନ୍ଦାବନ ଜେନା, ବିଜେପି ନେତା ଦେବ ଜେନା, ଅବସରପ୍ରାପ୍ତ କର୍ମଚାରୀ ସଙ୍ଘର ସଭାପତି ରଙ୍ଗାଧର ମହାରଣା, ବିକାଶ ଜେନା, ବ୍ରଜକିଶୋର ଭୂୟାଁ, ମଙ୍ଗୁଲୁ ଚରଣ ଭୂୟାଁ, ହରେକୃଷ୍ଣ ଜେନା, ଅଭିନ୍ନ ଦାସ, ମାଧବାନନ୍ଦ ଭୂୟାଁ, ଦିନେଶ ଜେନା, ସସ୍ମିତା ଜେନାଙ୍କ ସମେତ ଅନେକ ଅଭିଭାବକ, ଗ୍ରାମବାସୀ ଓ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ଯୋଗଦେଇ ସମସ୍ୟାର ଅନୁଧ୍ୟାନ କରିବା ସହିତ ବିବାଦର ଆପୋଷ ସମାଧାନ କରିଥିଲେ।

## ଶୌଚ ହେବାକୁ ଯାଉଥିବା ବେଳେ ରାସ୍ତାରେ ପଡ଼ି ମୃତ

ତୁରୁମୁଙ୍ଗା,୧୫।୧୨(ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ତୁରୁମୁଙ୍ଗା ତଳ ସାହି କାଜୁ ଜଙ୍ଗଲ ନିକଟ ରାସ୍ତା ଉପରୁ ସୋମବାର ସକାଳୁ ମୃତଦେହ ଉଦ୍ଧାର ହୋଇଥିଲା। ମୃତକ ହେଲେ ତୁରୁମୁଙ୍ଗା ଗ୍ରାମର ଭାସ୍କର ନାଏକଙ୍କ ପୁଅ ସତ୍ୟ ନାରାୟଣ ନାଏକ(୪୭)। ସେ ସକାଳୁ ଶୌଚ ହେବାକୁ ନଦୀକୁ ଯାଉଥିବା ସମୟରେ ରାସ୍ତା ଉପରେ ଖସିପଡ଼ିଥିଲେ। ରାସ୍ତା ଉପରେ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ଘଟଣାସ୍ଥଳରେ ତୁରୁମୁଙ୍ଗା ଥାନା ଏସ୍‌ଆଇ ସୁରେଶ ସାହୁ ପହଞ୍ଚି ମୃତଦେହକୁ ଉଦ୍ଧାର କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶବକୁ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଏନେଇ ତୁରୁମୁଙ୍ଗା ଥାନାରେ ୩୬/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

● ଶାମୁକାନେଣ୍ଡିରେ ଜନଶୁଣାଣି

## ୭୮ ବର୍ଷର ଦୁଃଖ ବଖାଣିଲେ ଗ୍ରାମବାସୀ



ଆନନ୍ଦପୁର,୧୫।୧୨(ସମିସ): ଆନନ୍ଦପୁର ଉପଖଣ୍ଡ ପ୍ରଶାସନ ପକ୍ଷରୁ ଘସିପୁରା ବ୍ଲକ୍‌ର ଆଦିବାସୀ ଅଞ୍ଚଳ ଶାମୁକାନେଣ୍ଡିରେ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଉପଜିଲ୍ଲାପାଳ ନୀଳମାଧବ ସୁନା ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହିତ ପଞ୍ଚାୟତ କାର୍ଯ୍ୟାଳୟରେ ସାଧାରଣ ଲୋକଙ୍କଠାରୁ ଅଭିଯୋଗ ଗ୍ରହଣ କରିଥିଲେ। ସାମୁକାନେଣ୍ଡି ଗ୍ରାମ ପଞ୍ଚାୟତର ନଟିଆ, ଝଟିଆ, ବରଗୋଠ, ବାଇବିରୁ, ବାଦୁଡ଼ିବସା, ଆମ୍ବଡାହି, ହାଡ଼ିବସା, କଣ୍ଡିତଳି, ଭାର୍ଶାଡାହି, ପଠାନ୍ ଡାହି, ତଳ କୁମ୍ଭାଦା ଏବଂ ଚିଲିକାଭାହାଲି ସ୍ୱାଧୀନତାର ୭୮ ବର୍ଷ ପରେ ମଧ୍ୟ ବିଜୁଳି ନ ଥିବା ଗୁରୁତର ଅଭିଯୋଗ କରିଥିଲେ। ଗ୍ରାମବାସୀଙ୍କ ପକ୍ଷରୁ ନାଥରାମ୍ ଦରାଇ, ନିରଞ୍ଜନ ତିରିଆ, ବିଜୟ ଦରାଇ, ଦାଶରଥି ତିରିଆ, ଲକ୍ଷ୍ମଣ ପିଙ୍ଗୁଆ, ଗୋବିନ୍ଦ ପୂର୍ତ୍ତି, ଜଟ ପୂର୍ତ୍ତି, ସୁନିଆ ଚାତାର, ଜଗଦୀଶ ସଏ, ଚଢ଼ରାମ୍ ପୂର୍ତ୍ତି, ଶିବ ଜେରାଇ ଏବଂ କ୍ରିଷ୍ଣା ନାଇକ ପ୍ରମୁଖ ଡିବିରି ଆଲୁଅରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଢ଼ାଯାଉଛି ବୋଲି ଗୁହାରି କରିଥିଲେ। ଏନେଇ ବିଦ୍ୟୁତ୍ ବିଭାଗଠାରୁ ଆରମ୍ଭ କରି ଉପଖଣ୍ଡ ପ୍ରଶାସନ, ଜିଲ୍ଲା ପ୍ରଶାସନଠାରୁ ଆରମ୍ଭ କରି ରାଜ୍ୟ ପଦାଧିକାରୀ ସମସ୍ତଙ୍କୁ ଗୁହାରୀ କରିବା ସହିତ ଧାରଣା ଓ ହରତାଳ ମଧ୍ୟ କରି ଗ୍ରାମବାସୀ ନିରାଶ ହୋଇଥିବା ଅଭିଯୋଗ କରିଥିଲ। ଏନେଇ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ୧୩ଥର ଗ୍ରାମବାସୀ ଫେରାଦ ହୋଇ ବି ଫଳ ଶୂନ୍। ଆଦିବାସୀ ଅଧ୍ୟୁଷିତ ସାମୁକାନାଣ୍ଡି ପଞ୍ଚାୟତର ନଟିଆ ଗାଁର ଲୋକଙ୍କ ସଂଖ୍ୟା ପାଖାପାଖି ୫୦୦ ହେବ। ଡିବିରି ଆଲୁଅରେ ଛାତ୍ରଛାତ୍ରୀ ପାଠ ପଢୁଥିବାବେଳେ ଜଙ୍ଗଲିଆ ଅଞ୍ଚଳ ଯୋଗୁଁ ସରୀସୃପମାନଙ୍କର ଭୟ ସବୁବେଳେ ଘାରିଥାଏ। ଗାଁରେ ବିଜୁଳି ନ ଥିବାରୁ ପିଲାଠୁ ଆରମ୍ଭ କରି ବୟସ୍କ ପର୍ଯ୍ୟନ୍ତ ସବୁକ୍ଷେତ୍ରରେ ସମସ୍ୟା ଭୋଗୁଛନ୍ତି। ମୋବାଇଲ୍ ଚାର୍ଜ ପାଇଁ ୨ କିଲୋମିଟର ଅନ୍ୟ ଗାଁକୁ ଯିବାକୁ ପଡ଼େ। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ



ଆନନ୍ଦପୁର,୧୫।୧୨(ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଜଳସୁଆଁ ପଞ୍ଚାୟତ ଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟ ନୟାଗଡ଼ର ଅଧ୍ୟକ୍ଷ ସରୋଜକାନ୍ତ ରାଉତଙ୍କ ଅଧ୍ୟକ୍ଷତାରେ ବାର୍ଷିକ କ୍ରୀଡ଼ା ଦୁଇ ଦିନ ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ଛାତ୍ରଛାତ୍ରୀ ବିରାଟ ପଟୁଆରରେ ମଶାଲ ଶୋଭାଯାତ୍ରାରେ ପଡ଼ିଆକୁ ଆସିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ରାଉତ ଆନୁଷ୍ଠାନିକ ଭାବେ ବାର୍ଷିକ କ୍ରୀଡ଼ାକୁ ଉଦ୍‌ଘାଟନ କରିବା ସହ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ଶିକ୍ଷା ବିଭାଗର ମୁଖ୍ୟ ଅଧ୍ୟାପକ ଡ. ଚିତ୍ତରଞ୍ଜନ ନାୟକ ଶୃଙ୍ଖଳାଗତ ଭାବେ ବାର୍ଷିକ କ୍ରୀଡ଼ାକୁ ଆଗେଇ ନେବାକୁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ପ୍ରାକ୍ତନ ସଭାପତି ଯଦୁନାଥ ମଲ୍ଲିକ କ୍ରୀଡ଼ାର ଆବଶ୍ୟକତା ସମ୍ପର୍କରେ ଅଭିଭାଷଣ ରଖିଥିଲେ। ଏହାପରେ ମହାବିଦ୍ୟାଳୟର କ୍ରୀଡ଼ା ଅଧ୍ୟାପକ କୈଳାସ ଚନ୍ଦ୍ର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦୌଡ଼, ଲମ୍ବ ଡିଆଁ, ଉଚ୍ଚ ଡିଆଁ, ସଟ୍‌ପୁଟ ଓ ଜାଭେଲିନ ଥ୍ରୋ ଆଦି କ୍ରୀଡ଼ା ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଦିବସ କ୍ରୀଡ଼ା ସମାପନ ପରେ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ଯୋଗଦେଇ ଚାମ୍ପିଅନ ଛାତ୍ର ସତ୍ୟଜିତ୍ ରାଉତ, ଛାତ୍ରୀ ସୁପ୍ରିୟା ଦେହୁରୀ ସମେତ କୃତୀ କ୍ରୀଡ଼ାବିତ୍‌ମାନଙ୍କୁ ପୁରସ୍କୃତ କରିଥିଲେ। ମହାବିଦ୍ୟାଳୟର ଆନୁସଙ୍ଗିକ ଉନ୍ନତି ନିମନ୍ତେ ବିଧାୟକ ପାଣ୍ଠିରୁ ୧୦ ଲକ୍ଷ ଟଙ୍କାର ଅନୁଦାନ ଘୋଷଣା କରିବା ସହ ଅନୁଷ୍ଠାନର ଆୟୋଜନକୁ ଭୂୟସୀ ପ୍ରଶଂସା କରିଥିଲେ। ଅନୁଷ୍ଠାନର ଅଧ୍ୟାପକ ଜୟନ୍ତ କୁମାର ମହାନ୍ତି, ସୌରୀପ୍ରସାଦ ମହାନ୍ତି, ବିନୟ କୁମାର ସ୍ୱାଇଁ, ଶଶୀଭୂଷଣ ପତି, ଅଧ୍ୟାପିକା ଯୁରି ଚକ୍ର, ଦେବସ୍ମିତା ଜେନା, ସନ୍ଧ୍ୟାରାଣୀ ରାଉତ, ତପସ୍ୱିନୀ ପାତ୍ର ଉପସ୍ଥିତି ରହି କାର୍ଯ୍ୟକ୍ରମ ପରିଚାଳନାରେ ପୂର୍ଣ୍ଣ ସହଯୋଗ କରିଥିଲେ।

## ଗୋଲ୍‌ଡେନ ଆଇ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ: ତେରଣ୍ଟି ଚାମ୍ପିଅନ



କେନ୍ଦୁଝର,୧୫।୧୨(ସମିସ): କେନ୍ଦୁଝର ସଦର ବ୍ଲକ୍ ଅନ୍ତର୍ଗତ ବଉଳମାଳ ଗ୍ରାମର ଗୋଲ୍‌ଡେନ ଆଇ ସ୍ପୋର୍ଟିଂ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ୨୯ତମ ବାର୍ଷିକ ଗୋଲ୍‌ଡେନ ଆଇ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି। ଏଥିରେ ୧୬ଟି ଆଞ୍ଚଳିକ ଦଳ ଅଂଶଗ୍ରହଣ କରିଥିବାବେଳେ ତେରଣ୍ଟି ଚାମ୍ପିଅନ ହୋଇଛି। ଫାଇନାଲ୍ ମ୍ୟାଚ୍ ତେରଣ୍ଟି ଓ ଜାମୁଦଲକ ମଧ୍ୟରେ ଖେଳାଯାଇଥିଲା। ତେରଣ୍ଟି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୬ ୱିକେଟ ହରାଇ ୧୪୭ ରନ୍ କରିଥିଲା। ଏହାର ଜବାବରେ ଜାମୁଦଲକ ଦଳ ୧୨ ଓଭରରେ ୨ ୱିକେଟ୍ ହରାଇ ୧୪୫ ରନ୍ କରିବାରେ ସକ୍ଷମ ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ବିଜେପି ଉପସଭାପତି ଗଣେଶ୍ୱର ମହାନ୍ତ, ମୁଖ୍ୟବକ୍ତା ଭାବେ ଓଡ଼ିଶା କୁଡୁମୀ ସେନା ରାଜ୍ୟ ଯୁବ ସାଧାରଣ ସମ୍ପାଦକ ବିଶ୍ୱଜିତ୍ କୁମାର, ସମ୍ମାନିତ ଅତିଥି ଭାବେ ସଦର ବ୍ଲକ୍ ଅଧ୍ୟକ୍ଷା ଜ୍ୟୋତିର୍ମୟୀ ନାଏକ, କାଉଁରୀକଳା ସରପଞ୍ଚ ଭାରତୀ ମୁଣ୍ଡା, ନାଏବ ସରପଞ୍ଚ ରଞ୍ଜନ ମହାନ୍ତ, ଗ୍ରାମ୍ୟ ମଙ୍ଗଳ ଉଚ୍ଚ ବିଦ୍ୟାଳୟ ବଉଳମାଳର ପ୍ରଧାନଶିକ୍ଷକ ଶୈଳେନ୍ଦ୍ର ନାଥ ମହାନ୍ତ, ସଂସ୍କୃତ ଶିକ୍ଷକ ପ୍ରମୋଦ ମହାପାତ୍ର, ଆହାରପଶି ଗ୍ରାମର ସମାଜସେବୀ ବସନ୍ତ ମହାନ୍ତ, ଗ୍ରାମର ବରିଷ୍ଠ ପୁଲିସ କର୍ମୀ ଗମ୍ଭୁଧର ପାତ୍ର ଓ ଶିକ୍ଷାବିତ୍ ବାବାଜୀ ପାତ୍ର ପ୍ରମୁଖ ଯୋଗଦେଇ ଉଭୟ ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ। ବିଜୟୀ ଦଳ ତେରଣ୍ଟିକୁ ନଗଦ ୩୦ ହଜାର ଟଙ୍କା ସହିତ ଟ୍ରଫି ଓ ପରାଜିତ ଦଳ ଜାମୁଦଲକକୁ ନଗଦ ୨୦ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ବିଜୟୀ ଦଳ ତେରଣ୍ଟି ପକ୍ଷରୁ ଅଜୟବାରିକ ୧୪ ବଲ୍‌ରେ ଦ୍ରୁତ ୪୧ ରନ୍ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଏବଂ ଟୁର୍ଣ୍ଣାମେଣ୍ଟରେ ଅଲ୍‌ରାଉଣ୍ଡର ପ୍ରଦର୍ଶନ କରି ୧୦୫ ରନ୍ ସଂଗ୍ରହ କରିବା ସହିତ ୯ଟି ୱିକେଟ୍ ହାସଲ କରିଥିବା ଜାମୁଦଲକ ଦଳର ନିର୍ମଳ ପ୍ରଧାନ ମ୍ୟାନ୍ ଅଫ୍ ଦି ସିରିଜ୍ ବିବେଚିତ ହୋଇଥିଲେ। ଅଭିଜିତ୍ ମହାନ୍ତ ଓ ବିପିନ ସର୍ଦ୍ଦାର ଖେଳ ପରିଚାଳନା କରିଥିବାବେଳେ ସତ୍ୟବ୍ରତ ସର୍ଦ୍ଦାର ଓ ସୁମନ ମହାନ୍ତ ସ୍କୋରର୍ ଦାୟିତ୍ୱ ତୁଲାଇଥିଲେ। କ୍ଲବ୍‌ର ବରିଷ୍ଠ ସଦସ୍ୟ ଗୋଲକ ମହାରଣା ଏବଂ ସଭାପତି ପୂର୍ଣ୍ଣେନ୍ଦୁ ପୂର୍ଣ୍ଣଚନ୍ଦ୍ର ମହାନ୍ତ ଧାରାବିବରଣୀ ପ୍ରଦାନ କରିଥିଲେ।

## 'ମୁଁ ଗଛ କହୁଛି'କୁ ବିଧାୟକଙ୍କ ପ୍ରଶଂସା



ଆନନ୍ଦପୁର,୧୫।୧୨(ସମିସ): ଆନନ୍ଦପୁର ପ୍ରେସ୍ କ୍ଲବ୍ ଦ୍ୱାରା ଆୟୋଜିତ ଆନନ୍ଦପୁର ବାଣିଜ୍ୟ ମହୋତ୍ସବ ଅବସରରେ ଅମ୍ଳଜାନ ମୁଖା ସହ "ମୁଁ ଗଛ କହୁଛି' କାର୍ଯ୍ୟକ୍ରମ ମାଧ୍ୟମରେ ପହଞ୍ଚିଥିଲେ ପ୍ରକୃତିବନ୍ଧୁ ତ୍ରିଲୋଚନ ସାହୁ। ତାଙ୍କୁ ମଧ୍ୟ ଆନନ୍ଦପୁରର ବିଧାୟକ ଅଭିମନ୍ୟୁ ସେଠୀ ଏବଂ ଘଷିପୁରାର ବିଧାୟକ ବଦ୍ରି ନାରାୟଣ ପାତ୍ର ସ୍ୱାଗତ କରିବା ସହିତ ଏଭଳି ପଦକ୍ଷେପ ସମସ୍ତଙ୍କ ପାଇଁ ପ୍ରେରଣାଦାୟୀ ବୋଲି ପ୍ରକାଶ କରିଥିଲେ। ଏଥିସହ ଆନନ୍ଦପୁର ପ୍ରେସ୍ କ୍ଲବ୍‌ର ସଭପତି, ସମ୍ପାଦକ ଏବଂ ସମସ୍ତ ସଦସ୍ୟଙ୍କ ସହ ଆନନ୍ଦପୁର ବିଭିନ୍ନ ବର୍ଗର ବ୍ୟକ୍ତି ଶ୍ରୀ ସାହୁଙ୍କୁ ସ୍ୱାଗତ କରିଥିଲେ। ଲୋକମାନଙ୍କୁ ନିଜର ଜନ୍ମ ଦିନରେ ଅତି କମ୍‌ରେ ଗୋଟିଏ ଗଛ ଲଗାଇବା ଏବଂ ଯତ୍ନ ନେବା ଉଦ୍ଦେଶ୍ୟରେ ଶ୍ରୀ ସାହୁ ମଶାଲ ଶୋଭାଯାତ୍ରାରେ ନିଜକୁ ସାମିଲ୍ କରି ସହର ପରିକ୍ରମା କରି ଲୋକମାନଙ୍କୁ ବୁଝାଇଥିଲେ। ଏଥିପାଇଁ ଶ୍ରୀ ସାହୁଙ୍କୁ ସବୁ ମହଲରୁ ଶୁଭେଚ୍ଛା ଜଣାଯାଇଛି।

## ସମସ୍ୟା ଘେରରେ ଚମ୍ପୁଆ ଉପଡାକଘର



ଚମ୍ପୁଆ,୧୫।୧୨(ସମିସ): ଡାକ ଘର ସେବା କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିବା ସହିତ ଆର୍ଥିକ ନେଣଦେଣ ସାଙ୍ଗକୁ ବିଭିନ୍ନ ଆନୁସଙ୍ଗିକ କାର୍ଯ୍ୟ ପାଇଁ ଝାଡ଼ଖଣ୍ଡ, ମୟୂରଭଞ୍ଜ ଓ ଚମ୍ପୁଆ ଅଞ୍ଚଳବାସୀଙ୍କୁ ସେବା ଯୋଗାଉଥିବା ଚମ୍ପୁଆ ଉପଡାକଘରର ସମସ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। କର୍ମଚାରୀ ଅଭାବ ସାଙ୍ଗକୁ କାର୍ଯ୍ୟଭାର ବୃଦ୍ଧି ଫଳରେ ଅନେକ ସମୟରେ ଏହି ଡାକ ଘର ସେବା ଯୋଗାଇବାରେ ବିଫଳ ହେଉଛି। ସୂଚନା ଅନୁସାରେ, ଚମ୍ପୁଆ ଉପ ଡାକଘର ଉପରେ ୧୦ ହଜାରରୁ ଊର୍ଦ୍ଧ୍ୱ ପାସ୍‌ବୁକ୍‌ଧାରୀ ଆର୍ଥିକ ନେଣଦେଣ କରୁଥିବାବେଳେ ଚିଠି ପତ୍ରଠାରୁ ଆରମ୍ଭ କରି ଜରୁରୀ ସେବା ପ୍ରଦାନ ପାଇଁ ଜଣେ ମାତ୍ର ପୋଷ୍ଟ ପିଅନ ଦ୍ୱାରା କାର୍ଯ୍ୟ ଚାଲିଛି। ଫଳରେ ପାର୍ସଲଠାରୁ ଆରମ୍ଭ କରି ଜରୁରୀ ସେବା ପ୍ରଦାନ କ୍ଷେତ୍ରରେ ଅହେତୁକ ବିଳମ୍ବ ଗ୍ରାହକଙ୍କ ଅସନ୍ତୋଷର କାରଣ ପାଲଟିଛି ବୋଲି ପୋଷ୍ଟ ମାଷ୍ଟର ତପସ୍ୱିନୀ ପାତ୍ର ସୂଚନା ଦେଇଛନ୍ତି। ଏହି ପୋଷ୍ଟ ଅଫିସରେ ଆଧାର କାର୍ଡଠାରୁ ଆରମ୍ଭ କରି ଭୋଟର କାର୍ଡ, ସ୍ପିଡ୍‌ପୋଷ୍ଟ, ରେଜିଷ୍ଟ୍ରି ପୋଷ୍ଟ ଆଦି ଅନେକ କାର୍ଯ୍ୟ କରାଯାଉଛି। ଦୈନିକ ୧୦୦ରୁ ୧୫୦ ପର୍ଯ୍ୟନ୍ତ ଗ୍ରାହକଙ୍କ ଏଠାରେ ଭିଡ଼ ଲାଗୁଛି। ଅନ୍ୟପକ୍ଷରେ ଏହାର ଝରକା କବାଟ ସହିତ ଛାତର ଅବସ୍ଥା ମଧ୍ୟ ଅସୁରକ୍ଷିତ ଅବସ୍ଥାରେ ରହିଛି। ପୁରୁଣା ଷ୍ଟାଫ୍ କ୍ୱାର୍ଟରର ଅବସ୍ଥା ବିପଦସଂକୁଳ ଅବସ୍ଥାରେ ରହିଥିବାରୁ କର୍ମଚାରୀମାନଙ୍କୁ ବାହାରେ ବାଧ୍ୟ ହୋଇ ଭଡ଼ାରେ ରହିବା ପାଇଁ ପଡୁଛି। ସୂଚନା ଯୋଗ୍ୟକି, ଗତ ଅଗଷ୍ଟ ୩ ତାରିଖରେ ଏହି ଉପ ଡାକଘରୁ କବାଟ ଭାଙ୍ଗି ଚୋରି ମଧ୍ୟ ହୋଇଥିଲା। ଡାକଘରର ସୁରକ୍ଷା ଅବସ୍ଥା ଶୋଚନୀୟ ଥିବାରୁ ଏଭଳି ଘଟଣା ଘଟିଥିଲା ବୋଲି ସ୍ଥାନୀୟ ଲୋକ ମତ ଦେଇଥିଲେ। ତୁରନ୍ତ ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

## ଧାନ ଅମଳ ପରେ କ୍ଷେତ ପୋଡୁଛନ୍ତି ଚାଷୀ

# ପ୍ରଦୂଷିତ ହେଉଛି ବାୟୁମଣ୍ଡଳ, କୃଷି ବିଭାଗ ପକ୍ଷରୁ ସଚେତନତା ଅଭାବ

ମୋରଡ଼ା,୧୫।୧୨(ସମିସ)

ଚଳିତବର୍ଷ ଧାନ ଫସଲ ଅମଳ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ବଳଦ ଅଭାବରୁ ମେସିନ ସାହାଯ୍ୟରେ ବିଲ ମୁଣ୍ଡରେ ଧାନ ଫସଲ ଅମଳ ହୋଇ ଘରକୁ ଆସିବା ପରେ କେତେକ ସ୍ଥାନରେ ଚାଷୀ ଧାନର ନଡ଼ାକୁଟାକୁ କ୍ଷେତରେ ନିଆଁ ଲଗାଇ ଜାଳି ଦେଉଥିବା ଦେଖିବାକୁ ମିଳିଛି। ଏଥିରୁ ନିର୍ଗତ ଧୂଆଁ ବାୟୁମଣ୍ଡଳକୁ ଦୂଷିତ କରିବା ସହ ପରିବେଶ ଉପରେ ଏହାର କୁପ୍ରଭାବ ପକାଉଛି। କୃଷି ବିଭାଗ ପକ୍ଷରୁ ଏନେଇ କୌଣସି ସଚେତନତା ଓ ଗାଇଡ୍ ଲାଇନ୍ ପ୍ରସ୍ତୁତ କରାଯାଉ ନ ଥିବାରୁ ଏହା ପରିବେଶ ପାଇଁ ବିପଦ ସୃଷ୍ଟି କରିବା ଆଶଙ୍କା ସୃଷ୍ଟି କରିଛି।

ସ୍ଥାନୀୟ ଅଞ୍ଚଳର ଚାଷୀ କହିଛନ୍ତି ଯେ, ଜମିରେ ମେସିନ୍ ସାହାଯ୍ୟରେ ଧାନ ଗଛକୁ କାଟିଲେ ଓ ଧାନ ଝାଡ଼ି ସାରିଲା ପରେ ସେଥିରୁ ବାହାରିଥିବା ନଡ଼ାକୁଟା

- **ନଷ୍ଟ ହେଉଛି ଜମିର ଜୈବିକ ଉର୍ବରତା**
- **ଲୋପ ପାଉଛନ୍ତି ମାଟିରେ ଥିବା ଉପକାରୀ କୀଟ**



ଓ ଅନ୍ୟାନ୍ୟ ଆବର୍ଜନାକୁ ଯଦି ଜମିରେ ଛାଡ଼ି ଦିଆଯାଏ, ତେବେ ପରବର୍ତ୍ତୀ ଚାଷ ସମୟରେ ଜମିରେ ଲଙ୍ଗଳ ଚାଲିବ ନାହିଁ। ସେଥିପାଇଁ ସେଗୁଡ଼ିକୁ ଜାଳିଦେଲେ ସେଥିରୁ ବାହାରୁଥିବା ପାଉଁଶ ମାଟିରେ ମିଶି ଆଗାମୀ ଚାଷ ଋତୁରେ ସାର ଭଳି କାମ ଦେବ। ତେଣୁ ଅମଳ ପରେ ନଡ଼ାକୁଟାକୁ ଟଙ୍କା ଖର୍ଚ୍ଚକରି ଘରକୁ ବୋହି ନେବା ଅପେକ୍ଷା ଏହାକୁ ଜମିରେ ପକାଇ ନିଆଁ ଲଗାଇ ଦେବା ଅଧିକ ସୁବିଧାଜନକ ହେଉଛି। ଏତଦ୍ବ୍ୟତୀତ କୁଟା ଖାଇବା ପାଇଁ ଘରେ ଗାଈଗୋରୁ ନାହାନ୍ତି କି ନଡ଼ା ଛପର ପାଇଁ ଚାଳ ଘର ନାହିଁ। ସେଥିପାଇଁ ଏପରି କରାଯାଉଥିବା ଚାଷୀ ମତ ଦେଇଥିଲେ। ସ୍ଥାନୀୟ ଅଞ୍ଚଳର କୃଷି ଗବେଷକ ନରେନ୍ଦ୍ର ମହାନ୍ତ କହିଛନ୍ତି, ଚାଷଜମିରେ ଏଭଳି କରିବା ଆଦୌ ଅନୁଚିତ। ନିଆଁ ଲଗାଇବା ଦ୍ୱାରା ଜମିରେ ଥିବା ଜୈବିକ ସାର ନଷ୍ଟ ହୋଇଯାଇଥାଏ। ଏଥିସହ ମାଟିରେ ଥିବା ଉପକାରୀ କୀଟର ବଂଶ ମଧ୍ୟ ଲୋପ ପାଇଯାଏ। ଫଳରେ ମାଟିର ଉର୍ବରତା ନଷ୍ଟ ହୋଇଯିବା କାରଣରୁ ଆଗକୁ ଭଲ ଫସଲ ହେବନାହିଁ। ଏ ସମ୍ପର୍କରେ ମୋରଡ଼ା ବ୍ଲକ୍ କୃଷି ଅଧିକାରୀ ସ୍ନେହାଶିଷ ସାହୁଙ୍କୁ ପଚାରିବାରୁ ଏଭଳି ନ କରିବା ପାଇଁ ବିଭାଗ ପକ୍ଷରୁ ବାରମ୍ବାର ଚାଷୀଙ୍କୁ ସଚେତନ କରାଯାଉଛି। ମାତ୍ର ଏହାର ପ୍ରଭାବ ଚାଷୀଙ୍କ ଉପରେ ପଡୁନାହିଁ। ବେଲର ମେସିନ ବିଭାଗ ତରଫରୁ ସବସିଡିରେ ପ୍ରଦାନ କରାଯାଉଛି। ଯାହା ନଡ଼ାଗୁଡିକ ବାନ୍ଧିବାରେ ସାହାଯ୍ୟ କରିପାରିବ ବୋଲି ସେ ପ୍ରକାଶ କରିଥିଲେ।

## ବୋଲେରୋ ଧକ୍କାରେ ୨ ବାଇକ୍ ଆରୋହୀ ଗୁରୁତର

ଯୋଡ଼ା,୧୫।୧୨(ସମିସ): କେନ୍ଦୁଝର ଜିଲ୍ଲା ରୁଗୁଡ଼ି ଥାନା ଅନ୍ତର୍ଗତ କାଟେସାହି ନିକଟରେ ସୋମବାର ଏକ ବୋଲେରୋ ଗାଡ଼ି ବାଇକ୍‌କୁ ସାମ୍ନା ପଟୁ ଧକ୍କା ଦେବାରୁ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ଘଟଣାସ୍ଥଳରୁ ବୋଲେରୋଟି ଫେରାର୍ ହୋଇଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ସୋମବାର ଦିନ ପ୍ରାୟ ୧.୩୦ରେ ବାଇକ୍‌ରେ ୨ ଜଣ ଯୁବକ ଚୋରମାଳଦାରୁ କାଟେସାହି ଅଭିମୁଖେ ଫେରୁଥିବାବେଳେ ଏକ ଅଜଣା ବୋଲେରୋ ଗାଡ଼ି ଦ୍ରୁତଗତିରେ ନିୟନ୍ତ୍ରଣ ହରାଇ ସାମ୍ନା ପଟୁ ଆସୁଥିବା ବାଇକ୍‌କୁ ଧକ୍କା ଦେଇ ସେଠାରୁ ଚୋରମାଳଦା ରାସ୍ତାରେ ଫେରାର୍ ହୋଇଯାଇଥିଲା। ଘଟଣାସ୍ଥଳରେ ହିଁ ୨ ଯୁବକ ଗୁରୁତର ଅବସ୍ଥାରେ ପଡ଼ିରହିଥିଲେ। ସେହି ରାସ୍ତା ଦେଇ ସ୍ଥାନୀୟ ଲୋଇଡାପଦା ସରପଞ୍ଚ ଯାଉଥିବାବେଳେ ସ୍ଥାନୀୟ ଲୋକଙ୍କ ସହଯୋଗରେ ୨ ଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଯୋଡ଼ା ଟାଟା ମେଡିକାଲରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ତେବେ ଦୁର୍ଘଟଣାରେ ଆହତ ହୋଇଥିବା ୨ ଜଣ କାଟେସାହି ଗ୍ରାମ ନାୟବାଦୀ ଅଞ୍ଚଳର ରୂପେଶ ମୁଣ୍ଡା ଏବଂ ଅଜୟ ମୁଣ୍ଡା ବୋଲି ଜଣାପଡ଼ିଛି। ଖବର ପାଇ ପୁଲିସ ଗାଡ଼ିଟିକୁ ଧରିବା ପାଇଁ ଉଦ୍ୟମ ଜାରି ରଖିଥିବା ଜଣାପଡ଼ିଛି।

## ଅବକାରୀ ଚଢ଼ଉ; ପୋଚ ଓ ମହୁଲି ଜବତ, ୪ ଗିରଫ

କରଞ୍ଜିଆ,୧୫।୧୨(ସମିସ): ଅବକାରୀ ବିଭାଗ ପକ୍ଷରୁ ଆଜି କରଞ୍ଜିଆ ବ୍ଲକର ବିଭିନ୍ନ ଗ୍ରାମରେ ଚଢ଼ଉ କରାଯାଇ ୭୮୦୦ କିଲୋ ଗ୍ରାମ ପୋଚ ସହିତ ୫୬୦ ଲିଟର ମହୁଲି ମଦ ଜବତ ସହିତ ମଦ ତିଆରି ସାମଗ୍ରୀ ନଷ୍ଟ କରାଯାଇଛି। ଏଥିରେ ସମ୍ପୃକ୍ତ ୪ ଜଣକୁ ଗିରଫ କରିଛି ବିଭାଗ। ଝାରବେଡା ଗ୍ରାମରୁ ୫ ହଜାର କେଜି ପୋଚ୍ ସହିତ ୨୮୦ ଲିଟର ମହୁଲି ମଦ, ସୋରିଷବାଡି ଗ୍ରାମରୁ ୨୮୦୦ କେଜି ପୋଚ ଓ ୧୪୦ ଲିଟର ମହୁଲି ମଦ, ପୁରୁଣାପାଣି ଗ୍ରାମର ବଳରାମ ନାଏକଙ୍କଠାରୁ ୫୦ ଲିଟର ମହୁଲି ମଦ ଜବତ ସହ ତାଙ୍କୁ ଗିରଫ କରାଯାଇଛି। ଘୋଡାଘଗୁରି ଗ୍ରାମରୁ ମଦନ ମୋହନ ଦେହୁରୀଙ୍କୁ ଗିରଫ କରିବା ସହିତ ୨୫ ଲିଟର ମହୁଲି ମଦ ଜବତ ଓ ଅନ୍ଧାରଝରି ଗ୍ରାମରୁ ଦଶରଥ ପୂର୍ତ୍ତିକୁ ଗିରଫ କରିବା ସହିତ ୫୦ ଲିଟର ମହୁଲି ମଦ, ପାହାଡ଼ଭଙ୍ଗା ଗ୍ରାମରୁ ବଳରାମ ନାଏକକୁ ଗିରଫ କରିବା ସହିତ ତାଙ୍କଠାରୁ ୫୦ ଲିଟର ମହୁଲି ମଦ ଓ ପୁରୁଣା ପାଣି ଗ୍ରାମର କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ଗିରଫ କରିବା ସହିତ ୧୫ ଲିଟର ମହୁଲି ସହିତ ଗୋଟିଏ ବାଇକ୍ ଜବତ କରିଛି ଅବକାରୀ ବିଭାଗ। ଅବକାରୀ ଅଧୀକ୍ଷକ ପ୍ରଶାନ୍ତ କୁମାର କୁଅଁରଙ୍କ ନିର୍ଦ୍ଦେଶକ୍ରମେ କରଞ୍ଜିଆ ଅବକାରୀ ଇନ୍ସପେକ୍ଟର ଜୟନ୍ତୀ ଆଚାର୍ଯ୍ୟ, ଓଆଇସି ରଶ୍ମିରଞ୍ଜନ ନାୟକଙ୍କ ସହିତ ଅନ୍ୟ କର୍ମଚାରୀ ମିଳିତ ହୋଇ ଚଢ଼ଉ କରିଥିଲେ ବୋଲି ଓଆଇସି ରଶ୍ମିରଂଜନ ନାଏକ ସୂଚନା ଦେଇଛନ୍ତି।

## ମନ୍ତ୍ରୀ ଗଣେଶ ରାମଙ୍କ ରରୁଆଁ ବ୍ଲକ୍ ଅଞ୍ଚଳ ଗସ୍ତ

ଶୁକୃଳି,୧୫।୧୨(ସମିସ): ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ, କର୍ମଚାରୀ ରାଜ୍ୟ ବୀମା ବିଭାଗ ମନ୍ତ୍ରୀ ଗଣେଶ ରାମ ଆଜି ରରୁଆଁ ବ୍ଲକର ରରୁଆଁ, ଅଙ୍ଗାରପଦା, ବୈଦ୍ୟନାଥ, ନୂଆଗାଁ, ବୁଡ଼ାମରା, ପାନପତ୍ରିଆ, ଘାଗରବେଡ଼ା ପଞ୍ଚାୟତ ଅଞ୍ଚଳ ଗସ୍ତ କରିଛନ୍ତି। ମନ୍ତ୍ରୀ ଗଣେଶ ରାମ ବୈଦ୍ୟନାଥ ପଞ୍ଚାୟତର ଜମୁନ୍ତି, ନୂଆଗାଁ, ବୁଡ଼ାମରା ଓ ଘାଗରବେଡ଼ାରେ ଅସହାୟ, ବୃଦ୍ଧବୃଦ୍ଧାଙ୍କୁ କମ୍ବଳ ବଣ୍ଟନ କରିଥିଲେ। ପାନପତ୍ରିଆ ପଞ୍ଚାୟତର ଫଗୁ ଓ ଅଙ୍ଗାରପଦାଠାରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ଘାଗରବେଡ଼ାର ବାଙ୍କିଆହୁଡ଼ି ଓ ଅଙ୍ଗାରପଦା ପଞ୍ଚାୟତର ଜଡ଼ିପଦା ଓ ରରୁଆଁଠାରେ ମିଶନ ଶକ୍ତି ଗୃହ, ରରୁଆଁଠାରେ କୁଡୁମି ସମାଜ, ହୋ ସମାଜ ଭବନ ଓ ରରୁଆଁ ପୁରାଣସାହିରେ ଗୋଷ୍ଠୀ କେନ୍ଦ୍ରର ଶୁଭ ଉଦଘାଟନ କରିଛନ୍ତି। ଏଥିସହିତ ବୁଡାମରା, ଘାଗରବେଡ଼ା, ବୈଦ୍ୟନାଥ, ପାନପତ୍ରିଆ, ନରସଣ୍ଡା, ନୂଆଗାଁ, ରରୁଆଁ ଓ ଅଙ୍ଗାରପଦା ପଞ୍ଚାୟତରେ ନିର୍ମାଣ ହେବାକୁ ଥିବା ନିର୍ମାଣ ହେବାକୁ ୨୧ଟି ବନ ସୁରକ୍ଷା ସମିତି ଗୃହର ଶିଳାନ୍ୟାସ କରିଛନ୍ତି । ମନ୍ତ୍ରୀଙ୍କ ଏହି ଗସ୍ତ କାର୍ଯ୍ୟକ୍ରମରେ ରରୁଆଁ ଚେୟାରମ୍ୟାନ ଅଜିତ ତିରିଆ, ବିଡିଓ ଧର୍ମାନନ୍ଦ ବେହେରା, କରଞ୍ଜିଆ ଡିଏଫ୍‌ଓ ବୈଦ୍ୟନାଥ ମାଝୀ, ବିଜେପି ରରୁଆଁ ମଣ୍ଡଳ ସଭାପତି ରଞ୍ଜନ ଦଳେଇ, ଘାଗରବେଡ଼ା ମଣ୍ଡଳ ସଭାପତି ଭରତଚନ୍ଦ୍ର ମହାନ୍ତ, ବୈଦ୍ୟନାଥ ସରପଞ୍ଚ ଚିତ୍ତରଞ୍ଜନ ନାୟକ, ଘାଗରବେଡ଼ା ସରପଞ୍ଚ ପ୍ରମୁଖ ଉପସ୍ଥିତ ଥିଲେ।

## ପତିତପାବନ କଲେଜରେ ଦିନିକିଆ ପାଠଚକ୍ର




ଆନନ୍ଦପୁର,୧୫।୧୨(ସମିସ): ଘସିପୁରା ବ୍ଲକ୍ ଅନ୍ତର୍ଗତ ସାଇଁକୁଳ ପତିତପାବନ ମହାବିଦ୍ୟାଳୟରେ ଏକଦିବସୀୟ ରାଜ୍ୟସ୍ତରୀୟ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗ ପକ୍ଷରୁ ଆୟୋଜିତ ଏହି ରାଜ୍ୟସ୍ତରୀୟ ପାଠଚକ୍ରରେ ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ଆସୋସିଏଟ୍ ପ୍ରଫେସର ଡ. ଜ୍ଞାନରଞ୍ଜନ ମହାଳିକ ଓ ସୋଆ ବିଶ୍ୱବିଦ୍ୟାଳୟର ଫ୍ଲୋରିକଲ୍‌ଚର୍ ଓ ଲ୍ୟାଣ୍ଡସ୍କେପିଂ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡ. ସୁବ୍ରତ କୁମାର ସେନାପତି ଯୋଗଦେଇ ଉପାଦେୟ ତଥ୍ୟ ଓ ପାଠଚକ୍ର ବିଷୟରେ ନିଜ ନିଜର ଆଲୋଚନା ରଖିଥିଲେ। ପାଠଚକ୍ରର ପ୍ରଥମ ସୋପାନରେ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ପତିତପାବନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଅମୂଲ୍ୟ କୁମାର ବିଶ୍ୱାଳ, ପତିତପାବନ ଡିଗ୍ରୀ କଲେଜର ଅଧ୍ୟକ୍ଷ ଶରତ କୁମାର ଜେନା ଏବଂ ଉପଦେଷ୍ଟା ରାଜେନ୍ଦ୍ର କୁମାର ରାଉତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବାବେଳେ ଉଦ୍ଭିଦ ବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ଦେବେନ୍ଦ୍ର କୁମାର ସାହୁ ସ୍ୱାଗତ ଭାଷଣ ରଖିଥିଲେ। ଅଧ୍ୟାପକ ପ୍ରବୀଣ କୁମାର କବି ଅତିଥି ପରିଚୟ ଓ ମଞ୍ଚ ସଞ୍ଚାଳନ କରିଥିବାବେଳେ ଅଧ୍ୟାପିକା ବର୍ଷାରାଣୀ ଜେନା ଧନ୍ୟବାଦ ଜ୍ଞାପନ କରିଥିଲେ। ଡେମୋନ୍‌ଷ୍ଟ୍ରେଟର୍ ଆଦିତ୍ୟ ନାରାୟଣ ଘଡ଼େଇ ଏବଂ ଅମିତ୍ କୁମାର ମିଶ୍ର ଉକ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଦ୍ୱିତୀୟ ସୋପାନରେ ଅତିଥି ବକ୍ତା ଡ. ଜ୍ଞାନରଞ୍ଜନ ମହାଳିକ ଏବଂ ଡ. ସୁବ୍ରତ କୁମାର ସେନାପତି ଯୋଗଦେଇ ଆଗାମୀ ପିଢ଼ି ସମ୍ପର୍କରେ ନିଜର ଆଲୋଚନା ରଖିଥିଲେ। ଉଦ୍ଭିଦ ବିଜ୍ଞାନ ବିଭାଗର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ପାଠଚକ୍ରରେ କନକ ମଞ୍ଜରୀ ମହିଳା ମହାବିଦ୍ୟାଳୟର ବିଭାଗୀୟ ମୁଖ୍ୟ ଚିନ୍ତାମଣି ବେହେରା ଏବଂ ପତିତପାବନ ମହାବିଦ୍ୟାଳୟର ବିଭିନ୍ନ ବିଭାଗର ଅଧ୍ୟାପକ ଅଧ୍ୟାପିକାମାନେ ମଧ୍ୟ ଯୋଗଦେଇଥିଲେ।

### ଅନିୟମିତତା କରି ସରକାରୀ ଅର୍ଥ ହଡ଼ପ ମାମଲା

## ପୂର୍ବତନ ସରପଞ୍ଚ, ସହକାରୀ ଯନ୍ତ୍ରୀ ଓ ଜିଆର୍‌ଏସ୍‌କୁ ୩ ବର୍ଷ ଜେଲ୍

କେନ୍ଦୁଝର,୧୫।୧୨(ସମିସ): ସରକାରୀ ଅର୍ଥକୁ ତଞ୍ଚକତା କରି ତୋଷରପାତ ମାମଲାରେ ୩ ଜଣଙ୍କୁ ୩ ବର୍ଷ ଜେଲ୍‌ଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। କେନ୍ଦୁଝର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟର ବିଚାରପତି ଭଗବାନ ପ୍ରଧାନ ଏକ ମାମଲାର ବିଚାର କରି ଚମ୍ପୁଆ ବ୍ଲକ୍ ଷଡ଼ଙ୍ଗୀ ପଞ୍ଚାୟତର ପୂର୍ବତନ ସରପଞ୍ଚ ସଦାନନ୍ଦ ନାଏକ, ଅବସରପ୍ରାପ୍ତ ସହକାରୀ ଯନ୍ତ୍ରୀ ଗୌରହରି ସାହୁ ଏବଂ ଜିଆର୍‌ଏସ୍ ଶ୍ରୀପଦ ନାଏକଙ୍କୁ ୩ ବର୍ଷ ଜେଲ୍‌ଦଣ୍ଡ ଦେଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ୨୦୧୦-୧୧ରେ ଚମ୍ପୁଆ ବ୍ଲକ୍ ଷଡ଼ଙ୍ଗୀ ପଞ୍ଚାୟତର ଷଡ଼ଙ୍ଗୀଠାରୁ ନୂଆସାହି ପର୍ଯ୍ୟନ୍ତ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ରାସ୍ତା ନିର୍ମାଣ ପାଇଁ ୫ ଲକ୍ଷ ଟଙ୍କା ଅନୁଦାନ ଆସିଥିଲା। କାମ ନ କରି ସେହି ବର୍ଷ ୨ ଲକ୍ଷ ୯୩ ହଜାର ଟଙ୍କା ହଡ଼ପ କରି ନିଆଯାଇଥିଲା। ପୁଣି ୨୦୧୧-୧୨ରେ ସେହି ଯୋଜନାରେ କାମ ନ କରି ୧ ଲକ୍ଷ ୯୩ ହଜାର ୩୯୩ ଟଙ୍କା ହଡ଼ପ କରି ନେଇଥିଲେ। ଏନେଇ ଭିଜିଲାନ୍ସ ସୂଚନା ପାଇ ୨୦୧୨ ମେ' ୩୦ ତାରିଖରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହି କେସ୍‌ର ଚାର୍ଜସିଟ୍ ମଧ୍ୟ କୋର୍ଟରେ ଦାଖଲ କରିଥିଲେ। କୋର୍ଟ ଏହି ମାମଲାରେ ୨୪ ଜଣ ସାକ୍ଷୀଙ୍କ ବୟାନ, ପ୍ରମାଣକୁ ଆଧାର କରି ଉକ୍ତ ୩ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ଜରିମାନା ଅନାଦେୟ ଅଧିକ ୨ ମାସ ଜେଲ୍‌ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ତାଙ୍କ ଆଦେଶରେ ଉଲ୍ଲେଖ କରିଛନ୍ତି। ସରକାରଙ୍କ ପକ୍ଷରୁ ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ପିପି ଦେବଦତ୍ତ ବିଶ୍ୱାଳ ମାମଲା ପରିଚାଳନା କରୁଥିଲେ ବୋଲି ଜଣାପଡ଼ିଛି।

## ରାଜ୍ୟସ୍ତରୀୟ ଶିଶୁ ନାଟକ:ପିସିପୁର ସ୍କୁଲର ବାଜିମାତ୍



ବାରିପଦା,୧୫ ।୧୨(ସମିସ): ଭବାନୀପାଟଣାର ସାଂସ୍କୃତିକ ଅନୁଷ୍ଠାନ 'ସଙ୍ଗମ' ଆନୁକୂଲ୍ୟରେ ଆୟୋଜିତ ରାଜ୍ୟସ୍ତରୀୟ ଶିଶୁ ନାଟକ ପ୍ରତିଯୋଗିତାରେ ବାରିପଦାର ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପରିବେଷିତ ନାଟକ 'କାନ୍ଦୁଛି ବନାନୀ' ଦର୍ଶକଙ୍କୁ ବିମୋହିତ କରିବା ସହ ୮ଟି ପୁରସ୍କାର ଲାଭ କରି ବିଦ୍ୟାଳୟ ଓ ଜିଲ୍ଲା ପାଇଁ ଗୌରବ ଅର୍ଜନ କରିପାରିଛି। ଶ୍ରେଷ୍ଠ ପ୍ରଯୋଜିତ ନାଟକ, ଶ୍ରେଷ୍ଠ ଆଲୋକ ସଜ୍ଜା, ଶ୍ରେଷ୍ଠ ବେସଭୂଷା ପାଇଁ ବିଦ୍ୟାଳୟ ପୁରସ୍କୃତ ହୋଇଥିବାବେଳେ ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ତ୍ରିଲୋଚନ ସାହୁ, ଶ୍ରେଷ୍ଠ ନାଟ୍ୟକାର ଭାବେ ଅଜିତ ପାଣିଗ୍ରାହୀ, ଶ୍ରେଷ୍ଠ ଅଭିନେତ୍ରୀ ଭାବେ ଦେବସ୍ମିତା ସାବତ, ଶ୍ରେଷ୍ଠ ଅଭିନେତା ଭାବେ କ୍ରିଷ୍ଣା ଦତ୍ତ ଓ ତୃତୀୟ ଶ୍ରେଷ୍ଠ ଅଭିନେତା ଭାବେ ବ୍ରଜକିଶୋର ମହାନ୍ତ ପୁରସ୍କୃତ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ନାଟକରେ ଦେବାଶିଷ ଚୌଧୁରୀ, ରାଜବୀର ଲାମା, ସମ୍ବିତ ପାତ୍ର, ଆକାଶ ମହାନ୍ତ, ପ୍ରିୟାରାଣୀ ବେହେରା ଅଭିନୟ କରିଥିବାବେଳେ ସଂଗୀତରେ ରୂପମ ରାମ ଓ ମଞ୍ଚ ପରିଚାଳନାରେ ସରୋଜ ସାବତ ଓ ବାମା ଚରଣ ବାନରା ସହଯୋଗ କରିଥିଲେ। ପ୍ରଧାନଶିକ୍ଷକ ସୌମ୍ୟ ଦାଶ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

**ହାତେଇଲା ୮ଟି ପୁରସ୍କାର**

## ଉପଖଣ୍ଡସ୍ତରୀୟ ମହୋତ୍ସବ ଧୁମୁସାର ଦ୍ୱିତୀୟ ସନ୍ଧ୍ୟା



ଉଦଳା, ୧୫।୧୨(ସମିସ): ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଉପଖଣ୍ଡସ୍ତରୀୟ ମହୋତ୍ସବ ଧୁମୁସାର ଦ୍ୱିତୀୟ ସନ୍ଧ୍ୟାରେ ଗୀତ ଓ ନୃତ୍ୟରେ ଝୁମିଲେ ଦର୍ଶକ। ଦ୍ୱିତୀୟ ସନ୍ଧ୍ୟାରେ ଉଦଳା ବିଧାୟକ ଭାସ୍କର ମଢ଼େଇ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ, କପ୍ତିପଦା ଉପଖଣ୍ଡ ଉପଜିଲ୍ଲାପାଳ ସୁଶାନ୍ତ ବାରିକ, ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ପ୍ରମିଳା ପଣ୍ଡା, ନିର୍ବାହୀ ଅଧିକାରୀ ଉଦଳା ଏନଏସି ପ୍ରିୟରଞ୍ଜନ ଜେନା, ବରିଷ୍ଠ ସିନେ ତାରକା ଅସିତ ପତି, ଉଦଳା ଓକିଲ ସଂଘ ସମ୍ପାଦକ ବସନ୍ତ ପରିଡ଼ା ଅତିଥି ଭାବେ ଯୋଗ ଦେଇଥିଲେ। ମିସ ଉଦଳା ଫେସନ ସୋ ଓ ଅସିତ୍ ପତିଙ୍କ ସହ ତରଙ୍ଗିଣୀ ସାଂସ୍କୃତିକ ଦଳ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ଦୁର୍ଘଟଣାରେ ଜଣେ ମୃତ

ଉଦଳା, ୧୫।୧୨(ସମିସ): ଉଦଳା-ବାରିପଦା ରାସ୍ତାର ପାଟପୁର ଛକରେ ଦୁର୍ଘଟଣା ଘଟି ଜଣେ ମୃତ୍ୟୁବରଣ କରିଛନ୍ତି। ଉଦଳା ତହସିଲର ଡାଟା ଏଣ୍ଟ୍ରି ଅପରେଟର ମନୋଜ ଜେନା ଅନ୍ୟଜଣେ ବ୍ୟକ୍ତିଙ୍କୁ ବାଇକରେ ବସାଇ ଉଦଳା ଅଭିମୁଖେ ଆସୁଥିଲେ। ପାଟପୁର ଛକ ନିକଟରେ ପଛରେ ବସିଥିବା ବ୍ୟକ୍ତିଙ୍କ ଧୋତି ଚକରେ ଗୋଡାଇ ଯିବାରୁ ଭାରସାମ୍ୟ ହରାଇ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ଉଭୟ ବାଇକରୁ ଛିଟିକି ପଡ଼ିଥିଲେ। ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦଳା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ମନୋଜଙ୍କ ସହିତ ଥିବା ବ୍ୟକ୍ତିଙ୍କୁ ମୃତ ଘୋଷଣା କରିଥିଲେ।

## ରାସ୍ତା କଡ଼କୁ ଓଲଟିଲା କାର୍

ମହୁଲଡିହା,୧୫।୧୨(ସମିସ): ୫୩ନଂ ରାଜ୍ୟ ରାଜପଥର ଠାକୁରମୁଣ୍ଡା ଥାନା ଚାଇଁବାଇଁଶୀ ଗ୍ରାମ ନିକଟରେ ଏକ କାର ଦୁର୍ଘଟଣାଗ୍ରସ୍ତ ହୋଇଛି। ଏକ ଟେମ୍ପୋକୁ ସାଇଡ ଦେବାକୁ ଯାଇ ଭାରସାମ୍ୟ ହରାଇ ରାସ୍ତା ତଳକୁ ଖସିପଡିଛି। କାର୍‌ଟି ଝାଡ଼ଖଣ୍ଡ ଅଞ୍ଚଳର ବୋଲି ଜଣାପଡିଛି। କାର୍ ଡ୍ରାଇଭର ଫେରାର ହୋଇଯାଇଥିବାବେଳେ ଗାଡ଼ିରେ କେତେଜଣ ଥିଲେ ଜଣାପଡିନାହିଁ। ଠାକୁରମୁଣ୍ଡା ଥାନା ଅଧିକାରିଣୀ ସାବିତ୍ରୀ ଦଳେଇ ପହଞ୍ଚି ଗାଡିକୁ ଜବତ କରି ଜେସିବି ସହାୟତାରେ ଥାନାକୁ ଆଣି ତଦନ୍ତ ଜାରି ରଖିଛନ୍ତି।

## ସାମ୍ବାଦିକଙ୍କ ମାତୃ ବିୟୋଗ

ମହୁଲଡିହା,୧୫।୧୨(ସମିସ): ଠାକୁରମୁଣ୍ଡା ବ୍ଲକର ସାମ୍ବାଦିକ ଦିଲ୍ଲୀପ କୁମାର ମହାନ୍ତଙ୍କ ମାଆ ସରସ୍ୱତୀ ମହାନ୍ତ(୮୦) ଙ୍କ ଚିକିତ୍ସାଧୀନ ଅବସ୍ଥାରେ ଆଜି କେନ୍ଦୁଝର ମେଡ଼ିକାଲ କଲେଜରେ ଦେହାନ୍ତ ହୋଇଯାଇଛି। ସେ ଦୀର୍ଘଦିନ ଧରି ରକ୍ତହୀନତାରେ ପୀଡିତ ଥିଲେ। ତାଙ୍କୁ ଚିକିତ୍ସା ପାଇଁ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ଚିକିତ୍ସା ପରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ କେନ୍ଦୁଝର ଜିଲ୍ଲା ମେଡ଼ିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ଦେହାନ୍ତ ହୋଇଯାଇଛି। ମୃତ୍ୟୁଶଯ୍ୟା ଏକମାତ୍ର ପୁତ୍ର ଦିଲ୍ଲୀପ ମହାନ୍ତ ,ବୋହୂ ରୁକ୍ମଣୀ ମହାନ୍ତ ଉପସ୍ଥିତ ଥିଲେ। ମରଶରୀର ରୁଗୁଡିବେଡା ବାସଭବନକୁ ଅଣାଯାଇ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ କରାଯାଇଛି। ସ୍ଥାନୀୟ ବୁଦ୍ଧିଜୀବୀ, ସମାଜସେବୀ, ଗଣମାଧ୍ୟମ ପ୍ରତିନିଧି, ଗ୍ରାମବାସୀ ଶେଷ ଦର୍ଶନ କରିଥିଲେ।

## ରାଜସ୍ୱ ନିରୀକ୍ଷକଙ୍କ ଅଫିସରୁ ଚୋରି

ବଡ଼ବିଲ,୧୫।୧୨(ସମିସ): କେନ୍ଦୁଝର ଜିଲ୍ଲା ବଡ଼ବିଲ ଥାନା ଅନ୍ତର୍ଗତ ତଥା ବଡ଼ବିଲ ତହସିଲ୍ କାର୍ଯ୍ୟାଳୟ ଅଧୀନରେ ଥିବା ଭଦ୍ରାସାହି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ କେହି କଳାକନା ବୁଲାଇଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, ବଡ଼ବିଲ ଭଦ୍ରାସାହି ରାସ୍ତାର ଭୁସୁଗାଁସ୍ଥିତ ବଡ଼ବିଲ ତହସିଲ୍ କାର୍ଯ୍ୟାଳୟ ଅଧୀନରେ ଥିବା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଚୋରି ହୋଇଥିବା ଜଣାପଡ଼ିଛି। ରବିବାର ରାତିରେ କେହି ଦୁର୍ବୃତ୍ତ କାର୍ଯ୍ୟାଳୟର ତାଲା ଭାଙ୍ଗି କାର୍ଯ୍ୟାଳୟରେ ଥିବା ୩ଟି ଲାପ୍‌ଟପ୍, ୩ଟି ଚାର୍ଜର, ୩ଟି ବ୍ୟାଗ୍, ଗୋଟିଏ ପ୍ରିଣ୍ଟର ମେସିନ୍, ଗୋଟିଏ ସ୍କାନର, ଗୋଟିଏ ଇନ୍‌ଭର୍ଟର୍, ଗୋଟିଏ ଇନ୍‌ଭର୍ଟର ବ୍ୟାଟେରି, ଗୋଟିଏ କାନ୍ଥ ଘଣ୍ଟା ସମେତ ଗୋଟିଏ ସିଲିଂ ଫ୍ୟାନ୍‌ର କଏଲ୍‌କୁ ଚୋରି କରି ନେଇଥିବା ଜଣାପଡ଼ିଛି। ସୋମବାର ସକାଳୁ ଭଦ୍ରାସାହି ରାଜସ୍ୱ ନିରୀକ୍ଷକ ପ୍ରକାଶ ପ୍ରଧାନ କାର୍ଯ୍ୟାଳୟରେ ପହଞ୍ଚିବା ପରେ ଚୋରି ହୋଇଥିବା ଦେଖି ବଡ଼ବିଲ ତହସିଲ୍‌ଦାର ରାକେଶ କୁମାର ପଣ୍ଡାଙ୍କୁ ଖବର ଦେଇଥିଲେ। ତେବେ ତହସିଲ୍‌ଦାର ଶ୍ରୀ ପଣ୍ଡା ଘଟଣାସ୍ଥଳକୁ ଯାଇ ତନଖି କରିବା ପରେ ଚୋରି ସମ୍ବନ୍ଧରେ ବଡ଼ବିଲ ଥାନାରେ ଲିଖିତ ଅଭିଯୋଗ କରିଥିବା ସୂଚନା ଦେଇଛନ୍ତି।

## ବ୍ଲକ୍ ଅନୁସୂଚିତ ଜାତି ଓ ଜନଜାତି ଶିକ୍ଷକ ସଂଘ ବୈଠକ

ରାସଗୋବିନ୍ଦପୁର,୧୫।୧୨(ସମିସ): ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ବ୍ଲକର ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଶିକ୍ଷକ ସମନ୍ୱୟ ସମିତି ପକ୍ଷରୁ ଶିକ୍ଷକ ଶାନ୍ତନୁ ବେହେରାଙ୍କ ଆବାହକତ୍ୱରେ ଏକ ଜରୁରିକାଳୀନ ସାଙ୍ଗଠନିକ ବୈଠକ ଡାହିସାହି ନୂତନ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ରାସଗୋବିନ୍ଦପୁର ବ୍ଲକର ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ସମନ୍ୱୟ ସମିତିର ଏହି ସାଙ୍ଗଠନିକ ବୈଠକରେ ଶାନ୍ତନୁ ବେହେରା, ସେରାଲ ହାଁସଦା, ଜଗନ୍ନାଥ ଟୁଡୁ, ନାରାୟଣ ମାର୍ଣ୍ଡି, ନିରୋଜ ରାମ, ନରେନ୍ଦ୍ର ମୁର୍ମୁ, କମଳଲୋଚନ ସିଂ, ଚନ୍ଦ୍ରମୋହନ ମୁର୍ମୁ, ଶ୍ରୀମନ୍ତ ହେମ୍ବ୍ରମ, ସରସ୍ୱତୀ ଟୁଡୁ, ସମୀର ସିଂ, ହରିହର ସିଂ ଓ ଅନ୍ୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ଚାକିରି କ୍ଷେତ୍ରରେ ଥିବା ବିଭିନ୍ନ ଅସଙ୍ଗତ ଓ ସମସ୍ୟା ସଂପର୍କରେ ଆଲୋଚନା କରିବା ସହିତ ଆଗାମୀ ଦିନରେ ଚାକିରି କ୍ଷେତ୍ରରେ ରହି ନିଜର ଦାୟିତ୍ୱ ଓ କର୍ତ୍ତବ୍ୟରେ ଦେଖାଦେଉଥିବା ବିଭିନ୍ନ ପ୍ରକାର ସମସ୍ୟାକୁ ସୁଧାର ଆଣିବା ପାଇଁ ସମସ୍ତ ଅନୁସୂଚିତ ଜାତି ଓ ଜନଜାତି ଶିକ୍ଷକଙ୍କୁ ଏକତା ସୂତ୍ରରେ ବାନ୍ଧି ହୋଇ ରହିବାକୁ ପଡିବ ବୋଲି ମତବ୍ୟକ୍ତ କରିଛନ୍ତି। ଚାକିରି କ୍ଷେତ୍ରରେ ପଦୋନ୍ନତି, ଅନେକ କ୍ଷେତ୍ରରେ ଏହା ଉପରେ ହେଉଥିବା ପାତରଅନ୍ତର ନୀତିକୁ ନେଇ ଉପୁଜୁଥିବା ସମସ୍ୟା ସମ୍ବନ୍ଧରେ ମଧ୍ୟ ଆଲୋଚନା କରାଯାଇଥିଲା। ଶିକ୍ଷକ ତଥା ଆବାହକ ଶାନ୍ତନୁ ବେହେରା ଉପସ୍ଥିତ ଥିବାବେଳେ ଶିକ୍ଷକ କମଳଲୋଚନ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

## ଆନନ୍ଦପୁର ବୈଦିକ ବିଚାର ମଞ୍ଚର ବାର୍ଷିକ ଉତ୍ସବ

ଆନନ୍ଦପୁର,୧୫।୧୨(ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ଶାଳପଡ଼ାସ୍ଥିତ କଲୋନୀ ପରିସରରେ ଆର୍ଯ୍ୟ ସମାଜ ବୈଦିକ ବିଚାର ମଞ୍ଚର ତୃତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବୈଦିକ ବିଚାର ମଞ୍ଚର ସଭାପତି ଅଶୋକ କୁମାର ମିଶ୍ରଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଘସିପୁରା ବିଧାୟକ ପ୍ରାର୍ଥୀ ଡ. ଶମ୍ଭୁନାଥ ରାଉତ, ମୁଖ୍ୟବକ୍ତା ଭାବେ ଓଡ଼ିଶାର ପ୍ରତିଷ୍ଠିତ ପ୍ରବଚକ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସ୍ତମ୍ଭକାର ଅଭୟ ଦ୍ୱିବେଦୀ ଓ ସାହିତ୍ୟିକ ସରୋଜ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ଯଜ୍ଞ ଓ ଧର୍ମ ପ୍ରବଚନର ଏହି



ସାମୂହିକ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ବୁଦ୍ଧିଜୀବୀ ଓ ଶ୍ରଦ୍ଧାଳୁମାନେ ଯୋଗଦେଇଥିଲେ। ପଥଭ୍ରଷ୍ଟ ସମାଜ ଓ କୁସଂସ୍କାରକୁ ରୋକିବା ଦିଗରେ ଆର୍ଯ୍ୟ ସମାଜର ପୁନର୍ଗଠନ ଜନସମାଜକୁ ସଚେତନ କରାଇବା ବୈଦିକ ବିଚାର ମଞ୍ଚର ଅଭିନବ ପ୍ରୟାସ ଅତ୍ୟନ୍ତ ସ୍ୱାଗତଯୋଗ୍ୟ ପଦକ୍ଷେପ। ସମୟର ସଦୁପଯୋଗ ଓ ଉଚିତ୍ ମାଗଦର୍ଶନ ନିମନ୍ତେ ଏକ ଆଧ୍ୟାତ୍ମିକ ବୈଦିକ ପୁସ୍ତକ କେନ୍ଦ୍ରର ପରିକଳ୍ପନା କରାଯାଇଥିଲା। ଯାହାଦ୍ୱାରା ଶ୍ରଦ୍ଧାଳୁମାନଙ୍କୁ ବିଭିନ୍ନ ପ୍ରକାର ଜ୍ଞାନ ଆହରଣ କରିବାର ସୁବିଧା ସୁଯୋଗ ଯୋଗାଇ ଦିଆଯାଉଥିଲା। ବିଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା ବ୍ୟକ୍ତିତ୍ୱମାନଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ବୈଦିକ ବିଚାର ମଞ୍ଚର ସଦସ୍ୟ ଅମୂଲ୍ୟ ମିଶ୍ର, ଦେବାଶିଷ ମିଶ୍ର, ଶାନ୍ତନୁ ମିଶ୍ର ଓ ସୁସ୍ମିତା ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ଶିମିଳିପାଳରେ ବନ୍ୟଜନ୍ତୁ ସୁରକ୍ଷା ପାଇଁ ଆଉଏକ ସଫଳ ଅଭିଯାନ

## ବେଶରପାଣି ଗ୍ରାମରେ ଦେଶୀ ବନ୍ଧୁକ ସମର୍ପଣ



ବାରିପଦା, ୧୫ ।୧୨(ସମିସ): ଜାତୀୟ ଉଦ୍ୟାନ ଶିମିଳିପାଳ ଅଭୟାରଣ୍ୟ ଅଞ୍ଚଳରେ ବନ୍ୟଜନ୍ତୁ ସୁରକ୍ଷା ଓ ଶିକାର ରୋକିବା ପାଇଁ ଚାଲିଥିବା ଅଭିଯାନ ଆଉଏକ ସଫଳତା ହାସଲ କରିଛି। ବାରିପଦା ସଦର ଥାନା ଅନ୍ତର୍ଗତ ଶରତଚନ୍ଦ୍ରପୁର ପଞ୍ଚାୟତର ବେଶରପାଣି ଗ୍ରାମରେ ଆୟୋଜିତ ଏକ ବନ୍ଧୁକ ସମର୍ପଣ ଅଭିଯାନରେ ଜଣେ ବ୍ୟକ୍ତି ନିଜର ଦେଶୀ ନିର୍ମିତ ବନ୍ଧୁକ ସ୍ୱେଚ୍ଛାକୃତ ଭାବେ ସମର୍ପଣ କରିଛନ୍ତି। ଏହି କାର୍ଯ୍ୟକ୍ରମ ପୀଠାବାଟା ଦକ୍ଷିଣ ବନ୍ୟଜନ୍ତୁ ରେଞ୍ଜରେ ଆୟୋଜିତ ହୋଇଥିଲା। ସ୍ଥାନୀୟ ୱାର୍ଡ ମେମ୍ବର ଦୈତାରୀ ଭକ୍ତଙ୍କ ଉପସ୍ଥିତିରେ ରେଞ୍ଜ ଅଫିସରଙ୍କୁ ଏହି ବନ୍ଧୁକ ହସ୍ତାନ୍ତର କରାଯାଇଥିଲା। ସମର୍ପଣକାରୀ ବ୍ୟକ୍ତି ଚିରକାଳ ପାଇଁ ଶିକାର କାର୍ଯ୍ୟ ତ୍ୟାଗ କରିବା ଓ ବନ୍ୟଜନ୍ତୁ ସଂରକ୍ଷଣରେ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହିତ ମୁଖ୍ୟ ସମାଜକୁ ଫେରିବାକୁ ମଧ୍ୟ ପ୍ରତିଜ୍ଞା କରିଛନ୍ତି।

ଏହି ଅଭିଯାନରେ ପ୍ରାୟ ୫୫ ଜଣ ଗ୍ରାମବାସୀ ଓ ପିଠାବାଟା ଦକ୍ଷିଣ ବନ୍ୟଜନ୍ତୁ ରେଞ୍ଜର କର୍ମଚାରୀ ଉପସ୍ଥିତ ଥିଲେ। ଶିମିଳିପାଳରେ ଏଭଳି ସ୍ୱେଚ୍ଛାକୃତ ବନ୍ଧୁକ ସମର୍ପଣ ଅଭିଯାନ ବନ୍ୟଜନ୍ତୁଙ୍କ ସୁରକ୍ଷା ଓ ପରିବେଶ ସଂରକ୍ଷଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ବନ ବିଭାଗର ଏହି ପ୍ରୟାସ ଫଳରେ ଅଞ୍ଚଳରେ ଶିକାର କାର୍ଯ୍ୟ ଉଲ୍ଲେଖନୀୟ ଭାବେ ହ୍ରାସ ପାଇଛି ଓ ବାଘ ସହ ଅନ୍ୟ ବନ୍ୟଜନ୍ତୁଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଶିମିଳିପାଳର ସୌନ୍ଦର୍ଯ୍ୟ ଓ ବିବିଧତା ସଂରକ୍ଷଣ ପାଇଁ ସ୍ଥାନୀୟ ସମ୍ପ୍ରଦାୟର ଏହି ସହଯୋଗ ପ୍ରଶଂସନୀୟ ଅଟେ ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କ୍ଷେତ୍ର ଉପନିର୍ଦ୍ଦେଶକ ଡ ସମ୍ରାଟ ଗୌଡା କହିଛନ୍ତି।

### ତୁରନ୍ତ ଧାନ ମଣ୍ଡି ଖୋଲିବା ସହ ଷ୍ଟିଲ୍‌ପ୍ଲାଣ୍ଟ ବିରୋଧୀ ନେତାଙ୍କୁ ନ୍ୟାୟ ଦାବି

## ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଦାବିପତ୍ର ପ୍ରଦାନ

ତୁରୁମୁଙ୍ଗା,୧୫।୧୨(ସମିସ)



କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ୪ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ତହସିଲ୍‌ଦାରଙ୍କୁ ପ୍ରଦାନ କରାଯାଇଛି। ତୁରନ୍ତ ଧାନ ମଣ୍ଡି ଖୋଲିବା ସହ ଷ୍ଟିଲ୍‌ପ୍ଲାଣ୍ଟ ବିରୋଧୀ ନେତାଙ୍କୁ ନ୍ୟାୟ ପ୍ରଦାନ, ବସ୍ତା ପ୍ରତି ମଜୁରୀକୁ ଶ୍ରମିକଙ୍କୁ ମଣ୍ଡି ପକ୍ଷରୁ ପ୍ରଦାନ, ଜିନ୍ଦଲ ପୋସ୍କୋ ଅଞ୍ଚଳର ଜନସାଧାରଣଙ୍କୁ ନ୍ୟାୟ ଦେଇ ମତାମତ ନେଇ ଜମି ଅଧିଗ୍ରହଣ କରାଯିବା ସହ କିଛି ଚାଷୀଙ୍କୁ ବିନା କାରଣରେ ରାତିଅଧରେ ଗିରଫ କରାଯାଇଛି। ସେମାନଙ୍କୁ ତୁରନ୍ତ ଖଲାସ କରାଯିବାକୁ ଦାବିପତ୍ରରେ ଉଲ୍ଲେଖ କରି ଏକ ଦାବିପତ୍ର ପାଟଣା ତହସିଲ୍‌ଦାର ଅଶ୍ୱିନୀ ନାଏକଙ୍କ ଜରିଆରେ ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି। କେନ୍ଦୁଝର ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରାୟ ଧାନ ଅମଳ ସରିଯାଇଛି। କିନ୍ତୁ ଧାନ ମଣ୍ଡି ଖୋଲି ନ ଥିବା ଯୋଗୁଁ ଚାଷୀ ସରକାରୀ ଦରରେ ଧାନକୁ ବିକ୍ରି କରିପାରୁ ନାହାନ୍ତି। ୫ ଦିନ ମଧ୍ୟରେ କୌଣସି ସୂଚନା କିମ୍ବା ବିନା କଟ୍‌ନୀଛଟ୍‌ନୀରେ ଧାନ ମଣ୍ଡି ନ ଖୋଲିଲେ ନବ ନିର୍ମାଣ କୃଷକ ସଂଗଠନ ସଦସ୍ୟ ଧାରଣାରେ ବସିବା ସହ ଜିନ୍ଦଲ୍ ପୋସ୍କୋ ପ୍ରସ୍ତାବିତ ଅଞ୍ଚଳରେ ପଦଯାତ୍ରା କରିବେ ବୋଲି ନବ ନିର୍ମାଣ କୃଷକ ସଂଗଠନର ବ୍ଲକ୍ ସଭାପତି ରାଜବଲ୍ଲଭ ମିଶ୍ର, ଜିଲ୍ଲା କାର୍ଯ୍ୟକାରୀ ସଭାପତି ଖଗେଶ୍ୱର ମହାନ୍ତ, ରମାକାନ୍ତ ମହାନ୍ତ, ସନାତନ ମହାନ୍ତ ପ୍ରମୁଖ ତହସିଲ୍‌ଦାରଙ୍କୁ ଭେଟି ଏହି ଦାବିପତ୍ର ପ୍ରଦାନ କରିଛନ୍ତି।

## ଆଜିର ରାଶିଫଳ

**ମେଷ:** ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ଯୋଗ ରହିଛି। ଅଭିଭାବକମାନେ ପିଲାମାନଙ୍କ ଭବିଷ୍ୟତ କଥା ଚିନ୍ତା କରିବେ। ବିରୋଧୀମାନଙ୍କଠାରୁ ଦୂରେଇ ରୁହନ୍ତୁ। ସାମାଜିକ କାର୍ଯ୍ୟକ୍ରମରେ ସାମିଲ ହୋଇପାରନ୍ତି।

**ବୃଷ:** ଆଜି ଦିନଟି ବେଶ୍ ହସଖୁସିରେ ବିତିବ। ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ଗୁରୁଜନଙ୍କ ପରାମର୍ଶ ନେଇ କାର୍ଯ୍ୟ କରିବେ। କାର୍ଯ୍ୟକ୍ଷେତ୍ରରେ ଭଲ ଫଳାଫଳ ପାଇବେ।

**ମିଥୁନ:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ରହିବ। ଅକସ୍ମାତ୍ ଧନଲାଭ ଯୋଗ ରହିଛି। ଅସହାୟ ବ୍ୟକ୍ତିଙ୍କୁ ସାହାଯ୍ୟର ହାତ ବଢ଼ାଇବେ। କଳା ଓ ସାହିତ୍ୟ କ୍ଷେତ୍ରରେ ସମ୍ମାନିତ ହେବେ।

**କର୍କଟ:** ପୁରୁଣା ବନ୍ଧୁଙ୍କ ସହଯୋଗ ଲୋଡ଼ିବେ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ଆୟ ବୃଦ୍ଧି ପାଇବ। ଜୀବନରେ ନୂତନ ପରିବର୍ତ୍ତନ ଦେଖାଦେବ। ଉଧାର ଦେଇଥିବା ଟଙ୍କା ବିଳମ୍ବରେ ଫେରିପାଇବେ।

**ସିଂହ:** କର୍ମକ୍ଷେତ୍ରରେ ଉଚ୍ଚ ଅଧିକାରୀଙ୍କଠାରୁ ପ୍ରଶଂସିତ ହୋଇପାରନ୍ତି। ବ୍ୟବସାୟରେ କ୍ଷତି ହେବ। କଟୁ କଥା କୁହନ୍ତୁ ନାହିଁ। ଅତିଥି ସେବାରେ ଦିନ ବିତିବ।

**କନ୍ୟା:** ଅକସ୍ମାତ୍ ଅତିଥିଙ୍କ ଆଗମନ ହୋଇପାରେ। ରାଜନୀତି କ୍ଷେତ୍ରରେ ଜଡ଼ିତ ବ୍ୟକ୍ତିଙ୍କ ମାନସମ୍ମାନ ବୃଦ୍ଧି ପାଇବ। ପିଲାମାନେ ଖେଳକୁଦରେ ସମୟ ବିତାଇବେ।

**ତୁଳା:** ବୁଝି ବିଚାରି କାର୍ଯ୍ୟ କରିବା ଭଲ। ବ୍ୟବସାୟରେ ସଫଳତା ପାଇବେ। ପ୍ରତିଦ୍ୱନ୍ଦ୍ୱୀମାନଙ୍କ ସହ ବାଦବିବାଦ ଦେଖାଦେବ। ପୁରୁଣା ରୋଗ ସମସ୍ୟାକୁ ନେଇ ଚିନ୍ତାରେ ପଡ଼ିପାରନ୍ତି।

**ବିଛା:** ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ମାନସିକ ଅବସାଦ ଲାଗି ରହିବ। କର୍ମକ୍ଷେତ୍ରରେ ବିଭିନ୍ନ ବାଧାପ୍ରତିବନ୍ଧକ ଉପୁଜିପାରେ। ଆର୍ଥିକସ୍ଥିତି ଭଲ ରହିବ। ଦାମ୍ପତ୍ୟ ଜୀବନ ମଧୁର ରହିବ।

**ଧନୁ:** ନୂତନ ଜମି କିଣିବାକୁ ଚାହୁଁଥିଲେ, ବର୍ତ୍ତମାନ ଭଲ ସମୟ। ପରିବାର ସହିତ ସମୟ ବିତାଇବାକୁ ଭଲ ସମୟ। ମହିଳାମାନେ ଧାର୍ମିକ ଓ ସାମାଜିକ କାର୍ଯ୍ୟରେ ନିୟୋଜିତ ରହିବେ।

**ମକର:** ପାରିବାରିକ ସମସ୍ୟା ଲାଗି ରହିବ। ସକାରାତ୍ମକ ଚିନ୍ତାଧାରା ସହିତ ଆଗକୁ ବଢ଼ନ୍ତୁ। ଆୟ ତୁଳନାରେ ବ୍ୟୟ ବୃଦ୍ଧି ପାଇବ। ନିଜ ବ୍ୟକ୍ତିଗତ ସମ୍ପର୍କରେ ଅନ୍ୟ କାହାକୁ ଜଣାନ୍ତୁନି।

**କୁମ୍ଭ:** ଅଟକି ରହିଥିବା କାର୍ଯ୍ୟ ପୂରଣ ହେବ। ବ୍ୟବସାୟରେ ଆଶାଠାରୁ ଅଧିକ ଲାଭ ପାଇବେ। ମାନସିକ ଅବସାଦରେ ରହିପାରନ୍ତି। ଗୁରୁଜନଙ୍କ ସ୍ୱାସ୍ଥ୍ୟ ପ୍ରତି ଯତ୍ନଶୀଳ ରୁହନ୍ତୁ।

**ମୀନ:** ଆର୍ଥିକ କ୍ଷେତ୍ରରେ ଉନ୍ନତି ହୋଇପାରେ। ବିଦ୍ୟାର୍ଥୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ନିଜ ଲୋକଙ୍କ ସହ ମନୋମାଳିନ୍ୟ ହୋଇପାରେ।

## ଆଜିର ଇତିହାସ

- ୧୯୫୧- ହାଇଦ୍ରାବାଦରେ 'ସାଲାର୍ ଜଙ୍ଗ୍ ସଂଗ୍ରହାଳୟ'ର ସ୍ଥାପନା କରାଗଲା।
- ୧୯୬୦-ଆମେରିକାର ଦୁଇଟି ବିମାନ ପରସ୍ପର ମଧ୍ୟରେ ବାଡ଼େଇ ହୋଇଯିବାରୁ ୧୩୬ ଜଣଙ୍କ ମୃତ୍ୟୁ।
- ୨୦୧୪- ପେଶୱାରର ଏକ ସ୍କୁଲ୍ ଉପରେ ଆତଙ୍କବାଦୀମାନେ ଆକ୍ରମଣ କରିବାରୁ ଏଥିରେ ୧୫୦ ଜଣଙ୍କ ମୃତ୍ୟୁ ହୋଇଥିଲା, ଯେଉଁଥିରେ ୧୩୪ ସ୍କୁଲ୍ ପିଲା ଥିଲେ।



# ଇମ୍‌ତାଜଙ୍କ ସହ ପୁଣି କାମ କରିବେ ଦିଲଜିତ୍

ପ୍ରସିଦ୍ଧ ଗାୟକ ତଥା ଅଭିନେତା ଦିଲଜିତ୍ ଦୋସାଞ୍ଜ ପୁଣିଥରେ ନିର୍ଦ୍ଦେଶକ ଇମ୍‌ତାଜ ଅଲ୍ଲୀଙ୍କ ସହ କାମ କରୁଛନ୍ତି। ନିକଟରେ ଦିଲଜିତ୍ ଇନ୍‌ଷ୍ଟାଗ୍ରାମ୍‌ରେ ଏକ ଭିଡିଓ ସେୟାର୍ କରିଥିଲେ। ଏହି ଭିଡିଓ ମାଧ୍ୟମରେ ପୁଣିଥରେ ସେ ଇମ୍‌ତାଜଙ୍କ ସହ କାମ କରୁଛନ୍ତି ବୋଲି ସ୍ପଷ୍ଟ କରିଛନ୍ତି। ଦିଲିଜିତ୍‌ଙ୍କ ଏହି ମିନି ବ୍ଲଗ୍‌ରେ ସେ ଭୋର ସାଢ଼େ ୪ଟାରୁ ଉଠି ବ୍ୟାୟାମ କରୁଥିବାର ଦେଖାଯାଇଛନ୍ତି। ଏହାପରେ ସେ ସକାଳ ଜଳଖିଆ କରୁଛନ୍ତି। ଏହି ସମୟରେ ସେ ଗ୍ରୀନ୍ ସ୍କ୍ରିନ୍ ସମ୍ମୁଖରେ ସୁଟ୍ କରିବା ସହ ଇମ୍‌ତାଜଙ୍କ ସହ କଥା ହେଉଛନ୍ତି। ଦିଲଜିତ୍ ତାଙ୍କର ଆଗାମୀ ପ୍ରୋଜେକ୍ଟରେ ଇମ୍‌ତାଜଙ୍କ ସହ କାମ କରୁଛନ୍ତି ବୋଲି ଏହି ଭିଡିଓ ମାଧ୍ୟମରେ ତାଙ୍କ ପ୍ରଶଂସକମାନଙ୍କୁ ଜଣାଇଛନ୍ତି। ଏହାପୂର୍ବରୁ ଦିଲଜିତ୍, ଇମ୍‌ତାଜଙ୍କ ଫିଲ୍ମ 'ଅମର ସିଂହ ଚମକିଲା'ରେ କାମ କରିଥିଲେ। ଏଥିରେ ଦିଲଜିତ୍‌ଙ୍କ ବିପକ୍ଷରେ ପରିଣିତି ଚୋପ୍ରା ନଜର ଆସିଥିଲେ। ଦିଲଜିତ୍ ଖୁବ୍‌ଶୀଘ୍ର 'ବର୍ଡର ୨' ଫିଲ୍ମରେ ନଜର ଆସିବେ। ଏହାର ନିର୍ଦ୍ଦେଶନା ଦେଇଛନ୍ତି ଅନୁରାଗ ସିଂହ। ଏଥିରେ ଦିଲଜିତ୍‌ଙ୍କ ସହ ବରୁଣ ଧୱନ୍, ଅହାନ୍ ସେଟ୍ଟୀ, ସୋନମ୍ ବାଜୱା ପ୍ରମୁଖ ଦେଖାଯିବେ।

# ବିଜୟ ଦିବସ



୧୬ ଡିସେମ୍ବର, ଭାରତୀୟ ଇତିହାସ ପୃଷ୍ଠାରେ ଏକ ସ୍ୱର୍ଣ୍ଣିମ ଦିନ। ଏହି ଦିନ ପାକିସ୍ତାନଠାରୁ ଭାରତର ଐତିହାସିକ ବିଜୟ କଥା ମନେ ପକାଇଦିଏ। ୧୯୭୧ ମସିହା ଡିସେମ୍ବର ୧୬ ତାରିଖରେ ଯୁଦ୍ଧରେ ପାକିସ୍ତାନକୁ କଡ଼ା ଜବାବ ଦେଇଥିଲା ଭାରତ। ଏହି ଯୁଦ୍ଧରେ ଭାରତର ୩,୮୪୩ ସୈନିକ ସହିଦ ହୋଇଥିବାବେଳେ ୯,୮୫୧ ଜଣ ଆହତ ହୋଇଥିଲେ। ସେବେଠାରୁ ଏହି ଦିନକୁ ମନେ ରଖିବା ପାଇଁ ବିଜୟ ଦିବସ ପାଳିତ ହୋଇଆସୁଛି। ମୋଟ ୧୩ ଦିନ ଧରି ଚାଲିଥିବା ଏହି ଯୁଦ୍ଧରେ, ଆତ୍ମସମର୍ପଣ କରିଥିଲା ପାକିସ୍ତାନୀ ସେନା। ଡିସେମ୍ବର ୧୬ ତାରିଖରେ ପାକିସ୍ତାନ ସେନା ମୁଖ୍ୟ ଜେନେରାଲ ଏ.ଏ.କେ ନିୟାଜି ଖାନ ୯୩ ହଜାର ସୈନିକଙ୍କ ସହିତ, ଭାରତୀୟ ସେନା ନିକଟରେ ଆତ୍ମସମର୍ପଣ କରିଥିଲେ। ୧୯୭୧ ପୂର୍ବରୁ ବାଂଲାଦେଶ ପାକିସ୍ତାନର ଏକ ଅଂଶ ଥିଲା, ଯାହାକୁ ପୂର୍ବ ପାକିସ୍ତାନ କୁହାଯାଉଥିଲା। ପୂର୍ବ ପାକିସ୍ତାନର ଲୋକଙ୍କୁ ପାକିସ୍ତାନୀ ସେନା ଦ୍ୱାରା ମାଡ଼ ମାରିବା, ଶୋଷଣ, ଦୁଷ୍କର୍ମ ଓ ହତ୍ୟା ଭଳି ଅତ୍ୟାଚାର କରାଯାଉଥିଲା। ଡିସେମ୍ବର ୩, ୧୯୭୧ରେ, ଭାରତ ସରକାର ପୂର୍ବ ପାକିସ୍ତାନର ଲୋକଙ୍କୁ ବଞ୍ଚାଇବା ପାଇଁ ପାକିସ୍ତାନ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିବାକୁ ଭାରତୀୟ ସେନାକୁ ନିର୍ଦ୍ଦେଶ ଦେଇଥିଲେ। ୨୭ ମାର୍ଚ୍ଚ, ୧୯୭୧ରେ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ପୂର୍ବ ପାକିସ୍ତାନକୁ ସ୍ୱାଧୀନତା ଦେବାକୁ ଏବଂ ଶରଣାର୍ଥୀଙ୍କୁ ରକ୍ଷା କରିବା ପାଇଁ ପାକିସ୍ତାନ ସହ ଯୁଦ୍ଧ କରିବାକୁ ନିଷ୍ପତି ନେଇଥିଲେ। ୧୯୭୧ ଡ଼ିସେମ୍ବର ୩ ରେ ପାକିସ୍ତାନ ପକ୍ଷରୁ ପ୍ରାଥମିକ ଯୁଦ୍ଧ ଘୋଷଣା କରାଯାଇଥିଲା। ଏହି ଦିନ ସନ୍ଧ୍ୟାରେ ଭାରତର ଉତ୍ତର-ପଶ୍ଚିମରେ ଅବସ୍ଥିତ ଏୟାରଫିଲ୍ଡ ଉପରେ ପାକିସ୍ତାନ ପକ୍ଷରୁ ଏୟାର ଷ୍ଟ୍ରାଇକ୍ କରାଯାଇଥିଲା। ସେହିଦିନ ରାତିରେ ଭାରତ ପ୍ରତ୍ୟୁତ୍ତରରେ ପାକିସ୍ତାନ ଉପରେ ପାଲଟା ଆକ୍ରମଣ କରି ଏହାର ଉଚିତ ଜବାବ ଦେଇଥିଲା। ଏହାର ପରଦିନ ପ୍ରଧାନମନ୍ତ୍ରୀ ପାକିସ୍ତାନ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିଥିଲେ। ଏହି ଯୁଦ୍ଧରେ ଭାରତ ଓ ପାକିସ୍ତାନ ଉଭୟ ଦେଶର ବହୁତ କ୍ଷୟକ୍ଷତି ହୋଇଥିଲା କିନ୍ତୁ ପାକିସ୍ତାନକୁ ଅଧିକ କ୍ଷତି ସହିବାକୁ ପଡିଥିଲା। ଏହି ଯୁଦ୍ଧରେ ପାକିସ୍ତାନକୁ ସବକ ଶିଖାଇଥିଲା ଭାରତ। ୧୯୭୧ ଯୁଦ୍ଧରେ ପାକିସ୍ତାନର ୯୩,୦୦୦ ସୈନିକ ଯୁଦ୍ଧ ସମୟରେ ଧଳାପତାକା ଦେଖାଇ ଭାରତୀୟ ସେନା ନିକଟରେ ଆତ୍ମସମର୍ପଣ କରିଥିଲେ। ଏହି ଯୁଦ୍ଧ ବାଂଲାଦେଶ ମୁକ୍ତି ପାଇଁ ଥିଲା। ଭାରତୀୟ ଯୋଦ୍ଧାଙ୍କ ବଳିଦାନ ସ୍ୱରୂପ ବାଂଲାଦେଶ ସ୍ୱାଧୀନ ହୋଇଥିଲା। ଯାହା ଭାରତୀୟ ସେନା ପାଇଁ କୌଣସି ଉତ୍ସବଠାରୁ କମ୍ ନ ଥିଲା। ଏହି ବିଜୟ ଭାରତୀୟ ସେନାର ସାହସିକତାର ସାକ୍ଷୀ। ଏହି ଅବସରରେ ଦେଶକୁ ରକ୍ଷା କରି ଜୀବନର ବଳିଦାନ ଦେଇଥିବା ସମସ୍ତ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥାଏ।

# ଘୋଷ୍ଟ ବେଡ୍ ପରମ୍ପରା



ଚୀନ୍‌ର ଝେଜିୟାଙ୍ଗ ଅଞ୍ଚଳର ରହନ୍ତି ୬୦ ବର୍ଷୀୟ ଚେନ୍। ତାଙ୍କର ୮୬ ବର୍ଷୀୟା ମା'ଙ୍କ ଅଚାନକ ମୃତ୍ୟୁ ହେବାରୁ ଚେନ୍ ଭାଙ୍ଗିପଡ଼ିଲେ। ତେବେ ଚେନ୍‌ଙ୍କ ମା' ସବୁବେଳେ ସୁସ୍ଥ ଥିଲେ ଏବଂ ନିତିଦିନ କ୍ଷେତରେ କାମ କରୁଥିଲେ। ହେଲେ ଶରତ ଋତୁ ମହୋତ୍ସବ ପରେ ଅଚାନକ ଝାଡ଼ା ବାନ୍ତି ହେବାରୁ ତାଙ୍କର ହଠାତ୍ ମୃତ୍ୟୁ ହେଲା। ଦୁଃଖରେ ଭାଙ୍ଗିପଡ଼ିଥିବା ଚେନ୍ ସେଠାରେ ପ୍ରଚଳିତ ପରମ୍ପରାକୁ ସମ୍ମାନ ଦେଇ ଅନେକ ଦିନ ପର୍ଯ୍ୟନ୍ତ ମା'ଙ୍କ ଖଟରେ ଶୋଇବା ଆରମ୍ଭ କଲେ। ତେବେ ଏଠାକାର କିଛି ଗାଁରେ ମୃତ ଲୋକଙ୍କ ଶଯ୍ୟାରେ ଶୋଇବା ପରମ୍ପରାକୁ 'ଦ ଘୋଷ୍ଟ ବେଡ୍' କୁହାଯାଏ। ଏହି ପରମ୍ପରା ବ୍ୟକ୍ତିର ମୃତ୍ୟୁ ପରେ ୩୫ ଦିନ ପର୍ଯ୍ୟନ୍ତ ଜାରି ରହେ। କୁହାଯାଏ, ଏହାଦ୍ୱାରା ମୃତକର ଆତ୍ମାକୁ ଆଗାମୀ ଜୀବନ ଲାଗି ଶାନ୍ତିପୂର୍ଣ୍ଣ ମାର୍ଗ ମିଳିଥାଏ। ଚୀନ୍ ସଂସ୍କୃତିରେ ସାତ ଅଙ୍କର ବିଶେଷ ମହତ୍ତ୍ୱ ଅଛି। ସେହିପରି ପ୍ରତ୍ୟେକ ସାତ ଦିନ ଚକ୍ରରେ ଆତ୍ମାକୁ ଅନ୍ତିମ ବିଦାୟ ଆଡ଼କୁ ନେଇଥାଏ। ଚେନ୍ ତାଙ୍କ ମା'ଙ୍କର ମୃତ୍ୟୁର ଦଶମ ଦିନ ପର୍ଯ୍ୟନ୍ତ ସେଇ ଖଟରେ ଶୋଇ ରହିବା ଦ୍ୱାରା ସେ ବେଶ୍ ଦୁର୍ବଳ ଅନୁଭବ କଲେ। ତାଙ୍କ ମାଂସପେଶୀରେ ଯନ୍ତ୍ରଣା ହେବା ସହ ବାନ୍ତି ମଧ୍ୟ ହେଲା। ଚେନ୍‌ଙ୍କର ଠିକ୍ ସେମିତି ଅବସ୍ଥା ହେଲା, ଯେମିତି ତାଙ୍କ ମା'ଙ୍କର ମୃତ୍ୟୁ ପୂର୍ବରୁ ହୋଇଥିଲା। ସେହିପରି ତାଙ୍କ ସ୍ଥିତି ବିଗିଡ଼ିବାରୁ ସେ ହସ୍‌ପିଟାଲ ଗଲେ। ସେଠାରେ ଚିକିତ୍ସାରୁ ଜଣାପଡ଼ିଲା ଚେନ୍ ଏକ ବିପଜ୍ଜନକ ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଛନ୍ତି। ଡାକ୍ତର କହିଛନ୍ତି ଯେ, ଚେନ୍‌ଙ୍କ ମା'ଙ୍କୁ ଟିକ୍ କାମୁଡ଼ିବା ଯୋଗୁଁ ସେ ସେହି ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଥିଲେ। ତେଣୁ ତାଙ୍କ ମୃତ୍ୟୁ ପରେ ସେହି ବିଛଣାରେ ରହିଥିବା ଶରୀରର ତରଳ ପଦାର୍ଥର ସଂସ୍ପର୍ଶରେ ଚେନ୍ ଆସିବାରୁ ସେ ବି ସେଥିରେ ସଂକ୍ରମିତ ହେଲେ। ଏହି ଭୂତାଣୁ ଜ୍ୱର, ପେଟ ସମସ୍ୟା ସମେତ ପ୍ରତିରକ୍ଷା ପ୍ରଣାଳୀ ଫେଲ୍ ହେବା ଭଳି ଗମ୍ଭୀର ସ୍ଥିତି ସୃଷ୍ଟି କରିପାରେ। ଅବଶ୍ୟ ଚେନ୍‌ଙ୍କୁ ସମୟ ପୂର୍ବରୁ ଚିକିତ୍ସା ମିଳିବାରୁ ତାଙ୍କ ଅବସ୍ଥାରେ ସୁଧାର ଆସିଲା।


# ଗାଁରେ ଜଳେ ଗୋଟିଏ ଚୁଲି

ଗୁଜରାଟର ଚାନ୍ଦଣକି ଗାଁରେ ଏକ ନିଆରା ପରମ୍ପରା ଦେଖିବାକୁ ମିଳେ। ଗାଁଟି ତା'ର ନିଆରା ଜୀବନଶୈଳୀ ଯୋଗୁଁ ଚର୍ଚ୍ଚାରେ ଥାଏ। ଏଠାରେ କାହାରି ଘରେ ଚୁଲି ଜଳେ ନାହିଁ। ଏହାସତ୍ତ୍ୱେ ଲୋକମାନେ ପେଟଭରି ଖାଆନ୍ତି। ଏହି ଗାଁରେ ପ୍ରାୟ ହଜାରେ ଲୋକ ରହନ୍ତି। ଗାଁରେ କୌଣସି ଘରେ ଅଲଗା ଖାଦ୍ୟ ରନ୍ଧାଯାଏ ନାହିଁ। ପୂରା ଗାଁ ପାଇଁ ଥରେ ସାମୁହିକ ଖାଦ୍ୟ ପ୍ରସ୍ତୁତ କରାଯାଏ ଏବଂ ସବୁଲୋକ ଏକାଠି ବସି ଖାଆନ୍ତି। ଏହି ପରମ୍ପରା ଭାଇଚାରା, ପ୍ରେମ, ସାମାଜିକ ଏକତାର ନିଆରା ପ୍ରତୀକ ପାଲଟିଛି। ଚାନ୍ଦଣକିର ବୟୋଜ୍ୟେଷ୍ଠ ବ୍ୟକ୍ତିବିଶେଷଙ୍କ କହିବାନୁସାରେ, ଏହି ପରମ୍ପରା ସେବେଠୁ ଆରମ୍ଭ ହୋଇଛି, ଯେବେ ଗାଁର ଯୁବପିଢ଼ି ଚାକିରି ତଥା ବ୍ୟବସାୟ ପାଇଁ ସହର ଓ ବିଦେଶରେ ରହିଲେ। ଫଳରେ ଗାଁରେ ରହିଯାଇଥିବା ବୟସ୍କଙ୍କ ଲୋକଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତି କରିବା କଷ୍ଟକର ହୋଇପଡ଼ିଲା। ଏଭଳି ସ୍ଥିତିରେ ଗ୍ରାମବାସୀଙ୍କ ପାଇଁ ସାମୁହିକ ଭୋଜନର ବ୍ୟବସ୍ଥା ହେଲା। ପ୍ରାରମ୍ଭିକ ପର୍ଯ୍ୟାୟରେ ଏହା କେବଳ ଆବଶ୍ୟକତା ଥିଲା। ହେଲେ ସମୟ ସହିତ ପୂରା ଗାଁ ପାଇଁ ଏହା ଏକ ଦିନଚର୍ଯ୍ୟାରେ ପରିଣତ ହେଲା। ସେହିପରି କାମର ବୋଝ ଯେମିତି ଅଧିକ ନ ହେବ, ଆଜି ପ୍ରାୟ ଶହେ ଗ୍ରାମବାସୀ ମିଳିମିଶି ଭାତ, ଡାଲି, ତରକାରି, ରୁଟି ତିଆରି କରୁଛନ୍ତି। ବିଶେଷ ଦିନମାନଙ୍କରେ ସ୍ୱାଦିଷ୍ଟ ବ୍ୟଞ୍ଜନ ବି ପ୍ରସ୍ତୁତ କରାଯାଏ। ଗାଁର ଏହି ପରମ୍ପରା ଏବେ ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣର କେନ୍ଦ୍ର ପାଲଟିଛି। ବାହରୁ ଆସୁଥିବା ଲୋକଙ୍କର ଗ୍ରାମବାସୀ ଆନନ୍ଦରେ ସ୍ୱାଗତ କରିଥାନ୍ତି ଏବଂ ସେମାନଙ୍କୁ ସାମୁହିକ ରନ୍ଧାଶାଳର ଖାଦ୍ୟ ପରଷା ଯାଏ। ଏହିପରି ଭାବେ ପର୍ଯ୍ୟଟକଙ୍କୁ ଏଠାକାର ସରଳ ଜୀବନ ଓ ନିଆରା ପରମ୍ପରାକୁ ପାଖରୁ ଦେଖିବାର ସୁଯୋଗ ଜୁଟେ। ଏହି କାରଣ ଯୋଗୁଁ ଏହି ଛୋଟିଆ ଗାଁ ଏବେ ଏକ ବିଶିଷ୍ଟ ପର୍ଯ୍ୟଟନସ୍ଥଳୀରେ ପରିଣତ ହୋଇପାରିଛି।



## ସୁବର୍ଣ୍ଣା

# ଛତୁ ଶଯ୍ୟା ପଚୁଥିଲେ



**ଅଧିକାଂଶ ଚାଷୀ ଛତୁ ଚାଷ କରି ନିଜର ଜୀବିକା ନିର୍ବାହ କରନ୍ତି। ହେଲେ ଚିନ୍ତାର ବିଷୟ, ଶୀତଋତୁର ଥଣ୍ଡା ପବନ, ତାପମାତ୍ରା ହ୍ରାସ ଓ ଅଧିକ ଜଳ ସିଞ୍ଚନ ଯୋଗୁ ଛତୁ ଶଯ୍ୟା ପଚି ଯାଇଥାଏ। ଏଥିପାଇଁ ଚାଷୀ କ୍ଷତି ସହିଥାନ୍ତି। ତେଣୁ କିଛି ଉପାୟ ଆପଣାଇ ଏହି ସମସ୍ୟାର ସମାଧାନ କରାଯାଇପାରିବ।**

ଥଣ୍ଡା ବଢ଼ିବା ସହିତ ଛତୁ ଚାଷ କରାଯାଉଥିବା କୋଠରିର ତାପମାତ୍ରା ହଠାତ୍ ହ୍ରାସ ପାଏ। ଛତୁ ଚାଷ ଅଧିକ ଥଣ୍ଡା ସହ୍ୟ କରିପାରେ ନାହିଁ। କୋଠରିକୁ ସୂର୍ଯ୍ୟକିରଣ ଭଲ ଭାବେ ପଡୁନଥିବାରୁ ଚାଷ କରାଯାଉଥିବା ଶଯ୍ୟାଗୁଡିକ ସନ୍ତସନ୍ତିଆ ରୁହେ। ଧୀରେ ଧୀରେ ଶଯ୍ୟା(କୁଟା) ନରମ ହୋଇ ପଚିଯାଏ। ଏହା ଶଢ଼ିବାକୁ ଲାଗେ। ଗୋଟିଏ ଶଯ୍ୟାରୁ ଅନ୍ୟ ଶଯ୍ୟାରେ ଏହି ସମାନ ସମସ୍ୟା ଦେଖାଯାଇଥାଏ। ତେଣୁ କୋଠରିର ସଠିକ୍ ତାପମାତ୍ରା,ଆର୍ଦ୍ରତା, ହାଲୁକା ଜଳସିଞ୍ଚନ, ସ୍ୱଚ୍ଛତାକୁ ଗୁରୁତ୍ୱ ଦେଲେ ଛତୁ ଅମଳ ଭଲ ହୁଏ।

**ହାଲୁକା ଜଳ ସିଞ୍ଚନ:** ଛତୁ ଶଯ୍ୟାରେ ସର୍ବଦା ହାଲୁକା ପାଣି ସିଞ୍ଚିବା ଜରୁରି। କାରଣ ଅଧିକ ପାଣି ସିଞ୍ଚିଲେ ପାଣି ଶଯ୍ୟାରେ ପଶି ରହିଯାଏ। ଏହା କୁଟାକୁ ଶଢ଼ାଇ ଦିଏ। ସେଥିପାଇଁ କମ୍ ପାଣି ସିଞ୍ଚିବା ଦରକାର। ସେହିପରି ଛତୁ ଅମଳ ପରେ ବଳକା ଅବଶିଷ୍ଟାଂସକୁ ଆଦୌ ଛାଡ଼ନ୍ତୁନି। ଏହା କମ୍ ଆର୍ଦ୍ରତା ଶୀଘ୍ର ଶଢ଼ିବା ସହିତ କୋଠରିରେ ଜୀବାଣୁ ବଢ଼ାଇଦେଇଥାଏ। ସେଥିପାଇଁ ଫସଲ ଅମଳ ପରେ ପରେ ସ୍ୱଚ୍ଛତାକୁ ଧ୍ୟାନ ଦେବା ଦରକାର। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଛତୁ ଫସଲ ଥରେ ପଚିବା ଆରମ୍ଭ ହେଲେ କୃଷି ବିଶେଷଜ୍ଞଙ୍କ ପରାମର୍ଶ ଅନୁଯାୟୀ ସଲ୍‌ଫର ଏବଂ ଚୂନ ସଠିକ୍ ମାତ୍ରାର ସିଞ୍ଚିପାରିବେ।

ଏହାଦ୍ୱାରା ଶଯ୍ୟାର ଆର୍ଦ୍ରତା ସଠିକ ରୁହେ। କୋଠରିକୁ ବାୟୁ ଚଳାଚଳ କିପରି ହୋଇପାରିବ ତାହାକୁ ଧ୍ୟାନ ଦେବା ଦରକାର। ଏହାଦ୍ୱାରା ଛତୁ ଶଯ୍ୟା ପଚିବା ନିୟନ୍ତ୍ରଣ ହୁଏ। କୋଠରିରେ ହାଲୁକା ବଲ୍‌ବ, ଧୂଆଁ, କିମ୍ବା ବ୍ଲୋଅର ଆଦି ବ୍ୟବହାର ଦ୍ୱାରା କୋଠରିର ତାପମାତ୍ରା ୧୫ରୁ ୧୮ ଡିଗ୍ରୀ ରହିପାରେ। ଛତୁ ସୁରକ୍ଷିତ ରୁହେ। ଚାଷୀ ଲାଭାନ୍ୱିତ ହୋଇଥାନ୍ତି।

# ସୌରଚାଳିତ ଟ୍ରିମର



ଗଛ ଝଙ୍କାଳିଆ ତଥା ସୁସ୍ଥ ରଖିବା ପାଇଁ ଉପର ପତ୍ର ଗୁଡ଼ିକ ହଟାଇ ଦେବାକୁ ହୁଏ। ଅଧିକାଂଶ ହାତରେ ଏହି କାମ କରନ୍ତି। ଏଥିପାଇଁ ସମୟ ଲାଗେ। ଆଉ ଉଚିତ ସମୟରେ ଗଛରୁ ପତ୍ର ନ କାଢ଼ିଲେ ଏହା ଫସଲକୁ କ୍ଷତି ପହଞ୍ଚାଏ। ଏହାକୁ ହୃଦୟଙ୍ଗମ କରି କର୍ଣ୍ଣାଟକ, ବିଜୟପୁରର ଗିରିଶ ବଦ୍ରାଗୋଣ୍ଡ ସୌର ଚାଳିତ ଟ୍ରିମର ତିଆରି କରିଛନ୍ତି। ଏହା ସୂର୍ଯ୍ୟ କିରଣରେ ଚାର୍ଜ ହୋଇ ବ୍ୟବହାର କରାଯାଏ। ଏଥିପାଇଁ ପେଟ୍ରୋଲ, ଡିଜେଲ କିମ୍ବା ବିଦ୍ୟୁତର ଆବଶ୍ୟକ ପଡ଼େ ନାହିଁ। ଏହା କମ୍ ଓଜନର। ଚାଷୀ ସହଜରେ ଏହାକୁ ଜମିରେ ପ୍ରୟୋଗ କରିବା ପରି ତିଆରି କରାଯାଇଛି। ପତ୍ର କାଟିବାକୁ ଏଥିରେ ଓଜାରୋର ବ୍ୟବହାର କରାଯାଇଛି। ଏହି ଟ୍ରିମରଟି ଗଛ ପତ୍ରକୁ ସମାନ ରୂପେ କାଟିପାରେ। ଏହି ସୌରଚାଳିତ ଟ୍ରିମରଟି ଦିନକରେ ପାଖାପାଖି ୪ ଏକରରେ ପତ୍ର କାଟିବାରେ ସାହାଯ୍ୟ କରେ। ଫଳରେ ସମୟ ଓ ମଜୁରୀ ଖର୍ଚ୍ଚ କମ୍ ହୁଏ। ଗଛରେ ଠିକ୍ ଢଙ୍ଗରେ ଟ୍ରିମ୍ ହେବା କାରଣରୁ ଗଛ ଝଙ୍କାଳିଆ ଏବଂ ସୁସ୍ଥ ରୁହେ। ଏହା ପରିବେଶ ଅନୁକୂଳ। ଏହା ଦ୍ୱାରା କେବଳ ଫସଲ ବୃଦ୍ଧି ହୁଏ ତାହା ନୁହେଁ, ଚାଷୀମାନେ ଲାଭାନ୍ୱିତ ହୋଇପାରନ୍ତି।

# ଏ ମାସର ଚାଷ

**ଚାଷକାର୍ଯ୍ୟ ପାଇଁ ଡିସେମ୍ବର ମାସଟି ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଏହି ଦିନେ ଅନେକ ଫସଲ ଅମଳଯୋଗ୍ୟ ହୁଏ। କିଛି ଫସଲରେ ଘାସ ନିୟନ୍ତ୍ରଣ କରିବାକୁ ପଡ଼େ। ସେହିପରି ଏହି ମାସଟି ସୋରିଷ, ଫୁଲକୋବି, କୋବିଜାତୀୟ ଫସଲ, ଅମୃତଭଣ୍ଡା ଆଦି ଚାଷ କାର୍ଯ୍ୟ ପାଇଁ ଉପଯୁକ୍ତ ସମୟ।**



- ଡାଲୁଅ ଧାନ ପାଇଁ ତଳି ପକାନ୍ତୁ। ୧୨୦ ଦିନରୁ କମ୍ ଦିନରେ ଅମଳ ହେଉଥିବା ଧାନ କିସମ ଚାଷ କରନ୍ତୁ।
- ପାଇରା ଫସଲ ଭାବେ ଚାଷ କରାଯାଉଥିବା ମୁଗ, ବିରି, ମଟର ମାସକର ହୋଇଯାଇଥିଲେ ଶତକଡ଼ା ୨ ଭାଗ ଡିଏପି ସିଞ୍ଚନ କରନ୍ତୁ। ଗେଣ୍ଡୁଫୁଲ ଚାଷ କରନ୍ତୁ। ପିଆଜ ତଳି ୮ ସପ୍ତାହର ହୋଇଗଲେ ଉପରବେଳା ଉପାଡ଼ି ମୁଖ୍ୟ ଜମିରେ ଲଗାନ୍ତୁ। ଫୁଲକୋବିରେ ଶତକଡ଼ା ୦.୨ ଭାଗ ବୋରାକ୍ସ ସିଞ୍ଚନ କରନ୍ତୁ।
- ଆଖୁ ଫସଲକୁ ହାତ ବ୍ରିକ୍ସିମିଟର ସାହାଯ୍ୟରେ ପରୀକ୍ଷା କରି ବ୍ରିକ୍ସି ମୂଲ୍ୟାଙ୍କ ୧୮ ରୁ ଅଧିକ ହେଲେ ଧାରୁଆ କଟୁରୀରେ ଟିକିଏ ମାଟିତଲୁ କାଟନ୍ତୁ।
- ମୂଳି ଆଖୁ ଫସଲ କରିବା ପାଇଁ କଟାଯାଇଥିବା ଆଖୁ କିଆରିରେ ଯତ୍ନ ନିଅନ୍ତୁ।
- ଖରାଦିନିଆ ସୂର୍ଯ୍ୟମୁଖୀ ଚାଷ ପାଇଁ ଜମି ପ୍ରସ୍ତୁତ କରନ୍ତୁ। ସୋରିଷ, ପାଳଙ୍ଗ, ଗାଜର, ମଟର ଆଦି ବୁଣା କାମ କରିପାରିବେ। ଆଳୁ ଫସଲରେ ସଅଳ ପତ୍ରପୋଡ଼ା ରୋଗର ପରିଚାଳନା ପାଇଁ ଏକର ପ୍ରତି ୬୦୦ ଗ୍ରାମ ମାଙ୍କୋଜେବ କିମ୍ବା ୪୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ଓ ମାଙ୍କୋଜେବର ମିଳିତ ଫିମ୍ପିନାଶକ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

## ପ୍ରାଣୀପାଳନ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ



- ସକାଳ ଓ ସନ୍ଧ୍ୟା ସମୟରେ ଶୀତଦିନିଆ ପନିପରିବାରେ ଜଳ ସେଚନ କରନ୍ତୁ।
- ଆଖୁ ଫସଲକୁ ଜମି ପତନଠାରୁ ଏକ ଇଞ୍ଚ ତଳକୁ କାଟିଲେ ମୂଳି ଆଖୁ ଭଲ ଗଜା ହୁଏ। ଗଛ ସଂଖ୍ୟା ଠିକ୍ ରହେ ଓ ଅମଳ ଠିକ ମିଳେ।
- ମୁଗ ଓ ବିରି ଫସଲରେ ଜଉ ପୋକର ନିୟନ୍ତ୍ରଣ କରିବା ପାଇଁ ପ୍ରାଥମିକସ୍ତରରେ ଏକର ପ୍ରତି ନିମ୍ବ ଆଧାରିତ ଔଷଧ ୧୫୦୦ ପିପିଏମ୍ ୬୦୦ ମିଲ ସିଞ୍ଚନ କରନ୍ତୁ।
- ଶୀତଋତୁରେ ଅଧିକ ଥଣ୍ଡା ସମୟରେ ଗାଈ ଗୁହାଳରେ ପଲିଥିନ୍ କିମ୍ବା ଅଖା ଦ୍ୱାରା ଆଚ୍ଛାଦିକରଣ ବ୍ୟବସ୍ଥା କରନ୍ତୁ।
- କୁକୁଡ଼ା ଘରେ ଉତ୍ତାପ ବଜାୟ ରଖିବା ପାଇଁ ରୁମ ହିଟର କିମ୍ବା ୨୦୦ ୱାଟ୍ ବଲ୍‌ବ ଲଗାନ୍ତୁ।

## ଆଇପିଏଲ୍-୧୯: ଆଜି ମିନି ନିଲାମୀ

# ୩୫୦ ଖେଳାଳିଙ୍କ ଭାଗ୍ୟ ପରୀକ୍ଷା

ଆବୁଧାବି, ୧୫ ।୧୨ (ଏଜେନ୍ସି

ଆଇପିଏଲ୍‌ର ଆଗାମୀ ୧୯ତମ ସଂସ୍କରଣ ଲାଗି ମଙ୍ଗଳବାର ମିନି ଖେଳାଳି ନିଲାମ ଅନୁଷ୍ଠିତ ହେବ। ଆବୁ ଧାବିରେ ଅପରାହ୍ନ ୨ଟା ୩୦ରୁ ଏହି ଦିନିକିଆ ନିଲାମ ପ୍ରକ୍ରିୟା ଆରମ୍ଭ ହେବ। ଆଇପିଏଲ୍‌ର ୧୦ଟି ଯାକ ଫ୍ରାଞ୍ଚାଇଜ ନିକଟରେ ମୋଟ୍ ୭୭ଟି ସ୍ଥାନ




ବଳକା ରହିଛି। ଏହି ୭୭ଟି ସ୍ଥାନ ଲାଗି ପଞ୍ଜୀକରଣ କରିଥିବା ଖେଳାଳିଙ୍କ ମଧ୍ୟରୁ ୩୫୦ଜଣଙ୍କ ସଂକ୍ଷିପ୍ତ ତାଲିକା ପ୍ରକାଶ କରାଯାଇଛି। ଯେଉଁଥିରେ ୨୪୦ଜଣ ଭାରତୀୟ ଓ ୧୧୦ଜଣ ବିଦେଶୀ ଖେଳାଳିଙ୍କ ଭାଗ୍ୟ ପରୀକ୍ଷା ମଙ୍ଗଳବାର ହେବ। ସେହିଭଳି ଏହି ୩୫୦ଜଣ ଖେଳାଳିଙ୍କ ମଧ୍ୟରୁ ୨୩୮ ଜଣ ଅନ୍ତର୍ଜାତୀୟ କ୍ରିକେଟ ଖେଳିନାହାନ୍ତି ଅର୍ଥାତ୍ ଅନକ୍ୟାପଡ୍ ଖେଳାଳି।

### ୨ କୋଟି ମୂଳଦର ତାଲିକାରେ ୪୦ ଖେଳାଳି


ଅପରପକ୍ଷରେ ୪୦ଜଣ ଖେଳାଳିଙ୍କ ବେସ୍ ପ୍ରାଇସ ଅର୍ଥାତ୍ ମୂଳଦର ୨ କୋଟି ଟଙ୍କା ରହିଛି। ଏହି ୨ କୋଟି ତାଲିକାରେ କାମେରନ ଗ୍ରୀନ, ଷ୍ଟିଭ ସ୍ମିଥ୍, ଡେଭିଡ ମିଲର, କ୍ୱିଣ୍ଟନ ଡି କକ୍, ଭେଙ୍କଟେଶ ଆୟର, ରବି ବିଷ୍ଣୋଇ ପ୍ରମୁଖଙ୍କ ଭଳି ଖେଳାଳି ରହିଛନ୍ତି। ସେହିଭଳି ମୂଳଦର ୧.୫ କୋଟି ତାଲିକାରେ ୯ଜଣ, ୧.୨୫ କୋଟି ମୂଳଦରରେ ୪ଜଣ, ୧ କୋଟି ମୂଳଦରରେ ୧୭ଜଣ ଖେଳାଳିଙ୍କୁ ରଖାଯାଇଛି। ୭୫ ଲକ୍ଷ, ୫୦ ଲକ୍ଷ, ୪୦ ଲକ୍ଷ ଓ ୩୦ ଲକ୍ଷ ମୂଳଦର ଥିବା ତାଲିକାରେ ଯଥାକ୍ରମେ ୪୨ଜଣ, ୪ ଜଣ, ୭ଜଣ ଓ ୨୨୭ ଜଣ ଖେଳାଳି ରହିଛନ୍ତି।

ନିଲାମରେ ଅଂଶଗ୍ରହଣ କରିବାକୁ ଥିବା ୧୦ ଗୋଟି ଫ୍ରାଞ୍ଚାଇଜ ନିକଟରେ ମୋଟ୍ ୨୩୭.୫୫ କୋଟି ଟଙ୍କା ବଳକା ରହିଛି। ଫ୍ରାଞ୍ଚାଇଜ ଅନୁଯାୟୀ ଦେଖିଲେ କୋଲକାତା ନାଇଟ୍ ରାଇଡର୍ସ ନିକଟରେ ସର୍ବାଧିକ ୬୪.୩ କୋଟି ଟଙ୍କା ରହିଛି। ସେହିଭଳି ଚେନ୍ନାଇ ସୁପର୍ କିଙ୍ଗ୍‌ସ (୪୩.୪ କୋଟି), ସନରାଇଜର୍ସ ହାଇଦରାବାଦ୍ (୨୫.୫ କୋଟି), ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍‌ସ (୨୨.୯୫ କୋଟି), ଦିଲ୍ଲୀ କ୍ୟାପିଟାଲ୍ସ (୨୧.୮ କୋଟି) ପଛକୁ ପଛ ରହିଛନ୍ତି। ଚୂଡ଼ାନ୍ତ ଖେଳାଳି ରିଟେନ ତାଲିକା ପ୍ରକାଶ ପାଇବା ପରେ କେଉଁ ଫ୍ରାଞ୍ଚାଇଜ ନିକଟରେ କେତେ ଟଙ୍କା ବଳକା ରହିଥାଏ ତାହା ସ୍ପଷ୍ଟ ହୋଇଥାଏ। ଜଣାଶୁଣା ଅକ୍ସନର ମଲ୍ଲିକା ସାଗର ଆସନ୍ତାକାଲି ଏହି ନିଲାମୀକୁ ହୋଷ୍ଟ କରିବେ।

**ନିଲାମୀ ଆରମ୍ଭ : ଅପରାହ୍ଣ ୨ଟା ୩୦**

**ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ**

### ମକ୍ ନିଲାମୀରେ ଚମକିଲେ ଗ୍ରୀନ




ମିନିନିଲାମୀ ପୂର୍ବରୁ ସୋମବାର ପ୍ରସାରଣକାରୀ ସଂସ୍ଥା ଷ୍ଟାର୍ ସ୍ପୋର୍ଟ୍ସ ପକ୍ଷରୁ ଏକ ମକ୍ ନିଲାମୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଷ୍ଟ୍ରେଲୀୟ ଅଲ୍‌ରାଉଣ୍ଡର କାମେରନ ଗ୍ରୀନ ସମସ୍ତଙ୍କୁ ଚକିତ କରି ୩୦.୫୦ କୋଟି ଟଙ୍କାରେ କୋଲକାତା ଫ୍ରାଞ୍ଚାଇଜ ଦ୍ୱାରା କ୍ରୟ ହୋଇଥିଲେ। ତେବେ ମକ୍ ନିଲାମୀରେ ଚମକିଥିବା ଗ୍ରୀନଙ୍କ ଭାଗ୍ୟ କ'ଣ ହେଉଛି ତାହା ମୁଖ୍ୟ ନିଲାମୀରେ ମଙ୍ଗଳବାର ଜଣାପଡ଼ିବ। ତେବେ ଏଥର ଗ୍ଲେନ ମ୍ୟାକ୍ସୱେଲ ଓ ଫାଫ୍ ଡୁ ପ୍ଲେସିସ ଆଇପିଏଲ୍ ବଦଳରେ ପାକିସ୍ତାନ ଲିଗ୍ ଖେଳିବାକୁ ନିଷ୍ପତ୍ତି ନେଇଥିବାରୁ ସେମାନଙ୍କୁ ନିଲାମୀରେ ଦେଖିବାକୁ ମିଳିବନି।

### ଓଡ଼ିଶାରୁ ସ୍ଥାନ ପାଇଲେନି ଜଣେ ହେଲେ ଖେଳାଳି

ମଙ୍ଗଳବାର ହେବାକୁ ଥିବା ମିନି ନିଲାମୀରେ ସାରା ବିଶ୍ୱର ୩୫୦ଜଣ ଖେଳାଳିଙ୍କ ଭାଗ୍ୟ ପରୀକ୍ଷା ହେବ। ଯେଉଁଥିରେ ଭାରତର ୨୪୦ଜଣ ଖେଳାଳି ରହିଛନ୍ତି। ତେବେ ଓଡ଼ିଶାର ଜଣେ ହେଲେ କ୍ରିକେଟର୍ ସ୍ଥାନ ନ ପାଇବା ରାଜ୍ୟ କ୍ରିକେଟ୍ ପାଇଁ ଲଜ୍ଜାଜନକ ସ୍ଥିତି ସୃଷ୍ଟି କରିଛି। ନିଲାମୀ ଲାଗି ୧୩୯୦ଜଣ କ୍ରିକେଟର୍ ନାମ ପଞ୍ଜୀକରଣ କରିଥିଲେ। ପରେ ଏହାକୁ ସର୍ଟଲିଷ୍ଟ କରାଯାଇ ୩୫୦ କରାଯାଇଥିଲା। ଓଡ଼ିଶାର ଅନ୍ତିମ କ୍ରିକେଟର୍ ଭାବେ ଶୁଭ୍ରାଂଶୁ ସେନାପତି ଆଇପିଏଲ୍ ନିଲାମୀରେ କ୍ରୟ ହୋଇଥିଲେ। ୨୦୨୨ ଓ ୨୦୨୩ କ୍ରମାଗତ ୨ଟି ସିଜନ ସେ ଚେନ୍ନାଇ ଦଳରେ ରହିଥିଲେ ମଧ୍ୟ ଗୋଟିଏ ହେଲେ ମ୍ୟାଚ୍ ଖେଳିପାରି ନଥିଲେ।

## ଟି-୨୦ ସିରିଜ୍‌ରୁ ଅକ୍ଷର ବାଦ୍



**ମୁମ୍ବଇ, ୧୫ ।୧୨ (ଏଜେନ୍ସି):** ଭାରତୀୟ ଅଲ୍‌ରାଉଣ୍ଡର ଅକ୍ଷର ପଟେଲ୍ ଦକ୍ଷିଣ ଆଫ୍ରିକା ବିପକ୍ଷ ଚଳିତ ଟି-୨୦ ସିରିଜର ଶେଷ ଦୁଇଟି ମ୍ୟାଚରେ ଖେଳିବେନି। ଅସୁସ୍ଥତା ଲାଗି ତାଙ୍କୁ ସିରିଜର ଶେଷ ଦୁଇଟି ମୁକାବିଲାରୁ ବାଦ୍ ଦିଆଯାଇଛି। ତାଙ୍କ ସ୍ଥାନରେ ଅନ୍ୟତମ ବାମହାତୀ ସ୍ପିନ ଅଲ୍‌ରାଉଣ୍ଡର ଶାହବାଜ ଅହମ୍ମଦଙ୍କୁ ଦଳରେ ସାମିଲ କରାଯାଇଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ସୋମବାର ଏହି ସୂଚନା ଦିଆଯାଇଛି। ରବିବାର ଧର୍ମଶାଳାରେ ଖେଳାଯାଇଥିବା ୩ୟ ଟି-୨୦ରେ ମଧ୍ୟ ଅକ୍ଷର ଖେଳି ନ ଥିଲେ। ତେବେ ଲକ୍ଷ୍ନୌରେ ବୁଧବାର ଖେଳାଯିବାକୁ ଥିବା ୪ର୍ଥ ଟି-୨୦ରେ ସେ ଦଳ ସହ ରହିବେ। ସେଠାରେ ବିସିସିଆଇ ମେଡିକାଲ ଟିମ୍ ପକ୍ଷରୁ ତାଙ୍କ ଅଧିକ ପରୀକ୍ଷା କରାଯିବ ବୋଲି ଜଣାପଡ଼ିଛି। ଟି-୨୦ ସିରିଜର ପ୍ରଥମ ଦୁଇଟି ମ୍ୟାଚ୍ ଖେଳିଥିବା ଅକ୍ଷର ୪୪ ରନ କରିବା ସହ ୩ଟି ୱିକେଟ୍ ନେଇଥିଲେ। ଉଲ୍ଲେଖଯୋଗ୍ୟ, ୫ ମ୍ୟାଚ ବିଶିଷ୍ଟ ସିରିଜରେ ଘରୋଇ ଭାରତ ବର୍ତ୍ତମାନ ୨-୧ରେ ଅଗ୍ରଣୀ ରହିଛି।

## ଶେଫାଳୀ ନଭେମ୍ବରର ଶ୍ରେଷ୍ଠ ମହିଳା କ୍ରିକେଟର



**ଦୁବାଇ, ୧୫ ।୧୨ (ଏଜେନ୍ସି):** ଭାରତର ବିସ୍ଫୋରକ ବ୍ୟାଟର୍ ଶେଫାଳି ବର୍ମା ନଭେମ୍ବର ମାସ ଲାଗି ଆଇସିସିର ଶ୍ରେଷ୍ଠ ମହିଳା କ୍ରିକେଟର୍ ପୁରସ୍କାର ହାସଲ କରିଛନ୍ତି। ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ରେ ଶେଫାଳି ଦମ୍‌ଦାର ପ୍ରଦର୍ଶନ କରି ଭାରତକୁ ପ୍ରଥମଥର ଟାଇଟଲ୍ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଦକ୍ଷିଣ ଆଫ୍ରିକା ବିପକ୍ଷ ଫାଇନାଲରେ ଶେଫାଳି ୭୮ ବଲରେ ୮୭ ରନର ଦ୍ରୁତ ପାଳି ଖେଳିଥିଲେ। ସେହିଭଳି ବୋଲିଂରେ ସେ ସୁନେ ଲସ୍ ଓ ମାରିଜାନେ କାପ୍ପଙ୍କ ୱିକେଟ୍ ନେଇ ଚମତ୍କାର ଅଲ୍‌ରାଉଣ୍ଡ ପ୍ରଦର୍ଶନ କରି ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଏହି ପ୍ରଦର୍ଶନ ଲାଗି ସେ ଆଇସିସିର ନଭେମ୍ବର ମାସର ଶ୍ରେଷ୍ଠ ମହିଳା କ୍ରିକେଟର୍ ପୁରସ୍କାର ଜିତିଛନ୍ତି। ଅପରପକ୍ଷରେ ଦକ୍ଷିଣ ଆଫ୍ରିକାର ସ୍ପିନର ସାଇମନ ହାର୍ମର ଶ୍ରେଷ୍ଠ ପୁରୁଷ କ୍ରିକେଟର୍ ହୋଇଛନ୍ତି।

## ୫୨ ବର୍ଷରେ ୫୨ଟି ଫୁଟବଲ ବାଣ୍ଟିଲା କ୍ଲବ୍-୭୩

**ଭୁବନେଶ୍ୱର,୧୫।୧୨(ସମିସ):** ସତ୍ୟବ୍ରତ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ଖେଳ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଗତକାଲି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡିଫେଣ୍ଡିଂ ଚାମ୍ପିଅନ ଭୁବନେଶ୍ୱରର ୟୁନିଟ-୬ ଆଥଲେଟିକ୍ ଆସୋସିଏସନ ୬-୫ ସଡନ୍ ଡେଥ୍ ଗୋଲରେ କଟକର ଫାଓ ଏକାଦଶକୁ ପରାସ୍ତ କରି ଟାଇଟଲ ବଜାୟ ରଖିଛି। ପୁରସ୍କାର ବାବଦରେ ଚାମ୍ପିଅନ ଟିମ୍‌କୁ ଟ୍ରଫି ସହ ନଗଦ ୨ ଲକ୍ଷ, ରନର୍ସ ଅପ୍ ଟିମ୍‌କୁ ଟ୍ରଫି ସହ ୧ ଲକ୍ଷ, ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ବିଜୟୀ ଦଳର ଆଶିଷ ପ୍ରଧାନଙ୍କୁ କପ୍ ସହ ୨୦,୦୦୦ ଟଙ୍କା ସହ ଅନ୍ୟାନ୍ୟ ପୁରସ୍କାର ପ୍ରଦାନ କରାଯାଇଥିଲା। ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ଓସିଏ ସଭାପତି ପଙ୍କଜଲୋଚନ ମହାନ୍ତି, ୟୁନିଲାଇଟ୍ ଏମ୍‌ଡି ବିଶ୍ୱଜିତ ମହାନ୍ତି, ବିଜେପି ନେତା ଜଗନ୍ନାଥ ପ୍ରଧାନ, ଭୁବନେଶ୍ୱର ଆଥ୍‌ଲେଟିକ୍ ସଂଘର ସମ୍ପାଦକ ଏସ୍‌ଆର୍ ପରିଜା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଟୁର୍ଣ୍ଣାମେଣ୍ଟ ଆୟୋଜକ କ୍ଲବ୍-୭୩ର ୫୨ବର୍ଷ ହେଲା ପ୍ରତିଷ୍ଠା କରାଯାଇଥିଲାବେଳେ ଫାଇନାଲରେ ସଭାପତି ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ୫୨ଟି ବଲ ଦର୍ଶକଙ୍କ ମଧ୍ୟରେ ବାଣ୍ଟିଥିଲେ।

## ବିସିସିଆଇ ଏକ ଜାତୀୟ କ୍ରୀଡ଼ା ସଂଗଠନ ନୁହେଁ: କ୍ରୀଡ଼ା ମନ୍ତ୍ରୀ

**ନୂଆଦିଲ୍ଲୀ,୧୫।୧୨(ଏଜେନ୍ସି):** ଦେଶର ସବୁଠାରୁ ବିତ୍ତଶାଳୀ କ୍ରୀଡ଼ା ସଂଗଠନ (ବିସିସିଆଇ) ଏକ ଜାତୀୟ କ୍ରୀଡ଼ା ସଂଗଠନ (ଏନ୍‌ଏସ୍‌ଏଫ୍) ନୁହେଁ। ଏହି କ୍ରୀଡ଼ା ସଂଗଠନ ନିଜର ଦୈନନ୍ଦିନ କାର୍ଯ୍ୟ ପରିଚାଳନା କରିବା ଲାଗି ସରକାର କିମ୍ବା ସରକାରୀ ଅନୁଦାନ ଉପରେ ନିର୍ଭର କରେ ନାହିଁ। ବିସିସିଆଇ ନିଜସ୍ୱ ଅର୍ଥରେ ତାହାର କାର୍ଯ୍ୟ ପରିଚାଳନା କରୁଛି। ଏଣୁ ତାହାକୁ ଏନ୍‌ଏସ୍‌ଏଫ୍‌ର ସ୍ୱୀକୃତି ମିଳିନାହିଁ ବୋଲି ଲୋକସଭାରେ ଟିଏମ୍‌ସି ସାଂସଦ ମାଲା ରାୟଙ୍କ ପ୍ରଶ୍ନର ଉତ୍ତରରେ କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡଭିୟ କହିଛନ୍ତି। ସେହିପରି ସରକାରଙ୍କ ଏଭଳି କ୍ରୀଡ଼ା ସଂଘ ଗୁଡ଼ିକୁ ନିଜ ନିୟନ୍ତ୍ରଣକୁ ଆଣିବା ସକାଶେ କୌଣସି ଯୋଜନା ନାହିଁ। କିନ୍ତୁ ଚଳିତବର୍ଷ ଅଗଷ୍ଟରେ ନୂଆ ଜାତୀୟ କ୍ରୀଡ଼ା ଗଭର୍ଣ୍ଣାନ୍ସ ନିୟମ ହୋଇଛି। ଏହା ଆସନ୍ତାବର୍ଷ କାର୍ଯ୍ୟକାରୀ ହେବ। କ୍ରିକେଟ ଏକ ଅଲିମ୍ପିକ୍ ଖେଳ ନୁହେଁ, କିନ୍ତୁ ୨୦୨୮ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସରେ ଏହା ଆୟୋଜିତ ହେଲେ, ବିସିସିଆଇକୁ ଏନ୍‌ଏସ୍‌ଏଫ୍ ଭାବେ ସ୍ୱୀକୃତି ପ୍ରଦାନ କରିବାର ରାସ୍ତା ଫିଟିବ। ଏବେ ବିସିସିଆଇକୁ ସୂଚନା ଅଧିକାର ନିୟମ ବାହାରେ ରଖାଯାଇଛି। ଜାତୀୟ କ୍ରୀଡ଼ା ନୀତି କାର୍ଯ୍ୟକାରୀ ହେବା ପରେ ପରବର୍ତ୍ତୀ ପଦକ୍ଷେପ କ'ଣ ହେବ ତାହା ସ୍ପଷ୍ଟ ହେବ।




## ରଣତୁଙ୍ଗାଙ୍କ ଭାଇ ଧାମିକା ଗିରଫ

**କଲମ୍ବୋ, ୧୫ ।୧୨ (ଏଜେନ୍ସି):** ଶ୍ରୀଲଙ୍କା କ୍ରିକେଟ୍ ଦଳର ବିଶ୍ୱକପ୍ ବିଜୟୀ ଅଧିନାୟକ ଅର୍ଜୁନ ରଣତୁଙ୍ଗାଙ୍କ ଭାଇ ତଥା ପୂର୍ବତନ କ୍ରିକେଟର୍ ଧାମିକାଙ୍କୁ ସୋମବାର ଦେଶର ଦୁର୍ନୀତି ବିରୋଧୀ କମିଶନ ଗିରଫ କରିଥିଲେ। ତେବେ ପରେ ତାଙ୍କୁ ଜାମିନରେ ମୁକ୍ତ କରାଯାଇଥିଲା। ୨୦୧୭ରେ ରାଷ୍ଟ୍ରାୟତ୍ତ ସଂସ୍ଥା ସିଲନ ପେଟ୍ରୋଲିୟମ କର୍ପୋରେସନ (ସିପିସି) ଦ୍ୱାରା ଅଶୋଧିତ ତୈଳ କ୍ରୟରେ ଭୁଲ ଟେଣ୍ଡରିଂ ପ୍ରକ୍ରିୟା ପାଇଁ ୬୩ ବର୍ଷୀୟ ଧାମିକା ଗିରଫ ହୋଇଥିଲେ। ସେତେବେଳେ ଧାମିକା ସିପିସିର ଅଧକ୍ଷ ଭାବେ ଦାୟିତ୍ୱ ତୁଲାଇଥିଲେ।

## ଏଫ୍‌ଆଇଭିବି ଫାଉଣ୍ଡେସନର ସଦସ୍ୟ ହେଲେ ଅଚ୍ୟୁତ



**ଭୁବନେଶ୍ୱର, ୧୫ ।୧୨ (ସମିସ):** କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତଙ୍କୁ ଅନ୍ତର୍ଜାତୀୟ ଭଲିବଲ୍ ମହାସଂଘ (ଏଫ୍‌ଆଇଭିବି) ଫାଉଣ୍ଡେସନର ସଦସ୍ୟ ଘୋଷଣା କରାଯାଇଛି। ଏଫ୍‌ଆଇଭିବିର ସଭାପତି ଫାବିଓ ଆଜେଭେଦୋ ରବିବାର ଭୁବନେଶ୍ୱରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହା ଘୋଷଣା କରିଛନ୍ତି। ଫଳରେ ପ୍ରଥମ ଭାରତୀୟ ଭାବେ ଅଚ୍ୟୁତ ଏହି ସମ୍ମାନଜନକ ସଂସ୍ଥାର ସଦସ୍ୟ ହେବାର ସୌଭାଗ୍ୟ ଲାଭ କରିଛନ୍ତି। ଏଫ୍‌ଆଇଭିବି ଫାଉଣ୍ଡେସନର ସଦସ୍ୟ ହେବା ପରେ ଅଚ୍ୟୁତ ସମଗ୍ର ବିଶ୍ୱରେ ଭଲିବଲର ପ୍ରସାର ସହ ସାମାଜିକ ଦାୟିତ୍ୱବୋଧ ଉପରେ କାର୍ଯ୍ୟ କରିବେ। ଏହି ଅବସରରେ ଶ୍ରୀ ସାମନ୍ତ ଏଫ୍‌ଆଇଭିବିକୁ ନିଜର କୃତଜ୍ଞତା ଜଣାଇବା ସହ ଫାବିଓଙ୍କୁ ଧନ୍ୟବାଦ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ବିଶ୍ୱ ଭଲିବଲ୍‌ର ସର୍ବୋଚ୍ଚ ସଂସ୍ଥା ହେଉଛି ଏଫ୍‌ଆଇଭିବି। ଏଥିରେ ୨୦୦ରୁ ଊର୍ଦ୍ଧ୍ୱ ଦେଶ ସଦସ୍ୟ ରହିଛନ୍ତି।

**● ଇଷ୍ଟର୍ଣ୍ଣ ଜୋନ୍ ପାୱାର ଲିଫ୍ଟିଂ**

## ଓଡ଼ିଶାକୁ ୧ ସ୍ୱର୍ଣ୍ଣ ସହ ୫ ପଦକ

**ଭୁବନେଶ୍ୱର,୧୫।୧୨(ସମିସ):** ହାୱଡ଼ାର ପୁରୁଲିଆଠାରେ ଶେଷ ହୋଇଥିବା ଇଷ୍ଟର୍ଣ୍ଣଜୋନ୍ ପାୱାର ଲିଫ୍ଟିଂ ଚାମ୍ପିଅନସିପ୍‌ରେ ଓଡ଼ିଶାର ୧୦ ଜଣିଆ ପ୍ରତିଯୋଗୀ ଦଳ ୫ଟି ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ଏହା ମଧ୍ୟରେ ଗୋଟିଏ ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଓ ୩ଟି କାଂସ୍ୟ ପଦକ ରହିଛି। ସ୍ୱର୍ଣ୍ଣପଦକ ଜିତିଥିବା ପ୍ରତିଯୋଗୀ ହେଲେ ଅଖିଳ ନାଗ। ପୁରୁଷ ୮୪ କିଲୋଗ୍ରାମ୍ କାଟାଗୋରୀରେ ଅଖିଳ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ, ରାକେଶ ବେହେରା ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ଏହାଛଡ଼ା ପୁରୁଷ ୮୪ କିଲୋ ଇକ୍ୱିପ୍‌ଡରେ ଶକ୍ତିରଞ୍ଜନ ବାରିକ, ମହିଳା ୮୪ କିଲୋରୁ ଊର୍ଦ୍ଧ୍ୱ କାଟାଗୋରୀରେ ଅନିତ ବେହେରା, ୮୪ କିଲୋରେ ତନାଲି ମିଶ୍ର ତୃତୀୟ ସ୍ଥାନ ଅଧିକାର କରି କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ସଫଳ ପ୍ରତିଯୋଗୀଙ୍କୁ ଓଡ଼ିଶା ପାୱାର ଲିଫ୍ଟିଂ ସଂଘର ସଭାପତି ଇଂ ଚିତ୍ତରଞ୍ଜନ ସ୍ୱାଇଁ ଓ ସମ୍ପାଦକ ହରି ପଟ୍ଟନାୟକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।




## କିଟ୍ ଓ କିସ୍‌କୁ ଡବଲ ଟାଇଟଲ୍




**ଭୁବନେଶ୍ୱର,୧୫।୧୨(ସମିସ):** ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ ଭଲିବଲ୍‌ରେ କିଟ ଡିମ୍‌ଡ ୟୁନିଭର୍ସିଟି ଓ ସିଏଚ୍‌ଏସ୍‌ଇ ଆନ୍ତଃସ୍କୁଲ୍ ରଗ୍‌ବୀରେ କିସ୍ ସ୍କୁଲ୍‌କୁ ଡବଲ ଟାଇଟଲ ମିଳିଛି। ଉଭୟ ପୁରୁଷ ଓ ମହିଳା ବିଭାଗରେ ଦଳ ଟାଇଟଲ ବିଜୟୀ ହୋଇଛନ୍ତି। ଡିସେମ୍ବର ୧୦ରୁ ୧୪ ଯାଏ ବିଳାସପୁରରେ ୩୮ଟି ଦଳକୁ ନେଇ ପୂର୍ବାଞ୍ଚଳ ମହିଳା ଆନ୍ତଃବିଶ୍ୱବିଦ୍ୟାଳୟ ମହିଳା ଭଲିବଲ୍ ଅନୁଷ୍ଠିତ ହୋଇଥିଲା। ଏଥିରେ କିଟ୍ ବିଜେତା ହୋଇଥିଲା। ଏହି ସମୟରେ ୫୬ଟି ଦଳକୁ ନେଇ ବିହାର ମୁଜାଫରପୁରରେ ଖେଳାଯାଇଥିବା ପୁରୁଷ ଭଲିବଲ୍‌ରେ ମଧ୍ୟ କିଟ୍ ପ୍ରଥମ ସ୍ଥାନ ଅଧିକାର କରିବା ସହ ଜୟପୁରରେ ଡିସେମ୍ବର ୨୦ରୁ ୨୪ ଯାଏ ଖେଳାଯିବାକୁ ଥିବା ସର୍ବଭାରତୀୟ ପ୍ରତିଯୋଗିତା ଲାଗି ଯୋଗ୍ୟତା ଅର୍ଜନ କରିଛି।

ସେହିପରି ଉଚ୍ଚଶିକ୍ଷା ମାଧ୍ୟମିକ ପରିଷଦ ଆନୁକୂଲ୍ୟରେ ରାଜ୍ୟ ଆନ୍ତଃସ୍କୁଲ୍ ଟୁର୍ଣ୍ଣାମେଣ୍ଟ କିଟ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କିସ୍ ଉଭୟ ବିଭାଗରେ କିସ୍ ବିଜୟୀ ହୋଇ ବାଳିକା ଓ ବାଳକ ଟାଇଟଲ କବ୍‌ଜା କରିବାରେ ସମର୍ଥ ହୋଇଥିଲା।

**୧୯ ବର୍ଷରୁ କମ୍ ମହିଳା ଦିନିକିଆ ଟ୍ରଫି**

## ଓଡ଼ିଶାକୁ ପ୍ରଥମ ବିଜୟ ଦେଲେ ବିଜୟଲକ୍ଷ୍ମୀ



**ଭୁବନେଶ୍ୱର, ୧୫ ।୧୨ (ସମିସ):** ଥିରୁଅନନ୍ତପୁରମରେ ଚାଲିଥିବା ୧୯ ବର୍ଷରୁ କମ୍ ଜାତୀୟ ମହିଳା ଦିନିକିଆ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ପ୍ରଥମ ବିଜୟ ହାସଲ କରିଛି। ସୋମବାର ଅନୁଷ୍ଠିତ ଏକ ମ୍ୟାଚରେ ଓଡ଼ିଶା ୪ ୱିକେଟ୍‌ରେ ଆସାମକୁ ପରାସ୍ତ କରିଥିଲା। ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ଆସାମ ୩ ୱିକେଟ ହରାଇ ୨୧୧ ରନ କରିଥିଲା। ଦଳ ପକ୍ଷରୁ ସ୍ନେହ ୧୪୭ ବଲରେ ଅପରାଜିତ ୧୦୭ ରନ କରିଥିଲେ। ଜବାବରେ ବିଜୟଲକ୍ଷ୍ମୀ ବେହେରା ଓ ଅନନ୍ୟା ରାଉତଙ୍କ ଅର୍ଦ୍ଧଶତକ ବଳରେ ଓଡ଼ିଶା ୪୩.୧ ଓଭରରେ ୬ ୱିକେଟ ହରାଇ ବିଜୟୀ ହୋଇଥିଲା। ବିଜୟଲକ୍ଷ୍ମୀ ୧୩ ଚୌକା ଓ ଗୋଟିଏ ଛକା ସହାୟତାରେ ୯୯ ବଲରେ ୯୯ ରନ କରି ଅପରାଜିତ ରହିଥିଲେ। ସେହିଭଳି ଅନନ୍ୟା ୫୨ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ବିଜୟ ସହ ଓଡ଼ିଶା ପଏଣ୍ଟ ଖାତା ଖୋଲିଛି। ପୂର୍ବରୁ ଓଡ଼ିଶା ପ୍ରଥମ ମ୍ୟାଚରେ ୭ ୱିକେଟ୍‌ରେ ଗୁଜରାଟ ନିକଟରୁ ପରାସ୍ତ ହୋଇଥିଲା।

**ଗଣ୍ଡରପୁର କପ୍ ଫୁଟବଲ**

## ସହରାଞ୍ଚଳ ସେମିରେ ଓଡ଼ିଶା ପୁଲିସ

**ବାରଙ୍ଗ/ନନ୍ଦନକାନନ,୧୫।୧୨(ସମିସ):** ଏଠାରେ ଚାଲିଥିବା ୨୨ତମ ସର୍ବଭାରତୀୟ ଗଣ୍ଡରପୁର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିନରେ ଖେଳାଯାଇଥିବା ମ୍ୟାଚ୍‌ରେ ଗ୍ରାମାଞ୍ଚଳ ବିଭାଗର ବି' ଡିଭିଜନରେ ସାଇଁଶୋ ଫୁଟବଲ କ୍ଲବ୍ ଓ ଉତ୍ତମପୁର ବିଜୟୀ ହୋଇଛନ୍ତି। ଆଜି ଖେଳାଯାଇଥିବା ୫ଟି ମ୍ୟାଚ୍ ମଧ୍ୟରୁ ୪ଟି ମ୍ୟାଚ୍‌ର ଫଳାଫଳ ଟାଇବ୍ରେକରରେ ମିଳିଛି। ସୋମବାର ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ସାଇଁଶୋ ୫-୪ ଟାଇବ୍ରେକର ଗୋଲରେ ଜୟଦେବ କ୍ଲବ୍‌କୁ ପରାସ୍ତ କରିଛି। ସେହିଭଳି ଦ୍ୱିତୀୟ ମ୍ୟାଚ୍‌ରେ ଉତ୍ତମପୁର ଫୁଟବଲ କ୍ଲବ୍ ୬-୫ ଟାଇବ୍ରେକରରେ ନରିଶୋ କଣ୍ଟାପଡ଼ାକୁ ହରାଇଥିଲା। ଗ୍ରାମାଞ୍ଚଳ ଏ' ଡିଭିଜନର ପ୍ରଥମ ମ୍ୟାଚ୍‌ରେ ଗୋଠପୁରର ମା' ମଙ୍ଗଳା କ୍ଲବ୍ ୫-୪ ଟାଇବ୍ରେକରରେ କୁରଙ୍ଗର ୟୁନିଭର୍ସଲ କ୍ଲବ୍‌କୁ ଏବଂ ଦ୍ୱିତୀୟ ମ୍ୟାଚ୍‌ରେ ବାଉଳକୁଦର ସ୍ୱର୍ଣ୍ଣଦେବୀ କ୍ଲବ୍ ୪-୦ ଗୋଲରେ କୁଜିମହଲକୁ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। ପ୍ରଥମ ମ୍ୟାଚ୍‌ରେ ଗୋଠପୁରର ଅଜିତ ରାଉତ୍ ଓ ଦ୍ୱିତୀୟ ମ୍ୟାଚ୍‌ରେ ବାଉଳକୁଦର ଦୀନବନ୍ଧୁ ଦାସଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା।



### ସନ୍‌ରାଇଜ୍‌କୁ ହରାଇଲା ଓଡ଼ିଶା ପୁଲିସ୍

ସହରାଞ୍ଚଳ ବିଭାଗରେ ଓଡ଼ିଶା ପୁଲିସ୍ ୮-୭ ସଡନ୍‌ଡେଥ ଗୋଲ୍‌ରେ ସନ୍‌ରାଇଜ କ୍ଲବ୍‌କୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। ନିର୍ଦ୍ଧାରିତ ସମୟରେ ଖେଳ ୧-୧ ଗୋଲରେ ସମାନସ୍ତରରେ ରହିଥିଲା। ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ୍‌ରେ ଏହି ସର୍ବଭାରତୀୟ ଟୁର୍ଣ୍ଣାମେଣ୍ଟ ୟୁନାଇଟେଡ୍ ୟୁଥ୍ ସ୍ପୋର୍ଟ୍ସ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ହେଉଛି।

**ସଦାଶିବ ସ୍ମାରକୀ କ୍ରିକେଟ**

## ସେମିରେ ସମ୍ବଲପୁର ଏମ୍‌ଏସ୍‌ସିସି

ଭାପୁର,୧୫।୧୨(ସମିସ)

ସମ୍ବଲପୁରର ଏମ୍‌ଏମ୍‌ସିସି (ମା ମେଟକାନୀ କ୍ରିକେଟ କ୍ଲବ୍) ୮୪ ରନ୍‌ର ବିପୁଳ ବ୍ୟବଧାନରେ କୋଲକାତାର ଏ ଆଣ୍ଡ ଏସ୍‌କୁ ପରାସ୍ତ କରି ୧୬ତମ ସର୍ବଭାରତୀୟ ସଦାଶିବ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି। ଆସନ୍ତାକାଲି ବା ମଙ୍ଗଳବାର ଖେଳାଯିବାକୁ ଥିବା ପ୍ରଥମ ସେମିଫାଇନାଲରେ ସମ୍ବଲପୁର ସହ ଭୁବନେଶ୍ୱରର ସାଇ ଇଲେଭେନ୍‌ର ମୁକାବିଲା ହେବ। ଗତକାଲି ଉଦ୍‌ଘାଟନୀ ମୁକାବିଲାରେ ସାଇ ଇଲେଭେନ୍ ୧୪୬ ରନ୍‌ରେ ୟୁପି ଟାଇଗରକୁ ହରାଇ ପ୍ରଥମ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଥିଲା।

ନୟାଗଡ଼ ଜିଲ୍ଲା ଫତେଗଡ଼ ଯୁବକ ସଂଘ ଆନୁକୂଲ୍ୟରେ ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟରେ ସୋମବାର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମୁକାବିଲା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଥମେ ବ୍ୟାଟିଂ କରି ସମ୍ବଲପୁର ଟିମ୍ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୧୯୫ ରନ୍ କରିଥିଲା। ଦୀପାଂଶୁ ଫୋରେ ସର୍ବାଧିକ ୫୪ ରନ୍ କରିଥିଲେ। ଜବାବରେ କୋଲକାତା ୧୯୬ ରନ୍‌ର ଟାର୍ଗେଟ୍‌କୁ ପିଛା କରି ୧୫.୫ ଓଭରରେ ୧୧୧ ରନ୍ କରିଥିଲା। ରିଷିକେଶ ତିୱାରୀଙ୍କ ୨୩ ବଲ୍‌ରୁ ବିସ୍ଫୋରକର ୪୬ ରନ୍ କିଛି କାମ ଦେଇ ନ ଥିଲା। ବିଜୟୀ ଦଳର ବିକାଶ ଦୀକ୍ଷିତ ୧୨ବଲ୍‌ରୁ ୨୬ରନ୍ ଓ ୨ଟି ୱିକେଟ ନେଇ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।

ପୂର୍ବରୁ ନିମାଣି ସରପଞ୍ଚ ସୁଧାଂଶୁ ଭୂଷଣ ସ୍ୱାଇଁ ଓ କ୍ରିକେଟ ବିଶାରଦ ସୁଧାଂଶୁ ଶେଖର କର ମିଳିତଭାବେ ଏହି ମ୍ୟାଚ୍‌କୁ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS